# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୭/୨୦୨୪ (୧୬ ପୃଷ୍ଠା) | Bhubaneswar, Wednesday, August 7/2024 | Page 16 | ₹ 7.00 | BALASORE

୫୦ଶ ଭାଗ ୨୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 254 | ମୂଲ୍ୟ₹୭/-






**ଶାହରୁଖ୍‌ଙ୍କଠୁ ପ୍ରେରଣା ପାଇଛନ୍ତି ଜନ୍ ସିନା**

ଶାହରୁଖ୍ ଖାନ୍‌ଙ୍କ ଉପଦେଶକୁ ମାନି ଆମେରିକୀୟ ଅଭିନେତା ଜନ୍ ସିନା ସଫଳତା ପାଉଥିବା ଏକ ସାକ୍ଷାତ୍‌କାରରେ କହିଛନ୍ତି। **୦୨**

**୧୬** **ପଦକ ଲକ୍ଷ୍ୟରେ ଚାନୁ**

ଅଲିମ୍ପିକ୍ସରେ ଦ୍ୱିତୀୟ ପଦକ ହାସଲ ଲକ୍ଷ୍ୟରେ ରହିଛନ୍ତି ଭାରତୀୟ ଭାରୋତ୍ତୋଳିକା ମୀରାବାଈ ସାଇଖୋମ ଚାନୁ

# ପ୍ୟାରିସ୍‌ରେ ନୀରଜଙ୍କ ଚମକ



ନୀରଜ ଚୋପ୍ରା

**ପ୍ୟାରିସ, ୬।୮ (ପି.ଟି.)**

## ■ ଥରକରେ ୮୯.୩୪ ମିଟର ଜାଭେଲିନ୍ ଥ୍ରୋ କରି ଫାଇନାଲରେ
## ■ ଯୋଗ୍ୟତା ଅର୍ଜନରେ କିଶୋର ବିଫଳ

ଟୋକିଓ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଭାରତର ନୀରଜ ଚୋପ୍ରା ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ଚମକ ଦେଖାଇଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ ଯୋଗ୍ୟତା ପର୍ଯ୍ୟାୟରେ ସେ ଏକାଥରକେ ୮୯.୩୪ ମିଟର ଥ୍ରୋ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଗ୍ରୁପ୍ 'ଏ' ଓ 'ବି'ରେ ଆଉ କୌଣସି ଆଥଲେଟ୍ ୮୯ ମିଟର ସ୍ପର୍ଶ କରିପାରି ନାହାନ୍ତି। ଫାଇନାଲରେ ପ୍ରବେଶ ପାଇଁ ଯୋଗ୍ୟତା ମାନଦଣ୍ଡ ୮୪ ମିଟର ହୋଇଥିବାରୁ ନୀରଜଙ୍କୁ ଆଉ ପରବର୍ତ୍ତୀ ୨ ରାଉଣ୍ଡରେ ଥ୍ରୋ କରିବାକୁ ପଡ଼ି ନ ଥିଲା। ୧୨ ଥ୍ରୋୟରଙ୍କୁ ନେଇ ଫାଇନାଲ ୮ ତାରିଖରେ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର କିଶୋର ଜେନା ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛନ୍ତି। ଗ୍ରୁପ୍ 'ଏ'ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା କିଶୋର ପ୍ରଥମ ଉଦ୍ୟମରେ ୮୦.୭୩ ମିଟର ଥ୍ରୋ କରିଥିବାବେଳେ ଦ୍ୱିତୀୟ ଉଦ୍ୟମ ଫାଉଲ ହୋଇଥିଲା। ତୃତୀୟରେ ସେ ୮୦.୨୧ ମିଟର ଥ୍ରୋ କରିବାକୁ ସକ୍ଷମ ହୋଇଥିଲେ। ସେ ଗ୍ରୁପ୍ 'ଏ'ରେ ୯ମ ଏବଂ ଓଭରଅଲ୍ ୧୮ତମ ସ୍ଥାନରେ ରହିଥିଲେ। ତାରକା ଖଚିତ ଜାଭେଲିନ୍ ଥ୍ରୋ ଇଭେଣ୍ଟର ଫାଇନାଲରେ ସେ ପ୍ରବେଶ କରିପାରି ନ ଥିଲେ ହେଁ ପ୍ୟାରିସରୁ ପ୍ରଚୁର ଅଭିଜ୍ଞତା ହାସଲ କରିଛନ୍ତି, ଯାହାକି ତାଙ୍କୁ ଭବିଷ୍ୟତରେ ଅନେକ ସାହାଯ୍ୟ କରିବ।

ଗ୍ରୁପ୍ 'ବି'ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ୨୬ ବର୍ଷୀୟ ନୀରଜଙ୍କ ୮୯.୩୪ ମିଟର ଥ୍ରୋ ଥିଲା ସିଜନ ଶ୍ରେଷ୍ଠ ପ୍ରଦର୍ଶନ। ଏହା ତାଙ୍କ କ୍ୟାରିୟରର ଦ୍ୱିତୀୟ ଶ୍ରେଷ୍ଠ। ୨୦୨୨ରେ ଥ୍ରୋ କରିଥିବା ୮୯.୯୪ ମିଟର ଏପର୍ଯ୍ୟନ୍ତ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଆସିଛି। ପ୍ୟାରିସ ଆସିବା ପୂର୍ବରୁ ନୀରଜଙ୍କ ଫିଟ୍‌ନେସକୁ ନେଇ ସନ୍ଦେହ ପ୍ରକାଶ ପାଇଥିଲା। ତାଙ୍କ ଜଙ୍ଘ ସନ୍ଧିର ମାଂସପେଶୀ ଟାଣି ହୋଇ ଯାଇଥିବା ସେ ପ୍ରକାଶ କରିଥିଲେ। ମାତ୍ର ଏଠାରେ ଏକାଥରକେ ଯେପରି ବୃହତ୍ ଥ୍ରୋ କଲେ ତାହା ଅନେକ ଚିନ୍ତା ଦୂର କରିଛି। ନୀରଜ ହେଉଛନ୍ତି ବର୍ତ୍ତମାନର ବିଶ୍ୱ ଚାମ୍ପିୟନ। ୨ ଥର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ପିଟର୍ସ ଆଣ୍ଡରସନ ୮୮.୬୩ ମିଟର ଥ୍ରୋ କରି ଗ୍ରୁପ୍ 'ବି'ରେ ଏବଂ ଓଭରଅଲ୍ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଗ୍ରୁପ୍ 'ଏ'ରେ ଶୀର୍ଷସ୍ଥାନ ଅଧିକାର କରିଥିବା ଜର୍ମାନୀର ଜୁଲିଆନ ୱେବର (୮୭.୭୬) ଓଭରଅଲ୍ ତୃତୀୟରେ ରହିଥିଲେ। ବର୍ତ୍ତମାନର ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାକିସ୍ତାନର ଅର୍ଶଦ ନଦୀମ ୮୬.୬୩ ମିଟର ଥ୍ରୋ କରି ଗ୍ରୁପ୍ 'ବି'ରୁ ଫାଇନାଲ ପାଇଁ ଯୋଗ୍ୟତା ପାଇଛନ୍ତି। ଚଳିତ ବର୍ଷର ଦୋହା ଡାଇମଣ୍ଡ ଲିଗ୍‌ରେ ଏକମାତ୍ର ବ୍ୟକ୍ତିଭାବେ ନୀରଜଙ୍କୁ ପଛରେ ପକାଇଥିବା ଟୋକିଓ ଅଲିମ୍ପିକ୍ସ ସିଲଭର ମେଡାଲିଷ୍ଟ ଚେକ୍ ରିପବ୍ଲିକର ଜାକୁବ ଭାଡଲେଚ୍ ଏଠାରେ ଓଭରଅଲ୍ ୭ମ ସ୍ଥାନରେ ରହିଥିଲେ। ମୋଟ ୯ ଜଣ ଥ୍ରୋୟର ଯୋଗ୍ୟତା ପାଇଁ ଧାର୍ଯ୍ୟ ୮୪ ମିଟରରୁ ଅଧିକ ଥ୍ରୋ କରିଥିଲେ। ଏଥିରୁ ପ୍ରତିଯୋଗିତାର କ୍ୱାଲିଟି ସ୍ପଷ୍ଟ ଅନୁମେୟ।

# କିଛିଦିନ ଭାରତରେ ରହିବେ ହାସିନା

**ନୂଆଦିଲ୍ଲୀ/ଢାକା,୬।୮**

ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ବ୍ରିଟେନ୍ ଶରଣ ଦେବା ବିଳମ୍ବିତ ହୋଇପାରେ। ତେଣୁ ବ୍ରିଟେନ୍‌ର ମଞ୍ଜୁରୀ ନ ମିଳିବା ଯାଏ ହାସିନା ଭାରତରେ ଅବସ୍ଥାନ କରିପାରନ୍ତି। ଅନ୍ୟପକ୍ଷେ ବାଂଲାଦେଶରେ ସଂରକ୍ଷଣ ବିରୋଧୀ ହିଂସା ଯୋଗୁ ହାସିନା ଦେଶ ଛାଡ଼ି ପଳାୟନ କରିବା ପରେ ହିନ୍ଦୁମାନଙ୍କୁ ଏବଂ ମନ୍ଦିରଗୁଡ଼ିକୁ ଟାର୍ଗେଟ କରାଯାଉଛି। ଭାରତ ସରକାର ପଡ଼ୋଶୀ ଦେଶର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଥିବା ପାର୍ଲାମେଣ୍ଟରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୂଚନା ଦେଇଛନ୍ତି। ଇତିମଧ୍ୟରେ ଗଣତାନ୍ତ୍ରିକ ସିଦ୍ଧାନ୍ତ ଅନୁସାରେ ଅନ୍ତରୀଣ ସରକାର ଗଠନ କରାଯାଉ ବୋଲି ଆମେରିକା ଜୋର୍ ଦେଇଛି।

୧୯୭୧ ମୁକ୍ତିଯୁଦ୍ଧର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ସଦସ୍ୟଙ୍କୁ ସରକାରୀ ନିଯୁକ୍ତିରେ ୩୦% ସଂରକ୍ଷଣ ପ୍ରଦାନ ସପକ୍ଷରେ ହାଇକୋର୍ଟ ରାୟ ଦେବା ପରେ ଜୁଲାଇ ମଧ୍ୟଭାଗରେ ପଡ଼ୋଶୀ ବାଂଲାଦେଶରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟ ରଦ୍ଦକରି ୯୩% ସରକାରୀ ଚାକିରି ଯୋଗ୍ୟତା ଭିତ୍ତିରେ ଦିଆଯାଉ ଏବଂ ଅବଶିଷ୍ଟ ୭% ନିଯୁକ୍ତି ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ପାଇଁ ସଂରକ୍ଷିତ ରହୁ ବୋଲି ରାୟ ଦେବା ପରେ ମଧ୍ୟ ଆନ୍ଦୋଳନକାରୀ ଓହରି ନ ଥିଲେ। ଢାକା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇ ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଥିବାବେଳେ ଶାସକ ଦଳର ସମର୍ଥକମାନେ ଏହାକୁ ଚପାଇଦେବାକୁ ଉଦ୍ୟମ କରିଥିଲେ। ଭଙ୍ଗାରୁଜା, ଜଳାପୋଡ଼ା ଲାଗିରହିବାରୁ ଅରାଜକତା ସୃଷ୍ଟି ହୋଇ ଗୃହଯୁଦ୍ଧ ଭଳି ସ୍ଥିତି ଉପୁଜିଥିଲା। ପୋଲିସ ସହ ସଂଘର୍ଷରେ ୩୦୦ରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କ ମୃତ୍ୟୁ ଘଟିବା ପରେ ସୋମବାର ସେନା ଚାପରେ ୭୬ ବର୍ଷୀୟ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭଉଣୀ ଶେଖ୍ ରେହାନାଙ୍କ ସହ ଭାରତକୁ ପଳାୟନ କରିବାକୁ ବାଧ୍ୟ ହୋଇଥିଲେ। ବାଂଲାଦେଶ ସେନାର ଏକ ବିମାନରେ ସେ ତ୍ରିପୁରାର ଅଗରତଲାରେ ଅବତରଣ କରିବା ପରେ ଉତ୍ତର ପ୍ରଦେଶର ଗାଜିଆବାଦସ୍ଥିତ ହିଣ୍ଡନ୍ ଏୟାରବେସ୍‌ରେ ଓହ୍ଲାଇଥିଲେ। କେନ୍ଦ୍ର ସରକାର ସେଠାରେ ତାଙ୍କୁ ଏକ ଗେଷ୍ଟ ହାଉସ୍ ପ୍ରଦାନ କରିଛନ୍ତି। ହାସିନାଙ୍କ କଥା ଭାରତୀୟ ଗୋଇନ୍ଦା ସେବା ବୁଝାବୁଝି କରୁଛି। ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୋମବାର ହାସିନାଙ୍କୁ ଭେଟିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଥିଲେ। ରାତିରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିରେ ବାଂଲାଦେଶ ସ୍ଥିତି ଏବଂ ହାସିନାଙ୍କ ସମ୍ପର୍କରେ ଆଲୋଚନା ହୋଇଥିଲା। ମଙ୍ଗଳବାର ରାଜ୍ୟ ସଭାରେ ଜୟଶଙ୍କର କହିଛନ୍ତି, ଭାରତ ସରକାର ବାଂଲାଦେଶର ଅନ୍ତରୀଣ ସରକାର ଗଠନ ପ୍ରକ୍ରିୟା ଓ ଆଇନଶୃଙ୍ଖଳା ସ୍ଥିତି ଉପରେ ନଜର ରଖିଛନ୍ତି। କୂଟନୈତିକ ମିଶନ ଜରିଆରେ ସେଠାକାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ଚାଲିଛି। ବାଂଲାଦେଶରେ ପ୍ରାୟ ୧୯,୦୦୦ ଭାରତୀୟ ନାଗରିକ ଅଛନ୍ତି, ଯାହାଙ୍କ ମଧ୍ୟରୁ ୯,୦୦୦ ଛାତ୍ରୀଛାତ୍ର। ସେହିପରି ସରକାରଙ୍କ ପକ୍ଷରୁ ଆହୂତ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରି ଜୟଶଙ୍କର କହିଛନ୍ତି, ହାସିନା କିଛି ସମୟ ଚାହାନ୍ତି। ତାଙ୍କୁ ବର୍ତ୍ତମାନ କିଛି ସମୟ ଦିଆଯାଇଛି। ସରକାର ଉପଯୁକ୍ତ ସମୟରେ ଠିକ୍ ପଦକ୍ଷେପ ନେବେ।

### ବ୍ରିଟେନ୍ ଦେଇନାହିଁ ଶରଣ ଅନୁମତି



ଶେଖ୍ ହାସିନା

ଅନ୍ୟପକ୍ଷେ ବ୍ରିଟିଶ ଦେଶାନ୍ତର ଗମନ ନିୟମାବଳୀ ଶରଣ ଚାହୁଁଥିବା କୌଣସି ବ୍ୟକ୍ତିଙ୍କୁ ଅନୁମତି ଦେଇ ନ ଥାଏ ବୋଲି ବ୍ରିଟେନ୍ ଗୃହ ବିଭାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ତେଣୁ ହାସିନା ଭାରତରେ ଅଧିକ ଦିନ ରହିପାରନ୍ତି ବୋଲି କୁହାଯାଉଛି। ଅସୁବିଧାରେ ଥିବା ଲୋକଙ୍କୁ ସୁରକ୍ଷା ପ୍ରଦାନରେ ବ୍ରିଟେନର ରେକର୍ଡ ରହିଛି। ଅନ୍ତର୍ଜାତୀୟ ସୁରକ୍ଷା ଚାହୁଁଥିବା ବ୍ୟକ୍ତି ପ୍ରଥମେ ପହଞ୍ଚିଥିବା ସୁରକ୍ଷିତ ଦେଶରେ ଶରଣ ପାଇଁ ଆବେଦନ କରିବା ଆବଶ୍ୟକ ବୋଲି ବ୍ରିଟେନ୍ ଗୃହ ବିଭାଗ ମୁଖପାତ୍ର କହିଛନ୍ତି।

# ଏମ୍‌ସ ଭୁବନେଶ୍ୱରରେ ୭୨ ଡାକ୍ତର ପଦବୀ ଖାଲି

**ଭୁବନେଶ୍ୱର,୬।୮ (ଅସମାପିକା ସାହୁ)**

ଭୁବନେଶ୍ୱର ଏମ୍‌ସରେ ୨୨ପ୍ରତିଶତ ଡାକ୍ତର ପଦବୀ ଖାଲିପଡ଼ିଛି। ଏଥିସହ ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ପଦବୀ ୩୩ ପ୍ରତିଶତ ଖାଲି ରହିଛି। ଏମ୍‌ସ ଭୁବନେଶ୍ୱରରେ ୩୧୫ ଡାକ୍ତର ପଦବୀ ପାଇଁ ଅନୁମୋଦନ ମିଳିଥିବାବେଳେ ଏବେ ୨୪୩ଜଣ ଡାକ୍ତର କାର୍ଯ୍ୟରତ ଅଛନ୍ତି। ଅର୍ଥାତ୍ ୭୨ଟି ଡାକ୍ତର ପଦବୀ ଖାଲିପଡ଼ିଛି। ସେହିଭଳି ସିନିୟର ନର୍ସ, ଜୁନିୟର ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ନିମନ୍ତେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ବଜ୍ରପାତରୁ ରକ୍ଷା**


# କେନ୍ଦ୍ରାପଡ଼ା: ହିନ୍ଦୁ ଶରଣାର୍ଥୀଙ୍କ ଅନୁପ୍ରବେଶ ଆଶଙ୍କା

## ସମୁଦ୍ରପଥରେ ବାଂଲାଦେଶ ୮ ଘଣ୍ଟା: ହାଇଆଲର୍ଟ ଜାରି

**କେନ୍ଦ୍ରାପଡ଼ା/ମହାକାଳପଡ଼ା, ୬।୮ (ଜଗନ୍ନାଥ ଧଳ/ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ସମୁଦ୍ରରେ ପୋଲିସ ଟିମ୍ ବୋଟ୍ ମାଧ୍ୟମରେ ପାଟ୍ରୋଲିଂ କରୁଛି।

ବାଂଲାଦେଶରେ ଉପୁଜିଥିବା ରାଜନୈତିକ ଅସ୍ଥିରତା ପରିପ୍ରେକ୍ଷୀରେ ଉପକୂଳ ଜିଲା କେନ୍ଦ୍ରାପଡ଼ାରେ ହିନ୍ଦୁ ଶରଣାର୍ଥୀଙ୍କ ଅନୁପ୍ରବେଶ ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ତେବେ ଏଠାରେ ସାମୁଦ୍ରିକ ଥାନା ଭିତ୍ତିଭୂମି ଅଭାବରୁ କାଗଜପତ୍ରରେ ଚାଲିଛି। ଏହି ଥାନାଗୁଡ଼ିକରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ କ୍ଷୋଭ ପ୍ରକାଶ କରାଯାଉଛି। ବିଶେଷକରି ବହୁ ପରିମାଣରେ ବାଂଲାଦେଶୀ ମହାକାଳପଡ଼ା, ରାଜନଗର ଅଞ୍ଚଳରେ ରହୁଥିବାରୁ ବେଆଇନ ପ୍ରବେଶକାରୀଙ୍କ ଏହା ଠିକଣା ହେଉଛି। ସମୁଦ୍ର ମଧ୍ୟରେ ମାତ୍ର ୮ ଘଣ୍ଟା ବାଂଲାଦେଶ ବାଟ ହୋଇଥିବାରୁ ଜିଲାକୁ ହିନ୍ଦୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅଧିକ ରହିବ ବୋଲି ଜିଲାରେ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ଅରବିନ୍ଦ ରାଉତ ପ୍ରମୁଖ କହିଛନ୍ତି, ଜିଲାରେ ୪୮ କି.ମି. ସମୁଦ୍ର ତଟ। ସମୁଦ୍ର ତଟରେ ୬୮୨ବର୍ଗ କି.ମି.ର ଜାତୀୟ ଉଦ୍ୟାନ ଭିତରକନିକା। ତଟ ସୁରକ୍ଷା ବାହିନୀ ତଟାଞ୍ଚଳର ସୁରକ୍ଷା ଦାୟିତ୍ୱରେ ଥିବାବେଳେ ଜିଲାର ଜମ୍ବୁ, ତାଲଚୁଆ, ତନ୍ତିଆପାଳ ସାମୁଦ୍ରିକ ଥାନା ଅଛି। ଏଥିସହ ରାଜନଗର ଓ ମହାକାଳପଡ଼ା ଥାନା ଅଛି। ୫ ଥାନା ଓ ତଟ ସୁରକ୍ଷା ବାହିନୀ, ବନ ବିଭାଗର ନଜର ସତ୍ତ୍ୱେ ସମୁଦ୍ର ପଥ ଦେଇ କେନ୍ଦ୍ରାପଡ଼ାରୁ ବାଂଲାଦେଶ ପର୍ଯ୍ୟନ୍ତ ପ୍ରତ୍ୟହ ଅବାଧ ଯାତାୟାତ ହେଉଛି। ମାତ୍ର ୮ରୁ ୧୦ ଘଣ୍ଟା ମଧ୍ୟରେ ବାଂଲାଦେଶ ପର୍ଯ୍ୟନ୍ତ ସମୁଦ୍ର ପଥ ଖୋଲାଥିବାରୁ ☞ପୃଷ୍ଠା-୪

# ପୁଣି ୫୦ ଟପିଲା ଆଳୁ



## ୟୁପି ପରେ ଏବେ ପଞ୍ଜାବ ଭରସା

**କଟକ,(କାର୍ତ୍ତିକ ସାହୁ)/ ଭୁବନେଶ୍ୱର,(ଅନିଲ ଦାସ), ୬।୮**

ରାଜ୍ୟରେ ଆଳୁ ସଙ୍କଟ ଜାରି ରହିଛି। ପଶ୍ଚିମବଙ୍ଗରୁ ଆଳୁ ଗାଡ଼ି ଓଡ଼ିଶାକୁ ଆସିବା ବନ୍ଦ ହେବା ପରେ ସ୍ଥିତି ଆହୁରି ଗମ୍ଭୀର ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ଆଇଗିଣିଆର ଆଳୁ ଗଦି ଖାଁ ଖାଁ ପଡ଼ିଛି। ଏଠାକୁ ଦୈନିକ ୨୫ରୁ ୩୦ ଟ୍ରକ୍ ଆଳୁ ଆସିଥାଏ। ୩ ଦିନ ହେଲା ପଶ୍ଚିମବଙ୍ଗ କିମ୍ବା ଉତ୍ତରପ୍ରଦେଶରୁ କୌଣସି ଆଳୁ ଗାଡ଼ି ନ ଆସିବାରୁ ଆଳୁ ଗଦି ଖାଲି ପଡ଼ିଛି। ମଙ୍ଗଳବାର ଆଇଗିଣିଆ ଆଳୁ ଗୋଦାମକୁ ମାତ୍ର ୪ ଟ୍ରକ୍ ଆଳୁ ଆସିଛି। ୩ ଟ୍ରକ୍ ପଶ୍ଚିମବଙ୍ଗରୁ ଆସିଥିବାବେଳେ ଗୋଟିଏ ଟ୍ରକ୍ ୟୁପିରୁ ଆସିଛି।

ଅନ୍ୟ ରାଜ୍ୟରୁ ଆଳୁ ପରିବହନ ହ୍ରାସ ପାଇବା ଯୋଗୁ ପୁଣି ଦର ଆକାଶଛୁଆଁ ହୋଇଛି। ବଜାରରେ ଆଳୁ ନ ଥିବା ବେଳେ ଯେଉଁ କେତେକ ଦୋକାନରେ ରହିଛି ସେଠାରେ କେ.ଜି. ପିଛା ୫୦ ରୁ ୬୦ ଟଙ୍କାରେ ବ୍ୟବସାୟୀ ବିକ୍ରି କରୁଛନ୍ତି। କେଉଁଠି ଆଳୁ କେ.ଜି. ୪୦ ଟଙ୍କା ତ କେଉଁଠି ୫୦ରୁ ୬୦ ଟଙ୍କାକୁ ଛୁଇଁଲାଣି। କିଛି ଦିନ ମଧ୍ୟରେ ୟୁପିରୁ ୧୪୦ ଟ୍ରକ୍ ଆଳୁ ଆସିଥିଲେ ମଧ୍ୟ ତାହା ଗ୍ରାହକଙ୍କ ପସନ୍ଦକୁ ଆସୁନାହିଁ। ବ୍ୟବସାୟୀ କ୍ଷତି ସହି ୟୁପି ଆଳୁ ଆଣିବାକୁ ଚାହୁଁ ନ ଥିବାବେଳେ ପଞ୍ଜାବ ଆଳୁ ହିଁ ଏକମାତ୍ର ଭରସା। ସେହିପରି କଟକରେ ଖୁଚୁରା ବଜାରରେ ଦର ମଙ୍ଗଳବାର ୫୦ ଟପିଛି। ଛତ୍ରବଜାର ହୋଲ୍‌ସେଲ୍ ବଜାରରେ ଦୈନିକ ଆବଶ୍ୟକତାଠାରୁ କମ୍ ପରିମାଣର ☞ପୃଷ୍ଠା-୪




# ବାଂଲାଦେଶରେ ସଂଖ୍ୟାଲଘୁ ଅସୁରକ୍ଷିତ

## ମନ୍ଦିର ପୋଡ଼ାଜଳା, ଘର ଭାଙ୍ଗିଲେ




ମେହେରପୁରରେ ଥିବା ଇସ୍କନ ମନ୍ଦିରରେ ହିନ୍ଦୁ ବିରୋଧୀ ବିକ୍ଷୋଭକାରୀମାନେ ପୋଡ଼ାଜଳା କରିବା ସହ ନିଆଁ ଲଗାଇଦେଇଛନ୍ତି।

ଢାକା,୬।୮

ବାଂଲାଦେଶରେ ଶେଖ୍ ହାସିନାଙ୍କ ସରକାରର ପତନ ପରେ ସେଠାରେ ଦଙ୍ଗା ଓ ଲୁଟ୍‌ପାଟ ଜୋର୍‌ଦାର ହୋଇଛି। ସେଠାରେ ଥିବା ସଂଖ୍ୟାଲଘୁ ହିନ୍ଦୁ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। ଆନ୍ଦୋଳନକାରୀମାନେ ୨୭ଟି ଜିଲାରେ ଥିବା ବହୁ ମନ୍ଦିର ଏବଂ ହିନ୍ଦୁମାନଙ୍କ ଘର ଓ ଦୋକାନରେ ନିଆଁ ଲଗାଇଦେଇଛନ୍ତି। ହିନ୍ଦୁମାନଙ୍କ ଘର ଉପରେ ଆକ୍ରମଣ ହେଉଥିବାର ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହୋଇଛି। ମେହେରପୁରରେ ଥିବା ଇସ୍କନ ମନ୍ଦିର ଏବଂ ଏକ କାଳୀ ମନ୍ଦିରକୁ ଭଙ୍ଗାରୁଜା କରାଯିବା ସହ ସେଥିରେ ନିଆଁ ଲଗାଇଦିଆଯାଇଛି। ଇସ୍କନ ମନ୍ଦିରର ଜଗନ୍ନାଥ,ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତିକୁ ମଧ୍ୟ ଦୁର୍ବୃତ୍ତମାନେ ଜାଳିଦେଇଛନ୍ତି। ଚିଟ୍ଟାଗଙ୍ଗର ନବଗ୍ରହ ବରିଠାରେ ଥିବା ଏକ ମନ୍ଦିରକୁ ଜାଳି ଦିଆଯାଇଛି। ହିନ୍ଦୁ ସମ୍ପ୍ରଦାୟର ମୋଟ ୫୪ଟି ମନ୍ଦିର, ଘର ଓ ପ୍ରତିଷ୍ଠାନ ଉପରେ ଆକ୍ରମଣ ହୋଇଥିବା ବାଂଲାଦେଶ ହିନ୍ଦୁ ବୁଦ୍ଧିଷ୍ଟ କ୍ରିଷ୍ଟିଆନ ୟୁନିଟି କାଉନ୍‌ସିଲ ପକ୍ଷରୁ କୁହାଯାଇଛି। ଇନ୍ଦିରା ଗାନ୍ଧୀ କଲ୍‌ଚରାଲ ସେଣ୍ଟରରେ ମଧ୍ୟ ଆନ୍ଦୋଳନକାରୀମାନେ ଭଙ୍ଗାରୁଜା କରିଛନ୍ତି। ଅନ୍ୟପକ୍ଷରେ କୁମିଲାରେ ଏକ ହିନ୍ଦୁ ମନ୍ଦିରକୁ ମୁସଲମାନ ମୌଲବୀମାନେ ଜଗିଥିବାର ଭିଜୁଆଲ ମଧ୍ୟ ଦେଖିବାକୁ ମିଳିଛି। ଗତ ରବିବାର ଆନ୍ଦୋଳନବେଳେ ରଙ୍ଗପୁର ସିଟି କର୍ପୋରେଶନର ହିନ୍ଦୁ କାଉନସିଲରଙ୍କ ମୃତ୍ୟୁ ଘଟିଥିଲା। କଜଲ ରାୟ ନାମରେ ଅନ୍ୟ ଜଣେ କାଉନସିଲରଙ୍କୁ ଲୋକେ ପିଟି ମାରିଦେଇଛନ୍ତି।

ଭାରତ ସରକାର ବାଂଲାଦେଶର ଅନ୍ତରୀଣ ସରକାରଙ୍କ ସହ କ୍ରମାଗତ ଯୋଗାଯୋଗରେ ରହିବା ସହ ଢାକାର ଆଇନ ଶୃଙ୍ଖଳା ସ୍ଥିତି ଉପରେ ନଜର ରଖିଥିବା ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ମଙ୍ଗଳବାର ରାଜ୍ୟ ସଭାକୁ କହିଛନ୍ତି। ସେଠାରେ ସଂଖ୍ୟାଲଘୁମାନେ ଆକ୍ରମଣର ଶିକାର ହୋଇଥିବା ଜୟଶଙ୍କର ସ୍ୱୀକାର କରିଛନ୍ତି।

## ଆନ୍ଦୋଳନ ମୃତ୍ୟୁସଂଖ୍ୟା ୪୪୦

ବାଂଲାଦେଶରେ ସରକାର ବିରୋଧୀ ଆନ୍ଦୋଳନରେ ମୃତ୍ୟୁସଂଖ୍ୟା ମଙ୍ଗଳବାର ୪୪୦ରେ ପହଞ୍ଚିଛି। ଏପରିକି ଶେଖ ହାସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇବା ପରେ ମଧ୍ୟ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି। ଏହା ସତ୍ତ୍ୱେ ମଙ୍ଗଳବାର ବାଂଲାଦେଶରେ ସ୍ୱାଭାବିକ ଅବସ୍ଥା ଫେରୁଥିବା ଲକ୍ଷ୍ୟ କରାଯାଇଛି। ପୋଲିସ ଓ ସେନା ପକ୍ଷରୁ ରାସ୍ତାରେ ପାଟ୍ରୋଲିଂ ଆରମ୍ଭ ହୋଇଛି। ଆନ୍ଦୋଳନ ଯୋଗୁ ବନ୍ଦ ରହିଥିବା ସ୍କୁଲଗୁଡ଼ିକ ମଙ୍ଗଳବାର ଖୋଲିଥିଲା। ଗତ ରାତିର ଉତ୍ତେଜନା ପରେ ମଙ୍ଗଳବାର ଢାକା ସ୍ଥିତି ଶାନ୍ତ ରହିଥିଲା। ଗାଡ଼ିମୋଟର ଚଳାଚଳ କରିବା ସହ ଦୋକାନବଜାର ଖୋଲିଥିଲା। ସୋମବାର ଢାକା ସମେତ ବିଭିନ୍ନ ସ୍ଥାନରେ ସଂଘର୍ଷରେ ୧୦୯ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ହାସିନାଙ୍କ ଇସ୍ତଫା ପୂର୍ବରୁ ୨ ପର୍ଯ୍ୟାୟ ଆନ୍ଦୋଳନରେ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା।

ହାସିନା ଦେଶ ଛାଡ଼ିବା ଖବର ପ୍ରସାରିତ ହେବା ପରେ ହଜାର ହଜାର ଲୋକ ତାଙ୍କ ବାସଭବନରେ ପଶି ଭଙ୍ଗାରୁଜା କରିବା ସହ ଜିନିଷପତ୍ର ଲୁଟିନେଇଥିଲେ। ତାଙ୍କ ଘରୋଇ ବାସଭବନ ସୁଧା ସଦନ ଓ ଅନ୍ୟାନ୍ୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିବା ସହ ଆନ୍ଦୋଳନକାରୀ ନିଆଁ ଲଗାଇଦେଇଥିଲେ। ଢାକାରେ ଥିବା ମନ୍ତ୍ରୀ ଓ ଆୱାମୀ ଲିଗ୍ ଏମ୍‌ପିମାନଙ୍କ ଘର ଉପରେ ମଧ୍ୟ ଆକ୍ରମଣ ହୋଇଥିଲା। ବିଭିନ୍ନ ସ୍ଥାନରେ ଅରାଜକତା ଦେଖାଦେଇଥିଲା। ଜୋସୋର ଜିଲାରେ ଥିବା ଆୱାମୀ ଲିଗ୍‌ର ଜଣେ ନେତାଙ୍କ ହୋଟେଲରେ ଦଙ୍ଗାକାରୀ ସୋମବାର ରାତିରେ ନିଆଁ ଲଗାଇଦେବାରୁ ଅନ୍ୟୁନ ୨୪ ଜଣ ଜୀବନ୍ତ ଦଗ୍ଧ ହୋଇଥିଲେ। ଆଇନଶୃଙ୍ଖଳାକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ପାଇଁ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସବୁ ଦଳକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଲୋକମାନଙ୍କ ଧନଜୀବନର ସୁରକ୍ଷା ପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଶସ୍ତ୍ର ବଳକୁ ନିର୍ଦ୍ଦେଶ ଦେଇଥିଲେ।

## ପାର୍ଲାମେଣ୍ଟ ଭଙ୍ଗକଲେ ବାଂଲାଦେଶ ରାଷ୍ଟ୍ରପତି



ମହମ୍ମଦ ଶାହାବୁଦ୍ଦିନ

ଢାକା,୬।୮(ପି.ଟି.)

ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଇସ୍ତଫା ଦେଇ ଦେଶ ଛାଡ଼ିବାର ଦିନକ ପରେ ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ମଙ୍ଗଳବାର ଦେଶର ପାର୍ଲାମେଣ୍ଟକୁ ଭଙ୍ଗ କରିଛନ୍ତି। ଫଳରେ ସେଠାରେ ସାନି ନିର୍ବାଚନ ଲାଗି ପଥ ପରିଷ୍କାର ହୋଇଯାଇଛି। ସରକାର ବିରୋଧୀ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିବା ସହ ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯିବା ପରେ ହାସିନା ସରକାର ଇସ୍ତଫା ଦେଇଥିଲେ। ୩ ସୈନ୍ୟବାହିନୀର ମୁଖ୍ୟ, ବିଭିନ୍ନ ରାଜନୈତିକ ଦଳର ନେତା , ସିଭିଲ୍ ସୋସାଇଟିର ପ୍ରତିନିଧି ଏବଂ ଆଣ୍ଟି-ଡିସ୍‌କ୍ରିମିନେଶନ ଷ୍ଟୁଡେଣ୍ଟ ମୁଭ୍‌ମେଣ୍ଟର ନେତାଙ୍କ ସହ ଆଲୋଚନା କରିବା ପରେ ରାଷ୍ଟ୍ରପତି ପାର୍ଲାମେଣ୍ଟ ଭଙ୍ଗ ପାଇଁ ନିଷ୍ପତ୍ତି ନେଇଥିଲେ। ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି (ବିଏନ୍‌ପି)ର ଅଧକ୍ଷା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କୁ ମଙ୍ଗଳବାର ଜେଲରୁ ମୁକ୍ତ କରିଦିଆଯାଇଛି। ଆନ୍ଦୋଳନ ବେଳେ ଗିରଫ ହୋଇଥିବା ଲୋକମାନଙ୍କୁ ମୁକ୍ତ କରିଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଅନେକେ ମୁକ୍ତ ହୋଇସାରିଲେଣି।


## ସଂକ୍ଷେପରେ

### କୁନୋ ଜାତୀୟ ଉଦ୍ୟାନରେ ଚିତା ଶାବକର ମୃତ୍ୟୁ

ଭୋପାଳ, ୬।୮

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ସକାଳେ ଗୋଟିଏ ଚିତାବାଘ ଶାବକର ମୃତ୍ୟୁ ଘଟିଛି। ଚିତା ଗାମିନୀର ୫ ଛୁଆ ମଧ୍ୟରୁ ଏହି ଶାବକ ଅନ୍ୟତମ। ଜୁଲାଇ ୨୯ରେ ରୁଟିନ୍ ମନିଟରିଂ ସମୟରେ ଏହି ଶାବକ ଶରୀରର ପଛ ପାର୍ଶ୍ୱରେ ଆଘାତ ଥିବା ନେଇ ଜଣାପଡ଼ିଥିଲା। ସ୍ୱାସ୍ଥ୍ୟ ପରୀକ୍ଷଣ ପରେ ଉକ୍ତ ଶାବକ ଚିତାର ମେରୁଦଣ୍ଡ ଭାଙ୍ଗିଯାଇଥିବା ଜଣାପଡ଼ିଥିଲା। ସେବେଠାରୁ ସେ ଚିକିତ୍ସିତ ହେଉଥିଲାବେଳେ ସମୟରେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ହିଁ ଏହି ଶାବକ ଚିତାର ମୃତ୍ୟୁ ନେଇ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁନୋ ଜାତୀୟ ଉଦ୍ୟାନର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଏବେ କୁନୋ ଜାତୀୟ ଉଦ୍ୟାନରେ ୧୩ ବୟସ୍କ ଚିତା ଓ ୧୨ ଶାବକ ଚିତା ରହିଥିବା ସେ କହିଛନ୍ତି।

### ଆଡ଼ଭାନୀ ପୁଣି ହସ୍ପିଟାଲରେ ଭର୍ତ୍ତି



ନୂଆଦିଲ୍ଲୀ, ୬।୮

ଭେଟେରାନ୍ ଭାଜପା ନେତା ତଥା ଭାରତର ପୂର୍ବତନ ଉପ ପ୍ରଧାନମନ୍ତ୍ରୀ ଏଲ୍. କେ. ଆଡ଼ଭାନୀ(୯୬) ମଙ୍ଗଳବାର ଦିଲ୍ଲୀର ଆପୋଲୋ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲର ନ୍ୟୁରୋଲୋଜୀ ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୁରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ଆଡ଼ଭାନୀ ଅବସ୍ଥା ସ୍ଥିର ରହିଛି। ରୁଟିନ୍ ଫଲୋ ଅପ୍ ଏବଂ ଚେକ୍‌ଅପ୍ ପାଇଁ ତାଙ୍କୁ ହସ୍ପିଟାଲରେ ଆଡ୍‌ମିଟ୍ କରାଯାଇଛି। ଖୁବ୍‌ଶୀଘ୍ର ଏହି ବରିଷ୍ଠ ନେତା ଡିସ୍‌ଚାର୍ଜ ହେବେ ବୋଲି ଡାକ୍ତର ସୁରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବୟସାଧିକ ସମସ୍ୟା ଯୋଗୁ ଗତମାସରେ ଆଡ଼ଭାନୀଙ୍କୁ ଦିଲ୍ଲୀସ୍ଥିତ ଏମ୍ସ ଏବଂ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ବାଂଲାଦେଶ ସଙ୍କଟ ପଛରେ ଚାଇନା, ପାକ୍

ବାଂଲାଦେଶରେ ଶେଖ୍ ହାସିନା ସରକାରର ପତନ ପଛରେ ପାକିସ୍ତାନ ଓ ଚାଇନାର ସମ୍ପୃକ୍ତି ରହିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହଯୋଗରେ ବାଂଲାଦେଶ ସରକାର ବଦଳାଇବାର ବ୍ଲୁପ୍ରିଣ୍ଟ ଲଣ୍ଡନରେ ପ୍ରସ୍ତୁତ ହୋଇଥିବା ଗୋଇନ୍ଦା ରିପୋର୍ଟରୁ ଜଣାପଡ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲେଦା ଜିଆଙ୍କ ପୁଅ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟିର କାର୍ଯ୍ୟକାରୀ ଅଧକ୍ଷ ତାରିକ୍ ରହମାନ ସାଉଦି ଆରବରେ ଆଇଏସ୍‌ଆଇ ଅଧିକାରୀମାନଙ୍କୁ ଭେଟିଥିବାର ପ୍ରମାଣ ରହିଥିବା ବାଂଲାଦେଶୀ ଗୋଇନ୍ଦା ଅଧିକାରୀ କହିଛନ୍ତି। ହାସିନା



ତାରିକ୍ ରହମାନ

ସରକାରରେ ଅସ୍ଥିରତା ସୃଷ୍ଟିକରି ପାକିସ୍ତାନ ସପକ୍ଷବାଦୀ ଖାଲେଦା ଜିଆଙ୍କୁ ପୁନର୍ବାର କ୍ଷମତାସୀନ କରିବା ପାକ୍ ସେନା ଏବଂ ଆଇଏସ୍‌ଆଇର ଲକ୍ଷ୍ୟ ଥିଲା। ବାଂଲାଦେଶରେ ଆନ୍ଦୋଳନ ବଢ଼ାଇବାରେ ଚାଇନାର

### ହାସିନାଙ୍କୁ ତଡ଼ିବାକୁ ଲଣ୍ଡନରେ ହୋଇଥିଲା ଯୋଜନା

ମଧ୍ୟ ଭୂମିକା ରହିଛି। ଆନ୍ଦୋଳନ ପାଇଁ ଜମାତ୍-ଇ-ଇସଲାମୀ କେତେ ମାସ ହେଲା ଯୋଜନା କରୁଥିବାବେଳେ ପାକିସ୍ତାନୀରେ ଥିବା ଚାଇନା କମ୍ପାନୀଗୁଡ଼ିକ ଏଥିପାଇଁ ପାଣ୍ଠି ଯୋଗାଇଥିବା କୁହାଯାଉଛି। ଏକ୍ସ'ରେ ଅନେକ ବାଂଲାଦେଶୀ ବିରୋଧୀ ହ୍ୟାଣ୍ଡଲ ଆନ୍ଦୋଳନ ନିଆଁରେ କ୍ରମାଗତ ଘିଅ ଢାଳି ଚାଲିଥିଲେ। ହାସିନା ସରକାରଙ୍କ ବିରୋଧରେ ୫୦୦ରୁ ଊର୍ଦ୍ଧ୍ୱ ଟୁଇଟ୍ କରାଯାଇଥିଲା।

## ନୋବେଲ ବିଜୟୀ ମହମ୍ମଦ ୟୁନୁସ୍ ଅନ୍ତରୀଣ ସରକାରଙ୍କ ମୁଖ୍ୟ ଉପଦେଷ୍ଟା

ଢାକା,୬।୮

୨୦୦୬ରେ ଶାନ୍ତି ପାଇଁ ନୋବେଲ ପୁରସ୍କାର ପାଇଥିବା ମହମ୍ମଦ ୟୁନୁସ୍ ବାଂଲାଦେଶ ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ହେବାକୁ ଯାଉଛନ୍ତି। ସୋମବାର ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ଇସ୍ତଫା ପରେ ଅନ୍ତରୀଣ ସରକାର ଗଢ଼ାଯିବ ବୋଲି ସେନାମୁଖ୍ୟ ଜେନେରାଲ ୱାକର-ଉଜ୍-ଜମନ ଘୋଷଣା କରିଥିଲେ। ୮୪ ବର୍ଷୀୟ ୟୁନୁସ୍ ଜଣେ ଖ୍ୟାତନାମା ଅର୍ଥନୀତିଜ୍ଞ। ସେ ମାଇକ୍ରୋଫାଇନାନ୍ସ ବ୍ୟବସ୍ଥାର କର୍ଣ୍ଣଧାର ଥିଲେ, ଯାହା ହଜାର ହଜାର ବାଂଲାଦେଶୀଙ୍କୁ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ କରିବାରେ ସହାୟକ ହୋଇଥିବା ବିଶ୍ୱାସ



ମହମ୍ମଦ ୟୁନୁସ୍

କରାଯାଏ। ତେବେ ହାସିନାଙ୍କ ସହ ତାଙ୍କର ସମ୍ପର୍କ ଭଲ ନ ଥିଲା। ହାସିନାଙ୍କ ସମୟରେ ୟୁନୁସ୍‌ଙ୍କ ବିରୋଧରେ ଜାଲିଆତି, ମନିଲଣ୍ଡରିଂ ସମେତ ୨୦୦ରୁ ଊର୍ଦ୍ଧ୍ୱ ମାମଲା ରୁଜୁ ହୋଇଥିଲା। ପ୍ରଫେସର ୟୁନୁସ୍ ଅନ୍ତରୀଣ ସରକାରର ମୁଖ୍ୟ ହେବା ଷ୍ଟୁଡେଣ୍ଟସ୍ ଏଗେନେଷ୍ଟ ଡିସ୍‌କ୍ରିମିନେଶନର ନେତାମାନେ ଚାହୁଁଛନ୍ତି।

ହାସିନାଙ୍କ ଇସ୍ତଫା ପରେ ଅନ୍ତରୀଣ ସରକାରର ନେତୃତ୍ୱ ନେବା ଲାଗି ୩ ଜଣଙ୍କ ନାଁ ଚର୍ଚ୍ଚା ହେଉଥିଲା। ସେମାନେ ହେଲେ ହାସିନା ସରକାରଙ୍କ ପତନ ପରେ କ୍ଷମତା ହାତକୁ ନେଇଥିବା ସେନାମୁଖ୍ୟ, ଜେଲରୁ ମୁକ୍ତ ହୋଇଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି ନେତ୍ରୀ ଖାଲେଦା ଜିଆ ଏବଂ ନୋବେଲ ବିଜୟୀ ଅର୍ଥନୀତିଜ୍ଞ ମହମ୍ମଦ ୟୁନୁସ୍। ତେବେ ଜିଆଙ୍କୁ ଚୟନ କରାଗଲେ ସେ ପ୍ରଧାନମନ୍ତ୍ରୀ ପଦ ଗ୍ରହଣ କିରବେ କି ନାହିଁ ତାହା ସ୍ପଷ୍ଟ ନ ଥିଲା। ତେବେ ଆନ୍ଦୋଳନକାରୀ ଛାତ୍ର ସଂଗଠନଗୁଡ଼ିକ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାର ହେବା ଚାହାନ୍ତି।

## ରାଷ୍ଟ୍ରପତି ମୁର୍ମୁଙ୍କୁ ଫିଜିର ସର୍ବୋଚ୍ଚ ନାଗରିକ ସମ୍ମାନ

ସୁବା, ୬।୮

ରାଷ୍ଟ୍ରପତି ଦ୍ରୋପଦୀ ମୁର୍ମୁ ଫିଜିର ସର୍ବୋଚ୍ଚ ନାଗରିକ ସମ୍ମାନ 'କମ୍ପାନିଅନ୍ ଅଫ୍ ଦି ଅର୍ଡର ଅଫ୍ ଫିଜି'ରେ ସମ୍ମାନିତ ହୋଇଛନ୍ତି। ଫିଜି ରାଷ୍ଟ୍ରପତି ରାତୁ ୟୁଲିୟମ ମେବ୍‌ଲିଲି କଟୋନିବେରେ ମଙ୍ଗଳବାର ଭାରତର ରାଷ୍ଟ୍ରପତିଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ ଓ ଫିଜି ମଧ୍ୟରେ ରହିଥିବା ନିବିଡ଼ ବନ୍ଧୁତାକୁ ଏହି ସମ୍ମାନ ପ୍ରତିଫଳିତ କରୁଛି ବୋଲି ରାଷ୍ଟ୍ରପତି ମୁର୍ମୁ କହିଛନ୍ତି। ସେ ମଙ୍ଗଳବାର ଫିଜି ସଂସଦକୁ ମଧ୍ୟ ସମ୍ବୋଧିତ କରିଛନ୍ତି। ଏହାସହ ରାଷ୍ଟ୍ରପତି ମୁର୍ମୁ ଫିଜି ପ୍ରଧାନମନ୍ତ୍ରୀ ସିଟିବେନୋ



ରାବୁକାଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଫିଜି ରାଜଧାନୀ ସୁବାରେ ସେ ଭାରତୀୟ ସମୁଦାୟର ଲୋକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।


## ହାରିସ୍‌ଙ୍କ ରନିଂ ମେଟ୍ ଟିମ୍ ୱାଲ୍‌ଜ

ୱାଶିଂଟନ,୬।୮(ପି.ଟି.)

ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ ଆନୁଷ୍ଠାନିକ ଭାବେ ଡେମୋକ୍ରାଟିକ୍ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଛନ୍ତି। ଏକ ବୃହତ୍ ରାଜନୈତିକ ଦଳର ରାଷ୍ଟ୍ରପତି ପ୍ରାର୍ଥୀ ହେବାରେ ୫୯ ବର୍ଷୀୟା ହାରିସ୍ ପ୍ରଥମ ଭାରତୀୟ-ଆମେରିକୀୟ। ନଭେମ୍ବର ୫ରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ରିପବ୍ଲିକାନ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ରାଷ୍ଟ୍ରପତି ଜୋ ବାଇଡେନ୍ ବୟସାଧିକ ଏବଂ ମତିଭ୍ରମ କାରଣରୁ ଦଳୀୟ ଚାପ ଆଗରେ ମୁଣ୍ଡ ନୁଆଇଁ ଗତ ମାସରେ ହ୍ୱାଇଟ୍ ହାଉସ୍



କମଳା ହାରିସ୍



ଟିମ୍ ୱାଲ୍‌ଜ

ଦୌଡ଼ରୁ ଓହରିଯିବା ପରେ ହାରିସ୍‌ଙ୍କୁ ଡେମୋକ୍ରାଟ ପ୍ରାର୍ଥୀ ବାଛିଥିଲେ। ସୋମବାର ରାତିରେ ଡେମୋକ୍ରାଟିକ୍ ନ୍ୟାଶନାଲ କନଭେନ୍‌ଶନ୍‌ର ପ୍ରତିନିଧିମାନଙ୍କ ୯୯ ପ୍ରତିଶତ ଭୋଟ ପାଇବା ପରେ ତାଙ୍କୁ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି। ୪,୫୬୭ ଜଣ ପ୍ରତିନିଧି ହାରିସ୍‌ଙ୍କ ସପକ୍ଷରେ ଭୋଟ ଦେଇଥିଲେ।

ଡେମୋକ୍ରାଟିକ୍ ରାଷ୍ଟ୍ରପତି ହେବା ପରେ କମଳା ହାରିସ୍ ମଙ୍ଗଳବାର ତାଙ୍କର ରନିଂ ମେଟ୍ ଭାବେ ମିନେସୋଟା ଗଭର୍ନର ଟିମ୍ ୱାଲ୍‌ଜଙ୍କୁ ଚୟନ କରିଛନ୍ତି। ୱାଲ୍‌ଜ ଜଣେ ପ୍ରଗତିଶୀଳ ନୀତିର ଦୃଢ଼ ସମର୍ଥକ ଓ ଜଣେ ସାଦାସିଧା ବକ୍ତା। ଆମେରିକାର କେନ୍ଦ୍ରୀୟ ଅଞ୍ଚଳରୁ ତାଙ୍କୁ ଚୟନ କରାଯାଇଥିବାରୁ ଅଧିକ ଗ୍ରାମାଞ୍ଚଳ ଓ ଶ୍ୱେତାଙ୍ଗ ଭୋଟ ଆଣିବାରେ ସେ ସହାୟକ ହେବେ। ହାରିସ୍ ତାଙ୍କ ଚୟନ ସମ୍ପର୍କରେ ସମର୍ଥକମାନଙ୍କୁ ଜଣାଇଦେଇଛନ୍ତି। ୱାଲ୍‌ଜ ଏବେ ହାରିସ୍‌ଙ୍କ ସହ ନିର୍ବାଚନ ପ୍ରଚାର କରିବେ। ମିନେସୋଟା ପାଇଁ ୱାଲ୍‌ଜ ବହୁ କାର୍ଯ୍ୟ କରିଥିବାରୁ ତାଙ୍କର ଭଲ ଟ୍ରାକ୍ ରେକର୍ଡ ରହିଛି। ପ୍ରଚାରରେ ଏବଂ ପରବର୍ତ୍ତୀ ଉପରାଷ୍ଟ୍ରପତି ଭାବେ ସେ ଅନୁରୂପ ନେତୃତ୍ୱ ନେବେ ବୋଲି ହାରିସ୍ ଆଶାବ୍ୟକ୍ତ କରିଛନ୍ତି।

## ଫୁର୍‌ସତ୍

### ଗୋଟିଏ ଗୋଡ଼ରେ ବୋଲବମ୍ ଯାତ୍ରା

ନୂଆଦିଲ୍ଲୀ

ପ୍ରତିବର୍ଷ ଶ୍ରାବଣ ମାସରେ କାଉଡ଼ିଆ ଯାତ୍ରା ଦେଶର ପ୍ରତ୍ୟେକ କୋଣରୁ ଆରମ୍ଭ ହୋଇ ଗଙ୍ଗା ନଦୀ ପର୍ଯ୍ୟନ୍ତ ଯାଇଥାଏ। ଚଳିତ ବର୍ଷ ମଧ୍ୟ ବହୁ ସଂଖ୍ୟାରେ ଶିବ ଭକ୍ତ କାଉଡ଼ିଆ ଯାତ୍ରାରେ ସାମିଲ ହୋଇଛନ୍ତି। କାଉଡ଼ିଆ ଯାତ୍ରୀମାନେ ନିଜ ଉଭୟ କାନ୍ଧରେ ପବିତ୍ର ଜଳ ଥିବା ପାତ୍ରର ଭାର ସହ ଦୀର୍ଘ ପଥ ଅତିକ୍ରମ କରିଥାନ୍ତି। ବିଭିନ୍ନ ପ୍ରସିଦ୍ଧ ଶୈବପୀଠଗୁଡ଼ିକରେ ସେମାନେ ମହାଦେବଙ୍କୁ ଜଳ ଅର୍ପଣ କରନ୍ତି। ତେବେ ଗୋଟିଏ ଗୋଡ଼ ଥିବା ଜଣେ ଦିବ୍ୟାଙ୍ଗ ଯୁବକ ମଧ୍ୟ ଭଗବାନ ଶିବଙ୍କ ଆଶିଷ ପାଇବା ପାଇଁ କାଉଡ଼ିଆ ଯାତ୍ରାରେ ସାମିଲ ହୋଇଛନ୍ତି। ମୋହିତ ଗୁଜ୍ଜର ନାମକ ଜଣେ ଶିବଭକ୍ତ ନିଜର ଗୋଟିଏ ଗୋଡ଼ ସାହାଯ୍ୟରେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ମୋହିତଙ୍କର ଗୋଡ଼ ନ ଥିବା ସତ୍ତ୍ୱେ



ଏହି ସମସ୍ୟା ତାଙ୍କ କାଉଡ଼ିଆ ଯାତ୍ରାରେ ବାଧକ ହୋଇପାରିନି। ମହାଦେବଙ୍କ ପ୍ରତି ଅଗାଢ଼ ଭକ୍ତି ଓ ଦୃଢ଼ ଆତ୍ମବିଶ୍ୱାସ ବଳରେ ସେ ଚଳିତ ବର୍ଷ ଗୋଟିଏ ଗୋଡ଼ରେ କାଉଡ଼ିଆ ଯାତ୍ରା କରିବା ପାଇଁ ସ୍ଥିର କରିଥିଲେ। ତେବେ ମୋହିତ ଯେଉଁ ଯେଉଁ ପଥ ଦେଇ ଯାଉଛନ୍ତି, ଲୋକମାନେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସୁଛନ୍ତି। ଏହାର ଏକ ଭିଡିଓ ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସେ ମହାଦେବଙ୍କ ନାମ ନେଇ ଆଗକୁ ବଢୁଥିବା ବେଳେ କେତେଜଣ ଲୋକ ତାଙ୍କୁ ଅଟକାଇ ସାହାଯ୍ୟ କରୁଥିବା ଭିଡିଓରେ ଦେଖିବାକୁ ମିଳିଛି।

### ନେତାଜୀଙ୍କ ପଟଚିତ୍ର ସମେତ ରାଷ୍ଟ୍ରପତିଙ୍କୁ ମିଳିଥିବା ୨୫୦ ଉପହାର ନିଲାମ

**ନୂଆଦିଲ୍ଲୀ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପୂର୍ବତନ ରାଷ୍ଟ୍ରପତିମାନେ ପାଇଥିବା ଉପହାରଗୁଡ଼ିକ ମଧ୍ୟରୁ ୨୫୦ଟିର ନିଲାମ ପ୍ରକ୍ରିୟା ସୋମବାରଠାରୁ ଆରମ୍ଭ ହୋଇଛି। ତନ୍ମଧ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପଟଚିତ୍ର ଓ ଗୌତମ ବୁଦ୍ଧଙ୍କ ମୂର୍ତ୍ତି ରହିଛି। ଉପହାରଗୁଡ଼ିକୁ କିଣିବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ରାଷ୍ଟ୍ରପତି ଭବନର ୱେବ୍‌ସାଇଟ୍‌କୁ ଯାଇ ସେମାନଙ୍କର ବିଡ୍ ରଖୁଛନ୍ତି। ତେବେ ଉପହାରଗୁଡ଼ିକ ମଧ୍ୟରୁ ୧୪.୧୫ କେ.ଜି. ଓଜନର ନେତାଜୀଙ୍କ ପଟଚିତ୍ରକୁ ନେଇ ସବୁଠାରୁ ଅଧିକ ଆକର୍ଷଣ ରହିଛି। ଏଥିରେ ନେତାଜୀ ଆଇକନିକ୍ ସାମରିକ ୟୁନିଫର୍ମରେ ଚିତ୍ରିତ ହୋଇଛନ୍ତି। ଏହି ନିଲାମରୁ ମିଳିବାକୁ ଥିବା ଅର୍ଥ ଦେଶର ଅଭାବୀ ପିଲାମାନଙ୍କ ମଙ୍ଗଳ ପାଇଁ ଖର୍ଚ୍ଚ କରାଯିବ।

### ଶାହରୁଖ୍‌ଙ୍କଠୁ ପ୍ରେରଣା ପାଇଛନ୍ତି ଜନ୍ ସିନା



**ୱାଶିଂଟନ:** ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ ଜଣେ ଏପରି ଅଭିନେତା, ଯାହାଙ୍କ ପ୍ରଶଂସକ କେବଳ ଭାରତରେ ନୁହନ୍ତି ବରଂ ବିଶ୍ୱର ପ୍ରତ୍ୟେକ ଭାଗରେ ଅଛନ୍ତି। ଭାରତୀୟ ସେଲିବ୍ରିଟିଙ୍କଠାରୁ ଆରମ୍ଭ କରି ଅନ୍ତର୍ଜାତୀୟ ତାରକାଙ୍କ ପର୍ଯ୍ୟନ୍ତ ସମସ୍ତେ ଶାହରୁଖ୍‌ଙ୍କୁ ବହୁ ସମ୍ମାନ କରନ୍ତି। ସୋମବାର ଆମେରିକୀୟ ଅଭିନେତା ତଥା ରେସ୍‌ଲର ଜନ୍ ସିନା ଏକ ସାକ୍ଷାତ୍‌କାର ଦେଇ ଗତମାସରେ ଶାହରୁଖ୍‌ଙ୍କ ସହ ତାଙ୍କର ସାକ୍ଷାତ୍‌କୁ ମନେପକାଇଛନ୍ତି।

ଗତ ମାସରେ ଭାରତର ବହୁଚର୍ଚ୍ଚିତ ଅନନ୍ତ ଅମ୍ବାନୀ ଏବଂ ରାଧିକା ମର୍ଚ୍ଚାଣ୍ଟଙ୍କ ବିବାହ ଉତ୍ସବରେ ଜନ୍ ସିନା ଯୋଗଦେଇ ବଲିଉଡ୍‌ର କିଙ୍ଗ୍ ଖାନଙ୍କୁ ଭେଟିଥିଲେ। ସେ ପୁଣିଥରେ ଏହି ଭେଟକୁ ମନେ ପକାଇଛନ୍ତି। ଶାହରୁଖ୍‌ଙ୍କ ଦ୍ୱାରା ସେ ଅନୁପ୍ରାଣିତ ହୋଇଥିବା ନେଇ ଏକ ସାକ୍ଷାତ୍‌କାରରେ ଏହି ଆମେରିକୀୟ ଅଭିନେତା କହିଛନ୍ତି। 'ହେଡ୍‌ସ୍ ଅଫ୍ ଷ୍ଟେଟ୍' ଚଳଚ୍ଚିତ୍ରର ଏହି ଅଭିନେତା କହିଛନ୍ତି, ଶାହରୁଖ୍‌ଙ୍କ ଉପଦେଶ ତାଙ୍କୁ ତାଙ୍କ ଜୀବନର ଠିକ୍ ସମୟରେ ମିଳିଥିଲା। ନିଜର ଜ୍ଞାନ ଏବଂ ଅଭିଜ୍ଞତାର ଶବ୍ଦ ସହ କିଙ୍ଗ୍ ଖାନଙ୍କ ପ୍ରେରଣା ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିପାରିଛି। 'ଜ୍ୟାକ୍‌ପଟ୍' ମୁଭିର ଏହି ଅଭିନେତା କହିଛନ୍ତି, ଶାହରୁଖ୍‌ଙ୍କଠାରୁ ଆଉ କେହି ଅଧିକ ସହାନୁଭୂତିଶୀଳ ଏବଂ ଦୟାଳୁ ହୋଇପାରିବେ ନାହିଁ। ଗତ ମାସରେ ଶାହରୁଖ୍‌ଙ୍କ ସହ ହୋଇଥିବା ତାଙ୍କର ସାକ୍ଷାତ୍‌କୁ ସେ କେବେ ଭୁଲିପାରିବେ ନାହିଁ ବୋଲି ଜନ୍ ସିନା କହିଛନ୍ତି।




# ତଳାବିରା ଦୁର୍ନୀତି: ହିଣ୍ଡାଲକୋ ନାଁରେ ସିବିଆଇ ମାମଲା

**ନୂଆଦିଲ୍ଲୀ,୬।୮ (ପି.ଟି.)**

ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ଥିବା ତଳାବିରା କୋଇଲା ଖଣି ପାଇଁ ୨୦୧୧ରୁ ୨୦୧୩ ମଧ୍ୟରେ ପରିବେଶ ମଞ୍ଜୁରୀ ହାସଲ କରିବାରେ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଉକ୍ତ କମ୍ପାନୀ ବିରୋଧରେ ମାମଲା ରୁଜୁ କରିଛି। ଏଥିସହିତ କମ୍ପାନୀ ପ୍ରତି ଅନୁକମ୍ପା ଦେଖାଇଥିବା କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ତତ୍କାଳୀନ ନିର୍ଦ୍ଦେଶକ ଟି. ଚାନ୍ଦିନୀଙ୍କ ନାଁରେ ମଧ୍ୟ ମାମଲା ରୁଜୁ ହୋଇଛି। ସେତେବେଳେ ବିଶେଷଜ୍ଞ ମୂଲ୍ୟାୟନ କମିଟି (ଇଏସି)ର ସଦସ୍ୟ ସଚିବ ଥିବା ଚାନ୍ଦିନୀ ମନ୍ତ୍ରଣାଳୟର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ଅତ୍ୟନ୍ତ ପ୍ରଦୂଷିତ ଅଞ୍ଚଳ ଝାରସୁଗୁଡ଼ାରେ ତଳାବିରା-୧ କୋଇଲା ଖଣିରୁ ଖନନକୁ ଅନୁମତି ଦେଇଥିଲେ। ସିବିଆଇ ଦୀର୍ଘ ୮ ବର୍ଷର ତଦନ୍ତ ପରେ ଆଇପିସିର ଧାରା ୧୨୦-ବି ଏବଂ ଦୁର୍ନୀତି ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ ହିଣ୍ଡାଲକୋ ଏବଂ ଚାନ୍ଦିନୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଏତଲା ଉପରେ ପ୍ରତିକ୍ରିୟା ପ୍ରକାଶ କରି ହିଣ୍ଡାଲକୋ ମୁଖପାତ୍ର କହିଛନ୍ତି, ଏହା ୨୦୧୪-୧୫ର ମାମଲା। ସରକାରଙ୍କ ଡିଆଲୋକେଶନ ପ୍ରକ୍ରିୟା ଅନୁଯାୟୀ ଉକ୍ତ ଖଣିର ପୁନଃ ଆବଣ୍ଟନ କରାଯାଇଥିବା ସେ କହିଛନ୍ତି।

ସୂଚନାଯୋଗ୍ୟ, ତଳାବିରା କୋଇଲା ଖଣି ପାଇଁ ପରିବେଶ ମଞ୍ଜୁରୀ ହାସଲ ନିମନ୍ତେ ୨୦୧୧ରୁ ୨୦୧୩ ମଧ୍ୟରେ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ଆଦିତ୍ୟ ବିର୍ଲା ମ୍ୟାନେଜମେଣ୍ଟ କର୍ପୋରେଶନ ପ୍ରା.ଲିଃ ବିପୁଳ ଲାଞ୍ଚ ଦେଇଥିବା ଅଭିଯୋଗ ଉପରେ ସିବିଆଇ ୨୦୧୬ରେ ପ୍ରାଥମିକ ତଦନ୍ତ କରିଥିଲା। ଇଏସିର ସୁପାରିସ କ୍ରମେ ନିୟାମକ କର୍ତ୍ତୃପକ୍ଷ ଉକ୍ତ ଖଣିକୁ ପରିବେଶ ମଞ୍ଜୁରୀ ପ୍ରଦାନ କରିଥିଲେ। ତଳାବିରା-୧ ଖଣିରୁ ବାର୍ଷିକ ୦.୪ ନିୟୁତ ଟନ୍ କୋଇଲା ଉତ୍ତୋଳନ ପାଇଁ ହିଣ୍ଡାଲକୋକୁ ୨୦୦୧ରେ ପ୍ରଥମେ ପରିବେଶ ମଞ୍ଜୁରୀ ମିଳିଥିଲା। ୨୦୦୯ ଜାନୁଆରୀରେ ଉତ୍ତୋଳନ କ୍ଷମତାକୁ ୧.୫ ନିୟୁତ ଟନ୍‌କୁ ବଢ଼ାଯାଇ ଆଉ ଏକ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ଏହାର କିଛି ମାସ ପରେ କମ୍ପାନୀ ଉତ୍ତୋଳନ କ୍ଷମତା ବାର୍ଷିକ ୩ ନିୟୁତ ଟନ୍ କରିବାକୁ ଆବେଦନ କରିଥିଲା। ତେବେ କମ୍ପାନୀ ପୂର୍ବ ମଞ୍ଜୁରୀର ଉଲ୍ଲଂଘନ କରି ୩.୦୪ ନିୟୁତ ଟନ୍ ଅଧିକ କୋଇଲା ଉତ୍ତୋଳନ କରିଥିବା ତତ୍କାଳୀନ ଇଏସି ଏବଂ ଟି. ଚାନ୍ଦିନୀଙ୍କୁ ଜଣାଥିଲା ବୋଲି ଏତଲାରେ କୁହାଯାଇଛି। ତଳାବିରା ଖଣି ଝାରସୁଗୁଡ଼ାର ଅତ୍ୟଧିକ ପ୍ରଦୂଷିତ ଅଞ୍ଚଳରେ ବୋଲି ଓଡ଼ିଶା ରାଜ୍ୟ ପ୍ରଦୂଷଣ ବୋର୍ଡ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ସ୍ପଷ୍ଟ କରିଥିଲେ। ସବୁ ଜାଣିବା ସତ୍ତ୍ୱେ ଚାନ୍ଦିନୀ ପ୍ରକଳ୍ପକୁ ଫେରାଇ ନ ଥିଲେ ବରଂ କ୍ଷମତାର ଦୁରୁପଯୋଗ କରି ହିଣ୍ଡାଲକୋ ସପକ୍ଷରେ ସୁପାରିସ କରିଥିଲେ ବୋଲି ସିବିଆଇ ଏତଲାରେ କୁହାଯାଇଛି।

# ବିନା ଟେଣ୍ଡରରେ ୭୦୦ କୋଟିର କାମ

## ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିର ଦୁରୁପଯୋଗ

**କେନ୍ଦୁଝର,୬।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲାରେ ଜିଲା ଖଣିଜ ପ୍ରତିଷ୍ଠାନ( ଡିଏମ୍‌ଏଫ୍)ପାଣ୍ଠିର ଦୁରୁପଯୋଗ ଓ ଆତ୍ମସାତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ପାଣ୍ଠି ବିନା ଟ୍ରଷ୍ଟ ବୋର୍ଡ ଅନୁମୋଦନରେ ବିଭିନ୍ନ ବିଭାଗ ଜରିଆରେ ଖର୍ଚ୍ଚ ହୋଇଥିବା ଏବଂ ଠିକ ଭାବରେ ଖର୍ଚ୍ଚ ହୋଇ ନ ଥିବା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି। ସୂଚନା ଅଧିକାର କର୍ମୀ ଶୁଭକାନ୍ତ ନାୟକ ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ମୁଖ୍ୟ ଶାସନ ସଚିବ ତଥା ଅନ୍ୟାନ୍ୟ ବିଭାଗଠାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ମୁଖ୍ୟ ଶାସନ ସଚିବ କେନ୍ଦୁଝର ଜିଲାପାଳଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଚନ୍ତି।

ପ୍ରକାଶ ଯେ ଡିଏମ୍‌ଏଫ୍, କେନ୍ଦୁଝର ପାଣ୍ଠିରୁ ଜିଲା ଶିକ୍ଷା ଅଧିକାରୀ କେନ୍ଦୁଝରଙ୍କୁ ୨୫୦ କୋଟି ୪୧ ଲକ୍ଷ ୭୨ ହଜାର ୩୫୨ ଟଙ୍କା, ଓରେଡା, ଭୁବନେଶ୍ୱରଙ୍କୁ ୧୮ କୋଟି ୬୧ ଲକ୍ଷ ୩ ହଜାର ୫୦୦ ଟଙ୍କା, କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ୪୮ କୋଟି ୨୦ ଲକ୍ଷ ୭୪ ହଜାର ୮୪୦ ଟଙ୍କା, ଜିଲା ମଙ୍ଗଳ ଅଫିସକୁ ୫ କୋଟି ଟଙ୍କା, ଜିଲା କର୍ମ ନିଯୋଜନ ଅଫିସକୁ ୧୪ କୋଟି ୫୫ ଲକ୍ଷ ୯୩ ହଜାର ୬୨୩ ଟଙ୍କା, କେନ୍ଦୁଝର ମତ୍ସ୍ୟ ଅଧିକାରୀଙ୍କ ଅଫିସକୁ ୩୧ କୋଟି ୧୦ ଲକ୍ଷ ୫୫ ହଜାର ୬୪୦ ଟଙ୍କା, ସିଡିଭିଓ ଅଫିସକୁ ୩୧ କୋଟି ୭୯ ଲକ୍ଷ ୩୨ ହଜାର ୨୩୨ ଟଙ୍କା, ସେରିକଲଚର ଅଫିସକୁ ୨୮ କୋଟି ୬୮ ଲକ୍ଷ ୪୭ ହଜାର ୦୧୮ ଟଙ୍କା, କେନ୍ଦୁଝର ଉଦ୍ୟାନ ବିଭାଗକୁ ୮୮ କୋଟି ୫୫ ଲକ୍ଷ ୯ ହଜାର ୬୫୦ ଟଙ୍କା, ଓଡ଼ିଶା ଉଠାଜଳ ସେଚନ ନିଗମ ନିର୍ବାହୀ ଯନ୍ତ୍ରୀଙ୍କୁ ୮ କୋଟି ୩୮ ଲକ୍ଷ ୭୩ ହଜାର ୨୩୬ ଟଙ୍କା, ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସକୁ ୩ କୋଟି ୫ ଲକ୍ଷ ୭୪ ହଜାର ଟଙ୍କା, ଜିଲା ସମାଜ ମଙ୍ଗଳ ବିଭାଗକୁ ୫୯ କୋଟି ୮୧ ଲକ୍ଷ ୫୫ ହଜାର ୨୫୮ ଟଙ୍କା, ଆତ୍ମା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ୩୨ କୋଟି ୩୨ ଲକ୍ଷ ୫୧ ହଜାର ୪୨୧ ଟଙ୍କା, ଜିଲା ମ୍ୟାନେଜର ଓଏଫଡିସି, ଭୁବନେଶ୍ୱରଙ୍କୁ ୪୨ ଲକ୍ଷ ୫୦ ହଜାର ୬୧୩ ଟଙ୍କା ଓ ଜିଲା ପ୍ରକଳ୍ପ ସଂଯୋଜକ, କେନ୍ଦୁଝର ଅଫିସକୁ ୧୦୨ କୋଟି ୮୯ ଲକ୍ଷ ୧୨ ହଜାର ୩୯୭ ଟଙ୍କା ଦିଆଯାଇଥିବା ବେଳେ ପାଖାପାଖି ୭୦୫ କୋଟି ୨୨ ଲକ୍ଷ ୩ ହଜାର ୨୭୮ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ କରି ଏହାର ତଦନ୍ତ କରିବାକୁ ଦାବି ହୋଇଛି। ଉକ୍ତ ଅର୍ଥକୁ ସ୍କଲାରସିପ୍, ସ୍କୁଲ ସାମଗ୍ରୀ କିଣା, ସୋଲାର ଲାଇଟ୍ କିଣା, ପଞ୍ଚାୟତ ଲାଇବ୍ରେରୀରେ ସ୍ମାର୍ଟ ପ୍ରୋଜେକ୍ଟର, ଷ୍ଟ୍ରୀଟ୍ ଲାଇଟ କିଣା, ମତ୍ସ୍ୟ ଚାଷ, ମେଗା କୁକୁଡ଼ା ଫାର୍ମ, ବନୀକରଣ, କୃଷି, କ୍ରେଚ, ମିଲେଟ ମିଶନ ଆଦି ବାବଦକୁ ଖର୍ଚ୍ଚ ହୋଇଥିବା କୁହାଯାଇଛି। ଏନେଇ ବିଭିନ୍ନ ବିଭାଗ ପକ୍ଷରୁ ମିଳିଥିବା ଅର୍ଥ ଓ ଖର୍ଚ୍ଚର ହିସାବ ଦେଉ ନ ଥିବା ବେଳେ କେତେକ ଦେଇଥିବା ତଥ୍ୟ ଭୁଲ ଓ ମନଗଢ଼ା ବୋଲି ନାୟକ କହିଛନ୍ତି। ଏଣୁ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସଂପୃକ୍ତ ଅଧିକାରୀଙ୍କଠାରୁ ଆତ୍ମସାତ ହୋଇଥିବା ଅର୍ଥ ଆଦାୟ କରିବାକୁ ସେ ଦାବି କରିଛନ୍ତି । ବିନା ଡିଏମ୍‌ଏଫ୍ ଟ୍ରଷ୍ଟ ବୋର୍ଡ ଅନୁମୋଦନରେ, ବିନା ଟେଣ୍ଡରରେ ବହୁ କାମ ହୋଇଥିବା ବେଳେ ଟ୍ରଷ୍ଟ ବୋର୍ଡର ଗାଇଡଲାଇନ୍‌କୁ ମଧ୍ୟ ନ ମାନି କାମ କରି ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି।

ଅନ୍ୟ ପକ୍ଷରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ହେଉଛି ଜିଲାର ନିଜସ୍ୱ ପାଣ୍ଠି । ସରକାରଙ୍କ ଅନୁଦାନରେ ସେସବୁ କାମ ନ ହୋଇ ଡିଏମ୍‌ଏଫ ପାଣ୍ଠିରୁହାତପାଣ୍ଠିଭଳିଖର୍ଚ୍ଚକରାଯାଇଛି। ବିନା ଟେଣ୍ଡରରେ ଅନେକ କାମ ହୋଇଥିବା ବେଳେ ତଦାରଖ ଠିକ୍ ଭାବରେ କରାଯାଇନାହିଁ। ଟ୍ରଷ୍ଟ ବୋର୍ଡ ନିୟମିତ ବସୁନାହିଁ କିମ୍ବା ବିନା ଟ୍ରଷ୍ଟ ବୋର୍ଡ ଅନୁମୋଦନରେ କିଭଳି ଏତେ ପରିମାଣର କାମ କରାଯାଇଛି ତାହା ଆଶ୍ଚର୍ଯ୍ୟର ବିଷୟ । କେତେକ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଏହାର ତଦାରଖ ଓ କାମ ହୋଇଥିବାରୁ ଏଥିରେ ବ୍ୟାପକ ହେରଫେର ହୋଇଛି। ଏଣୁ ଏହାର ତଦନ୍ତ କରାଯାଉ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି।

# ଘୋଷଣା ହେଲା ନୂଆଁଖାଇ ଲଗ୍ନ

## ସେପ୍ଟେମ୍ବର ୮ରେ ନୂଆଁଖାଇ

**ବଲାଙ୍ଗୀର,୬।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ପାଇଁ ଲଗ୍ନ ଧାର୍ଯ୍ୟ ହୋଇଛି। ଆସନ୍ତା ସେପ୍ଟେମ୍ବର ୮ ତାରିଖ ଦିନ ଚଳିତବର୍ଷର ନୂଆଁଖାଇ ତିହାର ପାଳନ କରାଯିବ। ବଲାଙ୍ଗୀର ଜିଲାର ଜ୍ୟୋତିଷ ପଣ୍ଡିତ ମହାସଭା ନବାନ୍ନ ଲଗ୍ନ ନିର୍ଣ୍ଣାୟକ କମିଟି ସିଦ୍ଧାନ୍ତ କ୍ରମେ ଇଷ୍ଟଦେବୀ ପାଟଣେଶ୍ୱରୀ ଓ ଦେବୀ ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ଏବଂ ପୂର୍ବ ପରମ୍ପରା ଅନୁଯାୟୀ ଚଳିତବର୍ଷ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ରବିବାର ବିଶୁଦ୍ଧ ତୁଳା ଲଗ୍ନରେ ଦିବା ୯ଟା ୩୫ରୁ ଦିବା ୧୦ଟା ୭ ମିନିଟ୍ ମଧ୍ୟେ ସମଗ୍ର ବଲାଙ୍ଗୀର ଜିଲାରେ ନବାନ୍ନ ବିଧିମତେ ଅନୁଷ୍ଠିତ ହେବ ବୋଲି ଘୋଷଣା କରାଯାଇଛି। ବଲାଙ୍ଗୀର ଶୈଳଶ୍ରୀ ପ୍ୟାଲେସଠାରେ ରାଜପୁରୋହିତ ସନ୍ତୋଷ ଦାଶ ମଙ୍ଗଳବାର ନୂଆଁଖାଇ ଲଗ୍ନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଓଡ଼ିଶା ମେଟାଲିକ୍ସ କାରଖାନାରେ ଗ୍ୟାସ୍ ଲିକ୍

## ଜଣେ ମୃତ, ୫ ଆହତ ଘରୋଇ ହସ୍ପିଟାଲରେ ଭର୍ତ୍ତି

**ଝାରସୁଗୁଡ଼ା,୬।୮ (ସଞ୍ଜୟ ମାଲି)**

- **କ୍ଷତିପୂରଣ ଦାବିରେ କାରଖାନା ଗେଟ ସମ୍ମୁଖରେ ଶ୍ରମିକଙ୍କ ଧାରଣା**
- **ନିରାପତ୍ତା ବ୍ୟବସ୍ଥା ଢିଲାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ**

ଝାରସୁଗୁଡା ଜିଲା ବୁଡ଼ିପଦର ଗ୍ରାମସ୍ଥିତ ଓଡ଼ିଶା ମେଟାଲିକ୍ସ କାରଖାନାରେ ମଙ୍ଗଳବାର ଅପରାହ୍ନ ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। କାରଖାନାରେ ଗ୍ୟାସ୍ ଲିକ୍ ହେବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏବଂ ୫ଜଣ ଆହତ ହୋଇଛନ୍ତି। ମୃତ ଶ୍ରମିକ ହେଲେ ବ୍ରଜରାଜନଗରସ୍ଥିତ କେଛୋବାହାଲ ଗ୍ରାମର ବରୁଣ ପ୍ରଧାନ (୩୮)। ମୃତକ ଓଡ଼ିଶା ମେଟାଲିକ୍ସରେ ଜଣେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ଆହତ ଶ୍ରମିକମାନଙ୍କୁ ସହରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ ଅପରାହ୍ନରେ ବୁଡ଼ିପଦର ଗ୍ରାମସ୍ଥିତ ଓଡ଼ିଶା ମେଟାଲିକ୍ସ ଷ୍ଟିଲ କାରଖାନାର ପ୍ରୋଡୁସର ଗ୍ୟାସ୍ ପ୍ଲାଣ୍ଟ ଜୋନରେ ସବୁଦିନ ଭଳି ଶ୍ରମିକମାନେ କାମ କରୁଥିଲେ। ଏହି ସମୟରେ ହଠାତ୍ ଗ୍ୟାସ୍ ଲିକ୍ ହେବାରୁ ଜଣେ ଶ୍ରମିକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି ଏବଂ ୫ଜଣ ଗୁରୁତର ଆହତ ହୋଇଥିଲେ। ଆହତ ଶ୍ରମିକମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ସହରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ନେଇ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ମୃତକଙ୍କ କ୍ଷତିପୂରଣ ଦାବି ନେଇ ଶ୍ରମିକମାନେ କାରଖାନା ଗେଟ ସମ୍ମୁଖରେ ଧାରଣାରେ ବସିଥିଲେ। ଖବର ପାଇ ବଡ଼ମାଳ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲା। କିପରି ଭାବେ ଓ କେଉଁ ପରିସ୍ଥିତିରେ ଏହି ଦୁର୍ଘଟଣା ଘଟିଛି, ତା'ର ତଦନ୍ତ ଆରମ୍ଭ କରିଛି ପୋଲିସ। ନିରାପତ୍ତା ବ୍ୟବସ୍ଥା ଢିଲାଥିବାରୁ ଏହି ଘଟଣା ଘଟିଛି ବୋଲି ଶ୍ରମିକମାନେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗତ ଶନିବାର ସକାଳେ ବଡ଼ମାଳ ଅଞ୍ଚଳରେ ଥିବା ଏସ୍‌ଏମ୍‌ସି ଷ୍ଟିଲ କାରଖାନାର ରୋଲିଂ ମିଲ୍ ବ୍ଲାଷ୍ଟଫର୍ନେସର ନିଆଁରେ ପଡ଼ି ବିହାରର ଦେବନାରାୟଣ ମାହତୋ (୨୬) ନାମକ କର୍ମଚାରୀ ଜୀବନ୍ତ ଦଗ୍ଧ ହୋଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ କାରଖାନା କର୍ତ୍ତୃପକ୍ଷ ଶ୍ରମିକମାନଙ୍କୁ ନିରାପତ୍ତା ବ୍ୟବସ୍ଥା ଯୋଗାଇ ଦେବା କଥା। ବିନା ନିରାପତ୍ତା ବ୍ୟବସ୍ଥାରେ ଶ୍ରମିକମାନଙ୍କୁ କାହିଁକି କଳକାରଖାନାରେ କାମ କରାଉଛନ୍ତି। ଏହିପରି ଅବ୍ୟବସ୍ଥା ଯୋଗୁ ସହରର ଅନେକ କାରଖାନାରେ ବହୁସମୟରେ ନିରୀହ ଲୋକଙ୍କ ଜୀବନ ଯାଉଛି ଏବଂ ଜିଲା ପ୍ରଶାସନ ନୀରବ ଦ୍ରଷ୍ଟାସାଜି ବସିଛି।

## ପିଲାଙ୍କ କଳିକୁ ନେଇ ତୁମୁଳକାଣ୍ଡ

# ଅଭିଭାବକଙ୍କ ଆକ୍ରମଣରେ ମହିଳା ମୃତ

**କଣ୍ଟାବାଞ୍ଜି,୬।୮ (ଗୁରୁ ଦୟାଲ ହଂସ)**

ମଙ୍ଗଳବାର ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଚିଙ୍ଗିରିପଡାରେ ପିଲାଙ୍କ କଳିକୁ ନେଇ ତୁମୁଳକାଣ୍ଡ ଘଟିଛି। ଜଣେ ଅଭିଭାବକଙ୍କ ମରଣାନ୍ତକ ଆକ୍ରମଣରେ ଜଣେ ଛାତ୍ରଙ୍କ ମା'ଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ବର୍ଷା ସତ୍ତ୍ୱେ ଉତ୍ୟକ୍ତ ଲୋକେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କଣ୍ଟାବାଞ୍ଜି ଥାନା ଘେରାଉ କରିଥିବା ବେଳେ ସେହି ରାସ୍ତା ଦେଇ ଯାନବାହନ ଚଳାଚଳ ବ୍ୟାହତ ହୋଇଥିବା ଖବର ମିଳିଛି। ପ୍ରକାଶ ଯେ, ଚିଙ୍ଗିରିପଡାର ଦୁଇ ଜଣ ଛାତ୍ର ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଉଭୟଙ୍କୁ ବୁଝାଶୁଝା କରାଯାଇଥିଲା। କିନ୍ତୁ ମଙ୍ଗଳବାର ଅପରାହ୍ନରେ ଦୁଇ ଛାତ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟ ପରିବାର ଏଥିରେ ହସ୍ତକ୍ଷେପ କରିବାକୁ ଯାଇ ଯୁକ୍ତିତର୍କ କରିବାରୁ ଗଣ୍ଡଗୋଳ ରୂପ ନେଇଥିଲା। ଏହି ସମୟରେ ଜଣେ ଛାତ୍ରଙ୍କ ବାପା ଉତ୍ୟକ୍ତ ହୋଇ ଅନ୍ୟ ଛାତ୍ରଙ୍କ ମା'ଙ୍କ ମୁଣ୍ଡକୁ ଏକ ଲୁହା ରଡ଼ରେ ପିଟି ଦେଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପରିବାର ଲୋକେ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ପଡାରେ ଉତ୍ତେଜନା ଦେଖା ଦେଇଥିଲା। ଶତାଧିକ ଲୋକ ନ୍ୟାୟ ଦାବିରେ ଥାନା ଘେରାଉ କରିଥିଲେ। ତେବେ ଆକ୍ରମଣ କରିଥିବା ଅଭିଭାବକ ଜଣକ ଥାନାକୁ ଯାଇ ଆତ୍ମସମର୍ପଣ କରିଥିବା ଜଣାଯାଇଛି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣା ନେଇ ଥାନାରେ ଏତଲା ଦିଆଯାଇନାହିଁ। ଏ ନେଇ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ।

# କାଳବୈଶାଖୀ: ସମୁଦ୍ରରେ ୩ ଟାପା ଡଙ୍ଗା ବୁଡ଼ିଲା


**ମହାକାଳପଡ଼ା,୬।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**



ମାଦଳି ମୁହାଣରୁ ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀ ପରିବାର ଗହଣରେ।

- **ମାଦଳି ମୁହାଣରେ ଦେଢ଼ଘଣ୍ଟା ଭାସିବା ପରେ ୧୨ ମତ୍ସ୍ୟଜୀବୀ ଉଦ୍ଧାର**
- **ଲକ୍ଷାଧିକ ଟଙ୍କାର ଜାଲ, ଡଙ୍ଗା ମୁହାଣରେ ଭାସିଗଲା**

ଲଗାଣବର୍ଷା ଓ କାଳବୈଶାଖୀ ପ୍ରଭାବରେ ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ମାଦଳି ମୁହାଣ ନିକଟରେ ୩ଟି ଫାଇବର ଇଞ୍ଜିନ ଚାଳିତ(ଟାପା) ଡଙ୍ଗା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ୩ ଡଙ୍ଗାରେ ଥିବା ୧୨ ମତ୍ସ୍ୟଜୀବୀ ଦେଢ଼ଘଣ୍ଟା ଭାସିବା ପରେ ଉଦ୍ଧାର ହୋଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳ ସଂଲଗ୍ନ ମାଦଳି ମୁହାଣରୁ ୩ ଟାପା ଡଙ୍ଗାରେ ମତ୍ସ୍ୟଜୀବୀ ମାଛ ଧରି ଫେରୁଥିଲେ। ହଠାତ୍ ପଶ୍ଚିମ ଦିଗରୁ କାଳବୈଶାଖୀ ପବନ ବହିବା ଆରମ୍ଭ ହୋଇଥିଲା। ପବନ ବହିବା ସାଙ୍ଗକୁ ସମୁଦ୍ର ଲହଡ଼ିରେ ଭାରସାମ୍ୟ ହରାଇ ୩ ଟାପା ଡଙ୍ଗା ଓଲଟି ପଡ଼ିଥିଲା। ନିକଟରେ ମାଛ ମାରୁଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଘଟଣାସ୍ଥଳରେ ଭାସୁଥିବା ୧୨ ମତ୍ସ୍ୟଜୀବୀଙ୍କୁ ପହଞ୍ଚି ଉଦ୍ଧାର କରିଥିଲେ। ମାଛ ଓ ଜାଲ ସବୁ ସମୁଦ୍ରରେ ଭାସି ଯାଇଥିବା, ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଥିବା ପୂର୍ବ ସୁନିତି ଗ୍ରାମର ଗୌତମ ମାଇତି (୫୦) କହିଛନ୍ତି। ଉଦ୍ଧାର ହୋଇଥିବା ମତ୍ସ୍ୟଜୀବୀ ଗୌତମଙ୍କ କହିବା କଥା ଡଙ୍ଗା ବୁଡ଼ିବା ପରେ ସମୁଦ୍ରରେ ଦେଢ଼ଘଣ୍ଟା ପର୍ଯ୍ୟନ୍ତ ଭାସିଲା ପରେ କିଛି ଦୂରରେ ମାଛ ଧରୁଥିବା ଡଙ୍ଗା ପହଞ୍ଚି ଉଦ୍ଧାର କରିଥିଲେ। ଖବରପାଇ ଗାଁର କେତେଜଣ ଲୋକ ଡଙ୍ଗା ନେଇ ବୁଡ଼ିଯାଇଥିବା ଡଙ୍ଗାକୁ ଉଦ୍ଧାର କରିବା ପାଇଁ ଘଟଣାସ୍ଥଳକୁ ଯାଇଥିବା ଗୌତମ କହିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଉଦ୍ଧାର ହୋଇଥିବା ମତ୍ସଜୀବୀମାନଙ୍କ ମଧ୍ୟରେ ଗୌତମ ବାଗ, ଶିବ ପ୍ରସାଦ ଆଦକ, ବୁଦ୍ଧଦେବ ଗିରି, ରାମ ମଣ୍ଡଳ, ରାଜୁ ମଣ୍ଡଳ, ରାଜ କୁମାର ଗିରି, ଶ୍ରୀମନ୍ତ ଗିରି, ରଞ୍ଜନ କାମଳିଆ, ଶ୍ରୀହରି ଖଟୁଆ, ଲକ୍ଷ୍ମଣ ମଣ୍ଡଳ ଓ ହରି ମଣ୍ଡଳ ବୋଲି ଜଣାପଡିଛି। ଏହି ମତ୍ସ୍ୟଜୀବୀମାନେ ସମୁଦ୍ର ଢେଉରେ ଦେଢ଼ଘଣ୍ଟା ସଂଘର୍ଷ ପରେ ନୂଆ ଜୀବନ ପାଇଥିବା ବଖାଣିଛନ୍ତି। ଜାଲ, ଡଙ୍ଗା ହରାଇଥିବା ଏହି କ୍ଷତିଗ୍ରସ୍ତ ଗରିବ ଶ୍ରେଣୀର ମତ୍ସ୍ୟଜୀବୀମାନଙ୍କୁ ସରକାରୀ ଯୋଜନାରେ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସୁନିତି ପଞ୍ଚାୟତର ପୂର୍ବତନ ସରପଞ୍ଚ ମନୋଜ ପାତ୍ର ଦାବି କରିଛନ୍ତି। ଏମାନଙ୍କର ଲକ୍ଷାଧିକ ଟଙ୍କାର ଜାଲ ମୁହାଣରେ ଭାସିଯାଇଛି ବୋଲି ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ରେଞ୍ଜ ଅଧିକାରୀ ପ୍ରଦୋଷ କୁମାର ମହାରଣାଙ୍କୁ ପଚାରିବାରେ ଅଶାନ୍ତ ସମୁଦ୍ରକୁ ପ୍ରବେଶ କଟକଣା ଜାରି ରହିଥିଲେ ମଧ୍ୟ ମତ୍ସ୍ୟଜୀବୀମାନେ ସଚେତନ ହେଉ ନ ଥିବା କହିଛନ୍ତି। ଫଳରେ ଅନେକ ସମୟରେ ବିଭିନ୍ନ ଦୁର୍ଘଟଣାଜନିତ ଘଟଣା ଘଟୁଛି ବୋଲି ସେ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ପାତ୍ରପଡ଼ା ରଜ ପଡ଼ିଆ, ସମୟ: ସକାଳ ୯ଟା।
- ଓଡ଼ିଆ ଭାଷାର ବ୍ୟବହାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଫେଇ କର୍ମଚାରୀଙ୍କ ପକ୍ଷରୁ ପ୍ରତିବାଦ, ସ୍ଥାନ: ଇଷ୍ଟ କୋଷ୍ଟ ରେଲୱେ ମୁଖ୍ୟ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୧ଟା।
- 'ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତର ପରମ୍ପରା', ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୧ଟା।
- ସଂଭାବନା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାହିତ୍ୟ ସଂସଦ, ସମୟ: ଅପରାହ୍ନ ୫ଟା।

## କଟକ
- ବିଜ୍ଞାନ ପ୍ରଚାର ସମିତିର ପ୍ରତିଷ୍ଠା ଦିବସ ଓ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପନ ସମାରୋହ, ସ୍ଥାନ: ରେଭେନ୍ସା ବିଶ୍ୱବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷ, ସମୟ: ସକାଳ ୯ଟା।
- ଜାତୀୟ ହସ୍ତତନ୍ତ ଦିବସ, ସ୍ଥାନ: ନୂଆପାଟଣା ନଂ. ୧ ବୁଣାକାର ସହଯୋଗ ସମିତି ପରିସର, ତିଗିରିଆ, ସମୟ: ଅପରାହ୍ନ ୩ଟା।
- କଟକ ଜିଲା ଭାରତ ସ୍କାଉଟ୍ସ ଓ ଗାଇଡ୍ ପକ୍ଷରୁ ଜିଲାସ୍ତରୀୟ କ୍ୟାମ୍ପୋରି ଉଦ୍‌ଘାଟନ, ସ୍ଥାନ: ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସର, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ଶ୍ରାବଣ ପୂର୍ଣ୍ଣିମା ଅବସରରେ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ଓ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଜଳାଭିଷେକ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭୋଗରାଇ, ସମୟ: ପୂର୍ବାହ୍ନ ୧୦ଟା।
- ମୃତ୍ତିକା ପରୀକ୍ଷା ତାଲିମ ଶିବିର, ସ୍ଥାନ: ଅରଖପୁର, ଖଇରା, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ, ସ୍ଥାନ: କାଦୁଆଣି, ପଚାଖାଲି ଏବଂ ଅମଣନାମା ଅଙ୍ଗନୱାଡି କେନ୍ଦ୍ର, ମୋରଡ଼ା, ସମୟ: ସକାଳ ୯ଟା।
- ୧୦ମ ନ୍ୟାଶନାଲ ହ୍ୟାଣ୍ଡଲୁମ୍ ଦିବସ ପାଳନ, ସ୍ଥାନ: କନକ ରେସିଡେନ୍ସି ଯଶିପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାନସଭା କ୍ଷେତ୍ରୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ, ସ୍ଥାନ:ଯଶିପୁର ବ୍ଲକ ସମ୍ମିଳନୀ କକ୍ଷ, ସମୟ:ମଧ୍ୟାହ୍ନ ୧୨ଟା ୩୦।
- କରଞ୍ଜିଆ ଆଇଟିଡିଏର ସମୀକ୍ଷା ବୈଠକ ସ୍ଥାନ:ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ଯଶିପୁର, ସମୟ: ଅପରାହ୍ନ ୩ଟା ୩୦।

## ଭଦ୍ରକ
- ଜବରଦଖଲ ଉଚ୍ଛେଦ, ସ୍ଥାନ: ଭଦ୍ରକ ସହର, ସମୟ: ସକାଳ ୯ଟା।
- ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘ,ଭଦ୍ରକ ଜିଲ୍ଲା ପକ୍ଷରୁ ସାଙ୍ଗଠନିକ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ, ସ୍ଥାନ:ଦର୍ଶନ କାର୍ଯ୍ୟାଳୟ ଭଦ୍ରକ,ସମୟ : ଅପରାହ୍ନ୧ଟା।
- ସାଧାରଣ ଜ୍ଞାନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- ଉତ୍କଳ ଶବର ମହାସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଜଳସେଚନ ଡାକବଙ୍ଗଳା, ବନ୍ତ, ସମୟ: ଅପରାହ୍ନ ୪ଟା।
- ପୂର୍ବତନ ଶିକ୍ଷକ ନୃସିଂହ ଚରଣ ପାଢ଼ୀଙ୍କ ସ୍ମୃତିସଭା, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପରିସର, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଶ୍ରାବଣ ମାସ ଉପଲକ୍ଷେ ଶିବ ମନ୍ଦିରରେ ଭଜନ ସମାରୋହ ଓ ନାମ ସଂକୀର୍ତ୍ତନ, ସ୍ଥାନ: ହାବଳେଶ୍ୱର, ହାଟଡିହୀ, ସମୟ: ଅପରାହ୍ନ ୫ଟା ୩୦।
- ଶନି ମନ୍ଦିରରେ ଭଜନ ସମାରୋହ, ସ୍ଥାନ: ପଞ୍ଚୁଗୋଛିଆ, ହାଟଡିହୀ, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର
- ଜାତୀୟ ହ୍ୟାଣ୍ଡଲୁମ ଦିବସ ପାଳନ, ସ୍ଥାନ: ସତ୍ୟଭାମା କଲ୍ୟାଣ ମଣ୍ଡପ,ସମୟ: ଅପରାହ୍ନ ୩ଟା।
- ଭାଜପା ଜୋନାଲ ସାଙ୍ଗଠନିକ ବୈଠକ, ସ୍ଥାନ: ଗିରି ରୋଡ, ସମୟ: ଅପରାହ୍ନ ୨ଟା।

## ଗଞ୍ଜାମ
- ମେଗା ରକ୍ତଦାନ ଶିବିର, ସ୍ଥାନ: ଭଞ୍ଜନଗର ଥାନା, ସମୟ: ସକାଳ ୮ ଟା।
- ଗଞ୍ଜାମ କଲେଜ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: କଲେଜ ପରିସର,ସମୟ: ପୂର୍ବାହ୍ନ ୧୦ଟା।
- ଯୁକ୍ତ ଦୁଇ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ:ବୁଗୁଡ଼ା ବ୍ଲକ ବାଲିପଦର ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## କନ୍ଧମାଳ
- ବ୍ଲକସ୍ତରୀୟ ଜାତୀୟ ପ୍ରାଣୀଧନ ମେଳା, ସ୍ଥାନ : ଦାସିକେତା, (ଦାରିଙ୍ଗବାଡି ବ୍ଲକ), ସମୟ: ସକାଳ ୭ଟାରୁ ଆରମ୍ଭ।

## ରାୟଗଡ଼ା
- ଯୋଗୀ ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ହନୁମାନ ଚାଳିଶା, ସୁନ୍ଦରକାଣ୍ଡ ପାରାୟଣ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ସକାଳ ୬ରୁ ୮ ଏବଂ ସନ୍ଧ୍ୟା ୬ ରୁ ୭ ଟା।

## ନବରଙ୍ଗପୁର
- ଜିଲାପରିଷଦ ପରିଚାଳନା ସମୀକ୍ଷା ବୈଠକ, ସ୍ଥାନ: ଜିଲାପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଶହୀଦ ସ୍ମୃତି ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ପାପଡ଼ାହାଣ୍ଡି ବ୍ଲକ ସଭା ଗୃହ, ସମୟ: ଅପରାହ୍ନ ୪ଟା।

## କୋରାପୁଟ
- କୁନ୍ଦୁରା ବ୍ଲକରେ ପଞ୍ଚାୟତସମିତି ବୈଠକ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ବୈଠକ ଗୃହ, ସମୟ: ୧୦ଟା୩୦।
- ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ:୧୧ଟା।

## ସମ୍ବଲପୁର
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ-ସିସିସି ପ୍ରତିଭା ବନାମ ବାମରା କ୍ରୀଡା ସଂଘ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ ଟା୪୫।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ-ରେଡ ଷ୍ଟାର କ୍ଲବ ବନାମ କସମସ କ୍ଲବ , ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ ଟା ୩୦।
- ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ ସମ୍ବଲପୁର ଶାଖା ଆୟୋଜିତ ତିଜ ପର୍ବରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ଗେଇଟି ରୋଡ ସ୍ଥିତ ଧର୍ମଶାଳା, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର
- ସ୍ୱାଧୀନତା ଦିବସ ଅବସରରେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କିସ୍ ରେସିଡେନସିଆଲ୍ ସ୍କୁଲ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅବସରରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ କୁଇଜ ପ୍ରତିଯୋଗିତା, ସ୍ଥାନ: ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହରଲାଲ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ନଗର ସଂକୀର୍ତ୍ତନ, ସ୍ଥାନ: ସୁବଳୟା, ବୀରମହାରାଜପୁର, ସମୟ: ପ୍ରାତଃ ୫ଟା୩୦।
- ଭୀମ ଭୋଇ ସେବା ଫାଉଣ୍ଡେଶନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବିନିକା ଏନ୍ଏସି ସଭାଗୃହ, ସମୟ: ସକାଳ ୮ଟା।
- ଜୟ ଜଗନ୍ନାଥ କ୍ରିକେଟ କ୍ଲବ ବୈଠକ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼
- ଜାତୀୟ ହସ୍ତତନ୍ତ ଦିବସ ପାଳନ, ସ୍ଥାନ: ଅଡ଼ିଟୋରିୟମ ହଲ୍, ଆଇଆଇଏଚଟି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱାଧୀନତା ଦିବସ ଅବସରରେ ପ୍ରତିଯୋଗିତା, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଶିରିଡ଼ି ସାଇ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା
- ବେଦବ୍ୟାସ ସଂସ୍କୃତ କଲେଜରେ ବେଦ ଉପନିଷଦ ଆଲୋଚନାଚକ୍ର, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୧ଟା।
- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଝରଣାବସ୍ତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।
- ସୁଶୀଳାବତୀ ସରକାରୀ କଲେଜରେ ବନ ମହୋତ୍ସବ ପାଳନ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରୋଟାରୀ କ୍ଲବ ଅଫ ରାଉରକେଲା ଭାଇବ୍ରାଣ୍ଟ ସ୍ଥାପନା ଦିବସ ଉଦ୍‌ଯାପନ ଉତ୍ସବସ୍ଥାନ: ରାଉରକେଲା କ୍ଲବ, ସେକ୍ଟର--୧୯, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼
- ସ୍ୱାଧୀନତା ଦିବସ ଉପଲକ୍ଷେ ମଧ୍ୟ ଇଂରଜୀସ୍ତରୀୟ ଜଣାଅଜଣା (କୁଇଜ୍) ପ୍ରତିଯୋଗିତା, ସ୍ଥାନ: ସୂଚନାକେନ୍ଦ୍ର ଓ ପାଠାଗାର, ସମୟ: ସକାଳ ୯ଟା ୩୦।
- ସ୍ୱାଧୀନତା ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଜଣାଅଜଣା (କୁଇଜ୍) ପ୍ରତିଯୋଗିତା, ସ୍ଥାନ: ସୂଚନାକେନ୍ଦ୍ର ଓ ପାଠାଗାର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୃଷକମାନଙ୍କୁ ଉନ୍ନତ ପ୍ରଣାଳୀ ମାଧ୍ୟମରେ ଚାଷ କରିବା ପାଇଁ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ବାଲିରୋଇ ଦେବଗଡ଼ସ୍ଥିତ ଜିଲା ମୁଖ୍ୟ କୃଷି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସ୍ୱାଧୀନତା ଦିବସ ଉପଲକ୍ଷେ ମହାବିଦ୍ୟାଳୟସ୍ତରୀୟ ଜଣାଅଜଣା (କୁଇଜ୍) ପ୍ରତିଯୋଗିତା, ସ୍ଥାନ: ସୂଚନାକେନ୍ଦ୍ର ଓ ପାଠାଗାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଜିଲାସ୍ତରୀୟ ଜାତୀୟ ଜାଭେଲିନ ଥ୍ରୋ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଦିଫାଇନ କଳାହାଣ୍ଡି ପକ୍ଷରୁ ଶ୍ରମିକ ସଭା, ସ୍ଥାନ: ଭବାନୀପାଟଣା ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ବିଶ୍ୱ ସ୍ତନ୍ୟପାନ ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୧୦ଟା।

## ବୌଦ୍ଧ
- ଜିଲାସ୍ତରୀୟ ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଜିଲା ସଂଗ୍ରହାଳୟ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟରେ ଦକ୍ଷତା ବିକାଶ ତାଲିମ, ସ୍ଥାନ:ମୁଣ୍ଡିପଦର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଦେଉଳି ଗ୍ରାମରେ ସାପ୍ତାହିକ ଭାଗବତ ପାରାୟଣ, ସ୍ଥାନ: ଦେଉଳି ଗ୍ରାମ୍ୟ ଭାଗବତ ତୁଙ୍ଗୀ, କଣ୍ଟାମାଳ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ମଙ୍ଗଳବଜାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ଗ୍ରାମ ଉନ୍ନୟନ କାର୍ଯ୍ୟ ପାଇଁ ବୈଠକ, ସ୍ଥାନ: ସହରସ୍ଥିତ ପୁରୁନା ଗ୍ରାମ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୫୦ତମ ବାର୍ଷିକ ସାଧାରଣ ସଭା, ସ୍ଥାନ: ସହରସ୍ଥିତ ଜୀବନ ଜ୍ୟୋତି ଭବନ, ସମୟ: ଅପରାହ୍ନ ୪ଟା ୩୦।

## ଢେଙ୍କାନାଳ
- ସାମୂହିକ ଔଷଧ ସେବନ ସମ୍ପର୍କିତ ସଚେତନତା କର୍ମଶାଳା, ସ୍ଥାନ: ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ
- ଗଣେଶ ପୂଜା ଆୟୋଜନ ନେଇ ତାଳଚେର କେନ୍ଦ୍ରୀୟ ଗଣେଶ ପୂଜା କମିଟିର ପ୍ରସ୍ତୁତି ବୈଠକ, ସ୍ଥାନ: ତାଳଚେର ଦେଉଳବେଢ଼ା କ୍ଲବ, ସମୟ: ଅପରାହ୍ନ ୪ ଟା।

## ଜଗତ୍‌ସିଂହପୁର
- ଜଗତ୍‌ସିଂହପୁର ବିଧାୟକଙ୍କ ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା୩୦।

## ନୟାଗଡ଼
- ଶ୍ରବଣ ଯନ୍ତ୍ର ବିତରଣୀ ମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବନ ମହୋତ୍ସବ, ସ୍ଥାନ: ପୁରୁଷୋତମପୁର, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକାୟୁକ୍ତ ଅନୁସନ୍ଧାନ ଟିମ୍‌ର ତନଖି ଦ୍ୱିତୀୟ ଦିବସ, ସ୍ଥାନ: ଗରଦପୁର ପଞ୍ଚାୟତ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଜିଲା ପ୍ରଶାସନ ପକ୍ଷରୁ ଆଇନ ସଚେତନତା ଶିବିର, ସ୍ଥାନ : ଯାଜପୁର ରୋଡ ସଂସ୍କୃତି ଭବନ,ସମୟ : ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କାର୍ଯ୍ୟସିଦ୍ଧି, ଆମୋଦପ୍ରମୋଦ, ପର୍ଯ୍ୟଟନ, ପରିଭ୍ରମଣ, ଦୂରଯାତ୍ରା କରିପାରନ୍ତି। ଆତ୍ମୀୟସ୍ୱଜନଙ୍କ ରୁଗ୍ଣ ସ୍ୱାସ୍ଥ୍ୟର ଆଶୁ ଚିକିତ୍ସା ପାଇଁ ଚିନ୍ତା ବଢ଼ିପାରେ। ନିଜର ଇଚ୍ଛା ବିରୁଦ୍ଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିବ। କୃତ୍ତିକା ନକ୍ଷତ୍ର ଆତ୍ମୀୟମାନଙ୍କ ଅତି ନିକଟତର ହୋଇ ଶ୍ରଦ୍ଧା ଓ ସମ୍ମାନ ପାଇବେ।

**ବୃଷ** ବନ୍ଧୁଙ୍କ ପରାମର୍ଶରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। କୌଣସି ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ମୃଗଶିରା ନକ୍ଷତ୍ର ବ୍ୟବସାୟ, ପରିବହନ ତଥା ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଆତ୍ମୀୟସ୍ୱଜନଙ୍କ ସ୍ୱାସ୍ଥ୍ୟହାନିର ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମିଥୁନ** ଅନ୍ତରଙ୍ଗ ବନ୍ଧୁମାନଙ୍କ ପରାମର୍ଶକୁ ଉପେକ୍ଷା କରିବା ଠିକ୍ ହେବ ନାହିଁ। ବାରମ୍ବାର କ୍ଷତିର ସମ୍ମୁଖୀନ ହୋଇ ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି। ପୁନର୍ବସୁ ନକ୍ଷତ୍ର କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରି ପ୍ରଶଂସିତ ହେବେ। ପାରିବାରିକ କ୍ଷେତ୍ରରେ ସମସ୍ୟା କେତେକାଂଶରେ କମି କମି ଆସିପାରେ।

**କର୍କଟ** କର୍ମକ୍ଷେତ୍ରରେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଲାଗି ପାରେ। ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରି ମୁଣ୍ଡରେ ହାତ ଦେଇ ବସିବେ। ପୁଷ୍ୟା ନକ୍ଷତ୍ର କର୍ମଦକ୍ଷତା ହେତୁ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ** ଦୀର୍ଘ ଦିନର ପ୍ରତୀକ୍ଷା ପରେ ଆଜି ହଠାତ୍ କୌଣସି ଖବର ପାଇ ଖୁସି ହୋଇପାରନ୍ତି। ଅଫିସିଆଲି କାମରେ ଅଟକି ରହିଥିବା କାମଟିକୁ ସମ୍ପନ୍ନ କରି କେତେକାଂଶରେ ଖୁସି ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପ୍ରଶଂସିତ ହୋଇପାରନ୍ତି। ପୂର୍ବାଫାଲ୍‌ଗୁନୀ ଉପରିସ୍ଥ ଅଧିକାରୀଙ୍କ ସାହାଯ୍ୟ କାରଣରୁ କୌଣସି କାମ ଅଟକିବ ନାହିଁ।

**କନ୍ୟା** ହସ୍ତା ନକ୍ଷତ୍ର କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ପ୍ରତିଯୋଗିତାରେ ସଫଳତା, କଚେରୀ ମାମଲାରେ ବିଜୟ, ବ୍ୟବସାୟରେ ଉନ୍ନତି ଅବଶ୍ୟମ୍ଭାବୀ। ଶତ୍ରୁତାର ଅବସାନ ଘଟାଇବା ସକାଶେ ଅନ୍ୟମାନଙ୍କ ସାହାଯ୍ୟ ନେବାକୁ ପଡ଼ିବ ନାହିଁ। ହଠାତ୍ ପରିବାରର ବାଧ ବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ତୁଳା** ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ମିଳିବ। ବିଶାଖା ନକ୍ଷତ୍ର ଯାନ୍ତ୍ରିକ ତ୍ରୁଟି ଯାତ୍ରାକୁ ବିଳମ୍ବ କରିପାରେ। ଜମିଜମା, ମାମିଲକଦ୍ଦମା, ତର୍କବିତର୍କ, ତଥା ବିବାଦୀୟ ଘଟଣାରେ ବିଜୟୀ ହେବେ। ନୂତନ କାର୍ଯ୍ୟ ପାଇଁ ଆତ୍ମୀୟସ୍ୱଜନ ତଥା ହିତୈଷୀମାନଙ୍କ ନିକଟରୁ ପ୍ରେରଣା ମିଳିପାରେ।

**ବିଛା** ବନ୍ଧୁ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ସ୍ୱାର୍ଥବାଦୀ ହେବା ସହ ମୁହଁ ଫେରାଇ ନେଇପାରେ। ଅସାବଧାନତା ବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଆଶଙ୍କାକୁ ଏଡ଼ି ହେବ ନାହିଁ। ଜ୍ୟେଷ୍ଠା ନକ୍ଷତ୍ର ଲଘୁକ୍ରୋଧର ବଶବର୍ତ୍ତୀ ହୋଇ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ପରିବାରରେ ଭୁଲ୍ ବୁଝାମଣାଜନିତ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଚିଡ଼ି ଚିଡ଼ା ସ୍ୱଭାବ ଦୁଶ୍ଚିନ୍ତାକୁ ବଢ଼ାଇ ଦେବ। ବ୍ୟବସାୟିକ ଉନ୍ନତି, କର୍ମାରମ୍ଭ, ଅର୍ଥପ୍ରାପ୍ତି, ବନ୍ଧୁ ମିଳନଜନିତ କେତେକ ଶୁଭଫଳ ପାଇବେ। ମୂଳା ନକ୍ଷତ୍ର ସକାଶେ ଆବଶ୍ୟକତା ପୂରଣ ପାଇଁ ଧାର ଉଧାର କରିବାକୁ ପଡ଼ିପାରେ।

**ମକର** ଶ୍ରବଣା ନକ୍ଷତ୍ର ପାଇଁ ପାରିବେଶିକ ପ୍ରତିକୂଳତା କାର୍ଯ୍ୟହାନିର କାରଣ ହେବ। ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ପାରିବାରିକ କଳହ ସମ୍ପର୍କିତ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟରେ ପାର୍ଟନରଙ୍କ ସହ ମନାନ୍ତର ସାମୟିକ ଭାବରେ ଉଗ୍ରରୂପ ଧାରଣ କରିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ମନୋରଞ୍ଜନ କ୍ଷେତ୍ରରୁ ସୁଫଳ ମିଳିବ।

**କୁମ୍ଭ** କେତେକ କ୍ଷେତ୍ରରେ ଭଲ କରିବାକୁ ଯାଇ ଓଲଟା ଫଳ ପାଇପାରନ୍ତି। ପାରିବାରିକ କ୍ଷେତ୍ରରେ କେତେକ ଅସ୍ୱାଭାବିକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶତଭିଷା ନକ୍ଷତ୍ର ବିଭିନ୍ନ କ୍ଷେତ୍ରରୁ ଅର୍ଥ, ସମ୍ମାନ, ପ୍ରଶଂସା, ଶୁଭେଚ୍ଛା, ସଦିଚ୍ଛା ଲାଭ କରି ଖୁସି ହେବେ। ଶତଭିଷା ନକ୍ଷତ୍ର ପରିବାରର ଅଭିଯୋଗକୁ ଠିକ୍ ଭାବେ ବୁଝିପାରିବେ ନାହିଁ।

**ମୀନ** ଆର୍ଥିକ ଉନ୍ନତି ସହ ସମସ୍ୟାର ସମାଧାନ ମନରେ ସ୍ଥିରତା ଆଣିବ। ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହୋଇପାରେ। ରେବତୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଦ୍ୱାରା ଆହୂତ ହୋଇ ଦୂରଯାତ୍ରାର ଯୋଜନା କରିପାରନ୍ତି। କର୍ମକ୍ଷେତ୍ର ଓ ବୃତ୍ତିଗତ ଧନ୍ଦାରେ ବିଶେଷ କିଛି ଅସୁବିଧାର ସୂଚନା ନାହିଁ।

ଆଜି ଅଗଷ୍ଟ ୭ ତାରିଖ, ଜାତୀୟ ହସ୍ତତନ୍ତ ଦିବସ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ତିରୋଧାନ ଦିବସ। ଶ୍ରାବଣ ଶୁକ୍ଳ ତୃତୀୟା ବୁଧବାର, ରାଶିନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୮ମି. ଗତେ ଘ. ୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁକାଳ।

# ୧୧ରୁ ୧୪ ତ୍ରିରଙ୍ଗା ଯାତ୍ରା କରିବ ଭାଜପା: ମନମୋହନ

- ୧୩ରୁ ୧୫ ଯାଏଁ 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମ
- ୯ରେ କ୍ରାନ୍ତି ଦିବସ ପାଳିବ ଦଳ

ଭୁବନେଶ୍ୱର,୬।୮(ସୁନିତ୍ ମିଶ୍ର) ସ୍ୱାଧୀନତାର ୭୫ ବର୍ଷ ପରେ ରାଷ୍ଟ୍ର ଭକ୍ତି ଜାତୀୟତାବାଦ, ଦେଶଭକ୍ତି ଓ ଦେଶରେ ଏକତା, ଅଖଣ୍ଡତା ରକ୍ଷାକରିବା ପାଇଁ ଏବଂ ଦେଶକୁ ଶକ୍ତିଶାଳୀ କରିବାକୁ ଦେଶର ୧୪୦ କୋଟି ଲୋକଙ୍କୁ ଦଳ ମତ ଜାତି ନିର୍ବିଶେଷରେ ସମସ୍ତଙ୍କୁ ଏକଜୁଟ କରିବା ନିହାତି ଆବଶ୍ୟକ। ଗତ କିଛିବର୍ଷ ଧରି ଦଳର କାର୍ଯ୍ୟକର୍ତ୍ତାମାନେ ସମସ୍ତ ଦେଶବାସୀଙ୍କ ସହ ମିଶି ସାରା ଦେଶରେ ହର୍ଷୋଲ୍ଲାସ ସହିତ ଦେଶର ଏକତା ତଥା ଅଖଣ୍ଡତା ଉଦ୍ଦେଶ୍ୟରେ 'ହର୍ ଘର୍ ତ୍ରିରଙ୍ଗା', 'ତ୍ରିରଙ୍ଗା ଯାତ୍ରା' ଆଦି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନକରି ଆସୁଛନ୍ତି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ଦେଶ ପାଇଁ ଯେଉଁମାନେ ପ୍ରାଣବଳି ଦେଇଛନ୍ତି ଓ କାରାବରଣ କରିଛନ୍ତି, ସେମାନଙ୍କୁ ସ୍ମରଣ କରିବା ପାଇଁ ଆସନ୍ତା ଅଗଷ୍ଟ ୯ରେ କ୍ରାନ୍ତିଦିବସ ପାଳନ କରାଯିବ। ଏହି ଅବସରରେ ପ୍ରତ୍ୟେକ ଜିଲାରେ ସ୍ଥାନୀୟ ଶହୀଦମାନଙ୍କୁ ସ୍ମରଣ କରାଯାଇ ସାଇକେଲ ଯାତ୍ରା, ପଦଯାତ୍ରା, ବାଇକ୍ ରାଲି ଅନୁଷ୍ଠିତ ହେବ। ଅଗଷ୍ଟ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା, ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ଓ ଚାରିପାଖରେ ସ୍ୱଚ୍ଛତା ଅଭିଯାନ, ୧୩ରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ପ୍ରତ୍ୟେକ ଘର ଓ ଅନୁଷ୍ଠାନରେ 'ହର୍ ଘର୍ ତ୍ରିରଙ୍ଗା' ଉତ୍ତୋଳନ କରାଯିବା ସହ ମହାପୁରୁଷ ଏବଂ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ଓ ସ୍ମାରକୀ ଉପରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ମନମୋହନ କହିଛନ୍ତି, ୧୪ ଅଗଷ୍ଟ ୧୯୪୭ରେ ଭାରତର ବିଭାଜନ ହେତୁ ଲକ୍ଷ ଲକ୍ଷ ଲୋକଙ୍କୁ ହତ୍ୟା ଓ ବିସ୍ଥାପନ ହୋଇଥିଲା । ଦେଶ ବିଭାଜନ ନିଷ୍ପତ୍ତି ଭୁଲ୍ ଥିଲା । ଏହି ଯନ୍ତ୍ରଣାଦାୟକ ଦିନକୁ 'ବିଭାଜନ ବିଭୀଷିକା ସ୍ମୃତିଦିବସ' ଭାବେ ପାଳନ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇ ସନ୍ଧ୍ୟାରେ ନୀରବ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଅଗଷ୍ଟ ୧୬ରେ ଭାରତରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପୁଣ୍ୟତିଥି ପାଳନ କରାଯିବା ସହ ୧୯ ଅଗଷ୍ଟରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ପାଳନ କରାଯିବ। ଏ ସମସ୍ତ କାର୍ଯ୍ୟକ୍ରମ ମଣ୍ଡଳସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ପାଳନ କରାଯିବ ଏବଂ ଦଳର ସମସ୍ତ ପଦାଧିକାରୀ, କାର୍ଯ୍ୟକର୍ତ୍ତା, ଜନପ୍ରତିନିଧି ଏଥିରେ ସାମିଲ ହେବେ । ସାଧାରଣ ଜନତା ମଧ୍ୟ ଏ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଜ୍ୟ ସଭାପତି ପ୍ରତ୍ୟେକ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ ଓ ସୀମାଞ୍ଚଳ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇରନ ବଟିକା ଖାଇ ୨ଅଙ୍ଗନୱାଡି ଶିଶୁ ଗୁରୁତର

ରାଜନଗର,୬।୮(ଭାସ୍କର ରାଉତରାୟ) କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ଚମ୍ପାଦିଆ ଅଙ୍ଗନୱାଡି କେନ୍ଦ୍ରର ୨ଜଣ ଶିଶୁ ଆଇରନ ବଟିକା ଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ଉଭୟଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚମ୍ପାଦିଆ ଗାଁର ବଳରାମ ସାହୁଙ୍କ ୨ ଝିଅ ଚିନ୍ମୟୀ(୩) ଓ ଗୀତାଞ୍ଜଳି (୪)ଅଙ୍ଗନୱାଡି କେନ୍ଦ୍ରକୁ ପଢ଼ିବାକୁ ଯାଇଥିଲେ। ଅଙ୍ଗନୱାଡି କେନ୍ଦ୍ରରେ ପଡ଼ିଥିବା ଆଇରନ ବଟିକା ଖାଇ ଦେଇଥିଲେ। ଘରେ ପହଞ୍ଚି ୨ ଭଉଣୀ ବାନ୍ତି କରିଥିଲେ। ବଡ଼ ଭଉଣୀ ୨ଥର ବାନ୍ତି କଲା ପରେ ବନ୍ଦ ହୋଇଥିବାବେଳେ ସାନ ଭଉଣୀର ବାନ୍ତି ବନ୍ଦ ହୋଇ ନ ଥିଲା। ଚିନ୍ମୟୀଙ୍କ ବାନ୍ତି ବନ୍ଦ ନ ହେବାରୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ପ୍ରଥମ ପୃଷ୍ଠାରୁ...

## ପୁଣି ୫୦ ଟପିଲା...

ଆଳୁ ପହଞ୍ଚିଥିବାରୁ ଏହାର ସିଧାସଳଖ ପ୍ରଭାବ ଖୁଚୁରା ଦର ଉପରେ ପଡ଼ିଛି। ମଙ୍ଗଳବାର ଛତ୍ରବଜାର ସମେତ କଟକ ସହରର ବିଭିନ୍ନ ବଜାରରେ ଆଳୁର ପ୍ରକାରକୁ ନେଇ କେଜି ପିଛା ୫୦ ଟଙ୍କାରୁ ୬୦ ଟଙ୍କା ଯାଏ ବିକ୍ରି ହୋଇଥିବା ଜଣାଯାଇଛି। କଟକରେ ପ୍ରାୟ ୧୫ ଦିନ ତଳୁ ଆଳୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଦୈନିକ ପ୍ରାୟ ୧୪୦ ଟନ୍ ଆଳୁ ଛତ୍ରବଜାରକୁ ଆସୁଥିବାବେଳେ ଏବେ ଏହା ବହୁ ଭାବେ ହ୍ରାସ ପାଇଛି। ହୋଲ୍‌ସେଲର ନିକଟରେ ୪୦ କେ.ଜି., ୪୫ କେ.ଜି ଓ ୫୦ କେ.ଜି. ଆଳୁ ପ୍ୟାକେଟ ରହୁଥିବାବେଳେ ଦରରେ କୌଣସି ତାଳମେଳ ରହୁନାହିଁ। ଦର ବସ୍ତା ପ୍ରତି ୧୭୦୦ ଟଙ୍କାରୁ ନେଇ ୧୮୫୦ ଟଙ୍କା ଯାଏ ରହୁଛି। ସେଥିରେ ପୁଣି ବସ୍ତା ଖୋଲିଦେଲା ପରେ ଭଲ ଆଳୁ କେତେ ବାହାରିବ ତାହାର କୌଣସି ନିଶ୍ଚିତତା ନାହିଁ। ହୋଲ୍‌ସେଲ୍ ଦର ଉଚ୍ଚା ରହୁଥିବାରୁ ଖୁଚୁରା ବଜାରରେ ଆଳୁ କାଁ ଭାଁ ଦେଖିବାକୁ ମିଳୁଛି। ଉଚ୍ଚା ଦର ହେତୁ ଖାଉଟି ଆଳୁ କିଣିବାକୁ ଆଗ୍ରହ ଦେଖାଉ ନ ଥିବା ପରିଲକ୍ଷିତ ହୋଇଛି। ଖୁଚୁରା ବ୍ୟବସାୟୀ ମନୋଜ ବାରିକଙ୍କ କହିବାନୁସାରେ ଆଳୁ ବିକ୍ରି ବହୁ ଭାବେ କମି ଯାଇଛି। ହୋଲ୍‌ସେଲ୍ ଦର ଅଧିକ ହେତୁ ବେଶି ଆଳୁ କିଣୁ ନାହୁଁ। ବସ୍ତା ଭିତରୁ ଅନେକ ଖରାପ ଆଳୁ ବାହାରୁଛି। ଦି ପଇସା ଲାଭ ବାହାରିବା ବଦଳରେ କ୍ଷତି ହେବାର ଆଶଙ୍କା ରହିଛି। ଗୃହିଣୀ ପୁଷ୍ପଲତା ସାହୁ କହିଛନ୍ତି, ଏବେ ରୋଷେଇର ତରିକା ବଦଳାଇବାକୁ ବାଧ୍ୟ ହେଉଛୁ। ବିନା ଆଳୁରେ ତରକାରୀ କରିବାକୁ ଚେଷ୍ଟା କରୁଛୁ। ସରକାର ଏଭଳି ସଙ୍କଟଜନକ ସ୍ଥିତି ପ୍ରତି ତୁରନ୍ତ ଦୃଷ୍ଟି ଦେବା ଆବଶ୍ୟକ। ମାଲଗୋଦାମ ଖୁଚୁରା ବ୍ୟବସାୟୀ ସଂଘ ସଭାପତି ବିନୋଦ ଚନ୍ଦ୍ର ସାହୁ କହିଛନ୍ତି, ଆଳୁ ଉତ୍ପାଦନରେ ଓଡ଼ିଶା ସରକାର ଯେପରି ସ୍ୱାବଲମ୍ବୀ ହୋଇପାରିବେ ତାହାକୁ ପ୍ରାଥମିକତା ଦିଅନ୍ତୁ। ବର୍ତ୍ତମାନ କଠିନ ସମୟରେ ରାଜ୍ୟ ସରକାର ପଡ଼ୋଶୀ ରାଜ୍ୟରୁ ଆଳୁ ଆଣି ପର୍ଯ୍ୟାପ୍ତ ପରିମାଣରେ ଖାଉଟିଙ୍କୁ ଉପଲବ୍ଧ କରାନ୍ତୁ। ଏହାବାଦ ଆଳୁ ସୁଲଭ ମୂଲ୍ୟରେ ପ୍ରତି ପରିବାରକୁ ଯୋଗାଇ ଦିଅନ୍ତୁ। ପଶ୍ଚିମବଙ୍ଗରୁ ଆଳୁ ଆଣିବାର ବ୍ୟବସ୍ଥା କରନ୍ତୁ। ପରିବହନବେଳେ ରାସ୍ତାରେ ଅଧିକ ଦିନ ରହିଲେ ଶଢ଼ି ନଷ୍ଟ ହୋଇଯାଉଛି। ତେଣୁ ତ୍ୱରିତ ଆଳୁ ପରିବହନ ଦିଗରେ ସରକାର ଧ୍ୟାନ ଦିଅନ୍ତୁ। ବିଶେଷକରି ଆଳୁ ସଙ୍କଟ ଦୂର କରିବା ପାଇଁ ସରକାର ଅଗ୍ରାଧିକାର ଦିଅନ୍ତୁ।

ଓଡ଼ିଶା ରାଜ୍ୟ ବ୍ୟବସାୟୀ ସଂଘ ସମ୍ପାଦକ ସୁଧାକର ପଣ୍ଡା କହିଛନ୍ତି, ରାଜ୍ୟରେ ଥିବା ସମସ୍ତ ଶୀତଳଭଣ୍ଡାରରେ ପାଖାପାଖି ୧୭ ଟନ୍ ଆଳୁ ଏବେ ମହଜୁଦ ରହିଛି, ଯାହାକି ଆଗାମୀ ୩ ଦିନ ପର୍ଯ୍ୟନ୍ତ ଆଳୁ ଆବଶ୍ୟକତାକୁ ପୂରଣ କରିବାରେ ସମର୍ଥ ହେବ। ଏହାପରେ ଯଦି ପଶ୍ଚିମବଙ୍ଗ କି ଉତ୍ତରପ୍ରଦେଶରୁ ଆଉ ଆଳୁ ଗାଡ଼ି ନ ଆସେ ତେବେ ସଙ୍କଟ ଆହୁରି ବଢ଼ିଯିବ। ଏ ସମ୍ପର୍କରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଚଢ଼ା ଦରରେ ଆଳୁ ବିକ୍ରିକଲେ କାର୍ଯ୍ୟାନୁଷ୍ଠାନ ହେବ। ପଶ୍ଚିମବଙ୍ଗ ସହ ଆଲୋଚନା ଜାରି ରହିଥିବାବେଳେ ଆଗକୁ ପଞ୍ଜାବରୁ ମଧ୍ୟ ଆଳୁ ଆଣିବା ପାଇଁ ଯୋଜନା କରାଯାଉଛି। ରାଜ୍ୟରେ ଆବଶ୍ୟକ ମୁତାବକ ଆଳୁ ମହଜୁଦ ରହିଛି। ଆଗକୁ କିଛିଦିନ ପର୍ଯ୍ୟନ୍ତ ଦର ସାମାନ୍ୟ ଉଚ୍ଚା ରହିବ । ଏହା ପରେ ଧୀରେ ଧୀରେ କମିବ ବୋଲି ମନ୍ତ୍ରୀ କହିଛନ୍ତି।

## କେନ୍ଦ୍ରାପଡ଼ା: ହିନ୍ଦୁ ଶରଣାର୍ଥୀଙ୍କ...

ହିନ୍ଦୁ ଅନୁପ୍ରବେଶକାରୀ ଭାରତକୁ କେନ୍ଦ୍ରାପଡ଼ା ଜିଲା ମଧ୍ୟ ଦେଇ ପଶି ଆସୁଛନ୍ତି। ଅନୁପ୍ରବେଶକାରୀଙ୍କ ଦୌରାତ୍ମ୍ୟରୁ ବହୁବାର ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ସହ ଗୁଳିଗୋଳାର ବ୍ୟବହାର ହେଉଛି। ଏପରିକି ୨୦୦୧ ବନିପାଳରେ ଏକ ନକଲି ରେଡିଓ ଷ୍ଟେଶନ ନିର୍ମାଣ ଘଟଣା ଜଣାପଡିଥିବାବେଳେ ୨୦୦୨ରେ ଫରେଷ୍ଟ ଗାର୍ଡ ଶ୍ୟାମ ସିଂହଙ୍କୁ ସମୁଦ୍ରରେ ପାଟ୍ରୋଲିଂ ସମୟରେ ଗୁଳି କରି କେତେଜଣ ଦୁର୍ବୃତ୍ତ ହତ୍ୟା କରିଥିଲେ। ଏବେ ବାଂଲାଦେଶରେ ଅରାଜକତା ସୃଷ୍ଟି ହୋଇଥିବାରୁ ଅନୁପ୍ରବେଶକାରୀଙ୍କ ସଂଖ୍ୟା ନିଶ୍ଚିତ ବଢ଼ିବ। ଏଥିପାଇଁ ସାମୁଦ୍ରିକ ଥାନା, ବନ ବିଭାଗ, ତଟରକ୍ଷା ବାହିନୀ ସହ ସ୍ଥାନୀୟ ଅଞ୍ଚଳବାସୀ ସତର୍କ ରହିବା ଆବଶ୍ୟକ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କୁ ପଚାରିବାରେ ବାଂଲାଦେଶୀ ହିନ୍ଦୁ ଅନୁପ୍ରବେଶକାରୀଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ସାମୁଦ୍ରିକ ଥାନା ପୋଲିସ ଏବେ ସତର୍କ ପହରା ଦେଉଛି। ଏଥିସହ କୌଣସି ନୂତନ ବ୍ୟକ୍ତି ବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ପରିଚୟ ଜାଣିବା ନିହାତି ଆବଶ୍ୟକ। ଥାନା କର୍ମଚାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କୁ ଏ ନେଇ ସୂଚନା ଦେଲେ ନିଶ୍ଚିତ ଭାବେ ତଦନ୍ତ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଏ ସଂକ୍ରାନ୍ତରେ ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ରଞ୍ଜିତ ମହାନ୍ତିଙ୍କୁ ପଚାରିବାରେ ସାମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଟିମ୍ ସଜାଗ ରହିଛନ୍ତି ବୋଲି ସେ କହିଛନ୍ତି।


## ଏମ୍ସ ଭୁବନେଶ୍ୱରରେ...

୩,୯୦୪ଟି ପଦବୀ ପାଇଁ ଅନୁମୋଦନ ମିଳିଥିବା ବେଳେ ୨,୫୯୨ଜଣ କାର୍ଯ୍ୟରତ ଅଛନ୍ତି। ଆହୁରି ୧,୩୧୨ଟି ପଦବୀ ଖାଲିପଡ଼ିଛି। ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଅନୁପ୍ରିୟା ପଟେଲ ଏକ ପ୍ରଶ୍ନର ଉତ୍ତର ରଖି ଏହି ତଥ୍ୟ ଦେଇଛନ୍ତି।

ସ୍ୱାସ୍ଥ୍ୟ ମନ୍ତ୍ରୀ ଦେଶରେ ଥିବା ୨୦ଟି ଏମ୍ସରେ ଡାକ୍ତର ଏବଂ ଅନ୍ୟାନ୍ୟ ପଦବୀ ସମ୍ପର୍କରେ ତଥ୍ୟ ଦେବାବେଳେ ଏମ୍ସ ଭୁବନେଶ୍ୱରର ଏହି ତଥ୍ୟ ରଖିଛନ୍ତି। ଏଥିସହିତ ଏମ୍ସ ଭୁବନେଶ୍ୱରରେ ଗତ ୩ବର୍ଷରେ ୩୭ଜଣ ଡାକ୍ତର ଚାକିରି ଛାଡ଼ିଛନ୍ତି। ଦେଶର ଅନ୍ୟ ଏମ୍ସର ତଥ୍ୟାନୁସାରେ, ଏମ୍ସ ନୂଆଦିଲ୍ଲୀରେ ସର୍ବାଧିକ ୪୧ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଏଠାରେ ୧,୨୩୨ ପଦବୀ ପାଇଁ ଅନୁମୋଦନ ମିଳିଥିବା ବେଳେ ୮୧୬ଜଣ ଡାକ୍ତର ରହିଛନ୍ତି। ସେହିଭଳି ଏଠାରେ ସିନିୟର ନର୍ସ, ଜୁନିୟର ନର୍ସ, ପାରାମେଡିକାଲ ଏବଂ ଅନ୍ୟାନ୍ୟ କର୍ମଚାରୀ ପାଇଁ ୧୪,୩୫୫ ପଦବୀ ଥିବାବେଳେ ୧୧,୯୨୭ଜଣ କାର୍ଯ୍ୟରତ ଅଛନ୍ତି। ଏଠାରେ ଗତ ତିନିବର୍ଷରେ ୨୫ଜଣ ଡାକ୍ତର ଚାକିରି ଛାଡ଼ିଛନ୍ତି।

# ତେଜିଲା ପୋଲାଭରମ୍ ରାଜନୀତି

## ଚିନ୍ତାରେ ମାଲକାନଗିରିବାସୀ



ମାଲକାନଗିରି,୬।୮ (ଦୁର୍ଯ୍ୟୋଧନ ପାତ୍ର)

ଆନ୍ଧ୍ରପ୍ରଦେଶର ପୋଲାଭରମ୍ ପ୍ରକଳ୍ପକୁ ନେଇ ରାଜନୀତି ସରଗରମ୍ ହେବାରେ ଲାଗିଛି। ଏହି ପ୍ରକଳ୍ପ ପାଇଁ ମାଲକାନଗିରି ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଗାଁ ଜଳମଗ୍ନ ହେବାର ଆଶଙ୍କା କରାଯାଉଛି। ଏହାକୁ ଦେଖି ବିଭିନ୍ନ ସଙ୍ଗଠନ ପକ୍ଷରୁ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କୁ ଚିହ୍ନଟ ସହ କ୍ଷତିପୂରଣ ପାଇଁ ଦାବି ଜୋର୍ ଧରିଛି। ଏସବୁ ଭିତରେ ପୋଲାଭରମ୍‌କୁ ନେଇ ବିଜେଡିର ଏକ ପ୍ରତିନିଧି ଦଳ ଏହାର ସମୀକ୍ଷା କରିବେ ବୋଲି ଜଣାପଡିଛି। ପୋଲାଭରମ ପ୍ରକଳ୍ପକୁ ନେଇ ମାଲକାନଗିରିବାସୀ ଚିନ୍ତାରେ ରହିଛନ୍ତି। ଏହି ବିବାଦୀୟ ପ୍ରକଳ୍ପକୁ ନେଇ ଓଡ଼ିଶା ସମେତ ଛତିଶଗଡ଼ ଓ ତେଲଙ୍ଗାନା ବିରୋଧ ଜାରି ରଖିଥିବା ବେଳେ ଆନ୍ଧ୍ର ସରକାର ଏକତରଫା ପ୍ରକଳ୍ପ କାର୍ଯ୍ୟକୁ ତରାନ୍ୱିତ କରିଛନ୍ତି। ଏଥିଯୋଗୁ ବିଭିନ୍ନ ନଦୀର ଜଳ ନିଷ୍କାସନ ହୋଇ ନ ପାରି ମାଲକାନଗିରି ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଗତବର୍ଷ ମଧ୍ୟ ବନ୍ୟା ଦ୍ୱାରା ଅନେକ ଗାଁ କ୍ଷତିଗ୍ରସ୍ତ ହୋଇ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଥିଲା। ଅନେକ ହଜାର ହେକ୍ଟର ଜମିରେ ପାଣି ମାଡି ଫସଲ ନଷ୍ଟ ହୋଇଯାଇଥିଲା। ପ୍ରତିବର୍ଷ ଗୋଦାବରୀ ନଦୀର ପଛୁଆ ପାଣି ଯୋଗୁ ସୀମାନ୍ତ ମୋଟୁ ଅଞ୍ଚଳ ବୁଡ଼ି ରହୁଛି। ସେହିପରି ସିଲେରୁ ଓ ସାବେରୀ ନଦୀରେ ଆସୁଥିବା ବନ୍ୟାଜଳ ନିଷ୍କାସନ ନ ହୋଇ ଜଳସ୍ତର ବୃଦ୍ଧି ପାଇ ବନ୍ୟା ପରିସ୍ଥିତି ଉପୁଜୁଥିବା ଅଭିଯୋଗ ହେଉଛି । ଏହି ପ୍ରକଳ୍ପ ହେଲେ ମାଲକାନଗିରି ଜିଲା ମୋଟୁ, ପୁଶୁଗୁଡା, ତାଣ୍ଡବାଇ, ମାଲାଭରମ୍, ଟେଲରାଇ, ଲୋକନଗୁଡା, ମୁରଲୀଗୁଡ଼ା, କୋତାଗୁଡ଼ା, କମଲାପୁରମ୍, ବିନାୟକପୁର, ଆଲମା, ବାରିବାଞ୍ଛା, ଇଚ୍ଛାପୁରମ୍, ପରସନପାଲୀ, ମାକନପାଲୀ, ଗାରସାପାଲୀ, ରାମଭରମ୍, ସୁନାବେଡା, ପେଟା, ସିମିଳିବାଞ୍ଛା ପଞ୍ଚାୟତର ଗୋରଖପାଲୀ, ପୁଟମପା, ଏମ୍‌ଭି-୬୦, ଏମ୍‌ଭି-୬୧, ଏମଭି-୬୯, ଏମଭି୧୧୦, ଏମଭି-୧୧୬, ଏମଭି-୬୨, କାଲଦାପାଲୀ ଓ ପଡିଆ ସହ କାଲିମେଳା ବ୍ଲକର ମାଲାଭରମ୍ ପଞ୍ଚାୟତର ଅନେକ ଗାଁ ବୁଡ଼ିଯିବ। ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ୨୫୦ରୁ ଊର୍ଦ୍ଧ୍ୱ ଗ୍ରାମ ପାଣିରେ ବୁଡିଯିବାର ଆଶଙ୍କା ଥିବାବେଳେ ୭,୬୫୬ ହେକ୍ଟର ଜମିରେ ପାଣି ପଶିବା ସହ ୫,୫୩୮ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି ପାଣିରେ ବୁଡିବ ବୋଲି ଅନୁମାନ କରାଯାଉଛି।

## କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିବ ବିଜେଡି ଟିମ୍

ଭୁବନେଶ୍ୱର,୬।୮ (ଅନିଲ ଦାସ)

ଆନ୍ଧ୍ର ପ୍ରଦେଶ ଦ୍ୱାରା ନିର୍ମାଣାଧୀନ ପୋଲାଭରମ୍ ପ୍ରକଳ୍ପ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ପାଇଁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏକ ଟିମ୍ ଗଠନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଏହି ଟିମ୍ ଗଠନ କରାଯାଇଛି। ଏଥିରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ମାଝୀ, ଭୃଗୁ ବକ୍ସିପାତ୍ର ଓ ସ୍ଥାନୀୟ ଅଞ୍ଚଳର ବିଜେଡି ନେତା ସାମିଲ ଅଛନ୍ତି। ମାଲକାନଗିରି ମୋଟୁ ଅଞ୍ଚଳ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିବା ପରେ ବିଜେଡି ସଭାପତିଙ୍କୁ ଟିମ୍ ରିପୋର୍ଟ ଦେବ।

ପୋଲାଭରମ୍ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ବହୁ ଆଦିବାସୀ ଗାଁ ବୁଡ଼ିଯିବାର ସମ୍ଭାବନା ରହିଛି। କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ପୋଲାଭରମ୍ ପ୍ରକଳ୍ପ ନିର୍ମାଣ ଶେଷ କରିବା ପାଇଁ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ଆର୍ଥିକ ସହାୟତା ବିଷୟ ଘୋଷଣା କରିଛନ୍ତି। ଏହାକୁ ନେଇ ବିରୋଧୀ ଦଳ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି। ଏପରି କି ଚଳିତ ବିଧାନସଭା ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିରୋଧୀ କଂଗ୍ରେସ ଓ ବିଜେଡି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

## ଭୁଆଁବୁଲାଉଛି ବିଜେଡି: ଜୟନାରାୟଣ

ଭୁବନେଶ୍ୱର, ୬।୮ (ସୁନିତ୍ ମିଶ୍ର)

ଲୋକଙ୍କ ଭଲ ପାଇବା ପାଇଁ ଭାଜପା ରାଜ୍ୟରେ ଏକାକୀ ସରକାର ଗଠନ କରିଛି। ଓଡ଼ିଶାର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୋଲାଭରମ ପ୍ରକଳ୍ପ ପାଇଁ ଭାଜପା ସରକାର ଉଚିତ ସମୟରେ ଠିକ୍ ପଦକ୍ଷେପ ନେବ। ମାତ୍ର ଏହି ପ୍ରସଙ୍ଗକୁ ନେଇ ବିଜେଡି ଅଯଥାରେ ରାଜନୀତି କରୁଛି। ଦୀର୍ଘ ୨୪ ବର୍ଷ ଧରି ସରକାରରେ ରହିବା ପରେ ପୋଲାଭରମ୍ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅଞ୍ଚଳବାସୀଙ୍କ ଉନ୍ନତି ପାଇଁ ବିଜେଡି କିଛି କରିନାହିଁ। ଏତେଦିନ ଧରି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇବା ପରେ ବର୍ତ୍ତମାନ କାହିଁକି ନିଦ ଭାଙ୍ଗିଲା ବୋଲି ଭାଜପା ବରିଷ୍ଠ ନେତା ତଥା ବିଧାୟକ ଜୟନାରାୟଣ ମିଶ୍ର ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜୟନାରାୟଣ କହିଛନ୍ତି, ନିର୍ବାଚନ ହାରିବା ପରେ ଦଳକୁ ଏବେ ଅଜଣା ଭୟ ଘାରିବାରେ ଲାଗିଛି। ଦଳୀୟ ନେତା ଓ କର୍ମୀମାନେ ଦଳ ଛାଡୁଥିବାରୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଚିନ୍ତା ବଢ଼ିଯାଇଛି। ଏନେଇ ଦଳୀୟ ନେତା ଓ କର୍ମୀମାନଙ୍କୁ ଏକତ୍ରିତ କରିବାକୁ ପୋଲାଭରମ ଅଞ୍ଚଳକୁ ବୁଲିଯିବା ବାହାନାରେ ଦଳ ଲୋକଙ୍କୁ ଭୁଆଁ ବୁଲାଇବାକୁ ଉଦ୍ୟମ କରୁଛି। ଏହି ଯୋଜନା ସଫଳ ହେବ ନାହିଁ ବୋଲି ପୂର୍ବତନ ବିରୋଧୀ ଦଳ ନେତା ତଥା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି।

## ଜିତିବା ଭୋଟ ଯେତିକି ନଡ଼ିଆ ଭଙ୍ଗାଗଲା ସେତିକି



ମା' କୁଠାରୀଙ୍କ ମନ୍ଦିର ପରିସରରେ ନଡ଼ିଆ ଭାଙ୍ଗିବାକୁ ଅପେକ୍ଷା କରିଥିବା ବିଧାୟକ ଓ ଅନ୍ୟମାନେ।

ପାତ୍ରପୁର,୬।୮ (ଉମା ଚରଣ ନେପାକ)

ଗଞ୍ଜାମ ଜିଲା ପାତ୍ରପୁରସ୍ଥିତ ମା' କୁଠାରୀଙ୍କ ପୀଠରେ ମଙ୍ଗଳବାର ଏକ ନିଆରା ମାନସିକ ପୂରଣ କରାଯାଇଛି। ଗତ ସାଧାରଣ ନିର୍ବାଚନରେ ଚିକିଟି ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ବିଜୟ ପାଇଁ ଜଣେ ସମର୍ଥକ ମାନସିକ ରଖିଥିଲେ । ତେବେ ମନୋରଞ୍ଜନ ବିଜେଡି ପ୍ରାର୍ଥୀଙ୍କୁ ୬,୫୨୨ ଖଣ୍ଡ ଭୋଟରେ ପରାସ୍ତ କରିଥିଲେ । ମାନସିକ ପୂରଣ ହୋଇଥିବାରୁ ସେହି ଅନୁଯାୟୀ ମଙ୍ଗଳବାର ମା' କୁଠାରୀଙ୍କ ନିକଟରେ ୬୫୨୨ଟି ନଡ଼ିଆ ଭଙ୍ଗାଯାଇଛି। ବିଧାୟକ ଦ୍ୟାନ ସାମନ୍ତରା ମା'ଙ୍କ ମନ୍ଦିରରେ ପହଞ୍ଚି ଦୀପ ଲଗାଇବା ପରେ ପ୍ରଥମେ ନଡ଼ିଆ ଭାଙ୍ଗିଥିଲେ । ପରେ ଅଞ୍ଚଳର ବହୁ ଯୁବକ ମିଶି ସମସ୍ତ ନଡ଼ିଆ ଭାଙ୍ଗିଥିଲେ । ସେଠାରେ ବିଧାୟକଙ୍କ ସ୍ତ୍ରୀ ମୀନା ଦ୍ୟାନ ସାମନ୍ତରା, ପାତ୍ରପୁର ବ୍ଲକ ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ଯୁବନେତା କାଳିଦାସ ରେଡ୍ଡୀ, ନାରୀନେତ୍ରୀ ଲଳିତା ପ୍ରଧାନ, ବାଦଲ ପ୍ରଧାନ, କିରଣ ଅଧିକାରୀ, ଅଲେଖ କନ୍ୟାରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବିଧାୟକ ଅରୁଣ ସାହୁଙ୍କୁ ହାଇକୋର୍ଟ ନୋଟିସ

### ନିର୍ବାଚନ ସତ୍ୟପାଠରେ ମିଥ୍ୟା ତଥ୍ୟ ପ୍ରଦାନ ମାମଲା

କଟକ,୬।୮ (କାର୍ତ୍ତିକ ସାହୁ)

୨୦୨୪ ସାଧାରଣ ନିର୍ବାଚନର ପ୍ରାର୍ଥିପତ୍ର ଦାଖଲବେଳେ ନୟାଗଡ଼ ବିଧାୟକ ଅରୁଣ ସାହୁ ମିଥ୍ୟା ତଥ୍ୟ ଦେଇଥିବା ନେଇ ରୁଜୁ ମାମଲାରେ ହାଇକୋର୍ଟ ତାଙ୍କୁ ମଙ୍ଗଳବାର ନୋଟିସ କରିଛନ୍ତି। ହାଇକୋର୍ଟ ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମାମଲାର ଶୁଣାଣି କରି ଜବାବ ଦଖଲ ଲାଗି ବିଧାୟକ ସାହୁଙ୍କୁ ନୋଟିସ ଜାରି କରିଛନ୍ତି। ଆସନ୍ତା ୨୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଅରୁଣ ବିଜେଡିକୁ ୩୦ ଲକ୍ଷ ଟଙ୍କା ଋଣ ଦେଇଥିବା ନେଇ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ବିଜେଡି ଏକ ରାଜନୈତିକ ଦଳ । ଏହି ଦଳ ଅରୁଣଙ୍କୁ ୩୦ ଲକ୍ଷ ଟଙ୍କା ନିର୍ବାଚନୀ ଖର୍ଚ୍ଚ ଆକାରରେ ପ୍ରଦାନ କରିଛି। କିନ୍ତୁ ଅରୁଣ କିପରି ୩୦ ଲକ୍ଷ ଟଙ୍କା ଋଣ ଆକାରରେ ଉକ୍ତ ଦଳକୁ ଦେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେ ମଧ୍ୟ ନିଜର ସମ୍ପତ୍ତି ତାଲିକା ସଂକ୍ରାନ୍ତରେ ଠିକ୍ ତଥ୍ୟ ପ୍ରଦାନ କରିନାହାନ୍ତି। ତେଣୁ ନୟାଗଡ଼ ନିର୍ବାଚନମଣ୍ଡଳୀର ପରାଜିତ ପ୍ରାର୍ଥୀ ଭାଜପାର ପ୍ରତ୍ୟୁଷା ରାଜେଶ୍ୱରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଅରୁଣଙ୍କ ସଭ୍ୟପଦ ରଦ୍ଦ ପାଇଁ ନିର୍ଦ୍ଦେଶ ଦେବାକୁ ଆବେଦନରେ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ରୁଜୁ କରିଛନ୍ତି।

## ନୂଆ ସରକାରଙ୍କ ବଜେଟ ଲୋକଙ୍କ ପାଇଁ ସମର୍ପିତ: ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭଦ୍ରକ,୬।୮ (ସନାତନ ରାଉତ)



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସିତାଂଶୁ ଶେଖର ମହାପାତ୍ର ଓ ଭାଜପା ନେତାମାନେ।

ରାଜ୍ୟର ପ୍ରଥମ ଭାଜପା ସରକାର ସାଧାରଣ ଲୋକଙ୍କ ମତାମତ ନେଇ ଜୁଲାଇ ୨୫ରେ ବଜେଟ ଉପସ୍ଥାପନ କରିଛନ୍ତି। ବଜେଟ ବିଷୟରେ ଲୋକଙ୍କୁ ଅବଗତ କରିବା ପାଇଁ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ପ୍ରତି ଜିଲାରେ ଖବରଦାତା ସମ୍ମିଳନୀ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି। ଏହି ବଜେଟ ଲୋକାଭିମୁଖୀ ହେଉଥିବାବେଳେ ଏହା ସାଧାରଣ ଲୋକଙ୍କର ଏବଂ ଲୋକଙ୍କ ପାଇଁ ସମର୍ପିତ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ମଙ୍ଗଳବାର ଭଦ୍ରକ ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହା କହିଛନ୍ତି।

ସେ କହିଛନ୍ତି, ନୂଆ ସରକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପ୍ରଥମଥର ପାଇଁ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ବଜେଟ ଉପସ୍ଥାପନ କରାଯାଇଛି। ପୂର୍ବ ସରକାରଙ୍କ ବଜେଟ ତୁଳନାରେ ୧୫ ପ୍ରତିଶତ ଅଧିକ ଟଙ୍କା ଏହି ବଜେଟରେ ବ୍ୟୟବରାଦ କରାଯାଇଛି। ନିର୍ବାଚନ ବେଳେ ଦେଇଥିବା ପ୍ରତିଶ୍ରୁତି ମୁତାବକ ଶ୍ରୀମନ୍ଦିର ଚାରିଦ୍ୱାର ଓ ରତ୍ନଭଣ୍ଡାର ଖୋଲାଯାଇଛି। ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧ଶହ ଟଙ୍କା ଘୋଷଣା କରାଯାଇଛି। ନିର୍ବାଚନ ସମୟରେ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବାକୁ ସରକାର ସଂକଳ୍ପବଦ୍ଧ। ପୁରୀ ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତି ପାଇଁ ୫ଶହ କୋଟି ଟଙ୍କାର କର୍ପସ୍ ଫଣ୍ଡ, ଘଟଗାଁ ତାରିଣୀ ପୀଠର ଉନ୍ନତି ନିମନ୍ତେ ୫୦ କୋଟି, ସୁଭଦ୍ରା ଯୋଜନାରେ ମହିଳାଙ୍କ ଉନ୍ନତି ସକାଶେ ୧୦ ହଜାର କୋଟି, ସମୃଦ୍ଧ କୃଷକ ଯୋଜନାରେ ୫ ହଜାର କୋଟି, ଓଡ଼ିଆ ଅସ୍ମିତା ପାଇଁ ୨ ଶହ କୋଟି ଟଙ୍କାର କର୍ପସ୍ ଫଣ୍ଡ ବ୍ୟୟବରାଦ କରାଯାଇଛି। ସେହିପରି ଭୂତଳ ଜଳ ସଂରକ୍ଷଣ ଓ ବ୍ୟବହାର ପାଇଁ ୮ଶହ କୋଟି, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନାରେ ୪୫୦ କୋଟି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ନିମନ୍ତେ ୩୫୦ କୋଟି, ମିଶନ ଶକ୍ତି ଲାଗି ୧୧୭୯ କୋଟି, ସାମାଜିକ ସୁରକ୍ଷା ପାଇଁ ୭ ହଜାର ୭୧୦ କୋଟି ଟଙ୍କା ଆଦି ବଜେଟରେ ବିଭିନ୍ନ ଦିଗ ଉପରେ କରାଯାଇଥିବା ବ୍ୟୟବରାଦ ଉପରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂଚନା ଦେଇଛନ୍ତି। ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଭାଜପା ଜିଲା ସଭାପତି ହେମନ୍ତ ପାଢ଼ୀ, ଡ. ସୁଧାଂଶୁ ଶେଖର ନାୟକ, ବାଣୀକଲ୍ୟାଣ ମହାନ୍ତି, ପୂର୍ବତନ ଜିଲା ସଭାପତି ବଦ୍ରିନାରାୟଣ ଧଳ, ଜିଲା ସମ୍ପାଦକ ଅଶୋକ ପରିଜା, ମନୋଜ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## କଣ୍ଟାବାଞ୍ଜି ବିଧାୟକ-ଏନ୍‌ଏସି ଅଧ୍ୟକ୍ଷ ମୁହାଁମୁହିଁ

■ ସିଟ୍‌ରୁ ବିଧାୟକଙ୍କୁ ଉଠାଇ ଦିଆଯାଇଥିବା ଅଭିଯୋଗ ଆଣିଲେ

ବଲାଙ୍ଗୀର,୬।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି କାଉନସିଲ ବୈଠକରେ ମଙ୍ଗଳବାର କଣ୍ଟାବାଞ୍ଜିର ଭାଜପା ବିଧାୟକ ଲକ୍ଷ୍ମଣ ବାଗ ଏବଂ ଏନ୍‌ଏସି ଅଧ୍ୟକ୍ଷ ବରିୟମ୍ ସିଂ ସାଲୁଜା ମୁହାଁମୁହିଁ ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବିଧାୟକ ବାଗ ଗଣମାଧ୍ୟମକୁ ଦେଇଥିବା ସୂଚନା ମୁତାବକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଏନ୍‌ଏସି କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେବାକୁ ବିଧାୟକ ବାଗଙ୍କୁ ନିମନ୍ତ୍ରଣ କରାଯାଇଥିଲା। ସମ୍ମିଳନୀ କକ୍ଷରେ କଣ୍ଟାବାଞ୍ଜି ବିଧାୟକଙ୍କ ବସିବା ପାଇଁ ନାମଲେଖା ଯାଇଥିବା ଚୌକିରେ ଯାଇ ବାଗ ବସିଥିଲେ। ସେହି ଚୌକିରେ ବସିବା ପରେ ବିଧାୟକ ବାଗଙ୍କୁ କୁଆଡ଼େ ଏନ୍‌ଏନ୍‌ସି ଅଧ୍ୟକ୍ଷ ବରିୟମ୍ ସିଂ ସାଲୁଜା ତାଙ୍କ ଚୌକିରେ କିଭଳି ବିଧାୟକ ବସିଲେ ବୋଲି ପ୍ରଶ୍ନ କରିଥିଲେ। ଏହାପରେ ବିଧାୟକ ବାଗ ସେହି ଚୌକିରୁ ଉଠିଯାଇ ସେଥିରେ ବିଧାୟକଙ୍କ ନାମ ଲେଖାଯାଇଥିବାରୁ ସେ ବସିଛନ୍ତି ବୋଲି କହି ସେଠାରୁ ଉଠି ଅନ୍ୟ ଏକ ଚୌକିକୁ ଯାଇ ବସିଥିଲେ। ବିଧାୟକଙ୍କୁ ବୈଠକକୁ ଡାକି କାହିଁକି ଅସମ୍ମାନ କରାଯାଉଛି ବୋଲି ବିଧାୟକ ବାଗ ଅଧ୍ୟକ୍ଷ ସାଲୁଜାଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପକ୍ଷରେ ଏହି ଘଟଣା ପରେ ଏନ୍‌ଏସି ଅଧ୍ୟକ୍ଷ ସାଲୁଜା ନିର୍ବାହୀ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ପରେ କେତେଜଣ କାଉନସିଲର ଓ ନିର୍ବାହୀ ଅଧିକାରୀଙ୍କ ଅନୁରୋଧକ୍ରମେ ବିଧାୟକ ବାଗ ଆଉ ଏକ ଚୌକିରେ ବସିଥିଲେ ଓ ବୈଠକ ଜାରି ରହିଥିଲା।

ବୈଠକରେ ଆଗାମୀ ସ୍ୱାଧୀନତା ଦିବସରେ ଜାତୀୟ ପତାକା ଉତ୍ତୋଳନ କରିବାକୁ ଜଣେ ସଦସ୍ୟ ଅଧ୍ୟକ୍ଷଙ୍କ ନାଁ ପ୍ରସ୍ତାବ ଦେଇଥିବା ବେଳେ ଅନ୍ୟ ଜଣେ ସଦସ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହାପରେ ଅନ୍ୟ ଜଣେ ସଦସ୍ୟ ଜାତୀୟ ପତାକା ବିଧାୟକ ଉତ୍ତୋଳନ କରିବେ ବୋଲି ପ୍ରସ୍ତାବ ଦେବା ପରେ ଆଉ ଜଣେ ସଦସ୍ୟ ସେହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏଭଳି ପ୍ରସ୍ତାବ ଓ ସମର୍ଥନ ଭିତରେ ସେଠାରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ବିଧାୟକ ସେଇ ବୈଠକ ଛାଡ଼ି ଚାଲି ଆସିଥିଲେ।

ଏନ୍‌ଏସି କାଉନସିଲ ବୈଠକରେ ବିଧାୟକ-ଅଧ୍ୟକ୍ଷ ମୁହାଁମୁହିଁ ଘଟଣାକୁ ନେଇ ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି ଗଣମାଧ୍ୟମରେ ବିବୃତି ରଖି ଚାଷୀ ଘର ପିଲା ବିଧାୟକ ହେବାପରେ ଜାଣିଶୁଣି ଏଭଳି ବିବାଦ ସୃଷ୍ଟି କରାଯାଉଛି ଏବଂ ଏହା ଓଡ଼ିଆ ଅସ୍ମିତା ପ୍ରସଙ୍ଗ ବୋଲି ସେ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାକୁ ନେଇ ଏନ୍‌ଏସି ଅଧ୍ୟକ୍ଷ ବରିୟମ ସିଂ ସାଲୁଜାଙ୍କୁ ପଚାରିବାରୁ ଆଜିର ଏନ୍‌ଏସି କାଉନସିଲ ବୈଠକରେ ଅଧ୍ୟକ୍ଷତା କରୁଥିବା ଏନ୍‌ଏସି ଅଧ୍ୟକ୍ଷଙ୍କ ବସିବା ସିଟ୍‌ରେ ଅନ୍ୟ କେହି ବସିବା ଠିକ୍ ନୁହେଁ ଓ ଏନେଇ ସେ ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ପରେ ବୈଠକ ସ୍ୱାଭାବିକ ହୋଇଥିଲା। ବିଧାୟକ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ ବୋଲି ସାଲୁଜା କହିବା ସହ ଯେଉଁ ଅଭିଯୋଗ ଅଣାଯାଉଛି ତାହାକୁ ସେ ଖଣ୍ଡନ କରିଛନ୍ତି। ସୂଚନାଯୋଗ୍ୟ, ଏନ୍‌ଏସି ଅଧ୍ୟକ୍ଷ ବରିୟମ୍ ସିଂଙ୍କ ବଡ଼ଭାଇ ସନ୍ତୋଷ ସିଂ ସାଲୁଜା ଏବଂ ଭାଜପା ପ୍ରାର୍ଥୀ ଲକ୍ଷ୍ମଣ ବାଗ ଗତ ନିର୍ବାଚନରେ ପରସ୍ପର ବିଧାୟକ ପ୍ରାର୍ଥୀ ଭାବେ ମୁହାଁମୁହିଁ ହୋଇଥିଲେ। ନିର୍ବାଚନରେ ଲକ୍ଷ୍ମଣ ବାଗ ଜିତିଥିଲେ। ଆଜିର ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ଓ ବିଧାୟକ ମୁହାଁମୁହିଁ ହେବା ଘଟଣା ନିର୍ବାଚନ ତାତିକୁ ମନେ ପକାଇ ଦେଇଛି।

## ଉପ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ବିରୋଧୀ: ବିଜେଡି

ଭୁବନେଶ୍ୱର,୬।୮ (ଅନିଲ ଦାସ)

କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପ୍ରସଙ୍ଗରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଦେଇଥିବା ମନ୍ତବ୍ୟ ହାସ୍ୟାସ୍ପଦ ଓ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ବିରୋଧୀ ବୋଲି ବିଜେଡିର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ପୂର୍ବତନ କେନ୍ଦୁପତ୍ର ୱେଲଫେୟାର ବୋର୍ଡର ଉପଦେଷ୍ଟା ସଞ୍ଜିତ ମହାନ୍ତି କହିଛନ୍ତି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ଉପ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରୁ ପ୍ରତୀୟମାନ ହେଉଛି ଯେ, ସେ ଓଡ଼ିଶାର ଅଗଣିତ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ରକ୍ଷା କରିବା ପରିବର୍ତ୍ତେ ଅନ୍ୟ ରାଜ୍ୟଗୁଡ଼ିକ ସହ ସ୍ୱର ମିଳେଇବାକୁ ବେଶି ପସନ୍ଦ କରୁଛନ୍ତି। ସିଂଦେଓଙ୍କ ଭାଷାରେ ଯଦି କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଛାଡ଼ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ହେଲେ ଭାଜପା ତା'ର ୨୦୧୯ ନିର୍ବାଚନ ଇସ୍ତାହାରରେ କ୍ଷମତାକୁ ଆସିଲେ କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା କାହିଁକି। ସିଂଦେଓଙ୍କ ମନ୍ତବ୍ୟ ଅନୁଯାୟୀ, ଯଦି ଜିଏସ୍‌ଟି ଉଚ୍ଛେଦ ହେଲେ ବିଡି କମ୍ପାନୀଙ୍କୁ ସୁହାଇବ, ତା'ହେଲେ ୨୦୧୯ ନିର୍ବାଚନରେ ଭାଜପାର କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ପ୍ରତିଶ୍ରୁତି କ'ଣ ବିଡି ତିଆରି କମ୍ପାନୀମାନଙ୍କୁ ପ୍ରଲୋଭିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା କି ବୋଲି ସେ ପ୍ରଶ୍ନ କରିଛନ୍ତି । ପ୍ରତିଶ୍ରୁତି ଦେଇ ପାଳନ ନ କରିବା ଭାଜପାର ପୁରୁଣା ଅଭ୍ୟାସ। ରାଜ୍ୟର ଉପ ମୁଖ୍ୟମନ୍ତ୍ରୀ ଭାବେ ୧୫ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ସ୍ୱାର୍ଥ ପାଇଁ ମୁହଁ ଖୋଲିବାର ଆବଶ୍ୟକତା ଅଛି ବୋଲି ସଞ୍ଜିତ କହିଛନ୍ତି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ଉଚ୍ଛେଦ ହେଲେ କେନ୍ଦୁପତ୍ର ତୋଳାଳି ନୁହେଁ ବରଂ ଏହାକୁ କିଣୁଥିବା ବ୍ୟବସାୟୀମାନେ ଲାଭବାନ୍ ହେବେ ବୋଲି ସିଂଦେଓ ଦେଇଥିବା ମନ୍ତବ୍ୟ ମଧ୍ୟ ଗ୍ରହଣୀୟ ନୁହେଁ। ୧୮% ଜିଏସ୍‌ଟି ଲାଗୁ ହେବା ପରେ, କେନ୍ଦୁପତ୍ର କିଣୁଥିବା ବ୍ୟବସାୟୀମାନେ ଟିକସ ମୂଲ୍ୟକୁ ମିଶାଇ କେନ୍ଦୁପତ୍ର ମୂଲ୍ୟ ପ୍ରଦାନ କରୁଛନ୍ତି, ଯେଉଁ କାରଣରୁ ପରିଶେଷରେ କେନ୍ଦୁପତ୍ର ତୋଳାଳିମାନେ କ୍ଷତିଗ୍ରସ୍ତ ହେଉଛନ୍ତି। କେନ୍ଦୁପତ୍ର ଉପରେ ଜିଏସ୍‌ଟି ଲାଗିବା ପୂର୍ବରୁ ରାଜ୍ୟରେ କେନ୍ଦୁପତ୍ର ବ୍ୟବସାୟ ପ୍ରାୟ ୭୦୦ କୋଟି ଟଙ୍କା ହେଉଥିବା ବେଳେ ଜିଏସ୍‌ଟି ଲାଗୁ ହେବା ପରେ ଏହି ବ୍ୟବସାୟ ପ୍ରାୟ ୫୪୦ କୋଟିକୁ ଖସି ଆସିଛି। ୨୦୧୬-୧୭ରେ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦ ପ୍ରତିଶତ ବୋନସ ଦିଆଯାଉଥିବା ବେଳେ ଜିଏସ୍‌ଟି ଲାଗୁ ହେବା ପରେ ଲାଭର ପରିମାଣ କମ୍ ହେବାରୁ ଏହା ପଚାଶ ପ୍ରତିଶତକୁ ଖସି ଆସିଛି ବୋଲି ସଞ୍ଜିତ କହିଛନ୍ତି। ଉଲ୍ଲେଖଯୋଗ୍ୟ, ରାଜ୍ୟରେ କାର୍ଯ୍ୟରତ ୧୫ ଲକ୍ଷ କେନ୍ଦୁପତ୍ର ତୋଳାଳିଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ଏଥିରୁ ୯୦ ପ୍ରତିଶତ ମହିଳା ଅଛନ୍ତି । ଆଦିବାସୀ ସମ୍ପ୍ରଦାୟର ଜଣେ ନେତା ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉ ଥିଲାବେଳେ ଉପ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଦିବାସୀ ବିରୋଧୀ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏଥିରେ ହସ୍ତକ୍ଷେପ କରି ରାଜ୍ୟର କେନ୍ଦୁପତ୍ର ତୋଳାଳିଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ସଞ୍ଜିତ କହିଛନ୍ତି।

## ଭାଜପା ସମ୍ବର୍ଦ୍ଧନା ସଭାରେ ନବିନଙ୍କୁ ମମତାଙ୍କ ଟାର୍ଗେଟ

ଭୁବନେଶ୍ୱର, ୬।୮ (ସୁନିତ୍ ମିଶ୍ର)




ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମମତା ମହାନ୍ତଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

୨୦୨୪ ନିର୍ବାଚନରେ ଭାଜପାର ୨୧ରୁ ୨୦ ସାଂସଦ ଏବଂ ୭୮ ବିଧାୟକ ନିର୍ବାଚିତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ରରେ ଲଗାତର ୩ୟ ଥର ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଥମ ଥର ପାଇଁ ଭାଜପା ଏକାକୀ ସରକାର ଗଠନ କରିଛି। ଭାଜପାର ଆଦର୍ଶ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ପୂର୍ବତନ ବିଜେଡି ନେତ୍ରୀ ମମତା ମହାନ୍ତ ବିଜେଡି ଓ ରାଜ୍ୟ ସଭା ସଦସ୍ୟା ପଦରୁ ଇସ୍ତଫା ଦେଇ ଗତ ୧ ତାରିଖରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଭାଜପା କାର୍ଯ୍ୟାଳୟଠାରେ ଆନୁଷ୍ଠାନିକ ଭାବେ ଦଳରେ ଯୋଗ ଦେଇଥିଲେ। ମଙ୍ଗଳବାର ମମତା ଭୁବନେଶ୍ୱରଠାରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ କାର୍ଯ୍ୟାଳୟଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ସମ୍ଭବ ହୋଇପାରିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗଠନ ହୋଇଥିବା ସାଧାରଣ ଲୋକଙ୍କ ଭାଜପା ସରକାରର ଦଳୀୟ ସଙ୍ଗଠନକୁ ଆହୁରି ମଜଭୁତ କରାଯିବ ଏବଂ ମମତାଙ୍କ ଯୋଗଦାନ ଭାଜପାକୁ ସମୃଦ୍ଧ କରିବ ବୋଲି ରାଜ୍ୟ ସଭାପତି କହିଛନ୍ତି।

ରାଜ୍ୟବାସୀ ଏବଂ ବିଶେଷ ଭାବେ ମୟୂରଭଞ୍ଜବାସୀ ସଦ୍ୟସମାପ୍ତ ନିର୍ବାଚନରେ ଭାଜପାକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ବୋଲି ମମତା କହିଛନ୍ତି । ଜିଲାର ସମୁଦାୟ ୯ରୁ ୯ ବିଧାୟକ ଏବଂ ଲୋକ ସଭା ସଦସ୍ୟଙ୍କୁ ବିଜୟୀ କରାଇଛନ୍ତି । ଲୋକଙ୍କ ସେବା ପାଇଁ ସେ ଭାଜପାରେ ଯୋଗଦେଇଛନ୍ତି ଓ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ଦଳୀୟ ନିର୍ଦ୍ଦେଶ ପାଳନ କରିବେ ବୋଲି କହିଛନ୍ତି। ଏହି ଅବସରରେ ସେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ବାବଦରେ ଅଭିଯୋଗକରି କହିଛନ୍ତି, ଜୁନ୍ ୪ରେ ତାଙ୍କର ହିସାବ କରାଯିବ ବୋଲି ତାଙ୍କୁ କହିଥିଲେ। ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସବୁକିଛି ଠିକ୍ ଥିଲା। ଦଳ ସବୁ କଥାରେ ସେ ପର୍ଯ୍ୟନ୍ତ ପଚାରୁଥିଲା। ପଞ୍ଚାୟତ ନିର୍ବାଚନ ପରେ ତାଙ୍କୁ ଅଣଦେଖା ହେଉଥିବା ସେ ଅନୁଭବକଲେ ବୋଲି ମମତା କହିଛନ୍ତି। କୌଣସି ଦଳୀୟ କିମ୍ବା ସରକାରୀ କାର୍ଯ୍ୟକ୍ରମରେ ତାଙ୍କୁ ଡକାଯାଉ ନ ଥିଲେ ବୋଲି ସେ କହିଛନ୍ତି।

“ଅତିମାନବ ନୁହଁ ଏକ ଉନ୍ନତ ମାନବର ଉଚ୍ଚତମ ନିର୍ଦ୍ଧାରିତ ଶୃଙ୍ଗ ଉପରେ ଆରୋହୀ ମାନବ। ସେ ମଧ୍ୟ ମାନବୀୟ ଜ୍ଞାନ, ଶକ୍ତି, ବୁଦ୍ଧି, ସଂକଳ୍ପ, ଚରିତ୍ର, ପ୍ରତିଭା, ଗତିଶୀଳ ଶକ୍ତି, ସନ୍ତତ୍ୱ, ପ୍ରେମ, ପବିତ୍ରତା କିମ୍ବା ପରିପୂର୍ଣ୍ଣତାର ପ୍ରତୀକ ନୁହେଁ। ... ସେ ମଣିଷ ପ୍ରକୃତିର ଉଚ୍ଚତମ ଚେତନାଠାରୁ ଉଚ୍ଚରେ ଅତିମାନସ ଚେତନାର ଅଧିକାରୀ। **–ଶ୍ରୀଅରବିନ୍ଦ**



# ବଜ୍ରପାତରୁ ରକ୍ଷା

ପାଖାପାଖି ଦୁଇ ତିନି ଦଶନ୍ଧି ପୂର୍ବେ ବର୍ଷାକୁ ଲୋକେ ଚାହିଁ ରହୁଥିଲେ। ସେତେବେଳେ ବଜ୍ରପାତ ଅଧିକ ହେଉ ନ ଥିଲା। କୃଷକମାନେ ବିଲରେ କାମ କରୁଥିବାବେଳେ କାଁ ଭାଁ ବଜ୍ରପାତରେ ମୃତ୍ୟୁମୁଖରେ ପଡୁଥିଲେ। ସେହି ସମୟରେ ତାଳ, ନଡ଼ିଆ ଭଳି ଉଚ୍ଚ ଗଛରେ ବଜ୍ରପାତ ବେଶି ଘଟୁଥିଲା। କିନ୍ତୁ ଏବକାର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। ଉଚ୍ଚ ଗଛ ନଥିବା ବେଳକୁ ବ୍ରଜପାତ ବିପଦ ବଢ଼ିଗଲାଣି। ସେଥିପାଇଁ ବର୍ଷାରେ ଏବେ ବାହାରିବାକୁ ଅନେକେ ଭୟ କରୁଛନ୍ତି। ଏହା ବ୍ୟତୀତ ଘରେ ରହିବା ମଧ୍ୟ ଅସୁରକ୍ଷିତ ହୋଇପଡ଼ିଲାଣି। ଏହାର ସଦ୍ୟତମ ଉଦାହରଣ ହେଉଛି ଅଗଷ୍ଟ ୫ ଅପରାହ୍ନରେ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ରେଣ୍ଟାଲ କଲୋନୀ ହାଇସ୍କୁଲରେ ହୋଇଥିବା ବଜ୍ରପାତ। ଏହି ଘଟଣାରେ ୭ ଜଣ ଛାତ୍ରୀଛାତ୍ର ଆହତ ହୋଇଥିଲେ। ସେହିଭଳି ଗତ ବର୍ଷ କେନ୍ଦ୍ରାପଡ଼ା ଗରଦପୁର ବ୍ଲକ ଅଧୀନ କୁଦନଗରୀ ହାଇସ୍କୁଲ ପରିସରରେ ଅସ୍ଥାୟୀ ଭାବେ ଚାଲୁଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ବଜ୍ରପାତ ଯୋଗୁ ୧୬ ଛାତ୍ରୀଛାତ୍ର ଆହତ ହୋଇଥିଲେ। ପରିବର୍ତ୍ତିତ ଜଳବାୟୁ ଯୋଗୁ ବ୍ରଜପାତ ତୀବ୍ରତା ବଢୁଥିବାରୁ ଏଥିରୁ ସ୍କୁଲକୁ ସୁରକ୍ଷା ଦେବା ଅତି ଜରୁରୀ ହୋଇପଡ଼ିଲାଣି। ଉଲ୍ଲେଖଯୋଗ୍ୟ ଯେ, ବଜ୍ରପାତର ଗମ୍ଭୀରତାକୁ ଲକ୍ଷ୍ୟକରି ୨୦୨୩ରେ ସରକାର ସବୁ ସ୍କୁଲରେ ଲାଇଟିଂ ଆରେଷ୍ଟର ବା ବଜ୍ରପାତ ପ୍ରତିରୋଧୀ ବ୍ୟବସ୍ଥା ଲଗାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା କେତେ ପରିମାଣରେ କାର୍ଯ୍ୟକାରୀ ହୋଇଛି ତାହାର ଏଯାବତ କୌଣସି ତଥ୍ୟ ଜାଣିବାକୁ ମିଳେନାହିଁ। ତେବେ ବରମୁଣ୍ଡା ରେଣ୍ଟାଲ କଲୋନୀ ହାଇସ୍କୁଲରେ ବଜ୍ରପାତ ପ୍ରତିରୋଧୀ ବ୍ୟବସ୍ଥା ଥାଇ ମଧ୍ୟ ପିଲାମାନେ ଆହତ ହୋଇଛନ୍ତି। ଏହା ବଜ୍ରପାତ ପ୍ରତିରୋଧୀ ବ୍ୟବସ୍ଥାର ତ୍ରୁଟି କିମ୍ବା ଘର ନିର୍ମାଣର ତ୍ରୁଟି ତାହା ଅନୁସନ୍ଧାନ ସାପେକ୍ଷ। ଦେଖିବାକୁ ଗଲେ ଗତ ପାଞ୍ଚ ବର୍ଷରେ ରାଜ୍ୟରେ ବଜ୍ରପାତରେ ୧,୪୭୨ ଜଣଙ୍କ ମୃତ୍ୟୁ ହେବା ସହ ୧୪୫ଜଣ ଆହତ ହୋଇଥିବା ଚଳିତ ବର୍ଷ ଫେବୃଆରୀରେ ବିଧାନ ସଭାରେ ସରକାର ପ୍ରକାଶ କରିଥିଲେ। ଏଭଳି ଘଟଣା କାହିଁକି ବୃଦ୍ଧି ପାଉଛି ତାହା କେହି ଅନୁସନ୍ଧାନ କଲାଭଳି ମନେ ହେଉନାହିଁ।

ପୂର୍ବରୁ ବଜ୍ରପାତ ହେଉଥିଲା, କିନ୍ତୁ ତାହା ଦ୍ୱାରା ମଣିଷଙ୍କୁ ଆଘାତ ଲାଗିବାର କ୍ୱଚିତ୍ ସୂଚନା ମିଳୁଥିଲା। ଏଥିରୁ ବୁଝାଯାଇପାରେ ଯେ, ପୂର୍ବରୁ ମଣିଷ ଏଭଳି କିଛି କାର୍ଯ୍ୟ ହୁଏତ କରୁ ନ ଥିଲା, ଯେଉଁଥିରେ ତାହାର ଶରୀର ବଜ୍ରପାତ ପାଇଁ 'ଆର୍ଥିଂ' ଭାବେ ପାଲଟୁଥିଲା। କୃଷକମାନେ କ୍ଷେତରେ କାମ କରିବା ସମୟରେ ବାଉଁଶ ଓ ତାଳପତ୍ର ବରଡ଼ାରେ ନିର୍ମିତ ଟୋପି କିମ୍ବା ପଖିଆ ବ୍ୟବହାର କରୁଥିଲେ। କାଠ ବେଣ୍ଟ ଛତା ଧରି ଲୋକେ ବାହାରକୁ ଯାଉଥିଲେ। ଏହା ଏବେ ଦେଖାଯାଉନାହିଁ। ଏବକାର ଜୋତାରେ ଲୁହାପାତିଆ ଓ ଛତାରେ ଲୁହାବେଣ୍ଟ ଲାଗିବା ଏବଂ ଘର ନିର୍ମାଣ ବେଳେ ବ୍ୟବହୃତ ହେଉଥିବା ଛଡ଼କୁ ଉପଯୁକ୍ତ ଭାବେ କଂକ୍ରିଟ ଭିତରେ ନ ରଖି ବାହାରେ ଖୋଲା ଛାଡ଼ିଦେବା ଭଳି କାର୍ଯ୍ୟ ହୁଏତ ବଜ୍ରପାତକୁ ଆକର୍ଷଣ କରୁଥାଇପାରେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶା, ଝାଡ଼ଖଣ୍ଡ, ଦକ୍ଷିଣ ପଶ୍ଚିମବଙ୍ଗରେ ବଜ୍ରପାତ ଯୋଗୁ ହେଉଥିବା ମୃତ୍ୟୁ ସ୍ପଷ୍ଟ ଦର୍ଶାଉଛି ଯେ,ଏହି ଭୌଗୋଳିକ ଅଞ୍ଚଳ ପ୍ରତି ଅଧିକ ବିପଦ ରହିଛି। ମାନଚିତ୍ରରେ ଏହିସବୁ ରାଜନୈତିକ ସୀମା ଅନୁଯାୟୀ ଅଞ୍ଚଳକୁ ବିଭିନ୍ନ ରାଜ୍ୟ ଭାବେ ଭାଗ କରାଯାଇଛି। କିନ୍ତୁ ତାହା ମନୁଷ୍ୟକୃତ ହୋଇଥିବାରୁ ବଜ୍ରପାତ ଭଳି ପ୍ରାକୃତିକ ଘଟଣା ଉପରେ କୌଣସି ପ୍ରଭାବ ପକାଏ ନାହିଁ। ତେଣୁ ଏହି ଅଞ୍ଚଳ ଉପରେ ଅଧିକ ଗବେଷଣା କରାଯିବାର ପ୍ରୟୋଜନ ଦେଖାଦେଇଛି ଏବଂ ସେଥିରୁ ସୁରକ୍ଷିତ ରହିବାର ପ୍ରଣାଳୀ ଜନସାଧାରଣଙ୍କୁ ଜଣାଇବା ଦରକାର।

**ଓଡ଼ିଶା, ଝାଡ଼ଖଣ୍ଡ, ଦକ୍ଷିଣ ପଶ୍ଚିମବଙ୍ଗରେ ବଜ୍ରପାତ ଯୋଗୁ ହେଉଥିବା ମୃତ୍ୟୁ ସ୍ପଷ୍ଟ ଦର୍ଶାଉଛି ଯେ,ଏହି ଭୌଗୋଳିକ ଅଞ୍ଚଳ ପ୍ରତି ଅଧିକ ବିପଦ ରହିଛି। ମାନଚିତ୍ରରେ ଏହିସବୁ ରାଜନୈତିକ ସୀମା ଅନୁଯାୟୀ ଅଞ୍ଚଳକୁ ବିଭିନ୍ନ ରାଜ୍ୟ ଭାବେ ଭାଗ କରାଯାଇଛି। କିନ୍ତୁ ତାହା ମନୁଷ୍ୟକୃତ ହୋଇଥିବାରୁ ବଜ୍ରପାତ ଭଳି ପ୍ରାକୃତିକ ଘଟଣା ଉପରେ କୌଣସି ପ୍ରଭାବ ପକାଏ ନାହିଁ। ତେଣୁ ଏହି ଅଞ୍ଚଳ ଉପରେ ଅଧିକ ଗବେଷଣା କରାଯିବାର ପ୍ରୟୋଜନ ଦେଖାଦେଇଛି ଏବଂ ସେଥିରୁ ସୁରକ୍ଷିତ ରହିବାର ପ୍ରଣାଳୀ ଜନସାଧାରଣଙ୍କୁ ଜଣାଇବା ଦରକାର।**

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | | | | | |
| | | | | | | 2 | 4 | |
| | | | | 1 | 8 | 9 | 6 | 5 |
| 9 | 4 | | | 8 | | 5 | | 7 |
| | | 7 | | | | | | |
| | | | | | 5 | | 2 | |
| | | | | 4 | | | 1 | |
| | | 2 | | 7 | | | | |
| 3 | 5 | 6 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 5 | 1 | 7 | 6 | 3 | 2 |
| 5 | 6 | 7 | 3 | 8 | 2 | 4 | 1 | 9 |
| 2 | 3 | 1 | 6 | 9 | 4 | 5 | 8 | 7 |
| 3 | 7 | 5 | 2 | 4 | 8 | 1 | 9 | 6 |
| 1 | 8 | 6 | 9 | 5 | 3 | 7 | 2 | 4 |
| 4 | 2 | 9 | 7 | 6 | 1 | 3 | 5 | 8 |
| 7 | 1 | 3 | 8 | 2 | 6 | 9 | 4 | 5 |
| 9 | 4 | 8 | 1 | 7 | 5 | 2 | 6 | 3 |
| 6 | 5 | 2 | 4 | 3 | 9 | 8 | 7 | 1 |

ଗତକାଲିର ଉତ୍ତର

# ଅଙ୍ଗାରକ-ମିତ୍ର ପାଲଟିଛି ଶତ୍ରୁ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବହୁବିଧ ଅଣୁ ଓ ପରମାଣୁଙ୍କ ନିର୍ଦ୍ଧାରିତ ସମଷ୍ଟିରେ ସଜୀବଙ୍କ ଶରୀରରେ କୋଷ ସୃଷ୍ଟିହୁଏ। ପୁନଶ୍ଚ ବିବିଧ ପ୍ରକାର କୋଷର ସମ୍ମିଶ୍ରଣରେଏକ ଜୀବନ୍ତ ପ୍ରାଣୀ ବା ଉଦ୍ଭିଦର ଉଦ୍ଭବ ଘଟେ। ଅଙ୍ଗାରକ(କାର୍ବନ) ହେଉଛି ଏପରି ଏକ ପରମାଣୁ ଯାହା ସମସ୍ତ ଜୀବଜନ୍ତୁଙ୍କ ଶରୀର ଗଠନ ତଥା ଜୀବନ ସହ ସମ୍ପୃକ୍ତ ରସାୟନ ପ୍ରକ୍ରିୟା ସବୁର ଏକ ପ୍ରମୁଖ, ପ୍ରୟୋଜନୀୟ ଉପାଦାନ ରୂପେ ଭୂମିକା ନିର୍ବାହକରେ। ଆମ ଶରୀରରେ ଏହାର ପରିମାଣ ହେଉଛି ୧୮.୫ ପ୍ରତିଶତ। ଅଧିକାଂଶ ଅଙ୍ଗାରକ ପାହାଡ଼ ପର୍ବତର ପ୍ରସ୍ତର ଏବଂ ମୃତ୍ତିକା ଓ ଭୂତଳରେ ତଥା ବୃକ୍ଷରାଜି, ଜଙ୍ଗଲ ଏବଂ ସମୁଦ୍ରଜଳରେ ଗଚ୍ଛିତ ହୋଇରହିଛି। ପୃଥିବୀର ଜୀବନ୍ତ ଜୀବସତ୍ତା, ବାୟୁମଣ୍ଡଳ, ସ୍ଥଳଭାଗ ଏବଂ ମହାସାଗର ମଧ୍ୟରେ ଅଙ୍ଗାରକ ପରମାଣୁ ନିରନ୍ତର ଗତିଶୀଳ ରହିଥାଏ, ଯାହା 'ଅଙ୍ଗାରକଚକ୍ର' ଭାବରେ ନାମିତ। ଏହି ଚକ୍ର ଅତ୍ୟନ୍ତ ଜଟିଳ ଏବଂ ଏହା ସମ୍ପୂର୍ଣ୍ଣହେବା ନିମନ୍ତେ ସ୍ଥଳବିଶେଷରେ ଲକ୍ଷ ଲକ୍ଷ ବର୍ଷର ଅବଧି ନେଇପାରେ। ଆମେ ଖାଉଥିବା ଖାଦ୍ୟରେ ଥିବା ଶ୍ୱେତସାର,ପୁଷ୍ଟିସାର ଏବଂ ସ୍ନେହସାରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପେ ଅଙ୍ଗାରକ ଉପସ୍ଥିତ ଥାଏ, ଯେପରିକି ଅମ୍ଳଜାନ, ଉଦ୍‌ଜାନ, ଯବକ୍ଷାରଜାନ, କ୍ୟାଲ୍‌ସିୟମ, ଫସ୍‌ଫରସ୍ ଇତ୍ୟାଦି ମଧ୍ୟ ରହିଥା'ନ୍ତି। ଶରୀରର ଆଭ୍ୟନ୍ତରୀଣ ଶ୍ୱାସକ୍ରିୟାରେ ଯେତେବେଳେ ଅମ୍ଳଜାନ ଦ୍ୱାରା ଖାଦ୍ୟର ବିଘଟନ ଘଟେ, ସେତେବେଳେ ଅଙ୍ଗାରକାମ୍ଳ ଅଣୁ ଉତ୍ପନ୍ନହୋଇ ଏକ ବର୍ଜ୍ୟପଦାର୍ଥ ରୂପେ ପୁନର୍ବାର ବାୟୁମଣ୍ଡଳକୁ ମୁକ୍ତହୁଏ। ଏହି ବିଘଟନ ପ୍ରକ୍ରିୟାରେ ଉପଲବ୍ଧ ହେଉଥିବା ଶକ୍ତି ଶରୀରର ବିଭିନ୍ନ କାର୍ଯ୍ୟ ସାଧନରେ ବ୍ୟବହାର ହୁଏ। ଅନ୍ୟପକ୍ଷରେ ଉଦ୍ଭିଦଗୁଡ଼ିକ ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବାୟୁମଣ୍ଡଳର ଅଙ୍ଗାରକାମ୍ଳ ଅଣୁ ସହ ଜଳ ଏବଂ ସୂର୍ଯ୍ୟାଲୋକ ଶକ୍ତିର ବିନିଯୋଗରେ ସବୁଜ କ୍ଲୋରୋଫିଲ୍ ଅଣୁ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରନ୍ତି, ଯାହାକି ଜୀବନଧାରଣ ନିମନ୍ତେ ଉଦ୍ଭିଦ ଓ ପ୍ରାଣୀଜଗତ ଦ୍ୱାରା ବ୍ୟବହୃତ ହୁଏ। ଅତଏବ, ଜୀବଜଗତର ସଂରଚନା ଓ ନିରନ୍ତରତା ରକ୍ଷା ନିମନ୍ତେ ଅଙ୍ଗାରକର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ।

ବିପରୀତ ଦିଗରେ ସମ୍ପ୍ରତି ଆମ ଗ୍ରହରେ ଅଙ୍ଗାରକର କ୍ରମବର୍ଦ୍ଧିଷ୍ଣୁ ପରିମାଣ ଏବଂ ନକାରାତ୍ମକ ପ୍ରଭାବ ସମଗ୍ର ବିଶ୍ୱରେ ଗମ୍ଭୀର ଚର୍ଚ୍ଚାର ବିଷୟ ପାଲଟିଛି। ଏକ ସବୁଜଗୃହ ବାଷ୍ପ (ଗ୍ରୀନ୍ ହାଉସ ଗ୍ୟାସ୍)ରୂପେ ଅଙ୍ଗାରକାମ୍ଳ ଅନ୍ୟ ସବୁଜଗୃହ ବାଷ୍ପ ସହ ମିଶି ବାୟୁମଣ୍ଡଳରୁ ମହାକାଶକୁ ପ୍ରତ୍ୟାବର୍ତ୍ତନକରୁଥିବା ଉତ୍ତାପକୁ ଧରିରଖେ। ପ୍ରକୃତି ସ୍ଥିରୀକୃତ ମାତ୍ରାରେ ଏସବୁ ବାଷ୍ପର ଉପସ୍ଥିତି ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠିବା ନିମନ୍ତେ ଆବଶ୍ୟକ ହାରାହାରି ୧୪ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରାର




ସ୍ଥିତି ସୃଷ୍ଟିକରେ। କିନ୍ତୁ ବିଶ୍ୱ ଦୃଶ୍ୟପଟରେ ଏବେ ବ୍ୟାପକ ପରିବର୍ତ୍ତନ ସଂଘଟିତ ହେଉଛି, ଯାହାର ମୂଳ ଉତ୍ସ ହେଉଛି ପ୍ରକୃତିରେ ମାନବୀୟ ହସ୍ତକ୍ଷେପ ଏବଂ କ୍ଷତିକାରକ ପରିବର୍ତ୍ତନ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପଲବ୍ଧତା ହେଉଛି ମାତ୍ର ୦.୦୪ ଶତାଂଶ, ଯାହା ଆମ ଗ୍ରହରେ ଜୀବନର ସଞ୍ଚାର ଏବଂ ଜୀବଜଗତର ସଂରଚନା, ବିବର୍ତ୍ତନ, ତିଷ୍ଠିରହିବା ତଥା ସାମଗ୍ରିକ ଅସ୍ତିତ୍ୱ ନିମନ୍ତେ ଉପଯୁକ୍ତ ପରିମାଣ ବୋଲି ବୈଜ୍ଞାନିକମାନେ ବିବେଚନା କରନ୍ତି। କିନ୍ତୁ ସମ୍ପ୍ରତି ଅଙ୍ଗାରକର ଅନିୟନ୍ତ୍ରିତ ବୃଦ୍ଧିଜନିତ ସମସ୍ୟାକୁ ନେଇ ସମଗ୍ର ବିଶ୍ୱ ଆଜି ଯେପରି ଭୀତତ୍ରସ୍ତ,ତାହା ଜୀବଜଗତର ଭବିଷ୍ୟତ ନିରନ୍ତରତା ଉପରେ ଏକ ବିଶାଳ ପ୍ରଶ୍ନବାଚୀ ସୃଷ୍ଟିକରିଛି। ପ୍ରାକ୍ ଶିଳ୍ପବିପ୍ଳବ କାଳରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ପରିମାଣ ନିୟୁତରେ ୨୮୦ଭାଗ ଥିଲାବେଳେ ବର୍ତ୍ତମାନ ଏହା ବୃଦ୍ଧି ପାଇ ୪୨୫ଭାଗ(ପିପିଏମ୍)ରେ ପହଞ୍ଚିଲାଣି। ଅତ୍ୟଧିକ ଅଙ୍ଗାରକାମ୍ଳ ପୃଥିବୀର ତାପମାତ୍ରାରେ ବୃଦ୍ଧି ଘଟାଉଛି, ଯାହା ବିଶ୍ୱତାପନ(ଗ୍ଲୋବାଲ ୱାର୍ମିଂ)ର ଆଖ୍ୟା ଅର୍ଜନ କରିଛି। ଫଳରେ ଗୁରୁତର ପ୍ରାକୃତିକ ବିପର୍ଯ୍ୟୟର ସୂତ୍ରପାତ ହେଉଛି।

ଶିଳ୍ପବିପ୍ଳବ ପରବର୍ତ୍ତୀ ସମୟରେ ବର୍ଦ୍ଧିତ ଶକ୍ତି ଆବଶ୍ୟକତା ପୂରଣ ନିମନ୍ତେ କୋଇଲା,ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ବହୁଳ ବ୍ୟବହାର, ଜଙ୍ଗଲ ପରିସଂସ୍ଥାର ଧ୍ୱଂସସାଧନ ତଥା ଅନ୍ୟାନ୍ୟ ଉତ୍ସରୁ ବର୍ଦ୍ଧିତ ସବୁଜଗୃହ ବାଷ୍ପ ସବୁର ନିର୍ଗମନ ହିଁ ଏସବୁ ସମସ୍ୟାର ମୂଳକାରଣ। ବିଶ୍ୱସ୍ତରରେ ଜଣେ ସାଧାରଣ ବ୍ୟକ୍ତି ପ୍ରତିବର୍ଷ ପ୍ରାୟ ୫ମେଟ୍ରିକ୍ ଟନ୍ ସମକକ୍ଷ ଅଙ୍ଗାରକାମ୍ଳ ନିର୍ଗମନ ନିମନ୍ତେ ଦାୟୀ, ଯାହା ଆମ ବର୍ଦ୍ଧିତ 'ଅଙ୍ଗାରକ ପଦଚିହ୍ନ'କୁ ସୂଚିତକରେ। ଆମେରିକା ପରି ଧନୀ ରାଷ୍ଟ୍ରରେ ଏହି ପରିମାଣ ୩ ଗୁଣରୁ ଅଧିକ, ଯାହା ସାମ୍ପ୍ରତିକ ସଙ୍କଟରେ ସେମାନଙ୍କର ବଳିଷ୍ଠ ଭୂମିକାକୁ ସ୍ପଷ୍ଟରୂପେ ପ୍ରତିପାଦିତକରେ। ଏସବୁର ସାମଗ୍ରିକ ପ୍ରଭାବରେ ମେରୁ ଅଞ୍ଚଳସ୍ଥ ବରଫ ଓ ପର୍ବତସ୍ଥ ହିମବାହ ତରଳିବା, ସମୁଦ୍ରର ଅମ୍ଳୀକରଣ ଓ ଜଳସ୍ତରରେ ବୃଦ୍ଧି, ଝଡ଼ବାତ୍ୟାର ପୁନରାବୃତ୍ତି, ବହୁ ଜୀବଙ୍କର ବିଲୁପ୍ତି, କୃଷିକର୍ମରେ କ୍ଷୟକ୍ଷତି ଓ ଖାଦ୍ୟାଭାବ ଏବଂ ବର୍ଦ୍ଧିତ ଅର୍ଥନୈତିକ ବୈଷମ୍ୟ ପରିଦୃଷ୍ଟହେବା ଭଳି ସମସ୍ୟା ସମଗ୍ର ବିଶ୍ୱରେ ଅନୁଭୂତ ହେଉଛି। ସେହିପରି ବିପର୍ଯ୍ୟୟଜନିତ ବିଭୀଷିକା କ୍ରମେ ବୃଦ୍ଧିପ୍ରାପ୍ତ ହୋଇଚାଲିଛି। ଏସବୁ ପ୍ରକ୍ରିୟାର ପ୍ରଶମନ ନିମନ୍ତେ ଆମ ମାନସିକତା ଓ କାର୍ଯ୍ୟଧାରାରେ ବୈପ୍ଳବିକ ପରିବର୍ତ୍ତନ ଏକାନ୍ତ ଅପରିହାର୍ଯ୍ୟ।

ଏବେ ସମୟ ଉପନୀତ, ଯେତେବେଳେ ପୃଥିବୀର ଅଙ୍ଗାରକ ସନ୍ତୁଳନରେ ବ୍ୟାଘାତ ସୃଷ୍ଟି ନ କରି ଗ୍ରହର ଅଙ୍ଗାରକ ଭଣ୍ଡାରକୁ ସୁରକ୍ଷିତ ରଖିବା ଏବଂ ସଂରକ୍ଷଣ ପ୍ରକଳ୍ପ ସବୁର କାର୍ଯ୍ୟକାରିତାକୁ ପ୍ରାଧାନ୍ୟ ଦେବା। ସମ୍ପ୍ରତି ଶିଳ୍ପସଂସ୍ଥା ପରି ଅଙ୍ଗାରକ ଉତ୍ପନ୍ନସ୍ଥଳୀରେ ଏହାକୁ କଠିନ ଅବସ୍ଥାରେ ଅଧିକୃତ କରିବା ଏବଂ ପରେ ଉପଯୁକ୍ତ ଗଭୀର, ଭୂତଳ ସ୍ଥାନକୁ ପରିବହନକରି ସେଠାରେ ଗଚ୍ଛିତ ରଖିବା କିମ୍ବା ପୋତିଦେବାର ବ୍ୟବସ୍ଥାକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ସେହିପରି ବାୟୁମଣ୍ଡଳରୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ଅଙ୍ଗାରକାମ୍ଳର ଅପସାରଣ ନିମନ୍ତେ ନୂତନ ପ୍ରଯୁକ୍ତି ସବୁର ପ୍ରୟୋଗ ହେଉଛି। କୋଇଲା ଦହନ ଦ୍ୱାରା ବିଦ୍ୟୁତ୍ ଉତ୍ପାଦନ ପରି କେତେକ ଶିଳ୍ପ ପ୍ରକ୍ରିୟାରେ ସେଠାରୁ ସୃଷ୍ଟ ବୃହତ୍ ପରିମାଣର ଅଙ୍ଗାରକକୁ ଅପସାରଣ କରିବା ପଦ୍ଧତିରେ ସଫଳତା ପ୍ରଦର୍ଶିତ ହେଲାଣି। ମାତ୍ର ଏସବୁ ପଦ୍ଧତିରେ ପରିବେଶ ପ୍ରତି ବିପଦର ଆଶଙ୍କା ମଧ୍ୟ ରହିଛି, ଯେପରିକି ଭୂଗର୍ଭରେ ସଞ୍ଚିତ ଅଙ୍ଗାରକଭଣ୍ଡାରରୁ ଭୂତଳଜଳ କିମ୍ବା ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳର କ୍ଷରଣହେବା ସମ୍ଭାବନା।

ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବାୟୁମଣ୍ଡଳରୁ ପ୍ରତିବର୍ଷ କୋଟି କୋଟି ଟନ୍ ଅଙ୍ଗାରକ ଅପସାରଣ କରିବା ଲକ୍ଷ୍ୟରେ ଆଇସ୍‌ଲାଣ୍ଡର ହେଲିଶିଓଇରେ ବର୍ତ୍ତମାନ ନିର୍ମାଣାଧୀନ କାରଖାନା କାର୍ଯ୍ୟକ୍ଷମହେବା ଏକ ପ୍ରମୁଖ ଉପଲବ୍ଧିହେବାକୁ ଯାଉଛି। ଏହି ପ୍ରକଳ୍ପ ବର୍ତ୍ତମାନ ବାୟୁରୁ ଅଙ୍ଗାରକାମ୍ଳ ଶୋଷିବା ନିମନ୍ତେ ବିଶ୍ୱର ସବୁଠାରୁ ବଡ଼ କାରଖାନା। କିନ୍ତୁ ଏସବୁ ବୈଷୟିକ ପ୍ରକ୍ରିୟା ବା ପ୍ରଯୁକ୍ତିର ବିକାଶ ଓ ବ୍ୟବହାରରେ ଯଥେଷ୍ଟ ପୁଞ୍ଜିବିନିଯୋଗର ଆବଶ୍ୟକତା ରହିଛି ଏବଂ ପରିବେଶ କ୍ଷେତ୍ର ନିମନ୍ତେ ବିପଦର ସମ୍ଭାବନାକୁ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଏଡ଼ାଇଦିଆଯାଇ ନ ପାରେ। ଶ୍ରେଷ୍ଠ ବିକଳ୍ପ ହେଉଛି ଜଙ୍ଗଲ ସୁରକ୍ଷା ଏବଂ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ପରି ପ୍ରକୃତି ଆଧାରିତ ସମାଧାନର ପନ୍ଥା ଅବଲମ୍ବନ ଏବଂ ଅତ୍ୟଧିକ ଉପଭୋକ୍ତାବାଦ ମନୋବୃତ୍ତିରେ ପରିବର୍ତ୍ତନ ଘଟାଇ ସମ୍ବଳ ବ୍ୟବହାରରେ ମିତବ୍ୟୟିତା ପ୍ରଦର୍ଶନ କରିବା, ଯେପରିକି ପ୍ରାକୃତିକ ସନ୍ତୁଳନ ବ୍ୟାହତ ନ ହୁଏ। ଆମ ପରିବେଶ ପଦଚିହ୍ନରେ ହ୍ରାସ ଘଟାଇ ପୁଣି ଥରେ ଶତ୍ରୁ ପାଲଟିଥିବା ଅଙ୍ଗାରକକୁ ମିତ୍ରରେ ପରିଣତ କରିବା ଆମ ବିଜ୍ଞତାର ପରିଚାୟକ ହେବ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

# ବିବେକ ହିଁ ଅନୁସରଣୀୟ



ଇଂ.ସଚ୍ଚିଦାନନ୍ଦ ନନ୍ଦ

ଯିଏ ନିଜ ଭିତରର ଶତ୍ରୁମାନଙ୍କ ଦ୍ୱାରା ପୀଡ଼ିତ, ସେ ବାହାର ଶତ୍ରୁମାନଙ୍କର ସମ୍ମୁଖୀନ ହେବ କିପରି? ଯିଏ ଆଧ୍ୟାତ୍ମିକ ମୂଲ୍ୟବୋଧ କ'ଣ ବୁଝେ ସେ କେବଳ ମୁକ୍ତି ପାଏ। ସକାଳୁ ଉଠି, ପୁଣି ରାତିରେ ଶୋଇବା ପର୍ଯ୍ୟନ୍ତ ଆମର ସମସ୍ତ ଶକ୍ତି ଓ ସାମର୍ଥ୍ୟ, ସମୟ ଓ ଶିକ୍ଷା କେବଳ ପେଟ ପୂରାଇବାରେ କଟାଉଛେ। ଏହାଦ୍ୱାରା ଆମେ ଈଶ୍ୱରଙ୍କୁ ପାସୋରି ଯାଉଛୁ। ଟିକେ ଚିନ୍ତା କରନ୍ତୁ, ଈଶ୍ୱରଙ୍କୁ ପାସୋରି ଆମେ ଜୀବନରେ କ'ଣ ହାସଲ କରି ପାରୁଛେ?

ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭମାନଙ୍କୁ ମାର୍ଗ ଦେଖାଇ କହିଛନ୍ତି, ''ପ୍ରେମ ସ୍ୱରୂପଗଣ । ସୁଖ ଓ ଦୁଃଖ କେବଳ ଶରୀର ସହ ସମ୍ପୃକ୍ତ। ନିଜକୁ ଶରୀର ଭାବିବା, କେବଳ ଅଜ୍ଞତା ଯୋଗୁ ଆସିଥାଏ। ଦୀପ, ଚନ୍ଦ୍ର, ତାରକାମାନେ ଆମକୁ କେବଳ ଅନ୍ଧକାରରେ ଦେଖାଯାଆନ୍ତି, କିନ୍ତୁ ସୂର୍ଯ୍ୟ ଉଦିତ ହେବା ମାତ୍ରେ ଏମାନେ ଅଦୃଶ୍ୟ ହୋଇଯାଆନ୍ତି। ଠିକ୍ ସେହିଭଳି ଜ୍ଞାନର ସୂର୍ଯ୍ୟ ଉଦୟ ହେଲେ ସୁଖ ଓ ଦୁଃଖର ଭାବ ଅନ୍ତର୍ନିହିତ ହୋଇଯାଏ। ଯିଏ ଏହି ସତ୍ୟ ବୁଝେ ସେ ପ୍ରକୃତ ଜ୍ଞାନୀ। ପ୍ରାଣୀମାନେ ତ୍ରିଗୁଣର ଅଧୀନ। ଗୋଟିଏ ଆମ୍ବର ତିନୋଟି ଅବସ୍ଥା ଅଛି। କଷି, ପାକଳ ଓ ପାଚିଲା। କଷି ବେଳେ ଏହା କଷା ଲାଗେ, ପାକଳ ଅବସ୍ଥାରେ ଆମ୍ବିଳା ଓ ପାଚିଗଲେ ମିଠା ଲାଗେ। ଏହା ଆମ୍ବର ଦୋଷ ନୁହେଁ, ତାହାର ସହଜ ଧର୍ମ। ସେହିପରି ମଣିଷର ଅନ୍ତର୍ଗତ ଗୁଣ ଯେପରି, ତାହାର ବ୍ୟବହାର ସେହିପରି ହୋଇଥାଏ। ତେଣୁ ମଣିଷର ଆଚରଣରୁ ତାହାର ଅନ୍ତର୍ନିହିତ ଗୁଣ ଜଣା ପଡ଼ିଥାଏ। ନିଜର ଖରାପ ଗୁଣ ଚିହ୍ନିବାକୁ ଚେଷ୍ଟା ନ କରିବା ହେଉଛି ତମୋଗୁଣ। ଏହାକୁ ଚିହ୍ନି ମଧ୍ୟ ଦୂର ନ କରିବା, ରଜୋଗୁଣ। ଦୁର୍ଗୁଣକୁ ଚିହ୍ନି ଏହାକୁ ଦୂର କରିବା ଓ ପବିତ୍ର ଗୁଣ ପ୍ରତିଷ୍ଠା କରିବା, ସତ୍ୱଗୁଣ। ଏହି ତ୍ରିଗୁଣର ଅତୀତକୁ ଯିବା, ଋଷିଗୁଣ। ଭଲ ଲୋକମାନେ ସମସ୍ତଙ୍କର ଭଲ ହିଁ ଦେଖନ୍ତି। ସେମାନଙ୍କ ଆଖିରେ କାହାରି ଖରାପ ଗୁଣ ପଡ଼େନା। ସାଧାରଣ ଲୋକ ଭଲକୁ ଭଲ ଓ ଖରାପକୁ ଖରାପ ଆଖିରେ ଦେଖନ୍ତି। ଖରାପ ଲୋକ ଭଲରେ ଖରାପ ଦେଖନ୍ତି ଓ ଭଲର ନିନ୍ଦା କରନ୍ତି। ସବୁକିଛି କେବଳ ଖରାପ, କିଛି ଭଲ ନୁହେଁ ବୋଲି କହିବା ରାକ୍ଷସ ଗୁଣ। ପ୍ରଥମ ତିନୋଟି ମାନବ ଗୁଣ। ମାତ୍ର ଶେଷଟି ଦାନବ ଗୁଣ। ଆଜିକାଲି ତମୋଗୁଣ ଓ ରଜୋଗୁଣ ସବୁଠାରେ ଦେଖାଯାଉଛି, ନିଜର ଭୁଲ ଜାଣି ମଧ୍ୟ ତାକୁ ସଂଶୋଧନ ନ କରିବା ଲୋକ ଅନେକ ଅଛନ୍ତି। ଯେଉଁମାନେ ତୁମର ଭୁଲ ଦେଖାନ୍ତି ସେମାନଙ୍କୁ ତୁମର ପ୍ରକୃତ ବନ୍ଧୁ ବୋଲି ଜ୍ଞାନ କର। ପରୀକ୍ଷାକୁ ସ୍ୱାଗତ ନ କଲେ ଉପରକୁ ଉଠିବ କିପରି? ତେଣୁ ନିଜର ଦୋଷ ଦେଖିବା ଉଚିତ। ରାମଚନ୍ଦ୍ର ମହାବୀର ଥିଲେ। ସେ କିଶୋର ବୟସରେ ସୁବାହୁ ଓ ତାଡ଼କାକୁ ମାରିଥିଲେ। ତରୁଣ ବୟସରେ ଶିବଧନୁ ଭାଙ୍ଗିଥିଲେ ଓ ପର୍ଶୁରାମଙ୍କୁ ପରାସ୍ତ କରିଥିଲେ। ସେ ଏକାକୀ ୧୪,୦୦୦ ରାକ୍ଷସଙ୍କୁ ହତ୍ୟା କରିଥିଲେ। ରାମ ରାବଣ ଯୁଦ୍ଧରେ ରାମଙ୍କ ବୀରତ୍ୱ ବର୍ଣ୍ଣନା କରିବାକୁ ବାଲ୍ମୀକି ଭାଷା ପାଇ ନାହାନ୍ତି। ରାମଙ୍କର ବୀରତ୍ୱର ମୂଳକାରଣ ଥିଲା ତାଙ୍କଠାରେ ଥିବା ଭଲ ଗୁଣ। ମଣିଷ ଭଲ ଗୁଣ ଦ୍ୱାରା ଯେ କୌଣସି



କର୍ମ ସାଧନ କରିପାରେ। ତାହାର ବୀରତ୍ୱ ବା ଦୁର୍ବଳତା ପାଇଁ ମଣିଷର ଆହାର ଓ ବିହାର ଦାୟୀ। ରାମଚନ୍ଦ୍ର ସକଳ ସଦ୍‌ଗୁଣର ଆଧାର ଥିଲେ।''

ରାମଚନ୍ଦ୍ର ଅତୀବ ସୌନ୍ଦର୍ଯ୍ୟମୟ ଥିଲେ। ତାଙ୍କର ସୌନ୍ଦର୍ଯ୍ୟ ବର୍ଣ୍ଣନା କଲାବେଳେ ବାଲ୍ମୀକି ବିମୋହିତ ହୋଇ ଯାଉଥିଲେ। ରାମଙ୍କର ଅଙ୍ଗଶୋଭା ବର୍ଣ୍ଣନା କଲାବେଳେ ବାଲ୍ମୀକି କହିଛନ୍ତି , ଏପରି ସୌନ୍ଦର୍ଯ୍ୟ ଆଉ ସମ୍ଭବ ନୁହେଁ। ଏହି ସୌନ୍ଦର୍ଯ୍ୟ ଦେଖିଲେ ମଣିଷ ବିମୋହିତ ହୋଇଯିବ। ରାମଙ୍କର ଏହି ସୌନ୍ଦର୍ଯ୍ୟ ତାଙ୍କ ସଦ୍‌ଗୁଣରୁ ଜାତ ହୋଇଥିଲା। ତାଙ୍କର ବଳ ମଧ୍ୟ ଏହି ସଦ୍‌ଗୁଣରୁ ଜାତ। ମାତ୍ର ଆଜିକାଲିର ତରୁଣମାନଙ୍କୁ ଦେଖନ୍ତୁ। ସେମାନଙ୍କର ବାହାରଟା ହଂସପରି ଦିଶୁଥିଲେ ମଧ୍ୟ ଭିତରଟା କୁଆପରି। ମଣିଷ ନିଜ ମନ ପଛରେ ଦୌଡ଼ିବା ଉଚିତ ନୁହେଁ। ମନ ଗୋଟିଏ ବାଇଆ ମାଙ୍କଡ଼ ପରି। ସଂସାରର ବିଛା କାମୁଡ଼ିଲେ ଏହି ମାଙ୍କଡ଼ ଅଥୟ ହୁଏ। ଏ ଅବସ୍ଥାରେ କିପରି ନିଜକୁ ସଂଯତ କରିପାରିବା। ଯୌବନର ସନ୍ନିପାତ ଯୋଗୁ ଆମ୍ଭେମାନେ ମନୁଷ୍ୟତ୍ୱ ପାସୋରି ଯାଉଛେ। ମନରେ ବିଚାର କରନ୍ତୁ, ମୁଁ କ'ଣ ଦେଖିବା ଉଚିତ ଓ କ'ଣ ଦେଖିବା ଉଚିତ ନୁହେଁ। କ'ଣ କରିବା ଉଚିତ ଓ କ'ଣ କରିବା ଉଚିତ ନୁହେଁ। କ'ଣ ଅନୁଭବ କରିବା ଉଚିତ ଓ କ'ଣ କରିବା ଅନୁଚିତ। ଆମେ ମନର ପ୍ରରୋଚନାକୁ ଅନୁସରଣ କରି ଚାଲିଛେ। ମନ, ବାକ୍ୟ ଓ କର୍ମ ଏକ ହେବା ଦରକାର।

ଆଜିକାଲି ୧୬ବର୍ଷ ବୟସରେ ତରୁଣମାନଙ୍କୁ ଦେଖିଲେ ୬୦ ବର୍ଷର ବୁଢ଼ାପରି ଦେଖାଯାଉଛନ୍ତି। ସେମାନେ ଚାଲିଲାବେଳେ ଓଟ ପରି ଦେଖାଯାଉଛନ୍ତି, ମନେ ହେଉଛି ଟାଳୁ ଟାଳୁ ପଡ଼ିଯିବେ କି, ଦେହର ପୁଷ୍ଟି ସହିତ ମନରେ ସନ୍ତୁଷ୍ଟି ଦରକାର। ଶରୀର ପୁଷ୍ଟ ଥିଲେ ମନ ଅଚଳ ରହିବ। ଆଧାର ନିର୍ମଳ ଓ ସୁଦୃଢ଼ ଥିଲେ ସେଥିରେ ପବିତ୍ର କିଛି ରଖିବା ସମ୍ଭବ ହେବ। ଆମେମାନେ ସ୍ଥିର ଭାବରେ କିଛି ସମୟ ବସି ପାରୁନାହୁଁ। ଶରୀରକୁ ଏପଟ ସେପଟ କରୁଛୁ। ତଳେ ବସ ବା ଚଉକିରେ ବସ, ସିଧା ହୋଇବସିବା କଥା। ସିଧାହୋଇ ବସିବା ହେଉଛି ଧ୍ୟାନ ମୁଦ୍ରା। ଆମର ବେଶ ପୋଷାକ ମଧ୍ୟ ଆତ୍ମ ସୂଚକ ହେବା ଉଚିତ। ଭଗବାନ ଶ୍ରୀସତ୍ୟସାଇ ଆହୁରି ମଧ୍ୟ କହିଛନ୍ତି 'ଭାରତୀୟ ସଂସ୍କୃତି କହେ, ଅନୁକରଣ ଓ ଅନୁସରଣ କରିବା ବଳହୀନତାର ଚିହ୍ନ। ରାମ କାହାରିକୁ ଅନୁସରଣ ଓ ଅନୁକରଣ କରୁ ନ ଥିଲେ। ସେ ପିଲା ଥିଲାବେଳେ କୌଶଲ୍ୟା କୈକେୟୀ ଆଦି ମାଆମାନେ ନାନାପ୍ରକାର ପୋଷାକ ଆଣି ରାମଙ୍କୁ କହୁଥିଲେ ଅମୁକ ଅମୁକ ରାଜପୁତ୍ର ଏମିତି ପୋଷାକ ପିନ୍ଧୁଛନ୍ତି, ତୁ ମଧ୍ୟ ପିନ୍ଧି। ଉତ୍ତରରେ ରାମ କହୁଥିଲେ, ''ମୁଁ କାହିଁକି ଅନ୍ୟକୁ ଅନୁସରଣ କରିବି? ଅନ୍ୟକୁ ଅନୁସରଣ କରିବା ଦାସତ୍ୱର ଚିହ୍ନ'। ମାତ୍ର ଆଜିକାଲି ତୁମ୍ଭମାନଙ୍କର ସାରା ଜୀବନ ଖାଲି ଅନ୍ୟକୁ ଅନୁକରଣ କରିବାରେ କଟିଯାଉଛି। ଯଦି ଦେଖିଲେ କିଏ ଲମ୍ବା କଲି ବା ଲମ୍ବା କେଶ ରଖିଛି, ତୁମେ ସଙ୍ଗେ ସଙ୍ଗେ ତାକୁ ଅନୁକରଣ କରୁଛ। କିଏ ଚିପା ପ୍ୟାଣ୍ଟ ବା ଢିଲା ପ୍ୟାଣ୍ଟ ପିନ୍ଧିବା ଦେଖିଲେ ତୁମେ ସଙ୍ଗେ ସଙ୍ଗେ ସେହିପରି ପୋଷାକ ପିନ୍ଧିବା ଆରମ୍ଭ କରି ପକାଉଛ। ନିଜ ବିବେକକୁ ଅନୁସରଣ କର। ନିଜର ସ୍ୱାଧୀନ ଚିନ୍ତାକୁ ଅନୁସରଣ କର।

**ଅଲିଶା ବଜାର, କଟକ**
**ମୋ : ୯୩୩୭୨୪୨୯୫୫**

## ଏଇ ଭାରତରେ

ବହୁ ସମୟରେ କୌଣସି ପରିସ୍ଥିତି ଜଣେ ବ୍ୟକ୍ତିଙ୍କୁ ତାହାର ନିଷ୍ପତ୍ତି ବଦଳାଇବାକୁ ବାଧ୍ୟ କରିଥାଏ, ଯାହା ଘଟିଛି ହିରେଶା ବର୍ମାଙ୍କ ଜୀବନରେ। ହିରେଶା ଦିଲ୍ଲୀରେ ଆଇଟି ସେକ୍ଟରରେ କାର୍ଯ୍ୟ କରୁଥିଲେ। କିନ୍ତୁ ୨୦୧୩ରେ ଘଟିଥିବା କେଦାରନାଥ ଫ୍ଲାଶ୍ ଫ୍ଲଡ୍ ପରେ ସେ ତାଙ୍କ ଚାକିରି ଛାଡ଼ି ସେହି ଅଞ୍ଚଳରେ ସବୁ କିଛି ହରାଇଥିବା ମହିଳାମାନଙ୍କୁ ସହଯୋଗ କରିବାକୁ ଆଗେଇ ଆସିଥିଲେ। ସେ ଏଥିପାଇଁ ଛତୁ ଚାଷକୁ ବାଛିଥିଲେ, କାରଣ ସେହି ଅଞ୍ଚଳ ଏହି ଚାଷ ପାଇଁ ଉପଯୋଗୀ। ହିରେଶା ପ୍ରଥମେ ଘରେ ୨୦୦୦ ଟଙ୍କା ନିବେଶ କରି ଚାଷ ଆରମ୍ଭ କରିଥିଲେ। ପରେ ଛତୁ ଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇ ଅତ୍ୟାଧୁନିକ ପଦ୍ଧତିରେ ଏହି ଚାଷ କରିବା ଲାଗି ୮୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଏବେ ତାଙ୍କ ଫାର୍ମରୁ ପ୍ରତିଦିନ ୧,୦୦୦ କେଜି ଛତୁ ଉତ୍ପାଦନ ହେଉଛି ଏବଂ ଏଥିରୁ ସେ ବର୍ଷକୁ ୧.୫ କୋଟି ଟଙ୍କା ପାଉଛନ୍ତି। ଏହି ଚାଷରେ ସେ ୨,୦୦୦ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ଫଳରେ ଏହି ମହିଳାମାନଙ୍କ ଆର୍ଥିକ ଉନ୍ନତି ଘଟିବା ସହ ସେମାନଙ୍କର ସାମାଜିକ ସ୍ଥିତି ବଦଳିଯାଇଛି। ସେ ହାନ୍ ଆଗ୍ରେକେୟାର ପ୍ରତିଷ୍ଠା କରି ସାରା ଭାରତରେ ଏହା ମାଧ୍ୟମରେ ଛତୁରୁ ପ୍ରସ୍ତୁତ ବିଭିନ୍ନ ଉତ୍ପାଦ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୭ ଅଗଷ୍ଟ ୧୯୭୫**

- ମଧ୍ୟପ୍ରଦେଶର ବଦିଶା ଜିଲାରେ ଏକ ବସ୍ ପ୍ରଖର ବନ୍ୟା ସ୍ରୋତରେ ଭାସିଯିବା ଫଳରେ ୧୬ ଜଣ ବ୍ୟକ୍ତିଙ୍କ ପ୍ରାଣହାନୀ।
- ପ୍ରଶାସନ କ୍ଷେତ୍ରରେ ଦୁର୍ନୀତି ଓ ଅପାରଗତା ଦୂର କରିବା ଉଦ୍ଦେଶ୍ୟରେ ଉତ୍ତର ପ୍ରଦେଶ ସରକାର ୬୦ ଜଣ ଗେଜେଟେଡ ଅଫିସରଙ୍କୁ ବାଧ୍ୟତାମୂଳକ ଭାବେ ଅବସର ଦେଇଥିବା ଜଣାପଡ଼ିଛି।
- ପାଲେଷ୍ଟାଇନ ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲର ବୋମାମାଡ଼ ଫଳରେ ୫ ଜଣ ପାଲେଷ୍ଟାଇନ ଗରିଲାଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ହଜିଗଲା କେତେ କାହିଁ ଆଜି ସବୁ ଅଜଣା
ଲୋଡ଼ି ନାହିଁ ଅତୀତର କରିବାକୁ ମାଜଣା
ନବ ନବ ତାଳେ କେତେ ନାଚିଥିଲା ପରାଣ
ବିରହର ଗୀତ କେତେ ମିଳନର ବାଜଣା!
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶାନ୍ତି ପ୍ରତିଷ୍ଠା ଏକମାତ୍ର ରକ୍ଷାକବଚ

ମହାଶୟ,
କ୍ଷମତା, ପ୍ରତିପତ୍ତି ଓ ଆଧିପତ୍ୟ ଏବଂ ପ୍ରଭାବ ବିସ୍ତାର ପାଇଁ ଓ ନିଜ ନିଜର ପ୍ରତିରକ୍ଷା ନିମିତ୍ତ ଆବଶ୍ୟକତାଠାରୁ ଅତ୍ୟଧିକ ମାରାତ୍ମକ ବିଧ୍ୱଂସାତ୍ମକ ଅସ୍ତ୍ରଶସ୍ତ୍ର ତିଆରି କରି ଗଚ୍ଛିତ ରଖାଯାଉଛି। ସାମରିକ ସ୍ତରରେ ନିଜ ଶକ୍ତି ସାମର୍ଥ୍ୟ ପ୍ରଦର୍ଶନ ନିମିତ୍ତ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରାଯାଉଛି। ତାହାକୁ ମାନବସମାଜ କଲ୍ୟାଣରେ ବ୍ୟୟ କରାଯାଇପାରିଲେ ବିଶ୍ୱର ମଙ୍ଗଳ ସାଧନ ହୋଇପାରିବ। ଯୁଦ୍ଧଂଦେହୀ ଡାକରା ପରିବର୍ତ୍ତେ 'ବୁଦ୍ଧମ୍ ଶରଣମ୍ ଗଚ୍ଛାମି' ଡାକରା ଶାନ୍ତିର ଭାବାତ୍ମକ ପଥ ପ୍ରଦର୍ଶକ ରୂପେ 'ସର୍ବେ ଭବନ୍ତୁ ସୁଖିନ, ସର୍ବେ ଭବନ୍ତୁ ନିରାମୟ'ର ଆଦର୍ଶବାଣୀ ହେଉ ସଭିଙ୍କର କାମନା ଓ ପ୍ରାର୍ଥନା। ଶାନ୍ତି ପାଇଁ ସଂଗ୍ରାମ ହିଁ ବାସ୍ତବରେ ଯଥାର୍ଥ ସଂଗ୍ରାମ। ବିଶ୍ୱକୁ ଯୁଦ୍ଧ-ମୁକ୍ତ କରି ଧ୍ୱଂସମୁଖରୁ ରକ୍ଷା କରିବାକୁ ହେଲେ ଶାନ୍ତି ପ୍ରତିଷ୍ଠା କେବଳ ଏକମାତ୍ର ରକ୍ଷାକବଚ। ଗୋଟିଏ ପକ୍ଷରେ ଆସନ୍ନ ବିଶ୍ୱଯୁଦ୍ଧର ଆଶଙ୍କା ଥିବାବେଳେ ଅପରପକ୍ଷରେ ମାନବସମାଜକୁ ରକ୍ଷାକରିବା ପାଇଁ ଶାନ୍ତି ପ୍ରତିଷ୍ଠା କରିବା ଆବଶ୍ୟକ। ଆଜିର ବିଜ୍ଞାନୀ ମାନବ, ବିଜ୍ଞାନର ସୁବିନିଯୋଗ କରାଇବା ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଆଜି ୪ ଘଣ୍ଟା ବନ୍ଦ ରହିବ ମହାପ୍ରଭୁଙ୍କ ଦର୍ଶନ

**■ ଶ୍ରୀମନ୍ଦିରରେ ବନକଲାଗି ନୀତି ହେବ**

**ପୁରୀ, ୬।୮ (ଅଜିତ୍ କୁମାର ମହାନ୍ତି)**

ଶ୍ରାବଣ ଶୁକ୍ଳପକ୍ଷ ତୃତୀୟା ତିଥି ବୁଧବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହି ଗୁପ୍ତ ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ବୁଧବାର ଅପରାହ୍ନ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ବନକ ଲାଗି ନୀତି ଅନୁଷ୍ଠିତ ହେବାକୁ ଥିବାରୁ ଏହି ସମୟରେ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିବା ପରେ ଏହି ନୀତି ଅନୁଷ୍ଠିତ ହୋଇଥାଏ। ଦତ୍ତମହାପାତ୍ର ସେବକମାନେ ରତ୍ନ ସିଂହାସନ ଉପରକୁ ଉଠି ଠାକୁରମାନଙ୍କ ଶ୍ରୀମୁଖ ଶୃଙ୍ଗାର କରିଥାନ୍ତି। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ। ଦତ୍ତମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ କରାଯାଇ ଅନ୍ୟାନ୍ୟ ନୀତି ବଢ଼ିବା ସହ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥାଏ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-TLHR-393, ତା.31.07.2024ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ / ତାଳଚେରଙ୍କ ଅଧିକାର କ୍ଷେତ୍ର ଅଧୀନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ (Zonal) କାର୍ଯ୍ୟ।

ଟେଣ୍ଡର ମୂଲ୍ୟ (₹): 84,11,793.80, EMD (₹) : 1,68,200.00

ବିଡ୍ ଆରମ୍ଭ ହେବା ତାରିଖ : ତା.08.08.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 22.08.2024 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ https://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ୍
PR-390/P/24-25


**ଜାତୀୟ ହସ୍ତତନ୍ତ ଦିବସ ଆଜି**

# ବାନ୍ଧକାମରେ ଶ୍ରୀମଦ୍ ଭଗବଦ୍ ଗୀତା



ପ୍ରଫୁଲ୍ଲ ମେହେର ବାନ୍ଧକାମ କରୁଛନ୍ତି।



**■ ୧୮ ଅଧ୍ୟାୟରେ ରହିଛି ୮୦୦ ଶ୍ଲୋକ**
**■ ଜାତୀୟସ୍ତରର ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେରଙ୍କ ନିଆରା ପ୍ରୟାସ**

**ସୋନପୁର, ୬।୮ (ମୃତ୍ୟୁଞ୍ଜୟ ଶତପଥୀ)**

ବର୍ଣ୍ଣିଳ ସଂସ୍କୃତିର ମାଟି ସୁବର୍ଣ୍ଣପୁର। ଏଠାକାର ବାନ୍ଧକଳାରେ ସୃଷ୍ଟ ବୟନଶିଳ୍ପ ବିଶ୍ୱ ବସ୍ତ୍ର ବଜାରରେ ଶୀର୍ଷ ସ୍ଥାନରେ ରହିଛି। ଏଇ ମାଟିର ବାନ୍ଧଶିଳ୍ପୀ ଓ ବୁଣାକାରଙ୍କ ତନ୍ତରୁ ପ୍ରସ୍ତୁତ ବସ୍ତ୍ର ସବୁ ଗ୍ରାହକଙ୍କ ପ୍ରଥମ ପସନ୍ଦ। ସେମିତି ଜଣେ ଜାତୀୟସ୍ତରର ବାନ୍ଧଶିଳ୍ପୀ ହେଲେ ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱର ପଡ଼ାର ପ୍ରଫୁଲ୍ଲ ମେହେର(୬୨)। ଭଗବଦ୍ ଗୀତାର ୧୮ ଅଧ୍ୟାୟକୁ ନେଇ ସେ ଗ୍ରାଫ୍ କାମ ଓ ବାନ୍ଧକାମ ଇତିମଧ୍ୟରେ ସମ୍ପୂର୍ଣ୍ଣ କରିଛନ୍ତି। ସୂକ୍ଷ୍ମ ପାଟସୂତାରେ ନିଖୁଣ ଭାବେ ଏହି କାମ କରାଯାଇଛି। ଏଥିରେ ମୋଟ ୮୦୦ଶ୍ଲୋକ ରହିଛି। ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ଜଣ କାରିଗର ଓ ପରେ ୧୨ଜଣ କାରିଗରଙ୍କୁ ସେ ନିୟୋଜିତ କରିଥିଲେ। ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀ ଝରଣା ମଧ୍ୟ ଏହି କାମରେ ଲାଗିଥିଲେ। ଏହି କଷ୍ଟସାଧ୍ୟ କାମ କରିବା ପାଇଁ ୨ବର୍ଷ ସମୟ ଲାଗିଛି। ରଙ୍ଗ କାମ ସରିବା ପରେ ଲୁଗାବୁଣା କାମ ଆରମ୍ଭ ହେବ। ଗୀତା ଜୟନ୍ତୀ ପୂର୍ବରୁ ସେ ଏହି କାମ ସମ୍ପୂର୍ଣ୍ଣ କରିବା ନେଇ ଲକ୍ଷ୍ୟ ରଖିଥିବା କହିଛନ୍ତି।

ଜିଲାର ବୀରମହାରାଜପୁର ଅଞ୍ଚଳର ବୁଣାକାର ପରିବାରରେ ଜନ୍ମିତ ପ୍ରଫୁଲ୍ଲ ଚତୁର୍ଥ ଶ୍ରେଣୀରେ ପଢ଼ିବା ସମୟରୁ ନିଜର କୌଳିକ ବୃତ୍ତି ବାନ୍ଧକଳା ପ୍ରତି ଆଗ୍ରହ ଦେଖାଇଥିଲେ। ପାଠପଢ଼ା ସରିବା ପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ। ନିଜର ପ୍ରତିଭା ପ୍ରଦର୍ଶନକରି ୧୯୯୨ରେ ସେ ନ୍ୟାଶନାଲ ମେରିଟ୍ ପୁରସ୍କାର ପାଇଥିଲେ। ୨୦୨୨ ମସିହାରେ ସେ ବୟନ ତତ୍ତ୍ୱାବଧାରକ ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି। ଚାକିରି ସମୟରେ ଅନେକ ବୁଣାକାର ତାଙ୍କଠାରୁ ପରାମର୍ଶ ନେଇ ନିଜ କଳାକୌଶଳରେ ଉନ୍ନତି କରିଛନ୍ତି। ସମ୍ବଲପୁରୀ ବାନ୍ଧକଳାରେ କିଛି ନୂତନତ୍ୱ ଆଣିବାକୁ ତାଙ୍କର ରୁଚି ରହିଛି। ଚାକିରିରୁ ଅବସର ଗ୍ରହଣ ପରେ ସେ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ ସେହି ସୂତାରେ ଶାଢ଼ି ବୁଣା ଉପରେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ତାଙ୍କ ନିକଟରେ ୫୦ ପ୍ରକାର ପ୍ରାକୃତିକ ରଙ୍ଗ ରହିଛି। ପ୍ରାକୃତିକ ରଙ୍ଗ ଦ୍ୱାରା ପ୍ରସ୍ତୁତ ଶାଢ଼ିର ରାଜ୍ୟ ଓ ରାଜ୍ୟ ବାହାରେ ଚାହିଦା ରହିଛି। ଏସବୁ ପ୍ରସ୍ତୁତ କରିବା ପାଇଁ ସେ ବୌଦ୍ଧ ଜିଲାର ବାସୁଦେବପାଲି ନିକଟରେ ୧୨ଟି ତନ୍ତ ବସାଇ ୬୦ ପରିବାରକୁ ରୋଜଗାର ଯୋଗାଇ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୫୦ ଜଣ ଅଣବୁଣାକାରଙ୍କୁ ବୁଣା କାମ ଶିଖାଇଛନ୍ତି। ପ୍ରଫୁଲ୍ଲ ଜଣେ ବାନ୍ଧଶିଳ୍ପୀ, ପାଟଶାଢ଼ି ଓ ୱାଲ୍ ହ୍ୟାଙ୍ଗିଂ ଡିଜାଇନ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ସେଥିମଧ୍ୟରୁ ତାଙ୍କ ଡିଜାଇନର ମା, ଆମର ମଙ୍ଗାଶାଲ ଓ ଗଞ୍ଜାପା ଶାଢ଼ିକୁ ଜାତୀୟ ପୁରସ୍କାର ମିଳିଛି। ଅଷ୍ଟନାୟିକା ଶାଢ଼ିକୁ ମେରିଟ୍ ଆୱାର୍ଡ ଓ ଅନେକ ଶାଢ଼ିକୁ ରାଜ୍ୟ ପୁରସ୍କାର ମିଳିଛି। ବହୁଚର୍ଚ୍ଚିତ ଗଣିତ ଶାଢ଼ିର ପରିକଳ୍ପନା ମଧ୍ୟ ପ୍ରଫୁଲ୍ଲ କରିଥିଲେ। ତାଙ୍କ ଡିଜାଇନ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଏବଂ ବୁଣାକାମ କରି ସୁବର୍ଣ୍ଣପୁର ଜିଲାର ୫ ବୁଣାକାର ଜାତୀୟ ପୁରସ୍କାର ଓ ୧୫ ବୁଣାକାର ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି।

# ଝାଡ଼ାବାନ୍ତି: ଗ୍ରାମଦେବୀଙ୍କ ସନ୍ତୁଷ୍ଟି ପାଇଁ ଚାଲିଛି ପୂଜାର୍ଚ୍ଚନା

**ଜୟପାଟଣା, ୬।୮ (ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପଟଣା ବ୍ଲକ ଟିଙ୍ଗୋପଖାନ ଗ୍ରାମରେ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସୋମବାର ଆକ୍ରାନ୍ତଙ୍କ ସଂଖ୍ୟା ୨୧ ରହିଥିବାବେଳେ ମଙ୍ଗଳବାର ଏହି ସଂଖ୍ୟା ୨୭ରେ ପହଞ୍ଚିଛି। ଗାଁର ଅଙ୍ଗନୱାଡି କେନ୍ଦ୍ରରେ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଚାଲିଥିବାବେଳେ ଟିମ୍ ସଦସ୍ୟ ଘରକୁ ଘର ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ବିଜ୍ଞାନ ଯୁଗରେ ମଧ୍ୟ ଗ୍ରାମରେ ଦେଖିବାକୁ ମିଳିଛି ଆସ୍ଥା ଓ ବିଶ୍ୱାସର ଝଲକ। ଆରୋଗ୍ୟ କାମନା କରି ଗ୍ରାମଦେବୀଙ୍କ ନିକଟରେ ଗ୍ରାମବାସୀ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ଗ୍ରାମଦେବୀ ରାଗିଯାଇଛନ୍ତି, ଗୁରୁଙ୍କ ଦେହରେ ଲାଗିଛି କାଳିଶି, ଟୋକେଇରେ କିଛି ଚାଉଳ ନେଇ ଆଦିବାସୀ ଭାଷାରେ ମନ୍ତ୍ର ମଧ୍ୟ ପଢ଼ା ଚାଲିଛି। ଏସବୁ ଦେଖିବା ପାଇଁ ଗାଁ ମଝିରେ ପିଲାଠୁ ବୟସ୍କ ସମସ୍ତେ ଏକଜୁଟ ହୋଇଛନ୍ତି। ଗାଁର ସମସ୍ତେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ ମା'ଙ୍କ ନିକଟରେ ବୋଦା ବଳୀ ଦିଆଯିବବୋଲି ମାନସିକ କରାଯାଉଛି। ବର୍ତ୍ତମାନ ଆକ୍ରାନ୍ତଙ୍କ ସଂଖ୍ୟା ୨୭ରେ ପହଞ୍ଚିଥିବା ବେଳେ ଆହୁରି ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ସଚେତନତା ପରେ ବି ଏଠି ଆସ୍ଥା ଓ ବିଶ୍ୱାସ ଆଗରେ ହାର ମାନିଛି ବିଜ୍ଞାନ। ଏହି ପରମ୍ପରା ଏବର ନୁହେଁ। ଗାଁରେ ଏମିତି କିଛି ସମସ୍ୟା ଦେଖାଦେଲେ ପୂର୍ବପୁରୁଷ ମଧ୍ୟ ସମାନ ଢଙ୍ଗରେ ଏପରି ପୂଜାର୍ଚ୍ଚନା କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଦୂଷିତ ଜଳ ବ୍ୟବହାର ପାଇଁ ଝାଡ଼ାବାନ୍ତି ବ୍ୟାପୁଥିବା ସ୍ୱାସ୍ଥ୍ୟ ବିଭାଗ ଅନୁମାନ କରୁଥିବା ବେଳେ ଗାଁର ବିଭିନ୍ନ ଜଳ ଉତ୍ସରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି।



ଗ୍ରାମଦେବୀଙ୍କୁ ସନ୍ତୁଷ୍ଟି ପାଇଁ ପୂଜାର୍ଚ୍ଚନା ଚାଲିଛି।


CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
1) Accountant - Exp. in Tally
2) Supervisor
3) Data Entry Operator (Tally)
KUKUMINA CONSTRUCTIONS (P) LTD.
CONTACT
7978354180 / 9338554697

URGENT REQUIREMENT
Petrol Pump Manager / Building Care Taker for Pattamundai.
CONTACT : 9778855101 / 9937651881
BESCO DEVELOPERS PVT. LTD.

REQUIRED
Office Assistant (2)
Marketing Executive (5)
4-Weeler Driver (2)
COMPETETIVE SALARY
CONTACT US
+91 93375 59575
hr@emoment.in
eMoment.in
WALK-IN INTERVIEW
DCB-324, 3rd Floor, DLF Cyber City
Chandaka Industrial Estate, PatiaBhubaneswar, Odisha 751024

SVS MEDICAL COLLEGE HOSPITAL
Mahabubnagar, Telangana State
REQUIRED
Professors, Associate Professors, Asst. Professors in the Depts. of Orthopedics, OBG, General Medicine, General Surgery, ENT, Pediatrics, Forensic Medicine, SPM and Resident/ Duty Medical Officers are also required.
Contact : +91 9010075083
Email resume to "svsmc_mbnr@yahoo.co.in"


# ମାଓବାଦୀଙ୍କ ସହ ଲଢ଼ି ବାପାଙ୍କ ଜୀବନ ବଞ୍ଚାଇଲେ ଝିଅ



**ମାଲକାନଗିରି, ୬।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀଙ୍କ ସହ ଲଢ଼ି ବାପାଙ୍କ ଜୀବନ ବଞ୍ଚାଇଛନ୍ତି ଝିଅ। ଏପରି ଘଟଣା ଛତିଶଗଡ଼ ନାରାୟଣପୁରସ୍ଥିତ ଝାରଗାଁରେ ଦେଖିବାକୁ ମିଳିଛି। ସୋମବାର ରାତିରେ ୪ଟି ବାଇକ୍‌ରେ ୮ ଜଣ ମାଓବାଦୀ ଗାଁରେ ପହଞ୍ଚି ସମୋଧର କୋରାମ୍ ନାମକ ବ୍ୟକ୍ତିଙ୍କୁ ଧାରୁଆ ଅସ୍ତ୍ରରେ ମାରିଦେବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ। ବାପାଙ୍କ ଚିତ୍କାର ଶୁଣି ସମୋଧରଙ୍କ ୧୭ ବର୍ଷୀୟା ଝିଅ ସୁଶୀଳା ସେଠାରେ ପହଞ୍ଚି ମାଓବାଦୀମାନେ ଧରିଥିବା ଧାରୁଆ ଅସ୍ତ୍ରକୁ ଛଡାଇ ବାପାଙ୍କୁ ଛାଡ଼ିବା ପାଇଁ ଧମକ ଦେଇ ଲଢ଼ିବା ପାଇଁ ପ୍ରସ୍ତୁତ ହେବା ସହ ଚିତ୍କାର କରିଥିଲେ। ଝିଅର ପାଟିଶୁଣି ଗ୍ରାମବାସୀ ପହଞ୍ଚିବା ଦେଖି ମାଓବାଦୀମାନେ ସେଠାରୁ ପଳାଇ ଯାଇଥିଲେ। ତେବେ ଏହା ଭିତରେ ସମୋଧର ମାଓବାଦୀଙ୍କ ଆକ୍ରମଣରେ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଝିଅର ସାହସିକତା ଯୋଗୁ ବାପାଙ୍କ ଜୀବନ ବଞ୍ଚିଯାଇଛି। ଘଟଣା ପ୍ରଚାରିତ ହେବା ପରେ ଝିଅର ସାହସିକତାକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ସୁଧ ଟଙ୍କା ପାଇଁ ଜୀବନ ହାରିଲେ ଯୁବକ



ଦୀପକ କୁମାର ପାତ୍ର

**ଉଦଳା, ୬।୮ (ସନ୍ତୋଷ କୁମାର ବାଛିନୀ)**

ସୁଧ ଟଙ୍କା ଦେଇ ନ ପାରିବାରୁ ଜଣେ ଯୁବକ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଡିବାସାହି ଗ୍ରାମରେ। ମୃତ ଯୁବକ ଜଣକ ହେଲେ ଦୀପକ କୁମାର ପାତ୍ର। ସୂଚନା ଅନୁଯାୟୀ, ଦୀପକ ରାଜ୍ୟ ବାହାରେ ରହି କାର୍ଯ୍ୟ କରନ୍ତି। ଗତ ମାର୍ଚ୍ଚ ୧୦ ତାରିଖରେ ତାଙ୍କର ବିବାହ ହୋଇଥିଲା। ବିବାହ ସମୟରେ ସେ ଗ୍ରାମର ଜଣେ ମହିଳାଙ୍କଠାରୁ ୧୦ହଜାର ଟଙ୍କା ୫ଟଙ୍କା ସୁଧରେ ଆଣିଥିଲେ। ବିବାହ ପରେ ପୁଣି ସେ ନିଜର କର୍ମସ୍ଥଳୀକୁ ଚାଲିଯାଇଥିଲେ। ବିବାହର ୩ ମାସ ପରେ ତାଙ୍କ ବାପା ନିତ୍ୟାନନ୍ଦ ପାତ୍ରଙ୍କର ମୃତ୍ୟୁ ହେବାରୁ ସେ ଶୁଦ୍ଧିକ୍ରିୟା ନିମନ୍ତେ ଗାଁକୁ ଆସିଥିଲେ। ଶୁଦ୍ଧି କର୍ମ ସାରି କର୍ମସ୍ଥଳକୁ ଫେରିଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସୁଧରେ ଟଙ୍କା ଦେଇଥିବା ମହିଳା ଓ ତାଙ୍କ ପୁଅ ଟଙ୍କା ମାଗିବା ସହ ସମସ୍ତଙ୍କ ସମ୍ମୁଖରେ ଦୀପକଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିରେ ନିଜକୁ ଲଜ୍ଜିତ ମନେ କରି ଦୀପକ ଆତ୍ମହତ୍ୟା କରିବା ପାଇଁ ଚରମ ନିଷ୍ପତ୍ତି ନେଇଥିଲେ। ପରିବାର ଲୋକେ ତାଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେ ତାଙ୍କ ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଥିଲେ। ଖବରପାଇ କପ୍ତିପଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଅନ୍ୟପକ୍ଷରେ ସୁଧ ଟଙ୍କା ପାଇଁ ମାନସିକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ମୃତ ଦୀପକ ପାତ୍ରଙ୍କ ଭାଇ ଅଶୋକ କୁମାର ପାତ୍ର କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୯୪/୨୪) ରୁଜୁ କରି ତଦନ୍ତ ଜାରି ରଖିଛି।


**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨
ସଂଖ୍ୟା: 11979/IND-II-PH-୧୨୧୫ ତାରିଖ: ୦୨।୦୮।୨୦୨୪

**ବିଜ୍ଞାପନ**

No. CAD-747: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଆଦିଶ ମିନେରାଲସ ପ୍ରାଇଭେଟ ଲିମିଟେଡ, ଓଡ଼ିଶାର ଯାଜପୁର ଜିଲ୍ଲା, ବଡ଼ଚଣା ଥାନା ଅନ୍ତର୍ଗତ ବାଉଁଶମୁଳି ମୌଜାସ୍ଥିତ କ୍ରୋମ ଓର ବେନେଫିସିଏସନ ପ୍ରକଳ୍ପର ବାର୍ଷିକ କ୍ଷମତା ୦.୧୨ ନିୟୁତ ଟନ (throughput) ରୁ ୦.୪୮ ନିୟୁତ ଟନ (throughput) କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA)), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୨।୦୯।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବାଉଁଶମୁଳି ଗ୍ରାମ (ଶ୍ରୀ ଅନନ୍ତ ଗୋପାଳ ଜୀଉ ବିଜେ ଛତିଆ ବଟ/ବଟବର)ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କଳିଙ୍ଗନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./– ସଦସ୍ୟ ସଚିବ
OSPCB-PH-MISC-0016-2024/3/2024
OIPR-08012/11/0046/2425

**ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ, ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ**
ମୋତିଝରନ୍, ସମ୍ବଲପୁର, ଓଡ଼ିଶା, ପିନ୍: ୭୬୮୦୦୧
ଦୂରଭାଷ/ଫ୍ୟାକ୍ସ: ୦୬୬୩-୨୫୪୮୭୪୩, ଇମେଲ: dfo.hirakudwl@odisha.gov.in
Quotation Call Notice No. 79/1F-197(Actt.)2018-19 Dated: 06.08.2024

**QUOTATION CALL NOTICE**

No. MM-115: Sealed quotations is invited in two Bid System from Service Providers/ Security Agencies for providing Ex-Military Personnel (Unarmed Guard) for engagement in Debrigarh Wildlife Sanctuary under Hirakud Wildlife Division for protection of Wildlife Habitat in Debrigarh Wildlife Sanctuary under the scheme CAMPA APO-2024-25 (RWLMP) during the year 2024-25 as follows:

| Item | Quantity | Cost of Tender Paper | EMD to be Deposited |
|---|---|---|---|
| 1 | 2 | 3 | 4 |
| 1. Ex-Military Personnel (Unarmed Guard) | 26 | 10,000/- | 1,80,181/- |

1. The quotation call documents can be obtained from the Office of the Division Forest Officer, Hirakud Wildlife Division, At: Motijharan, Near Sambalpur Zoo, PIN - 768001, Dist.: Sambalpur on any working day between **Dt.07.08.2024, 10.00 A.M. to 21.08.2024, 5.30 P.M.** on payment of a non-refundable Bank Draft for Rs.10,000/- drawn in favour of Divisional Forest Officer, Hirakud Wildlife Division payable at Sambalpur.
2. The quotation in a sealed cover duly filled should reach in the Office of the Divisional Forest Officer, Hirakud Wildlife Division, At: Motijharan, Near Deer Park, Sambalpur, PIN - 768001, District: Sambalpur latest by **Dt.21.08.2024, 5.30 P.M.** through Registered Post/Speed Post or in person.
3. The quotation call documents can be obtained from the office of the Divisional Forest Officer, Hirakud Wildlife Division, Sambalpur office from **Sri Shankar Behera, Head Clerk (Mob. 9777697646)** during office hours.
4. The tender shall be opened on **Dt.22.08.2024 at 11.30 P.M.** in the office chamber of the undersigned in presence of bidders or his authorized agent.
5. Preference will be given to the service provider who has already providing services in vulnerable wildlife areas of Odisha i.e. Sanctuaries, Tiger reserves etc. for ensuing attendance & proper enforcement by Guards in Debrigarh Wildlife Sanctuary.
6. The undersigned reserve the right to either accept or reject any tender without assigning any reason thereof.

Sd./- Divisional Forest Officer
Hirakud Wildlife Division, Sambalpur
OIPR-08078/11/0005/2425

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO.III, BHUBANESWAR**
bbsrrandb03@yahoo.com
60Estg.No.-4382 Date:5.8.2024
No.B-148: **Government of Odisha**
**"e"-Procurement Notice No.(07) of 2024-25**
**Bid Identification No:-C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of Works | 1 No. Work |
| 3 | Estimated Cost | i) Rs.84,74,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 3 (Three) Calendar Months |
| 6 | Type of Tender | Double Cover System (Online) |
| 7 | Date & Time of availability of Bid document in the Portal | From 12.08.2024 at 1.30 P.M. to 22.08.2024 upto 5.30 P.M. |
| 8 | Last Date & Time for Receipt of Bids in the Portal | 22.08.2024, upto 5.30 P.M. |
| 9 | Name & Address of the Officer Inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No.III, Bhubaneswar |

Further details can be seen from the e-procurement portal https://tendersorissa.gov.in.
N.B.: Subsequent corrigendum/addendum if required shall be available in the website as indicated above.
Sd./-Superintending Engineer
BBSR (R&B) Division No.III, BBSR
OIPR-34089/11/0006/2425

इंस्टीट्यूट ऑफ बैंकिंग पर्सोनेल सिलेक्शन ®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविभावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें / Scan to visit Website

**ସିଆର୍‌ପି ପିଓ/ଏମ୍‌ଟି-XIV ଏବଂ ସିଆର୍‌ପି ଏସ୍‌ପିଏଲ୍-XIV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ମ୍ୟାନେଜମେଣ୍ଟ ଟ୍ରେନିଙ୍କ ନିଯୁକ୍ତି (୨୦୨୫-୨୬ର ଖାଲିପଦବୀ ପାଇଁ ସିଆର୍‌ପି ପିଓ/ଏମ୍‌ଟି-XIV) ଏବଂ ସ୍ପେଶାଲିଷ୍ଟ ଅଫିସରଙ୍କ ନିଯୁକ୍ତି (୨୦୨୫-୨୬ର ଖାଲିପଦବୀ ପାଇଁ ସିଆର୍‌ପି ଏସ୍‌ପିଏଲ୍-XIV) ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା**

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.in/ ରେ ଲଗ୍ ଇନ୍ କରନ୍ତୁ

ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ପ୍ରୋବେସନାରୀ ଅଫିସର୍ସ/ ମ୍ୟାନେଜମେଣ୍ଟ ଟ୍ରେନି ପଦବୀଗୁଡ଼ିକ ପାଇଁ କର୍ମଚାରୀଙ୍କ ନିଯୁକ୍ତି ଓ ଚୟନ ଲାଗି ଆସନ୍ତା ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି) ନିମନ୍ତେ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ଅକ୍ଟୋବର ୨୦୨୪ ଏବଂ ନଭେମ୍ବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ ସ୍ପେଶାଲିଷ୍ଟ ଅଫିସର୍ସ ପାହ୍ୟା ପଦବୀରେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆସନ୍ତା ସାଧାରଣ ନିଯୁକ୍ତି ପରୀକ୍ଷା (ସିଆର୍‌ପି) ପାଇଁ ଅନ୍ ଲାଇନ୍ ପରୀକ୍ଷା (ପ୍ରିଲିମିନାରି ଓ ମେନ୍) ନଭେମ୍ବର, ୨୦୨୪ ଓ ଡିସେମ୍ବର, ୨୦୨୪ରେ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମଗୁଡ଼ିକର ସମ୍ଭାବ୍ୟ ସମୟସୂଚୀ ନିମ୍ନ ଅନୁଯାୟୀ ହେବ:

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| କାର୍ଯ୍ୟକ୍ରମ | ପିଓ/ଏମ୍‌ଟି | ସ୍ପେଶାଲିଷ୍ଟ ଅଫିସର୍ସ |
|---|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ପ୍ରାର୍ଥୀମାନଙ୍କ ଦ୍ୱାରା ଦରଖାସ୍ତର ସମ୍ପାଦନ/ସଂଶୋଧନ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ |
| ଦରଖାସ୍ତ ଦେୟ/ଇଣ୍ଟିମେସନ୍ ଶୁଳ୍କ ପୈଠ (ଅନ୍‌ଲାଇନ୍) | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ | ୦୧।୦୮।୨୦୨୪ରୁ ୨୧।୦୮।୨୦୨୪ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ • | ସେପ୍ଟେମ୍ବର ୨୦୨୪ | —— |
| ଅନ୍‌ଲାଇନ୍ ପରୀକ୍ଷା - ପ୍ରିଲିମିନାରି | ଅକ୍ଟୋବର ୨୦୨୪ | ନଭେମ୍ବର ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ପରୀକ୍ଷାଫଳ | ନଭେମ୍ବର ୨୦୨୪ | ନଭେମ୍ବର/ ଡିସେମ୍ବର ୨୦୨୪ |
| ଅନ୍‌ଲାଇନ୍ ପରୀକ୍ଷା - ମେନ୍ | ନଭେମ୍ବର ୨୦୨୪ | ଡିସେମ୍ବର ୨୦୨୪ |
| ପରୀକ୍ଷାଫଳ ଘୋଷଣା – ମେନ୍ ପରୀକ୍ଷା | ଡିସେମ୍ବର ୨୦୨୪/ ଜାନୁଆରୀ ୨୦୨୫ | ଜାନୁଆରୀ/ ଫେବୃଆରୀ ୨୦୨୫ |
| ସାକ୍ଷାତ୍‌କାର ସଞ୍ଚାଳନ | ଜାନୁୟାରୀ/ ଫେବୃୟାରୀ ୨୦୨୫ | ଫେବୃୟାରୀ/ମାର୍ଚ୍ଚ ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ଏପ୍ରିଲ ୨୦୨୫ | ଏପ୍ରିଲ ୨୦୨୫ |

• ପିଇଟି ଅନ୍‌ଲାଇନ୍ ପଦ୍ଧତି କିମ୍ବା ଶାରୀରିକ ପଦ୍ଧତିରେ ସଞ୍ଚାଳିତ କରାଯାଇପାରେ।
ବିବରଣୀ ତଥା ଅପଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ମୁମ୍ବାଇ
ତାରିଖ: ୦୧।୦୮।୨୦୨୪ ନିର୍ଦ୍ଦେଶକ

# ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମରେ ବିଳମ୍ବ

- ୨ବର୍ଷ ବିତିଲାଣି ସମ୍ପୂର୍ଣ୍ଣ ହୋଇପାରିନି ନିର୍ମାଣ କାର୍ଯ୍ୟ
- ସଙ୍କୁଚିତ ସ୍ଥାନରେ ଚାଲିଛି ପୁରୁଣା ଡାକ୍ତରଖାନା
- ଟ୍ରାଫିକ, ପାର୍କିଂ ସମସ୍ୟା ଉତ୍କଟ

ଭଦ୍ରକ,୬।୮(ସନାତନ ରାଉତ)

ଜିଲାରେ ସ୍ୱାସ୍ଥ୍ୟସେବାରେ ବିକାଶ ପାଇଁ ପୂର୍ବ ସରକାର ସମୟରେ ଭଦ୍ରକ ସହର ଉପକଣ୍ଠ ଗେଲପୁରଠାରେ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ କରାଯାଇଛି। ୧୪୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ୩ଶହ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନା। ସେହି କ୍ୟାମ୍ପସରେ ନିର୍ମିତ ୧ ଶହ ଶଯ୍ୟା ବିଶିଷ୍ଟ ମାତୃ, ଶିଶୁ ବିଭାଗ କାର୍ଯ୍ୟକ୍ଷମ ହୋଇସାରିଲାଣି। କିନ୍ତୁ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଛି। ପୁରୁଣା ସ୍ଥାନରୁ ସ୍ଥାନାନ୍ତର ନ ହୋଇ ଏବେ ମଧ୍ୟ ନୂଆବଜାରସ୍ଥିତ ପୁରୁଣା ଡାକ୍ତରଖାନାରେ ଚାଲିଛି।

ଭେଷଜ, ଅସ୍ଥିଶଲ୍ୟ, କ୍ୟାନ୍ସର ୟୁନିଟ୍, ମହିଳା ଓ ପୁରୁଷ ଭେଷଜ ଟ୍ରମାକେୟାର, ବ୍ଲଡ୍‌ବ୍ୟାଙ୍କ, ଅକ୍ସିଜେନ ପ୍ଲାଣ୍ଟ, ଏକ୍ସରେ, ଟ୍ରମାକେୟାର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ପୁରୁଣା ଚିକିତ୍ସାଳୟରେ ଚାଲିଛି। ସହର ମଧ୍ୟଭାଗରେ ସଙ୍କୁଚିତ ସ୍ଥାନରେ ଏହି ପୁରୁଣା ଡାକ୍ତରଖାନା ଚାଲୁଥିବାରୁ ଟ୍ରାଫିକ ଓ ପାର୍କିଂ ସମସ୍ୟା ଉତ୍କଟ ହେଉଛି। ଏଥିପାଇଁ ନୂତନ ମେଡିକାଲ ଅଗଷ୍ଟ ମାସରେ ସ୍ଥାନାନ୍ତର ହେବ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। କିନ୍ତୁ ଏବେ ଅଗଷ୍ଟ ମାସ ଚାଲିଥିବା ବେଳେ ଏପର୍ଯ୍ୟନ୍ତ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ନେଇ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷେ ଦୁଇବର୍ଷ ପୂର୍ବରୁ ନୂତନ ଜିଲା ଚିକିତ୍ସାଳୟର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏଯାଏ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଆହୁରି କାମ ବାକି ରହିଛି। ଚିକିତ୍ସାଳୟର ପଛପଟ ପାଚେରି ନ ଥିବାରୁ ମେଲା ପଡ଼ିଛି। ସେହିପରି ବ୍ଲଡ୍‌ବ୍ୟାଙ୍କ, ପାଥୋଲୋଜି ୟୁନିଟ୍, ଏକ୍ସରେ, ସିଟିସ୍କାନ୍ ଆଦି ଗୁରୁତ୍ୱପୂର୍ଣ୍ଣ ୟୁନିଟ୍ ପାଇଁ କାର୍ଯ୍ୟ ଶେଷ ହୋଇ ନ ଥିବା ଜଣାପଡ଼ିଛି। ସେହିପରି ଷ୍ଟୋରେଜ୍ ସିଷ୍ଟମ ଓ ଆନୁଷଙ୍ଗିକ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇନି। ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ଅନ୍ୟ କର୍ମଚାରୀମାନଙ୍କ ଲାଗି କ୍ୱାର୍ଟର୍ସ ବ୍ୟବସ୍ଥା ହୋଇନାହିଁ। ସୁରକ୍ଷା ଦୃଷ୍ଟିକୋଣରୁ ଚିକିତ୍ସାଳୟ ପରିସରରେ ପୋଲିସ ଆଉଟ୍‌ପୋଷ୍ଟ କରାଯାଇ ନାହିଁ।

୧୬ ନଂ. ଜାତୀୟ ରାଜପଥରୁ ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ରାସ୍ତାପାର୍ଶ୍ୱରୁ ଜବରଦଖଲ ଏପର୍ଯ୍ୟନ୍ତ ଉଚ୍ଛେଦ କରାଯାଇ ନାହିଁ। ଏସବୁ ସମସ୍ୟାର ସମାଧାନ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହେବାରେ ବିଳମ୍ବ ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା କହିଛନ୍ତି, ନୂତନ ଡାକ୍ତରଖାନା ଗୃହ ନିର୍ମାଣ ପରେ ହସ୍ତାନ୍ତର ହୋଇନାହିଁ। ଅଳ୍ପ କିଛି କାମ ବାକି ଅଛି, ଖୁବ୍‌ଶୀଘ୍ର ସରିଯିବ। ଜିଲାପାଳଙ୍କ ସହ ଆଲୋଚନା ପରେ ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ସ୍ଥାନାନ୍ତର ହେବ ବୋଲି ନିଷ୍ପତ୍ତି ହୋଇଛି। ସେହି ଅନୁସାରେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି।



ସହର ଉପକଣ୍ଠ ଗେଲପୁରଠାରେ ନିର୍ମିତ ନୂତନ ଜିଲା ମୁଖ୍ୟ ଚିକିତ୍ସାଳୟ।

## କେନ୍ଦ୍ରାପଡ଼ାରୁ ଆସି ଦିବ୍ୟାଙ୍ଗ ଧର୍ମାନନ୍ଦଙ୍କୁ ସହାୟତା



ଓଳଗ ଗ୍ରାମର ଦିବ୍ୟାଙ୍ଗ ଧର୍ମାନନ୍ଦ ସୂତାରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ଚାନ୍ଦବାଲି,୬।୮(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଓଳଗ ପଞ୍ଚାୟତ ଓଳଗ ଗ୍ରାମର ଦିବ୍ୟାଙ୍ଗ ଯୁବକ ଧର୍ମାନନ୍ଦ ସୂତାର ଦୀର୍ଘଦିନ ହେଲା ଘରେ ରହି ଚିକିତ୍ସିତ ହେବା ସହ କାମ କରିବାକୁ ସକ୍ଷମ ନୁହଁନ୍ତି। ନିଜେ କିଛି କରିପାରୁ ନ ଥିବାବେଳେ ଘରେ କେହି ଆଉ ରୋଜଗାରିଆ ନାହାନ୍ତି। ଏହି କଥା ସେ ସୋସିଆଲ ମିଡିଆରେ ନିଜେ ଭାଇରାଲ କରିବା ପରେ କେନ୍ଦ୍ରାପଡ଼ା ଜିଲାର ଆସ ଖୁସି ବାଣ୍ଟିବା ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଟ୍ରଷ୍ଟର ସଭାପତି ପ୍ରଶାନ୍ତ ଜେନା, ଉପସଭାପତି ସୁବ୍ରତ ବେହୁରା, ସମ୍ପାଦକ ଚନ୍ଦନ ମହାରଣା, ଟ୍ରଷ୍ଟି ମ୍ୟାନେଜର ଦେବାଶିଷ ମାଲିକ, ଲକ୍ଷ୍ମୀପ୍ରିୟା ଦାଶ, ବିଶ୍ୱରଞ୍ଜନ ମଲିକ ପ୍ରମୁଖ ଧର୍ମାନନ୍ଦଙ୍କ ଘରେ ପହଞ୍ଚି ତାଙ୍କୁ ୧୦ ହଜାର ଟଙ୍କାର ଆର୍ଥିକ ସାହାଯ୍ୟ କରିଛନ୍ତି।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳକ ମୃତ

ତିହିଡ଼ି,୬।୮(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତ କାଶିପୁର ଗ୍ରାମର ଭରତ ବାରିକଙ୍କ ପୁଅ ସୂର୍ଯ୍ୟକାନ୍ତ(୧୩)ଙ୍କ ସାପ କାମୁଡ଼ାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ସୂର୍ଯ୍ୟକାନ୍ତ ସୋମବାର ରାତିରେ ଶୋଇଥିବା ବେଳେ ତାଙ୍କୁ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ନିମନ୍ତେ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି।

### ବଦଳିଲେ ୨ ଅତିରିକ୍ତ ଜିଲାପାଳ

କେନ୍ଦୁଝର, ୬।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ୨ ଅତିରିକ୍ତ ଜିଲାପାଳ ଯଦୁମଣୀ ମହଲା ଓ ଲଳିତ ସୋରେଙ୍ଗଙ୍କ ବଦଳି ହୋଇଛି। ବାଲେଶ୍ୱର ଜିଲା ନିଳଗିରିର ଉପଜିଲାପାଳ ମନ୍ଦାରଧର ମହାଲିକ ଓ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପ୍ରଧାନ କେନ୍ଦୁଝର ଜିଲାର ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବରଗଡ଼ ଜିଲାର ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ ଖାଲିଥିବା କେନ୍ଦୁଝର ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଚମ୍ପୁଆ ଉପଜିଲାପାଳ ଭାବରେ ନିଯୁକ୍ତି ଦିଆଯାଇଛି।

## ଭଙ୍ଗା ଦୋକାନ ଛାତରୁ ଲୁହାରଡ୍ ସଂଗ୍ରହ


ଲୋକେ ଭଙ୍ଗାଯାଇଥିବା ଦୋକାନ ଛାତରୁ ଲୁହାରଡ୍ ସଂଗ୍ରହ କରୁଛନ୍ତି।

ଭଦ୍ରକ,୬।୮(ସନାତନ ରାଉତ)

### ୨ ଦିନ ବନ୍ଦ ପରେ ପୁଣି ଜବରଦଖଲ ଉଚ୍ଛେଦ

ଭଦ୍ରକ ସହରରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ରବିବାର ଓ ସୋମବାର ଦୁଇଦିନ ଧରି ବନ୍ଦ ରହିଥିଲା। ମଙ୍ଗଳବାର ପୁଣି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଅପର୍ତ୍ତିବିନ୍ଧା ଛକଠାରୁ ବନ୍ତଛକ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଜେସିବି ଲଗାଇ ୪୦ରୁ ଊର୍ଦ୍ଧ୍ୱ ଦୋକାନ ଘର ଭାଙ୍ଗି ଦିଆଯାଇଛି।

ଭଙ୍ଗାଯାଇଥିବା କୋଠାଗୃହର ଛାତ ଓ ପିଲରରୁ ହାତୁଡ଼ି, ଶାବଳ, ହାମାର ସାହାଯ୍ୟରେ କଂକ୍ରିଟ ଭାଙ୍ଗି ଲୁହାରଡ୍ ସଂଗ୍ରହ କରିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଲାଗିଥିବା ଦେଖାଯାଇଥିଲା। ଜୀବିକା ହରାଇଥିବା ଉଠା ଦୋକାନୀ ଓ ଟ୍ରଲି ବ୍ୟବସାୟୀଙ୍କ ସମେତ ବହୁ ସଂଖ୍ୟାରେ ଲୋକ କଂକ୍ରିଟ ଭାଙ୍ଗି ଲୁହାରଡ୍ ସଂଗ୍ରହ କରି ଏକାଠି କରୁଥିବା ଓ ଟ୍ରଲିରେ ବୋଝେଇ କରୁଥିବା ଦେଖିବାକୁ ମିଳିଥିଲା। ଜିଲା ପ୍ରଶାସନ ଓ ପୌରପାଳିକାର ମିଳିତ ସହଯୋଗରେ ଏହି ଉଚ୍ଛେଦ ପ୍ରକ୍ରିୟା ଚାଲିଥିବା ବେଳେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ପୌର ନିର୍ବାହୀ ଅଧିକାରୀ ଦେବୀପ୍ରସାଦ ମହାନ୍ତି, ଟାଉନ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିଲା।

## ପ୍ରଧାନ ଶିକ୍ଷକ-ଶିକ୍ଷକ ବିବାଦ ଘଟଣାର ତଦନ୍ତ ସରିଲା

ଭଣ୍ଡାରିପୋଖରୀ,୬।୮ (ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସହ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରେ ଚାଲିଥିବା ବିବାଦର ତଦନ୍ତ ମଙ୍ଗଳବାର ଶେଷ ହୋଇଛି। ତଦନ୍ତକାରୀ ଅଧିକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଅଧିର କୁମାର ତରାଇ ଓ ଯଶୋଟିକିରି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ନନ୍ଦ ଉକ୍ତ ସ୍କୁଲରେ ରେକର୍ଡପତ୍ର ଯାଞ୍ଚ କରି ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟଙ୍କ ସହ ଘଟଣା ସମ୍ପର୍କରେ କୌଣସି ଆଲୋଚନା କରି ନ ଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଜିଲା ଶିକ୍ଷା ବିଭାଗର ପଦକ୍ଷେପକୁ ଗ୍ରାମବାସୀ ଅପେକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୭ରେ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିବାଦରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଫାଟକରେ ତାଲା ପଡ଼ି ରହିଥିଲା। ପରେ ଏହାର ତଦନ୍ତ କରାଯାଇଥିଲେ ମଧ୍ୟ ତଦନ୍ତ ଅଧାରେ ରହି ଯାଇଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତଦନ୍ତ ମଝିରେ ପ୍ରଧାନଶିକ୍ଷକ କେତେଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ପିଛିଲା ଭାବେ ଜାରି କରିଥିବା କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ଶିକ୍ଷକମାନେ ତଦନ୍ତ କମିଟିକୁ ଅବଗତ କରିଛନ୍ତି।

## ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ଚାରାରୋପଣ

ଭଦ୍ରକ, ୬।୮ (ରବିନାରାୟଣ ଖିଲାର)

ଭଦ୍ରକର ବାଗୁରାଇଠାରେ ଗଛମଣିଷ ସଙ୍ଗଠନ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ଚାରାରୋପଣ କରାଯାଇଛି। ମନୋରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟଶ୍ରୀ ନିର୍ମଳ ରାଉତ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ନାଗରିକ ପରିଷଦର ସଭାପତି ବାମନ ଚରଣ ରାଉତ, ଶୁଭମ ସଙ୍ଗଠନର ସମ୍ପାଦକ ନରେନ୍ଦ୍ର ସାମଲ, କାଉନସିଲର ସ୍ୱାଗତିକା ନାୟକ, ଗଛମଣିଷର ସଭାପତି ଦେବୀପ୍ରସାଦ ନାୟକବର୍ମା ଓ ସମ୍ପାଦିକା ସଂଯୁକ୍ତା ବଳନାୟକ ଯୋଗ ଦେଇଥିଲେ। ଗଛମଣିଷର ମାର୍ଗଦର୍ଶକ ନିରନ ନାୟକ, ଉପସଭାପତି ଅଶୋକ ନାୟକ, ପଞ୍ଚାନନ ନାୟକ, ସହସମ୍ପାଦକ ସୁଧାଶଙ୍କର ବରାଳ, କୋଷାଧ୍ୟକ୍ଷ ମନୋରଞ୍ଜନ ପଡ଼ିଆରୀ, ତାପସ ରଞ୍ଜନ ମହାପାତ୍ର, ଦମୟନ୍ତୀ ରାଉତ, ଶଶିକଳା ମିଶ୍ର, ରେଣୁବାଳା ନାୟକ, ଅନିତା ନାୟକ, ଅନିଲ କୁମାର ନାୟକ ଓ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ। ଆଗକୁ ଏପରି ଚାରାରୋପଣ ଜାରି ରହିବ ବୋଲି କୁହାଯାଇଛି।



ଚାରାରୋପଣ ଅବସରରେ ଗଛମଣିଷ ସଙ୍ଗଠନର କର୍ମକର୍ତ୍ତା।

## କାଉଡ଼ିଆଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଭଦ୍ରକ,୬।୮(ରବିନାରାୟଣ ଖିଲାର)

ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ କାଉଡ଼ିଆମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଶ୍ରାବଣ ମାସର ତୃତୀୟ ସୋମବାର ଆରଡ଼ି ପୀଠର ବାବା ଆଖଣ୍ଡଳମଣିଙ୍କୁ ଜଳାଭିଷେକ କରିବାକୁ ଯାଉଥିବା କାଉଡ଼ିଆ ଭକ୍ତମାନଙ୍କୁ ଆନନ୍ଦବଜାର ନିକଟରେ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଇଥିଲା। ସଙ୍ଗଠନର ସଭାପତି କଳ୍ପନା ଜେନାଙ୍କ ନେତୃତ୍ୱରେ ମାର୍ଗଦର୍ଶକ ଅଧ୍ୟାପକ ନୀହାର ରଞ୍ଜନ କର, ଉପଦେଷ୍ଟା ଜାନକୀ ପାଢ଼ୀ, ସମ୍ପାଦିକା ଅଞ୍ଜନା ମିଶ୍ର, ଉପସଭାପତି ମନୋରମା ରାୟ, ଚଇତାଳି ଖିଲାର ପ୍ରମୁଖ କାଉଡ଼ିଆମାନଙ୍କୁ ଶୁଖିଲା ଖାଦ୍ୟ, ଫଳ ଓ ପାଣି ବୋତଲ ପ୍ରଦାନ କରିଥିଲେ। ସେହିପରି ସକାଳେ ସଙ୍ଗଠନ ପକ୍ଷରୁ ବାଇପାସ୍‌ସ୍ଥିତ ପଞ୍ଚାୟତ ସମ୍ବଳ କାର୍ଯ୍ୟାଳୟଠାରେ ଚାରାରୋପଣ କରାଯାଇଥିଲା। ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କ ସହ ନରେଶ କୁମାର ରାଉତ, ରଶ୍ମିତା ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରାଯାଉ

ଭଦ୍ରକ,୬।୮ (ସନାତନ ରାଉତ)

### ସଂସଦରେ ଦାବି ଜଣାଇଲେ ଏମ୍‌ପି

ଭଦ୍ରକରେ ବେଆଇନ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସେମାନଙ୍କ ପାଇଁ ସ୍ଥାନୀୟ ଲୋକେ ସଙ୍କଟାପନ୍ନ ଅବସ୍ଥାରେ ବସବାସ କରୁଛନ୍ତି। ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ମଙ୍ଗଳବାର ସଂସଦ ଅଧିବେଶନରେ ଏହି ପ୍ରସଙ୍ଗ ଉଠାଇ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବିତାଡ଼ିତ କରାଯିବାକୁ ଦାବି କରିଛନ୍ତି। ରାଜ୍ୟରେ ଥିବା ପୂର୍ବ ସରକାର ଭୋଟ୍‌ବ୍ୟାଙ୍କ ବଢ଼ାଇବା ପାଇଁ ବେଆଇନ ଅନୁପ୍ରବେଶକାରୀଙ୍କୁ ଭୋଟର କାର୍ଡ ଓ ରାଶନ କାର୍ଡ ପ୍ରଦାନ କରିଥିଲେ। ଅନୁପ୍ରବେଶକାରୀମାନେ ସରକାରୀ ଫାଇଦା ନେବା ସହ ରାଜପଥରେ ଲୁଟ୍, ଗୋଚାଲାଣ, ଡ୍ରଗ୍ସ କାରବାର ଆଦି ବିଭିନ୍ନ ଅନୈତିକ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ଅଶାନ୍ତି ସୃଷ୍ଟି କରୁଥିବା ସେ କହିଛନ୍ତି। ପୋଲିସ ସେମାନଙ୍କୁ ଚିହ୍ନଟକରି ଖୁବ୍‌ଶୀଘ୍ର ଭଦ୍ରକ ଜିଲା ଓ ଦେଶରୁ ବିତାଡ଼ିତ କରିବାକୁ ଏମ୍‌ପି ସେଠୀ ଦାବି କରିଛନ୍ତି।


ଏମ୍‌ପି ଅଭିମନ୍ୟୁ ସେଠୀ।

## କଲେଜରେ ରାଜ୍ୟସ୍ତରୀୟ ପାଠଚକ୍ର



ଅତିଥିମାନେ କବିତା ସଙ୍କଳନ ଉନ୍ମୋଚନ କରୁଛନ୍ତି।

ଚାନ୍ଦବାଲି,୬।୮(କିଷାନ ପାତ୍ର )

ଭଦ୍ରକ ଜିଲା ଚାନ୍ଦବାଲି ମହାବିଦ୍ୟାଳୟରେ ସୋମବାର ଇଂଲିଶ ବିଭାଗର ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଅନୁବାଦ ଓ ସାହିତ୍ୟ' ଶୀର୍ଷକ ପାଠଚକ୍ରର ବିଷୟବସ୍ତୁ ଥିଲା। କଲେଜର ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ପାଠଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପତି ଯୋଗଦେଇ କଥିତ ଏବଂ ଅନୌପଚାରିକ ଇଂଲିଶ ଶିକ୍ଷା ଓ ପ୍ରୟୋଗ ସପକ୍ଷରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା କମଳା ନେହରୁ ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ପ୍ରଫୁଲ୍ଲ ଚନ୍ଦ୍ର ରଥ, ଅନ୍ୟତମ ବକ୍ତା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଟୁନା ପଣ୍ଡା, ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ମାୟାଧର ମହାନ୍ତି ଓ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶାଶ୍ୱତ ମିଶ୍ର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଶାଶ୍ୱତ ମିଶ୍ରଙ୍କ ସ୍ୱଲିଖିତ କବିତା ସଙ୍କଳନ 'ଲିଖିତ ଅଲିଖିତ' ଉନ୍ମୋଚନ କରାଯାଇଥିଲା। ଅଧ୍ୟାପକ ପବିତ୍ର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ କିଶୋର ଶତପଥୀ, ପ୍ରିୟଙ୍କା ବାରିକ, ଚନ୍ଦନ ଦାସ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅବିନାଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିକପୁର ହାଇସ୍କୁଲ ଛାତ୍ରୀ ସମ୍ବର୍ଦ୍ଧିତ

ଭଣ୍ଡାରିପୋଖରୀ,୬।୮(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ପଦ୍ମନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ପକ୍ଷରୁ ଗତ ମାଟ୍ରିକ୍ ପରୀକ୍ଷାର ଓଡ଼ିଆ ବିଷୟରେ ସର୍ବାଧିକ ନମ୍ବର ହାସଲ କରିଥିବା ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୁଚରିତା ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପାଠାଗାର ସଭାପତି ପୁରୁଷୋତ୍ତମ ଧଳ, ଶିକ୍ଷାବିତ୍ ଜଗନ୍ନାଥ ନାୟକ, ପ୍ରତିଭା ଶତପଥୀ, ପ୍ରଜ୍ଞାପରମିତା ପତି, ନୀଳିମା ପ୍ରିୟଦର୍ଶିନୀ ପଣ୍ଡା, ପ୍ରଭାତୀ ମହାରଣା, ସଞ୍ଜିତା ନାୟକ, ମଞ୍ଜୁଲତା ବେହେରା ଓ ପଦ୍ମଲୋଚନ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସୁଚରିତାଙ୍କ ଓଡ଼ିଆ ଭାଷାଗତ ଦକ୍ଷତା ପାଇଁ ଓଡ଼ିଆ ଅଭିଧାନ ସହ ପାଠ୍ୟ ଉପକରଣ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଜିତେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।



## ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରତିଯୋଗିତା

ଭଦ୍ରକ,୬।୮ (ସନାତନ ରାଉତ)

ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ମଙ୍ଗଳବାର ଜିଲା ସଂସ୍କୃତି ଭବନରେ ଓଡ଼ିଆ ଓ ଇଂଲିଶ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରୋଟାରୀ କ୍ଲବ୍‌ର ପୃଷ୍ଠପୋଷକତାରେ ପୌରାଞ୍ଚଳ ଓ ପ୍ରତି ବ୍ଲକ୍‌ରୁ ଆସିଥିବା ପ୍ରତିଯୋଗୀମାନଙ୍କୁ ନେଇ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ, ୯ମ ଓ ୧୦ମ ଶ୍ରେଣୀକୁ ନେଇ ବରିଷ୍ଠ ବିଭାଗ ମଧ୍ୟରେ ଏହି ପ୍ରତିଯୋଗିତା କରାଯାଇଥିଲା। ଅବସରପ୍ରାପ୍ତ ପ୍ରାଧ୍ୟାପକ ବ୍ରଜମୋହନ ମିଶ୍ର, ଗୋଲକ ବିହାରୀ ସାହୁ, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଇଂଲିଶ ବିଭାଗ ଏବଂ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶଶଧର ଦାସ, ପ୍ରଫୁଲ୍ଲ କୁମାର ସାହୁ, ଅବସରପ୍ରାପ୍ତ ଅଧ୍ୟାପକ ରାଧାରାଣୀ ମହାପାତ୍ର ପ୍ରମୁଖ ଓଡ଼ିଆ ବିଭାଗର ପ୍ରତିଯୋଗିତା ପାଇଁ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ଓଡ଼ିଆ ବକ୍ତୃତା ପ୍ରତିଯୋଗିତା କନିଷ୍ଠ ବିଭାଗରେ ସାବରଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ସାଇକିରଣ ସାମଲ ୧ମ, ଜିଲା ସ୍କୁଲର ଶୀତଲ ମଲ୍ଲିକ୍ ୨ୟ ଓ ଉତ୍ତରବାହିନୀ କାହ୍ନୁଚରଣ ସହଯୋଗ ଉଚ୍ଚ ବିଦ୍ୟାଳୟର ଶୁଭଶ୍ରୀ ମାଝୀ ତୃତୀୟ ହୋଇଛନ୍ତି। ବରିଷ୍ଠ ବିଭାଗରେ ମହରମପୁର ଉମାଚରଣ ସହଯୋଗ ହାଇସ୍କୁଲର ଆଦ୍ୟାଶା ସାହୁ ୧ମ, ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ତୃପ୍ତି ତନୟା ପଣ୍ଡା ୨ୟ ଏବଂ ଓଲଙ୍ଗ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦେବାଶିଷ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ପାର୍ଥସାରଥି ଦାସ ପ୍ରଥମ, ଜ୍ୟୋତି କନ୍‌ଭେଣ୍ଟ ସ୍କୁଲର ସ୍ୱାତୀଶ୍ରୀ ନାୟକ ୨ୟ ଏବଂ ଡିଏଭି ଡିପିଏସ୍‌ର ଆଦର୍ଶ ପଣ୍ଡା ଓ ସେଣ୍ଟ ଜାଭିୟର ହାଇସ୍କୁଲର ଏସ୍‌ଏସ୍‌ଟି ଶ୍ରେୟାଂଶୁ ମିଶ୍ର ଯୁଗ୍ମ ୩ୟ ସ୍ଥାନ ହାସଲ କରିଛନ୍ତି।

ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରୋଟାରୀ କ୍ଲବ୍‌ର ପୂର୍ବତନ ସଭାପତି ରୋଟାରିଆନ ପ୍ରଣବ କୁମାର ସାହୁ ଓ ରୋଟାରିଆନ ବାଦଲ କିଶୋର ମହାପାତ୍ରଙ୍କ ସଂଯୋଜନାରେ ପ୍ରତିଯୋଗିତା ହୋଇଥିଲା। କ୍ଲବର ସଭାପତି ସନ୍ତୋଷ ନାୟକ, ସମ୍ପାଦିକା ସାୟନ୍ତା ସୋର ମାଳିନୀ ସାହୁ ଏବଂ ଜିଲା ପରାମର୍ଶଦାତା ରୋଟାରିଆନ ଇନ୍ଦ୍ରଜିତ୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ରୋଟାରିଆନ ଗୟାଧର ପଣ୍ଡା ଇଂଲିଶ ବକ୍ତୃତା ପ୍ରତିଯୋଗିତା ଓ ଶୈଳେନ୍ଦ୍ର ପାଢ଼ୀ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। କ୍ଲବ୍‌ର ପୂର୍ବତନ ସଭାପତି ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ରୋଟାରିଆନ ଶାନ୍ତିସ୍ୱରୂପ ମିଶ୍ର, ଉମାକାନ୍ତ ଜେନା, ପ୍ରମୋଦ ଜେନା, ସିତାକାନ୍ତ ଦାସ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ସଂକ୍ଷେପରେ

### ବଦଳିଲେ ୨ ଅତିରିକ୍ତ ଜିଲାପାଳ

କେନ୍ଦୁଝର, ୬ା୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ୨ ଅତିରିକ୍ତ ଜିଲାପାଳ ଯଦୁମଣୀ ମହଲା ଓ ଲଳିତ ସୋରେଙ୍ଗଙ୍କ ବଦଳି ହୋଇଛି। ବାଲେଶ୍ୱର ଜିଲା ନିଳଗିରିର ଉପଜିଲାପାଳ ମନ୍ଦାରଧର ମହାଲିକ ଓ ବଲାଙ୍ଗୀର ଉପଜିଲାପାଳ ଆଲୋକ କୁମାର ପ୍ରଧାନ କେନ୍ଦୁଝର ଜିଲାର ଅତିରିକ୍ତ ଜିଲାପାଳ ଭାବେ ନିଯୁକ୍ତି ପାଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ମଙ୍ଗଳବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ବରଗଡ଼ ଜିଲାର ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ ଖାଲିଥିବା କେନ୍ଦୁଝର ଜିଲାର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଭୋଗରାଇ ବିଡିଓ ଉମାକାନ୍ତ ପରିଡ଼ାଙ୍କୁ ଚମ୍ପୁଆ ଉପଜିଲାପାଳ ଭାବରେ ନିଯୁକ୍ତି ଦିଆଯାଇଛି।

### ଖବରଦାତାଙ୍କୁ ଅଣଦେଖା ନେଇ ଅସନ୍ତୋଷ

କେନ୍ଦୁଝର,୬ା୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଆନନ୍ଦପୁର କଲେଜ ହୀରକ ଜୟନ୍ତୀ ଆୟୋଜନ**

କେନ୍ଦୁଝର ଜିଲାର ଅନ୍ୟତମ ସର୍ବପୁରାତନ ଆନନ୍ଦପୁର ମହାବିଦ୍ୟାଳୟର ହୀରକ ଜୟନ୍ତୀ କମିଟି ଗଠନକୁ ନେଇ ବିବାଦ ଦେଖାଦେଇଛି। ଏହାକୁ ନେଇ ପୁରାତନ ଛାତ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ କଲେଜ ଅଧକ୍ଷଙ୍କୁ ଦାବିପତ୍ର ଦ୍ୱାରା ହୀରକ ଜୟନ୍ତୀ ଆୟୋଜନ କରୁଥିବା ନିର୍ଦ୍ଦିଷ୍ଟ ଏକ ଗୋଷ୍ଠୀକୁ ସମର୍ଥନ ନ ଦେବାକୁ ଅବଗତ କରାଯାଇଛି। ଏହି ଜୟନ୍ତୀକୁ ଭଲ ଭାବରେ ପାଳନ କରିବାକୁ କଲେଜର ବହୁ ପୁରାତନ ଛାତ୍ର ଓ ସ୍ଥାନୀୟ ବୁଦ୍ଧିଜୀବୀ ଆଗ୍ରହୀ। ଜୟନ୍ତୀ ପାଳନର ବହୁଳ ପ୍ରଚାର ପ୍ରସାର ପାଇଁ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରିବାକୁ ନିବେଦନ କରାଯାଇଛି। ତେବେ ଏଭଳି କାର୍ଯ୍ୟକ୍ରମ ଆୟୋଜନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମିଲ କରା ନ ଯିବା ଏବଂ ଏହି ଅବସରରେ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ପାଇଁ ପ୍ରତିଷ୍ଠିତ ଖବରଦାତାଙ୍କଠାରୁ ଲେଖା ଆହ୍ୱାନ କରାଯାଇ ନ ଥିବାରୁ ଫୋରମ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ହୀରକ ଜୟନ୍ତୀକୁ ସଫଳତାର ସହ ପାଳନ ପାଇଁ ସବୁ ବର୍ଗ ଓ ସଂଗଠନ ତଥା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସାମିଲ କରିବା ଏବଂ ବାହାର ଓ ସ୍ୱାର୍ଥବାଦୀ ଲୋକଙ୍କୁ ବାଦ କରିବା ପାଇଁ ଫୋରମର ସଭାପତି ଉମେଶ ଚନ୍ଦ୍ର ପାଢୀ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

# ହାତୀ କରିଡରରେ ମାଳମାଳ ଟ୍ରକ୍

**■ ବଢୁଛି ଦୁର୍ଘଟଣା, ହାତୀ ସମସ୍ୟା**
**■ ବନ, ପୋଲିସ ଓ ପରିବହନ ବିଭାଗର ଚେତା ପଶୁନି**

କେନ୍ଦୁଝର,୬ା୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜ ଅନ୍ତର୍ଗତ ଶୁଆକାଟିଠାରୁ ପୁଟୁଲୁପାଣି ଛକ ପର୍ଯ୍ୟନ୍ତ ଏନ୍‌ଏଚ୍ ନଂ.୪୯ରେ ଟ୍ରକ୍ ଲମ୍ବାଧାଡ଼ି ଯୋଗୁ ନା ନା ସମସ୍ୟା ଦେଖାଦେଉଛି। ଏହି ସବୁ ଟ୍ରକ୍ ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର ବୋଝେଇ କରିବାକୁ ଅପେକ୍ଷା କରିଛନ୍ତି। ଟ୍ରକ୍ ପାର୍କିଂ ପାଇଁ କୌଣସି ସୁବ୍ୟବସ୍ଥା ନ ଥିବାରୁ ବାଧ ହୋଇ ଟ୍ରକ୍ ଚାଳକମାନେ ଏନ୍‌ଏଚ୍‌ରେ ଦୀର୍ଘ ୫ କି.ମି.ରୁ ଅଧିକ ପର୍ଯ୍ୟନ୍ତ ଧାଡ଼ି କରି ରଖୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇ ସାଧାରଣ ଯାତାୟତ ଅସୁରକ୍ଷିତ ହୋଇ ପଡୁଛି। ଏହା ବ୍ୟତୀତ ଚଳାପଥ ଅବରୋଧ ହେବା କାରଣରୁ ହାତୀମାନଙ୍କ ଯାତାୟତରେ ବାଧାସୃଷ୍ଟି ହେଉଛି।

ପ୍ରକାଶ ଯେ, କେନ୍ଦୁଝର ଜିଲାର ଭୂୟାଁ ଜୁଆଙ୍ଗ ପୀଢ ଅଞ୍ଚଳରେ ପ୍ରାୟ ଅଧିକ ହାତୀ ଚଳପ୍ରଚଳ କରିଥାନ୍ତି। ଏଥିପାଇଁ ଏହି ରେଞ୍ଜ ଦେଇ ଯାଇଥିବା ଏନ୍‌ଏଚ୍ ନଂ.୪୯ (ମୁମ୍ବାଇ-କୋଲକାତା)ର ଅନେକ ସ୍ଥାନରେ ହାତୀମାନେ ଅତିକ୍ରମ କରିଥାନ୍ତି। ହାତୀ ଚଲାପଥ ସ୍ଥାନ ଚିହ୍ନଟ କରି ବନ ବିଭାଗ ପକ୍ଷରୁ ସୂଚନା ଫଳକ ଲଗାଯାଇଛି। ତେବେ ଶୁଆକାଟିଠାରୁ ପୁଟୁଲୁପାଣି ପର୍ଯ୍ୟନ୍ତ ରାସ୍ତାରେ ପ୍ରାୟ ସବୁଦିନ ଟ୍ରକ୍ ଲାଇନ ରହୁଥିବାରୁ ହାତୀମାନଙ୍କ ଚଳପ୍ରଚଳରେ ବାଧା ସୃଷ୍ଟି ହେଉଛି। ହାତୀ ଚଲାପଥ ଅବରୋଧ କଲେ ବନ ବିଭାଗ ପକ୍ଷରୁ ଦଣ୍ଡ ବିଧାନର ବ୍ୟବସ୍ଥା ରହିଥିଲେ ମଧ୍ୟ ଏଠାରେ ଏହି ନୀତିନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ ଚାଲିଛି। ଏ ଦିଗରେ ବନ ବିଭାଗ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ବନ୍ୟପ୍ରାଣୀ ପ୍ରେମୀ ତଥା ପରିବେଶବିତମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଟ୍ରକ୍ ପାର୍କିଂ ପାଇଁ ଲାଭ କରୁଥିବା ଖଣି ସଂସ୍ଥା, ଟ୍ରକ୍ ମାଲିକ ସଂଘ ତଥା ପ୍ରଶାସନ ସୁବ୍ୟବସ୍ଥା କରୁ ନ ଥିବାରୁ ଟ୍ରକ୍ ଚାଳକମାନେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ଶୁଆକାଟି ନିକଟ ତେନ୍ତୁଳି ନିକଟରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ତାହା ମଧ୍ୟ ହାତୀ ଚଳପ୍ରଚଳ ଅଞ୍ଚଳ ଭାବେ ଚିହ୍ନଟ ହୋଇଛି। ସେଠାରେ ଟ୍ରକ୍‌ଗୁଡ଼ିକ ପାର୍କିଂ ନ କରି ରାସ୍ତା କଡରେ ନିଜର ଲୋଡିଂ ସମୟକୁ ଅପେକ୍ଷା କରୁଛନ୍ତି। ଅନ୍ୟ ପକ୍ଷରେ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଭୋକ ଉପାସରେ ଟ୍ରକ ଚାଳକମାନେ ଅପେକ୍ଷା କରି ରହୁଛନ୍ତି। ତେବେ ଉକ୍ତ ସ୍ଥାନରେ ଥିବା ମୁଖ୍ୟ ଗେଟ୍‌କୁ ଏକ କି.ମି. ଆଗକୁ ଉଠାଇ ନେଲେ ରାସ୍ତାରେ ଟ୍ରକ୍ ପାର୍କିଂ ନ କରି ଭିତର ପୁଟୁଲୁପାଣି ରାସ୍ତା କଡରେ ବା ଖୋଲା ପଡିଆରେ ପାର୍କିଂ କରିପାରିବେ। ରାସ୍ତାରେ ଟ୍ରକ୍ ପାର୍କିଂ ଯୋଗୁ ପୂର୍ବରୁ ବହୁ ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇଥିଲେ ମଧ୍ୟ ପୋଲିସ ପ୍ରଶାସନ ଓ ପରିବହନ ବିଭାଗର ମଧ୍ୟ ଚେତା ପଶୁନାହିଁ। ଦୁର୍ଘଟଣା ଘଟିଲେ ଧରପଗଡ଼ କରି କିଛି ଦିନ ବନ୍ଦ କରାଯାଏ ଓ ପରେ ବିକଳ୍ପ ବ୍ୟବସ୍ଥା ନ କରି ପୁଣି ଚାଲୁ ହୋଇଯାଏ। ଏଣୁ ଏନେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏନେଇ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜର ଅଧିକାରୀ ନୟନକାନ୍ତି ସାହୁ କହିଛନ୍ତି ଯେ, ହାତୀପଥ ଅବରୋଧ କରିବା ବେଆଇନ। ତେବେ ଏନେଇ ଏନ୍‌ଏଚ୍‌ଏଆଇଙ୍କୁ ବାରମ୍ବାର କହୁଛୁ। ସେମାନେ ପାଟ୍ରୋଲିଂ କରି ଟ୍ରକ୍ ଖାଲି କରିବା କଥା, କିନ୍ତୁ କରୁନାହାଁନ୍ତି। ଏନେଇ ସମନ୍ୱୟ ବୈଠକରେ ମଧ୍ୟ ଆଲୋଚନା କରାଯାଉଛି ।


୪୯ନଂ. ଜାତୀୟ ରାଜପଥର ଡଙ୍ଗାପାଣିଠାରେ ରାସ୍ତାରେ ଲମ୍ବିଥିବା ଟ୍ରକ୍ ଧାଡ଼ି।

# ଚମ୍ପୁଆ ବନ ବିଭାଗରେ ନାହାନ୍ତି ସାପଧରାଳି

ଚମ୍ପୁଆ,୬ା୮ (ମହେଶ୍ୱର ଦାସ)

ବର୍ଷାଋତୁ ହେଲେ ସାପ ଭୟ ଦେଖା ଦେଇଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ସାପ କାମୁଡ଼ା ଘଟଣା ବୃଦ୍ଧି ପାଉଛି। ଲଗାଣ ବର୍ଷା ଯୋଗୁ ସାପ ବାସ ସ୍ଥାନରେ ବର୍ଷା ଜଳ ପଶି ଯାଉଥିବାରୁ ନୂତନ ବାସ ସ୍ଥାନ ସନ୍ଧାନରେ ଜନ ବସତି ମୁହାଁ ହେଉଛି। କୌଣସି ଆଘାତ ନ ପହଞ୍ଚାଇ ସାପକୁ ଧରି ଜଙ୍ଗଲରେ ଛାଡ଼ିବା ନିୟମ ରହିଥିଲେ ମଧ୍ୟ ଚମ୍ପୁଆ ବନ ବିଭାଗରେ ସେପରି ସାପଧରାଳି ନାହାନ୍ତି। ମୁଖ୍ୟତଃ ସାପ ଧରିବା ପାଇଁ ବନ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି ହେବା ପରେ ଘରେ ପଶୁଥିବା ସାପଗୁଡ଼ିକୁ ବାହାର କରିବାକୁ ଗୃହ ମାଲିକ ବାଡ଼ି ଓ କଳା ଫିନାଇଲ ବ୍ୟବହାର କରୁଛନ୍ତି। ଘରେ ସାପ ପଶିଲେ ବନ ବିଭାଗ ନାଚାର ହୋଇପଡ଼ିଥିବା ବେଳେ ଭୟ ଓ ଆଶଙ୍କା ଭିତରେ ଗୃହ ମାଲିକମାନେ ସାପକୁ ବାହାର କରିବା ପାଇଁ ଏଭଳି ଉପାୟ ଅବଲମ୍ବନ କରୁଛନ୍ତି।

ପୂର୍ବରୁ ଘରେ ସାପ ପଶିଲେ ବନ ବିଭାଗକୁ ଖବର ଦିଆଯାଉଥିଲା। ଫଳରେ ବନ ବିଭାଗ କର୍ମଚାରୀ ହୁଅନ୍ତୁ କିମ୍ବା ସ୍ୱେଚ୍ଛାସେବୀ ହୁଅନ୍ତୁ, ଘରୁ ସାପ ଧରି ଜଙ୍ଗଲରେ ଛାଡ଼ି ଦେଉଥିଲେ। ମାତ୍ର ୨୦୨୩ ଅଗଷ୍ଟ ୯ରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସାପ ଧରିବା ନିମନ୍ତେ ଏକ ଗାଇଡଲାଇନ ଜାରି କରାଯାଇଥିଲା। ଗାଇଡଲାଇନ ଅନୁସାରେ ବନଖଣ୍ଡ ଅଧିକାରୀ ବନ୍ୟପ୍ରାଣୀ ଆଇନର ଧାରା ୧୧ ଅନୁସାରେ ସାପ ଧରାଳିମାନଙ୍କୁ ପରିଚପତ୍ର ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। ସାପ ଧରିବା ଲାଗି ଆବଶ୍ୟକ ତାଲିମ ପ୍ରଦାନ ପରେ ଧରାଳିମାନେ ସାପ ଧରିବାକୁ ଅଧିକାର ପ୍ରାପ୍ତ ହେବେ ବୋଲି ସୂଚନା ସମ୍ବଳିତ ଥିଲା। ମାତ୍ର ଚମ୍ପୁଆ ବନ ବିଭାଗରେ ଏଭଳି କୌଣସି ସାପଧରାଳି ନ ଥିବାରୁ ବିଶେଷ ଭାବେ ଏହି ଅଞ୍ଚଳରେ ଦେଖାଯାଉଥିବା ଚିତି,ପାହାଡିଆଚିତି, ନାଗ, ଡମଣା, ଗୋଖର ଯାତୀୟ ସାପ ବର୍ଷାଦିନ ସମୟରେ ଜନବସତିରେ ପଶି ମଣିଷ ଓ ଗୃହପାଳିତ ପ୍ରାଣୀଙ୍କ କ୍ଷତି ଘଟାଉଛନ୍ତି।

ଏନେଇ ବନଖଣ୍ଡ ଅଧିକାରୀ ଏଚ୍ ଡି ହନୁମନ୍ତ କହିଛନ୍ତି, ଖୁବ୍‌ଶୀଘ୍ର ଏ ଦିଗରେ ବ୍ୟବସ୍ଥା କରାଯିବ। ଯେଉଁ ସ୍ୱେଚ୍ଛାସେବୀମାନେ ସାପ ଧରିବା ପାଇଁ ଇଚ୍ଛୁକ ସେମାନେ ଆବେଦନ କଲେ ତାଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯାଇ ସାପ ଧରିବାକୁ ଅନୁମତି ଦିଆଯିବ।

# ପୁଣି ଲାଗୁହେବ ନୋ-ଏଣ୍ଟ୍ରି

**■ ୩ ଜୀବନ ଗଲା ପରେ ଚେତିଲା ପ୍ରଶାସନ**
**■ ୧୫ଦିନ ମଧ୍ୟରେ ଲାଗିବ ସିସିଟିଭି**

ଯୋଡା, ୬ା୮ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡାସ୍ଥିତ ଟାଟା ଡିଏଭି ସ୍କୁଲ ନିକଟରେ ସୋମବାର ଘଟିଥିବା ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ଜଣ ଛାତ୍ରଙ୍କ ସମେତ ଜଣେ ଅଭିଭାବକଙ୍କ ମୃତ୍ୟୁ ଘଟଣା ପରେ ପ୍ରଶାସନର ଚେତା ପଶିଛି। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯୋଡ଼ା ପୌରପାଳିକା ସମ୍ମିଳନୀ କକ୍ଷରେ ଯୋଡା ପୌର ଅଧକ୍ଷ ଡ.ଜଗଦୀଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଯୋଡା ସହର ମଧ୍ୟ ଦେଇ ଯାଇଥିବା ରଣାଶାଳଠାରୁ ବାମେବାରୀ ୨ ନଂ. ରାଜ୍ୟ ରାଜପଥରେ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ନେଇ ନିଷ୍ପତ୍ତି ନିଆଯାଇଛି। ସହର ଭିତରେ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପୂର୍ବରୁ ନୋ-ଏଣ୍ଟ୍ରି ଲାଗୁ କରାଯାଉଥିବା ବେଳେ ବାଂଶପାଣିଠାରୁ ଡିଏଭି ସ୍କୁଲ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ ପରେ ଏହି ନୋ-ଏଣ୍ଟ୍ରିକୁ ପ୍ରଶାସନ ହଟାଇ ଦେଇଥିଲା। ତେବେ ପୁନର୍ବାର ସ୍କୁଲ ସମୟ ପୂର୍ବରୁ ଏହି ନୋ ଏଣ୍ଟ୍ରିକୁ ଲାଗୁ କରିବା ପାଇଁ ବୈଠକରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛ। ସକାଳ ୬ଟା ୩୦ ରୁ ୮ଟା ୩୦ ଓ ଦିବା ୧୨ଟା ୩୦ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ନୋ-ଏଣ୍ଟ୍ରି ବଳବତ୍ତର ରହିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଫ୍ଲାଏଓଭର ଉପରେ ଦ୍ରୁତଗତିରେ ଭାରିଯାନ ଚଳାଚଳକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ୧୫ଦିନ ମଧ୍ୟରେ ଲଗାଯିବା ପାଇଁ ପୌରପାଳିକା ପକ୍ଷରୁ ପ୍ରସ୍ତାବ ଗ୍ରହଣ କରାଯାଇଛି।

ତେବେ ଏହି ମୁଖ୍ୟ ରାସ୍ତାରେ ଅନେକଗୁଡିଏ ବ୍ୟାଙ୍କ, ବିଦ୍ୟାଳୟ, ବଜାର ରହିଥିବାରୁ ଏହା ସର୍ବଦା ବ୍ୟସ୍ତ ରହୁଥିବା ବେଳେ ଏହାର ବିଭିନ୍ନ ସ୍ଥାନରେ ସୁରକ୍ଷା କର୍ମୀ ନିୟୋଜିତ କରିବା ପାଇଁ ଯୋଡା ସହରର ପ୍ରମୁଖ ବ୍ୟବସାୟିକ ସଂସ୍ଥା ଟାଟା କମ୍ପାନୀକୁ ପ୍ରସ୍ତାବ ଦିଆଯାଇଥିଲା। ଫ୍ଲାଏଓଭରର ଉଭୟ ପାର୍ଶ୍ୱରେ ଏବଂ ରାସ୍ତାର ଜନଗହଳିପୂର୍ଣ୍ଣ ବିଭିନ୍ନ ସ୍ଥାନରେ ହମ୍ପ୍‌ସ ତିଆରି କରିବା ପାଇଁ ମଧ୍ୟ ପ୍ରସ୍ତାବ ରଖାଯାଇଛି। ଅଧିକାଂଶ ସମୟରେ ଭାରିଯାନଗୁଡିକ ରାସ୍ତା ପାର୍ଶ୍ୱରେ ପାର୍କିଂ କରିବା ମଧ୍ୟ ଦୁର୍ଘଟଣାର କାରଣ ପାଲଟୁଥିବାରୁ ଉକ୍ତ ଭାରିଯାନଗୁଡିକରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ପାଇଁ ମଧ୍ୟ ପ୍ରସ୍ତାବ ଗୃହୀତ ହୋଇଛି। ପୋଲିସ ପ୍ରଶାସନ ପକ୍ଷରୁ ଖଣି ମାଲିକ, ପରିବହନ ଠିକାଦାର ଏବଂ ଟ୍ରକ ମାଲିକ ସଂଘ ମିଳିତ ଭାବେ ଖଣି ଅଞ୍ଚଳରେ ଭାରିଯାନ ଗୁଡିକର ପାର୍କିଂସ୍ଥଳ ସ୍ଥିର କରାଯିବାର ଦାୟିତ୍ୱ ଦିଆଯାଇଛି। ତେବେ ଏହା ତୁରନ୍ତ ଲାଗୁ କରାଯିବ ବୋଲି ଗଣମାଧ୍ୟମରେ ସୂଚନା ଦିଆଯାଇଛି। ପୌରାଧ୍ୟକ୍ଷ ଡାକ୍ତର ଜଗଦୀଶ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଉପନଗରପାଳ ସନ୍ଧ୍ୟା ପାତ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ବଡବିଲ ତହସିଲଦାର ଡିଏସଏସ ଯୋଶୀ, ବଡବିଲ ଏସଡିପିଓ ପ୍ରିୟରଞ୍ଜନ ଛୋଟରାୟ, ପୌରପାଳିକାର ସମସ୍ତ କାଉନସିଲର, ବଡବିଲ ସହକାରୀ ସଡକ ପରିବହନ ଅଧିକାରୀ, ଫ୍ଲାଏଓଭର ନିର୍ମାଣକାରୀ ସଂସ୍ଥା ଓଡିଶା ସେତୁ ନିର୍ମାଣ ନିଗମ (ଓବିସିସି)ର ଅଧିକାରୀ, ଯୋଡା ଥାନା, ବାମେବାରୀ ଥାନା, ବଡବିଲ ଥାନା ଅଧିକାରୀ, ଟାଟା ଷ୍ଟିଲ ଅଧିକାରୀ, ଡିଏଭି ଓ ସେଣ୍ଟ ଟେରେସା ସ୍କୁଲର ଅଧକ୍ଷା ଅଧକ୍ଷ, ଯୋଡା ଟ୍ରକ ମାଲିକ ସଂଘ ସମ୍ପାଦକ ସୁଶାନ୍ତ କୁମାର ବାରିକ, ଖଣି ଅଞ୍ଚଳ ଟ୍ରକ ମାଲିକ ସଂଘ ସଭାପତି ଚତୁର୍ଭୁଜ ପଲେଇଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ ଅତିଥି।

### ୧୬ରୁ ଗଡ଼ିବ କୌଶଳ ରଥ

କେନ୍ଦୁଝର,୬ା୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଛାତ୍ରଛାତ୍ରୀମାନଙ୍କର କୌଶଳ ଭିତ୍ତିକ ଶିକ୍ଷାରେ ଆଗ୍ରହ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ତରଫରୁ କୌଶଳ ରଥ ସମଗ୍ର ରାଜ୍ୟ ପରିଭ୍ରମଣ କରୁଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ଖଚିତ ଏହି ରଥ ଚଳିତ ମାସ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ କେନ୍ଦୁଝର ଜିଲାରେ ଗଡ଼ିବ। ଏନେଇ ଜିଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲାପାଳ ଲଳିତ ସୋରେଙ୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୌଶଳ ରଥ ଗସ୍ତ କରିବାକୁ ଥିବା ଜିଲାର ବିଭିନ୍ନ ବିଦ୍ୟାଳୟଗୁଡ଼ିକ ପାଇଁ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ରୂପରେଖ ଆଲୋଚନା କରାଯାଇ ଧାର୍ଯ୍ୟ କରାଯାଇଛି ।

୧୬ ତାରିଖରେ କଲେକ୍ଟରେଟଠାରେ ଏହି କୌଶଳ ରଥର ଆନୁଷ୍ଠାନିକ ଶୁଭାରମ୍ଭ ହେବା ପରେ ଧାର୍ଯ୍ୟ ସୂଚୀ ଅନୁଯାୟୀ ଏହା ଓଏସ୍‌ଏମ୍‌ଇ କେନ୍ଦୁଝର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡିଏନ୍ ହାଇସ୍କୁଲ, ଏକଲବ୍ୟ ହାଇସ୍କୁଲ ଓ ନରଣପୁର ହାଇସ୍କୁଲ ଗସ୍ତ କରିବ। ସେହିପରି ଦ୍ୱିତୀୟ ଦିନ ୧୭ ତାରିଖରେ ଏହା ଚମ୍ପୁଆସ୍ଥିତ ମହତାବ ହାଇସ୍କୁଲ, ବାସୁଦେବପୁର ଏସ୍‌ଏସ୍‌ଡି ସ୍କୁଲ, ଆଇଟିଆଇ ବଡ଼ବିଲ, ମାଟକାମ୍ବ ଏସ୍‌ଏସ୍‌ଡି ସ୍କୁଲ, ତୃତୀୟ ଦିନ ୧୮ ତାରିଖରେ ଶୁଆକାଟୀ ଏସ୍‌ଏସ୍‌ଡିସ୍କୁଲ, ବାଂଶପାଳ ଆଇଟିଆଇ ଓ ସାହରପୁର ଏସ୍‌ଏସ୍ ସ୍କୁଲ ଏବଂ ଚତୁର୍ଥ ତଥା ଅନ୍ତିମ ଦିନ ୧୯ ତାରିଖରେ ତ୍ରିଲୋଚନପୁର ଏସ୍‌ଏସ୍ ସ୍କୁଲ ଓ ଆନନ୍ଦପୁର ଆଇଟିଆଇଠାରେ କେନ୍ଦୁଝର ଜିଲା ଲାଗି କାର୍ଯ୍ୟକ୍ରମ ଶେଷ କରି କୌଶଳ ରଥ ଅନ୍ୟ ଜିଲା ଗସ୍ତ କରିବ।

# ନ୍ୟାୟ ଅପେକ୍ଷାରେ ୫୦ଦିନ ହେଲା ଧାରଣା


ପରିତ୍ୟକ୍ତ ସରକାରୀ ଘର ବାରଣ୍ଡାରେ ପାର୍ବତୀ ଓ ଗଜେନ୍ଦ୍ର।

**ରାଜ୍ୟ ମାନବାଧିକାର କମିଶନଙ୍କ ନିର୍ଦ୍ଦେଶ ପରେ ମଧ କାର୍ଯ୍ୟ ଶୂନ**

ସିମୁଳିଆ, ୬ା୮ (ସନ୍ତୋଷ ନାୟକ)

ବାଲେଶ୍ୱର ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଗତ ୫୦ଦିନ ହେଲା ସିମୁଳିଆ ବ୍ଲକ ମହମ୍ମଦପୁର ଅଞ୍ଚଳର ୬୦ବର୍ଷୀୟ ବୃଦ୍ଧା ପାର୍ବତୀ ସେନାପତି ନିଜ ଦିଅର ଗଜେନ୍ଦ୍ର(୫୨)ଙ୍କ ସହିତ ସିମୁଳିଆ ବ୍ଲକ ଫାଟକ ନିକଟରେ ଥିବା ଏକ ପରିତ୍ୟକ୍ତ ସରକାରୀ ଘର ବାରଣ୍ଡାରେ ଧାରଣାରେ ବସିରହିଛନ୍ତି। ପାର୍ବତୀ ହୃଦ୍ ଓ ମସ୍ତିଷ୍କ ରୋଗରେ ଆକ୍ରାନ୍ତ ହେବା ସହିତ ଗଜେନ୍ଦ୍ର ମଧ୍ୟ ରୋଗାଗ୍ରସ୍ତ ଅଛନ୍ତି। ତେବେ ଗାଁରେ ଜମିବାଡି ଘଟଣାକୁ କେନ୍ଦ୍ର କରି ନିଜ ପଡୋଶୀମାନଙ୍କ ସହିତ ଥିବା ପୂର୍ବବିବାଦ ଯୋଗୁ ନିଜ ଜୀବନ ପ୍ରତି ବିପଦ ଥିବା ସୂଚନା ଦେବା ସହିତ ଏସ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ ନ ହେବା ପର୍ଯ୍ୟନ୍ତ ସେମାନେ ଗାଁକୁ ଫେରିବେ ନାହିଁ ବୋଲି ଉଭୟ ଦିଅର ଓ ଭାଉଜ କହିଛନ୍ତି। ଅପରପକ୍ଷେ ଉଭୟ ଭାଉଜ ଦିଅର ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଶୁଣାଣିରେ ଭେଟିବା ପରେ ରାଜ୍ୟ ମାନବାଧିକାର କମିଶନ ଅର୍ଡର ନଂ. ୧୪୯୮/୨୪ରେ ବାଲେଶ୍ୱର ଏସ୍‌ପିଙ୍କୁ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ଅଦ୍ୟାବଧି ଜିଲା ପ୍ରଶାସନ ତାଙ୍କ ନିକଟରେ ପହଞ୍ଚିନାହିଁ।

ମହମ୍ମଦପୁର ଅଞ୍ଚଳର ପାର୍ବତୀ ସେନାପତିଙ୍କ ସ୍ୱାମୀ ଭାସ୍କର ଗତ ୧୫ବର୍ଷ ପୂର୍ବେ କ୍ୟାନସର ରୋଗରେ ଆକ୍ରାନ୍ତ ହୋଇ ଆଖିବୁଜିଥିଲେ। ପୂର୍ବରୁ ତାଙ୍କ ୫ବର୍ଷୀୟ କନ୍ୟା ମଧ୍ୟ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ପରେ ପାର୍ବତୀ ନିଜ ୧୨ଗୁଣ୍ଠ ଜମିରେ ଚାଷବାସ କରି ଚଳିଆସୁଥିଲେ। ପାର୍ବତୀଙ୍କୁ ମା'ବୋଲି ସମ୍ବୋଧନ କରୁଥିବା ତାଙ୍କ ଦିଅର ଗଜେନ୍ଦ୍ର କହନ୍ତି ଆମେ ଛୋଟ ହୋଇଥିବା ବେଳେ ତାଙ୍କ ଭାଉଜ ବୋହୂ ହୋଇଆସିଥିବାରୁ ସେ ତାଙ୍କୁ ମା'ସମ୍ବୋଧନ କରନ୍ତି। ପରେ କୋଲକାତାରେ ବିଭିନ୍ନ କମ୍ପାନୀରେ କାମ କରୁଥିବା ବେଳେ ଗଜେନ୍ଦ୍ର ରୋଗାଗ୍ରସ୍ତ ହୋଇପଡିଥିଲେ। ଗାଁରେ ଥିବା ନିଜର ୪୫ଡେସିମିଲ ଜମିକୁ ନେଇ ପଡୋଶୀମାନଙ୍କ ସହିତ କୋର୍ଟରେ କେସ୍ ଚାଲିବା ଓ ଭାଉଜ ହଇରାଣ ହେଉଥିବାରୁ ସେ ଗାଁକୁ ଫେରିଆସିଥିଲେ। ଗତ ୨୬ା୮ା୧୯ରେ ଏହି ଜମି କେସ୍‌ରେ ତାଙ୍କର ଡିଗ୍ରୀ ହୋଇଛି। ତେବେ ତା ପରଠାରୁ ତାଙ୍କୁ ପଡୋଶୀ ଲୋକ ଲଗାଇ ସେମାନଙ୍କୁ ଆକ୍ରମଣ କରିଆସୁଛନ୍ତି। ଏ ସମ୍ପର୍କରେ ସେ ଗତ ୨୬ା୯ା୨୩ରେ ଜିଲାପାଳ, ପୋଲିସ୍, ଏସ୍‌ପି ଓ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ହେଁ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସେମାନେ ଦର୍ଶାଇଛନ୍ତି।

# ସ୍ଥାୟୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

**ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ପାଟଣା,୬ା୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ୩ ବିଶେଷଜ୍ଞ ଡାକ୍ତର ପଦବୀ ଫାଙ୍କା ପଡ଼ିଛି। ନୂତନ ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ପାଇଁ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବତନ ବିଧାୟକ ଜଗନ୍ନାଥ ନାଏକଙ୍କ ହସ୍ତକ୍ଷେପ ପରେ ଗତ ଡିସେମ୍ବରରୁ ସପ୍ତାହକୁ ୩ ଦିନ ଭେଷଜ, ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରୁ ଆସି ଏଠାରେ ରୋଗୀସେବା ଯୋଗାଇ ଦେଉଥିଲେ। ଜୁନ୍‌ରୁ ହଠାତ୍ କୌଣସି କାରଣ ନ ଥାଇ ବିଶେଷଜ୍ଞ ଡାକ୍ତର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନ ଆସିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଜୁଲାଇରୁ ପୁନର୍ବାର ସପ୍ତାହକୁ ୩ ଦିନ ବଦଳରେ କେବଳ ଗୋଟିଏ ଦିନ ବୁଧବାର ବିଶେଷଜ୍ଞ ଡାକ୍ତର ଆସୁଛନ୍ତି। ଫଳରେ ଅନ୍ୟ ଦିନରେ ରୋଗୀମାନେ ନିରାଶ ହୋଇ ଫେରୁଛନ୍ତି। ଅଯଥାରେ ଖର୍ଚ୍ଚାନ୍ତ ହୋଇ କେନ୍ଦୁଝର, କଟକ କିମ୍ବା ଘରୋଇ ଚିକିତ୍ସାଳୟକୁ ଯାଉଛନ୍ତି। କେତେକ ଘରୋଇ ମେଡିସିନ ଦୋକାନୀ ବିଶେଷଜ୍ଞ ଡାକ୍ତର ଡକାଇ ରୋଗୀଙ୍କଠାରୁ ଫି' ନେଇ ସେବା ବ୍ୟବସ୍ଥା କରାଉଥିବା ଜଣାପଡ଼ିଛି। ଏନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଏଠାରୁ ଡାକ୍ତରଙ୍କୁ ପାଟଣାକୁ ସପ୍ତାହରେ ୩ ଦିନ ପଠାଇବା ଦ୍ୱାରା ମୁଖ୍ୟାଳୟର ରୋଗୀସେବା ଓ କାର୍ଯ୍ୟରେ ବ୍ୟାଘାତ ହେବାରୁ ଗୋଟିଏ ଦିନ ପଠାଯାଉଛି।

୧ ଲକ୍ଷ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୪ଜଣ ବିଶେଷଜ୍ଞ ଡାକ୍ତର ଭେଷଜ, ଶଲ୍ୟ, ସ୍ତ୍ରୀ ଓ ପ୍ରସୂତି, ଶିଶୁ ବିଶେଷଜ୍ଞ ସହ ଜଣେ ସୁପରିଣ୍ଟେଣ୍ଡେଣ୍ଟ, ଜଣେ ବ୍ଲକ ପ୍ରୋଜେକ୍ଟ ହେଲ୍‌ଥ ଅଫିସର ମୋଟ ୬ଜଣ ରହିବା ବ୍ୟବସ୍ଥା ଥିବାବେଳେ ୪ ବିଶେଷଜ୍ଞ ଡାକ୍ତରଙ୍କ ବଦଳରେ କେବଳ ଜଣେ ମାତ୍ର ଶିଶୁ ବିଶେଷଜ୍ଞ ଡାକ୍ତର ଏବଂ ୪ ନୂତନ ଏମ୍‌ବିବିଏସ୍ ଡାକ୍ତରରେ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଅଭାବରୁ ଗର୍ଭବତୀମାନେ ଘରେ ପ୍ରସବ କରାଉଛନ୍ତି। ଶଲ୍ୟ ଚିକିତ୍ସକଙ୍କ ଅଭାବରୁ ଅନେକ ରୋଗୀଙ୍କ ଅକାଳରେ ଜୀବନ ହାନି ଘଟୁଛି। ଡାକ୍ତରଙ୍କ ଅଭାବ ଯୋଗୁ ବ୍ଲକର ୫ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡାକ୍ତର ଡକାଇ ରୋଗୀସେବା ଯୋଗାଇବା ସବୁବେଳେ ସମ୍ଭବ ହେଉନାହିଁ। ଦୀର୍ଘଦିନରୁ ଖାଲି ପଡ଼ିଥିବା ଭେଷଜ, ଶଲ୍ୟ ଓ ସ୍ତ୍ରୀ ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ପାଇଁ ଦାବି ହୋଇଆସୁଛି। ଏନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ଏକଜୁଟ ହେଉଥିବା ଜଣାପଡ଼ିଛି।

# କ୍ରୀଡ଼ା ଶିକ୍ଷକଙ୍କ ପରଲୋକ, ସ୍କୁଲରେ ଶ୍ରଦ୍ଧାଞ୍ଜଳି


ବଡ଼ବିଲ ସେଣ୍ଟମେରିଜ ସ୍କୁଲରେ ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର।

ବଡ଼ବିଲ, ୬ା୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ସେଣ୍ଟମେରିଜ ସ୍କୁଲର କ୍ରୀଡ଼ା ଶିକ୍ଷକ ତ୍ରିନାଥ ପ୍ରଧାନ(୫୮)ଙ୍କ ହୃଦ୍‌ଘାତରେ ସୋମବାର ଅପରାହ୍ନରେ ପରଲୋକ ହୋଇଛି। ଦୁଇଦିନ ହେଲା ତ୍ରିନାଥ ଅସୁସ୍ଥତା ଅନୁଭବ କରୁଥିଲେ ହେଁ ଆଗକୁ ସ୍ୱାଧୀନତା ଦିବସ ଥିବାରୁ ଛାତ୍ରୀଛାତ୍ରଙ୍କ ପରେଡ୍ ଶିକ୍ଷା ନିମନ୍ତେ ଅହରହ ଲାଗି ରହିଥିଲେ। ସୋମବାର ସକାଳେ ପରେଡ୍ ଶିକ୍ଷାଦାନ ପରେ ସେ ନିଜ ଘର ଝାଡ଼ଖଣ୍ଡ ରାଜ୍ୟର ଜୟନ୍ତୀଗଡ଼ ଥାନା ଅଧୀନ ଅନ୍ଦରକଲା ଗ୍ରାମକୁ ଯାଇଥିଲେ। ସେ ଘରେ ପହଞ୍ଚି ବିଶ୍ରାମ କରୁଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ହୃଦଘାତ୍ ଯୋଗୁ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ଖବରପାଇ ସ୍କୁଲର ଜାତୀୟ ଦିବସ ପାଳନ ସମିତିର ସଦସ୍ୟ ତାଙ୍କ ବାସଭବନଠାରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ସେଣ୍ଟମେରିଜ ସ୍କୁଲ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରିନ୍ସିପାଲ ସିଷ୍ଟର କରୁଣାଙ୍କ ସହ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ଅଭିଭାବକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଛାତ୍ରୀଛାତ୍ରଙ୍କ ପରେଡ୍ ବ୍ୟାଣ୍ଡଗ୍ରୁପ ବ୍ୟାଣ୍ଡ, ବିଗୁଲ ଦ୍ୱାରା ତାଙ୍କୁ ଅନ୍ତିମ ସାଲ୍ୟୁଟ ଦେଇଥିଲେ। ତ୍ରିନାଥ ଭାରତୀୟ ସେନାରୁ ଅବସର ନେବା ପରେ ଏହି ସ୍କୁଲରେ କ୍ରୀଡ଼ା ଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଖେଳକୁଦରେ ପାରଙ୍ଗମ କରିବାକୁ ସକ୍ଷମ ହୋଇଥିଲେ ବୋଲି ପ୍ରିନ୍ସିପାଲ ସିଷ୍ଟର କରୁଣା କହିଥିଲେ। ଆଉ କିଛି ମାସ ପରେ ସେ ଚାକିରିରୁ ଅବସର ନେବାକୁ ସ୍ଥିର କରିଥିଲେ। ଜାତୀୟ ଦିବସ ପାଳନ ସମିତିର ଜଣେ ଅବିଚ୍ଛେଦ ଅଙ୍ଗ ଭାବେ କାର୍ଯ୍ୟ କରୁଥିଲେ।

### ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର, ୬ା୮ (ରବିନାରାୟଣ ପାତ୍ର)

ମଙ୍ଗଳବାର ସକାଳେ ଜଳେଶ୍ୱର ବ୍ଲକ ଅଧୀନ ନାମ୍ପୋ ଗାଁର ଅଜୟ ବେହେରା ଜଳେଶ୍ୱର ପରିବା ମାର୍କେଟକୁ ବାଇକ୍(ନଂ.ଓଡି୦୧-୦୬୯୧) ନେଇ ଗଲାବେଳେ ଜଳେଶ୍ୱର ନୂଆବଜାର ଅଣ୍ଡରପାସ୍ ନିକଟରେ ଏକ ଟ୍ରକ୍ ସାମ୍ନାପଟୁ ଧକ୍କା ଦେଇଥିଲା। ଫଳରେ ପରିବା ବ୍ୟବସାୟୀ ଅଜୟ ଗୁରୁତର ହେବାରୁ ପ୍ରଥମେ ଜିକେଭଙ୍ଗର ହସ୍‌ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଜଳେଶ୍ୱର ପୋଲିସ ପହଞ୍ଚି ଟ୍ରକ(ନଂ. ଡବ୍ଲୁବି ୩୩-ବି-୦୧୭୭)କୁ ଜବତ କରି ଅନୁସନ୍ଧାନ ଚଳାଇଛି।

ସୂଚନାଯୋଗ୍ୟ, ଗାଡିଗୁଡିକ ୬୦ ନଂ. ଜାତୀୟ ରାଜପଥରୁ ସ୍ଲିପରୋଡରେ ଓହ୍ଲାଇ ୫୬ନଂ. ରାଜ୍ୟ ରାଜପଥକୁ ଆସିବା ବେଳେ ବେପରୁଆ ଭାବେ ଚଳାଚଳ କରୁଥିବାରୁ ଏପରି ଦୁର୍ଘଟଣା ବାରମ୍ବାର ହେଉଥିବା ଜଣାଯାଇଛି। ସେଠାରେ ଟ୍ରାଫିକ୍ ପୋଲିସ୍‌ର ବ୍ୟବସ୍ଥା କରାଯିବା ସହିତ ଜଳେଶ୍ୱର-ଆମ୍ବଳିଅଠା ରାସ୍ତାରେ ପୋଲିସ୍ ପାଟ୍ରୋଲିଂ ଜୋରଦାର କରାଯିବା ଲାଗି ସାଧାରଣରେ ଦାବି ହୋଇଛି।

### ୧୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

ବାହାନଗା, ୬ା୮ (ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଦିନକୁ ଦିନ ନିଶା କାରବାର ବଢିବାରେ ଲାଗିଛି। ମଙ୍ଗଳବାର ଗୋପାଳପୁର ଅବକାରୀ ପୋଲିସ୍ ଦୁଇଟି ସ୍ଥାନରେ ଚଢାଉ କରି ୧୮୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛନ୍ତ। ଗୋପାଳପୁର ଅବକାରୀ ଅଧିକାରୀ ସଦଳବଳେ ନୂଆପୁର ପଞ୍ଚାୟତର କୁଆପଦା ଗ୍ରାମରେ ଚଢାଉ କରି ଶରତ ମହାଳିକ (୫୫)ଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୧୬ ଗ୍ରାମ୍ ବ୍ରାଉନସୁଗାର ଓ ଏକ ମୋଟରସାଇକେଲକୁ ଜବତ କରିଛନ୍ତି। ଏନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୮୭/୨୪) ରୁଜୁ କରାଯାଇ ଅଭିଯୁକ୍ତ ଶରତଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ଖନ୍ତାପଡା ଥାନା ଅଧୀନ ଶ୍ରୀଜଙ୍ଗ ଗ୍ରାମର ମନ୍ମଥ ମହାରଣା (୨୧)ଙ୍କୁ ଜିଲା ଭ୍ରାମ୍ୟମାଣ ଅବକାରୀ ଟିମ୍‌ର ଭାରପ୍ରାପ୍ତ ଅଧିକାରୀ ଭାସ୍କର ଚରଣ ସ୍ୱାଇଁ ଓ ଗୋପାଳପୁର ଅବକାରୀ ଥାନା ଭାରାପ୍ରାପ୍ତ ଅଧିକାରୀ ସତ୍ୟସୁନ୍ଦର ମଲ୍ଲିକ ସଦଳବଳେ ଚଢାଉ କରି ମନ୍ମଥଙ୍କୁ ଗିରଫ କରିବା ସହିତ ତାଙ୍କଠାରୁ ୬୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରିଛନ୍ତ। ଏନେଇ ଜିଲା ଅବକାରି ଥାନାରେ ଏକ ମାମଲା(ନଂ. ୧୩୩/୨୪) ରୁଜୁ କରାଯାଇଛି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବାଲେଶ୍ୱରରେ ପ୍ରତିଷ୍ଠା ହେବ ଲୋକକଳା କର୍ମଶାଳା କେନ୍ଦ୍ର: ମନ୍ତ୍ରୀ

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ଜଉକଣ୍ଢେଇ ପ୍ରେମ ସମ୍ପର୍କର ଭିନ୍ନ ପ୍ରତୀକ। ଲୋକ କଳାକୁ ବଞ୍ଚାଇବା ପାଇଁ ବାଲେଶ୍ୱରବାସୀ ବହୁ ଉଚ୍ଚସ୍ତରରେ ପହଞ୍ଚିଛନ୍ତି। ସମୃଦ୍ଧ ସାହିତ୍ୟ, ସୃଜନୀର ସହର ବାଲେଶ୍ୱରର ଅସ୍ମିତାର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାର ପ୍ରଚାର ଓ ପ୍ରସାର ପାଇଁ ବାଲେଶ୍ୱରରେ ଲୋକକଳା କର୍ମଶାଳା କେନ୍ଦ୍ର ପ୍ରତିଷ୍ଠା ହେବ ବୋଲି ମୁଖ୍ୟଅତିଥି ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ବାଲେଶ୍ୱର ଖ୍ରୀଷ୍ଟିୟାନ ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ ଚତୁର୍ଦ୍ଦଶ ଜଉକଣ୍ଢେଇ ବାହାଘର ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି।

ବାଲେଶ୍ୱର ଜଉକଣ୍ଢେଇ ବାହାଘର ଉତ୍ସବ କମିଟି ଆନୁକୂଲ୍ୟରେ ୫ଦିନ ବ୍ୟାପୀ ଅନୁଷ୍ଠିତ ବାହାଘର ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ କମିଟି ଅଧ୍ୟକ୍ଷ ତଥା ବସ୍ତା ବିଧାୟିକା ସୁବାସିନୀ ଜେନା ଅଧ୍ୟକ୍ଷତା କରି ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ମନ୍ତ୍ରୀ ସୁରଜ ଉତ୍ସବକୁ ଉଦ୍‌ଘାଟନ କରି ବରବଧୂ ଚନ୍ଦ୍ରମଣି ଓ ସୁଲୋଚନାଙ୍କ ବାହାଘର ସମାଜକୁ ଦାମ୍ପତ୍ୟ ବନ୍ଧନରେ ବାନ୍ଧି ରଖିବାର ବାର୍ତ୍ତା ପ୍ରଦାନ କରୁଛି ବୋଲି କହିଥିଲେ। ସମ୍ମାନିତ ଅତିଥି ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ବାଲେଶ୍ୱର ହେଉଛି ସାଂସ୍କୃତିକ ପ୍ରାଣକେନ୍ଦ୍ର। ଜଉକଣ୍ଢେଇ ବାଲେଶ୍ୱରିଆଙ୍କ ପ୍ରତୀକ। ଭାରତ ସରକାର ଜଉକଣ୍ଢେଇର ଡାକଟିକଟ ପ୍ରଚଳନ କରି ବାଲେଶ୍ୱରର ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ଗୁରୁତ୍ୱ ବହନ କରିଛନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତା ଡ. ଶିରିଶ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ଡ. ୟୁସୁଫ୍ ଅଲ୍ଲି ସଲାଙ୍କ, ସାମାଜିକ କର୍ମୀ ମୌସମ କୁମାର ସିଂହ, ବରକର୍ତ୍ତା ପ୍ରାଧ୍ୟାପକ କାଳିକିଙ୍କର ଦାସ ଓ ସୌଭାଗିନୀ ମିଶ୍ର, କନ୍ୟାକର୍ତ୍ତା ଡ. ପଙ୍କଜ କୁମାର ଜେନା ଓ ସୁଚିତ୍ରା ଜେନା ପ୍ରମୁଖ ମଞ୍ଚାସୀନ ହୋଇ ଜଉ କଣ୍ଢେଇ ବାହାଘର ପରମ୍ପରାର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ରାଜେଶ ଗିରି ପ୍ରାରମ୍ଭିକ ସୂଚନା ଓ ଡ. ହୃଷିକେଶ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁଶ୍ରୀ ବେହେରା ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଜଉକଣ୍ଢେଇ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। କମିଟି ତରଫରୁ ମୁଖ୍ୟଅତିଥି ମନ୍ତ୍ରୀ ସୁରଜଙ୍କୁ ଜଉକଣ୍ଢେଇ ଉପହାର ପ୍ରଦାନ କରାଯାଇଥିଲା। ଉଦ୍ୟୋଗୀ ମହିଳା ମାଳତୀ ଦାସଙ୍କୁ ଆଜିର ସୁଲୋଚନା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସାମାଜିକ କର୍ମୀ ଅଳକା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ପ୍ରତିଷ୍ଠାତା ସଦସ୍ୟ ଶିଳ୍ପୀ କେଶୁ ଦାସ, ଯଶୋଦା ନନ୍ଦନ ଆଶ, ଉପେନ୍ଦ୍ର କୁମାର ପାତ୍ର, ଗୌରାଙ୍ଗ ପାଣିଗ୍ରାହୀ, ରଘୁନାଥ ଲେଙ୍କା, ପରେଶ ଦାସ, ବ୍ରହ୍ମନାଥ ରଥ, ବ୍ୟୋମନାଥ ରଥ, ଲକ୍ଷ୍ମୀ ଘୋଷ, ଅଞ୍ଜଳି ପଣ୍ଡାଙ୍କ ସମେତ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ସରିଲା ରାଜ୍ୟସ୍ତରୀୟ ଜଉକଣ୍ଢେଇ ବାହାଘର ଉତ୍ସବ


ଅତିଥିଙ୍କ ଦ୍ୱାରା ଜଉକଣ୍ଢେଇ ସ୍ମରଣିକା ଉନ୍ମୋଚନ କରାଯାଉଛି।

# ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ଭୋଗରାଇ ବିଡିଓଙ୍କ ବଦଳି

ଭୋଗରାଇ, ୬।୮ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉମାକାନ୍ତ ପରିଡାଙ୍କ ଆକସ୍ମିକ ବଦଳି ହୋଇଛି। କେନ୍ଦୁଝର ଜିଲାର ଚମ୍ପୁଆ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ ଭାବେ ତାଙ୍କୁ ବଦଳି କରାଯାଇଛି। ଭୋଗରାଇ ବିଡିଓ ପରିଡାଙ୍କ ବିରୋଧରେ ବହୁ ସରକାରୀ ଅନିୟମିତତା ଅଭିଯୋଗ ହୋଇଥିବା ବେଳେ ମହେଶପୁର ସରପଞ୍ଚ ବରେନ୍ଦ୍ର ପାତ୍ର ସମସ୍ତ ତଥ୍ୟ ପ୍ରମାଣ ସହିତ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ଏକ କମିଟି ଗଠନ କରାଯାଇଥିବା ବେଳେ ପରିଡାଙ୍କୁ ରାଜ୍ୟପାଳ ରଘୁବର ଦାସ ବଦଳି କରିଥିବା ସୂଚନା ମିଳିଛି।

# ବେଆଇନ କ୍ରଶର ଉପରେ ଖଣି ବିଭାଗର ଚଢାଉ

ସୋର, ୬।୮ (ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ତହସିଲ ଅଧୀନ ବାଗୁଡ଼ି ଖଞ୍ଜାମହାଲ ପଥରଖାଦାନ ସୋରରେ ଥିବା ବିଭିନ୍ନ କ୍ରଶର ଉପରେ ଖଣି ବିଭାଗ ତରଫରୁ ଚଢାଉ କରାଯାଇଛି। ଗତ କିଛିଦିନ ତଳେ ଚଢାଉ କରାଯାଇ ୧୨ଟି କ୍ରଶର ମଧ୍ୟରୁ ୫ଟି କ୍ରଶରର ସାମଗ୍ରୀ ଜବତ କରାଯାଇଥିଲା। ମଙ୍ଗଳବାର ୪ଟି କ୍ରଶରରେ ଚଢାଉ କରାଯାଇ ଷ୍ଟକ୍ ଥିବା ସାମଗ୍ରୀ ଜବତ କରାଯାଇଛି। ଏଥିସହିତ ୮ଟି କ୍ରଶରକୁ ନୋଟିସ୍ ଦିଆଯାଇଥିବା ଖଣି ବିଭାଗ ତରଫରୁ ଜଣାଯାଇଛି। ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ କ୍ରମେ ଚଢାଉ କରାଯାଇଛି।

**WILDLIFE PHOTOGRAPHY COMPETITION 2024**

**No.MM-114:** During celebration of the 70th Wildlife Week from 2nd to 8th October 2024, the Wildlife Organization will felicitate winners of a State Level Photography Competition on the theme "Landscapes and Wildlife of Odisha". The last date of receiving photograph is on 01.09.2024. The details regarding the conditions for the photography competition can be downloaded from website: wildlife.odisha.gov.in.

**PRINCIPAL CHIEF CONSERVATOR OF FORESTS (WILDLIFE) & CHIEF WILDLIFE WARDEN, ODISHA**
**Plot No.1459, Prakruti Bhawan, Saheed Nagar, Bhubaneswar, Pin-751007, Odisha**
**OIPR-08141/11/0005/2425**

# ନିର୍ଦ୍ଦେଶକ ହେବାକୁ ଲକ୍ଷ୍ୟ ରଖିଛନ୍ତି ଅମରଜିତ୍

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)



ପିଲାଟି ଦିନରୁ କଳାକାର ହେବା ନିଶା ଥିଲା ତାଙ୍କର। କଳା ପ୍ରତି ତାଙ୍କର ଆଗ୍ରହ ଓ ରୁଚିକୁ ମା', ବାପା ଓ ଭଉଣୀଙ୍କ ତରଫରୁ ତାଙ୍କୁ ପୂର୍ଣ୍ଣ ସମର୍ଥନ ମିଳିଥିଲା। ହାଇସ୍କୁଲ ଜୀବନରୁ ଅଭିନୟ ପ୍ରତି ମନ ବଳାଇଥିଲେ। ସେ ଏବେ କଳା ଜଗତରେ ଜଣେ ଅଭିନେତା ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁରୁଡ଼ା ଅଞ୍ଚଳର ଅଭିନେତା ଅମରଜିତ୍ ଚାନ୍ଦ। ବୟସ ୨୫। ମା' ଜୟସ୍ମିତା ଚାନ୍ଦ ଓ ବାପା ଆଦିତ୍ୟ କୁମାରଙ୍କର ଏକମାତ୍ର ପୁଅ ସେ। ସେ ଏବେ ଏମ୍‌ବିଏ ଛାତ୍ର ଅଛନ୍ତି। ୨୦୧୫ରେ ମାଟ୍ରିକ୍ ପାସ୍ କରି ଡିପ୍ଲୋମାରେ ସେ ଆଡମିଶନ ହୋଇଥିଲେ। ପ୍ରଥମେ ମଡେଲିଂ ଏବଂ ପରେ ଆଲ୍‌ବମ୍‌ରୁ ନିଜର କ୍ୟାରିୟର ଆରମ୍ଭ କରିଥିଲେ। ଡିପ୍ଲୋମା ପଢିବା ବେଳେ ଦୂରଦର୍ଶନରେ ଭଜନ 'ବଉଳ ଫୁଲିଆ ପାଟ', 'ଷୋହଳ ବୟସୀ....'ରେ ନିଖୁଣ ଅଭିନୟ କରି ପ୍ରତିଭାର ପରିଚୟ ଦେଇଥିଲେ। ଏହାପରେ ଅଭିନୟ ଜଗତରେ ସେ ଆଗକୁ ଯିବାର ସ୍ୱପ୍ନ ଦେଖିଥିଲେ। ବିଭିନ୍ନ ଯାତ୍ରା ଓ ସିନେ କଳାକାରଙ୍କ ଅଭିନୟକୁ ସେ ଅନୁକରଣ କରୁଥିଲେ। ଆଲବମ୍ 'ଦେବାରେ ଦେବାରେ ଫସିଗଲିରେ', 'ଧୀରେ ଧୀରେ ତୋର ମହକ', 'ମୁଁ ଶ୍ରାବଣର ମେଘ' ଆଦିରେ ଅଭିନୟ କରିଛନ୍ତି। ସେ ଚଳଚ୍ଚିତ୍ର 'ମିତାଲି ଅପା'ରେ ମଧ୍ୟ ଅଭିନୟ କରି ପ୍ରଶଂସା ସାଉଁଟିଛନ୍ତି। ତରଙ୍ଗ ଟିଭି ଚ୍ୟାନେଲରେ ସେ 'ତାରିଣୀ ଆଖିର ତାରା'ରେ ଅଭିନୟ କରିଛନ୍ତି। ଏବେ ସେଇ ଧାରାବାହିକର କାହାଣୀ 'ତୁ ମୋ ଆଖିର ତାରା'ରେ ଭିନ୍ନ ଚରିତ୍ରରେ ଅଭିନୟ କରୁଛନ୍ତି। ଭବିଷ୍ୟତରେ ଜଣେ ସଫଳ ଅଭିନେତା ସହ ନିର୍ଦ୍ଦେଶକ ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି କୁହନ୍ତି ଅମରଜିତ୍।

# ଜିଲାପାଳଙ୍କୁ ଭେଟିଲା ବରିଷ୍ଠ ନାଗରିକ ମଞ୍ଚ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୮ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଶିଷ ଠାକରେଙ୍କ ଜରିଆରେ ମଙ୍ଗଳବାର ପ୍ରଦାନ କରାଯାଇଛି। ଜିଲା ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀ ଓ ସାଧାରଣ ସମ୍ପାଦକ ଦାମୋଦର ନାୟକଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ରକୁ ଜିଲା କମିଟିର ପ୍ରତିନିଧିମାନେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କେତେକ ଦାବି ଏବଂ ଜିଲା ପ୍ରଶାସନ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ ଅନ୍ୟ ଦାବିଗୁଡ଼ିକ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିଲା।

୬୦ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ଯୋଗ୍ୟ ହିତାଧିକାରୀଙ୍କୁ ମାସିକ ୩ହଜାର ଟଙ୍କା ପ୍ରଦାନ, ବରିଷ୍ଠ ନାଗରିକଙ୍କ ପାଇଁ ରେଳଯାତ୍ରାରେ ରିହାତିର ପୁନଃ ପ୍ରଚଳନ, ଜିଲାରେ ସମନ୍ୱିତ ବହୁମୁଖୀ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ପୂର୍ବ ନିର୍ଦ୍ଧାରିତ ସ୍ଥାନରେ ଆରମ୍ଭ କରିବା, ଜିଲା, ବ୍ଲକ୍ ଓ ପଞ୍ଚାୟତସ୍ତରରେ କମ୍ୟୁନିଟି ସେଣ୍ଟର ନିର୍ମାଣ, ସରକାରୀ ସ୍ୱାସ୍ଥ୍ୟ ବୀମା, ପୋଲିସ ବିଭାଗ ପକ୍ଷରୁ ପରିଚୟ ପତ୍ର ପ୍ରଦାନ, ଡାକ୍ତରଖାନା, ବ୍ୟାଙ୍କ ଆଦି ସ୍ଥାନରେ ଅଗ୍ରାଧିକାର ପ୍ରଦାନ ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ଜରାରୋଗ ଚିକିତ୍ସା ପାଇଁ ସ୍ୱତନ୍ତ୍ର ୱାର୍ଡ଼, ଜିଲା ମୁଖ୍ୟ ଦପ୍ତରରେ ବିଶ୍ରାମଗୃହ ଓ ସବ୍‌ଡିଭିଜନ୍‌ସ୍ତରରେ ଟ୍ରିବ୍ୟୁନାଲ୍‌କୁ ତୁରନ୍ତ କାର୍ଯ୍ୟକ୍ଷମ କରିବାପାଇଁ ଦାବିପତ୍ରରେ ଦର୍ଶାଯାଇଛି। ଜିଲାସ୍ତରର ଦାବିଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳ ଠାକରେ ପ୍ରତିନିଧିମାନଙ୍କୁ ସାକ୍ଷାତ ଆଲୋଚନାରେ ପ୍ରତିଶ୍ରୁତି ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଅନ୍ତର୍ଯ୍ୟାମୀ ପ୍ରଧାନ, ରମେଶ ଚନ୍ଦ୍ର ଜେନା, ଲକ୍ଷ୍ମୀନାରାୟଣ ଘୋଷ, ସୀତାରାମ ପ୍ରଧାନ, ଗୌରାଙ୍ଗ ପାଣିଗ୍ରାହୀ, ତ୍ରିଦୀପ ନାୟକ, ବିଷ୍ଣୁପ୍ରସାଦ ମହାନ୍ତି, ସୁରେନ୍ଦ୍ର ପଣ୍ଡା, ଶରତ ଚନ୍ଦ୍ର ବିଶ୍ୱାଳ, ଦେବବ୍ରତ ପାଣିଗ୍ରାହୀ, ସରସ୍ୱତୀ ପଣ୍ଡା, ପ୍ରଦ୍ୟୁତ ମଣ୍ଡଳ, ଶ୍ୟାମସୁନ୍ଦର ଜେନା ଓ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**Garhwa Nagar Parishad**
Address: Near Jyoti Shree Cinema Hall, Sahijana Road, Garhwa
Phone No.:

Reference No.- GNP/RFP-01/2022-23 6th Call Date: 06.08.2024

**Tender Notice**
**IMPORTANT INFORMATION**

| Sr.No. | Particulars | Details |
|---|---|---|
| 1. | Name of Work | Construction & Commissioning of Fecal Sludge Treatment Plant of Capacity 17 KLD at Garhwa town (Jharkhand) followed by Operation and Maintenance including desludging operations for 5 years |
| 2. | Estimated Cost (INR) | Construction Cost: ₹ 2,47,95,439 Operation & Maintenance Cost: ₹ 1,58,86,388 Total: ₹ 4,06,81,827 |
| 3. | Bid Security (INR) | ₹ 406818.00/-. (Rupees Four Lakhs Six Thousand Eight Hundred Eighteen Only) |
| 4. | Cost of Bid Document (INR) | ₹ 10,000/- (Rupees Ten Thousand Only); non-refundable |
| 5. | Time of Completion | 1 year of construction which comprises 9 months of construction and 3 months of defect liability period including one month oftrial run and 5 years of O&M post DLP |
| 6. | Date of e-publication of tender | 08.08.2024 |
| 7. | Document downloading start Date | 08.08.2024 |
| 8. | Start date for seeking clarification | ----------- |
| 9. | End date for seeking clarification | ----------- |
| 10. | Pre bid meeting date, Time & Venue | ----------- |
| 11. | Bid submission end date | 27.08.2024 up to 05:00 PM |
| 12. | Bid opening date (online) | 29.08.2024 11:00 AM |
| 13. | Mode of Submission of Bids | e-tendering (https://Jharkhandtenders.gov.in) |
| 14. | Name & Address of office Inviting Tender | Executive Officer, Garhwa Nagar Parishad |
| 15. | Helpline Number | 8409053313, 9431141644 |

Complete bid document is available on website http://Jharkhandtenders.gov.in

Executive Officer
PR 331948 (Urban Development) 24-25 (D) Garhwa Nagar Parishad

# ଗ୍ରୀଲ୍ ତାଲା ଭାଙ୍ଗି ଲୁଟିନେଲେ ୧୦ଭରି ସୁନା ଅଳଙ୍କାର

ଜଳେଶ୍ୱର, ୬।୮ (ରବିନାରାୟଣ ପାତ୍ର)

ସୋମବାର ରାତିରେ ଜଳେଶ୍ୱର ଥାନା ଅଧୀନ ଖୁଲୁଡା ପଞ୍ଚାୟତ ମେଦିନୀପୁର ଗାଁର ସୁଜିତ୍ ବେହେରାଙ୍କ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୧୦ ଭରି ସୁନା ଅଳଙ୍କାର ସହିତ ନଗଦ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି। ଜଳେଶ୍ୱର ପୋଲିସ୍ ଓ ନାମ୍ପୋ ଫାଣ୍ଡି ଅଧିକାରୀ ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ସହ ଯାଇ ତଦନ୍ତ କରି ଫେରିଆସିଛନ୍ତି।

ସୁଜିତ୍ ବେହେରା ମୁଥୁଟ ଫାଇନାନ୍ସରେ କାର୍ଯ୍ୟ କରୁଥିବା ବେଳେ ସ୍ତ୍ରୀଙ୍କ ଚିକିତ୍ସା ଲାଗି ଗତ ୨ ତାରିଖରୁ ବାଲେଶ୍ୱରର ଏକ ଘରୋଇ ନର୍ସିଂହୋମ୍‌ରେ ରହିଥିଲେ। ଏହି ସୁଯୋଗରେ ସୋମବାର ରାତିରେ କେହି ଦୁର୍ବୃତ୍ତ ଘରର ଗ୍ରୀଲ ତାଲା ଭାଙ୍ଗିବା ସହ ଭିତରକୁ ଯାଇ ୪ଟି ଆଲମାରୀ ଭାଙ୍ଗି ସେଥିରେ ଥିବା ୧୦ଭରିରୁ ଅଧିକ ଅଳଙ୍କାର ଓ ନଗଦ ୨୫ହଜାର ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ସକାଳେ ଅନ୍ୟ ଏକ ଘରେ ରହୁଥିବା ସୁଜିତ୍‌ଙ୍କ ବଡବାପା ଭୂପତି ବେହେରା ଗାଈ ଚରାଇବା ଲାଗି ସେଠାକୁ ଆସିବା ପରେ ଗ୍ରୀଲ ଭଙ୍ଗାଯାଇଥିବା ଦେଖି ପୁତୁରା ସୁଜିତ୍‌ଙ୍କୁ ଖବର ଦେଇଥିଲେ। ପରେ ଜଳେଶ୍ୱର ଥାନାର ଏସ୍‌ଆଇ ନୀଳକଣ୍ଠ ପୁଷ୍ଟି, ନାମ୍ପୋ ଫାଣ୍ଡି ଅଧିକାରୀ ଫକୀର ପ୍ରଧାନ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବା ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀ କହିଛନ୍ତି।

**झारखण्ड राज्य ग्रामीण पथ विकास प्राधिकरण (JSRRDA)**
**एफ०एफ०पी० भवन, तृतीय तल्ला, धुर्वा, राँची –834004, झारखण्ड**

अल्पकालीन ई–पुनर्निविदा आमंत्रण सूचना (12th Call)
**PR No.- 308237 Dated : 03.10.2023**
अल्पकालीन ई–पुनर्निविदा संख्या:-45 /2024-25 दिनांक :- 05.08.2024

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या / पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-JSR-05/2023-24 | डुमरिया | 1 | चकरी से भागावेड़ा तक पथ का विशेष मरम्मति कार्य। (लं० – 5.400 कि०मी०) | 1069.398 | दस करोड़ उनहत्तर लाख उनचालीस हजार आठ सौ रू० मात्र | 15 महीना |
| | | डुमरिया | 2 | आर०ई०ओ० पथ बिरसा चौक से दासाडीह तक पथ का विशेष मरम्मति कार्य। (लं० – 4.800 कि०मी०) | | | |
| | | डुमरिया | 3 | आर०ई०ओ० मुख्य पथ से चयडीहा तक पथ का विशेष मरम्मति कार्य। (लं० – 5.400 कि०मी०) | | | |
| | | डुमरिया | 4 | डुमरिया शिव मंदिर से कुदरसाई तक पथ का विशेष मरम्मति कार्य। (लं० – 2.500 कि०मी०) | | | |

2. वेबसाईट मे निविदा प्रकाशन की तिथि:–08.08.2024
3. ई–निविदा प्राप्ति की अंतिम तिथि एवं समय:– 13.08.2024 अपराह्न 5.00 बजे तक।
4. निविदा खोलने की तिथि एवं समय:– 14.08.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................

विस्तृत जानकारी के लिए वेबसाईट **jharkhandtenders.gov.in** मे देखा जा सकता है।

अभियंता प्रमुख
ग्रामीण कार्य विभाग–सह–
जे०एस०आर०आर०डी०ए०, राँची

PR 332045 Rural Work Department(24-25).D

**GOVERNMENT OF ODISHA** No.A-210
**OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BOLANGIR**
e-mail:srgeologistbolangir@gmail.com
Jyotinagar, Laltikra, P.O:Rajendra College, Dist-Bolangir,Pin-767002
Letter No.389 Date:06.08.2024
**NATIONAL COMPETITIVE BIDDING THROUGH e-Procurement**
**Identification No.02/GWBLGR/2024-25 of 2024-25, Dt.06.08.24**
**e-Procurement Notice**

01. Name of the Work : 8 Nos. Work
02. Type of Bid : Single System
03. Estimated Cost : Rs.7.22 Lakh to 17.57 Lakhs
04. Period of Completion : 02 Calendar Months
05. Date & Time of availability of Bid document in the portal : From 11.00 AM of Dt.09.08.2024 to 5.00 PM of 20.08.2024
06. Last date/time of receipt of bids in the portal : 5.00 PM of 20.08.2024
07. Date & Time of opening of technical Bids : At 11.30 AM of 21.08.2024
08. Name and Address of the Officer Inviting Bid : Deputy Director, Geology Ground Water Development Division Jyotinagar, Laltikra PO-Rajendra College - 767002, Bolangir, Dist- Bolangir

Further details can be seen from the website http://tenders.ori.nic.in or www.tendersorissa.gov.in.

Sd./- Deputy Director, Geology
G.W.D. Division, Bolangir
OIPR-32471/11/0003/2425

# ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ



ଅତିଥିଙ୍କ ଦ୍ୱାରା ପତ୍ରିକା ଲୋକାର୍ପଣ କରାଯାଉଛି।

## 'ଆମ ପରିବାର ଆମ ପଞ୍ଚାୟତ' ଲୋକାର୍ପିତ

ବାଲେଶ୍ୱର, ୬।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ କଷିପଦା ପଞ୍ଚାୟତ ହାଇସ୍କୁଲ ପରିସରରେ ରୂପସା ଆଞ୍ଚଳିକ ଆମ ପରିବାର ଅନୁଷ୍ଠାନ ପକ୍ଷରୁ ଆମ ପରିବାର ଆମ ପଞ୍ଚାୟତ ପତ୍ରିକାର ବ୍ୟାସଦେବ ଜୟନ୍ତୀ ସଂଖ୍ୟା ଲୋକାର୍ପିତ ହୋଇଯାଇଛି।

ଆୟୋଜିତ ଉତ୍ସବରେ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭଗବାନ ମହାପାତ୍ର ସଭାପତିତ୍ୱ କରିଥିଲେ। ବୈଦିକ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ ବେହେରା ଯୋଗଦେଇ ସାହିତ୍ୟ ସମାଜକୁ ଦିଗ୍‌ଦର୍ଶନ ଦିଏ। ଏହା ସାଧନାର ମାର୍ଗ ଉନ୍ମୋଚିତ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସୃଷ୍ଟିଧରି ପରିଡ଼ା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଭାବଗ୍ରାହୀ ମହାନ୍ତି, ସାହିତ୍ୟିକ ଶାନ୍ତନୁ କୁମାର ପଟ୍ଟନାୟକ, କିଶୋର ଚନ୍ଦ୍ର ମହାପାତ୍ର, କବି ଡ. କାଳୀପଦ ପଣ୍ଡା ଯୋଗଦେଇ ପତ୍ରିକା ସମ୍ପର୍କରେ ଆଲୋକପାତ କରିଥିଲେ। ପତ୍ରିକା ସମ୍ପାଦକ ପ୍ରଭାତ କୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ପତ୍ରିକା ଉନ୍ମୋଚନ କରାଯାଇଥିଲା। କବି ଡ. କାଳୀପଦ ପଣ୍ଡା ଫକୀରମୋହନ ୟୁନିଭରସିଟି ତରଫରୁ ଡକ୍ଟରେଟ ଲାଭ କରିଥିବାରୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗଛ ମଣିଷ ରବୀନ୍ଦ୍ର ବେହେରା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ। ପୂର୍ବତନ ଟେଲି ସେବା ଅଧିକାରୀ ସୁଧାକର ଗିରି ଧନ୍ୟବାଦ ଦେଇଥିଲେ। ଏହି ଲୋକାର୍ପଣ ଉତ୍ସବରେ ବହୁ ସାହିତ୍ୟିକ, କବି, ଲେଖକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

**TENDER CALL NOTICE**
**PANCHAYAT SAMITI, MANESWAR, DIST-SAMBALPUR**
**BID IDENTIFICATION No.01 PS/MAN/01/2023-24**
**No.2049, Dtd.06.08.2024**

The Block Development Officer, Maneswar on behalf of Governor of Odisha invites Percentage Rate bids in single cover system for the execution of works as detailed in the following table.

| Sl. No. | Name of the Work | Value of work put to Tender (with-out GST) | Period of Completion | Class of Contractor | Bid Security @1% (Rs.) | Cost of Bid document with labour charges |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction & Completion of ground & first floor of kalyan mandap at commissioner colony (RDC) at jail Chowk, Near Jagannath Mandir | 5141711.00 | 09 (Nine) Calendar Months | "B" Class | 51417.00 | Rs.10500.00 |
| 2 | Construction of Office building with 50 MT Godown for Odisha State Agricultural Marketing Board Bargaon PACS | 3086408.00 | 06 (Six) Calendar Months | 'B & C' Class | 30864.00 | Rs.6500.00 |
| 3 | Construction of Office building with 50 MT Godown for Odisha State Agricultural Marketing Board Dhama PACS | 3086408.00 | 06 (Six) Calendar Months | 'B & C' Class | 30864.00 | Rs.6500.00 |
| 4 | Construction of Office building with 50 MT Godown for Odisha State Agricultural Marketing Board Maneswar PACS | 3086408.00 | 06 (Six) Calendar Months | 'B & C' Class | 30864.00 | Rs.6500.00 |
| 5 | Construction of Office building with 50 MT Godown for Odisha State Agricultural Marketing Board Sahaspur PACS | 3086408.00 | 06 (Six) Calendar Months | 'B & C' Class | 30864.00 | Rs.6500.00 |
| 6 | Construction of community centre at Commissioner Colony at Jail Chowk | 2092247.00 | 06 (Six) Calendar Months | 'B & C' Class | 20922.00 | Rs.6500.00 |

The sale of the Bid documents shall start from Dt.09.08.2024, at 11.00 AM and Close on Dt.21.08.2024 at 03.00 P.M. Bids shall be received by this Office upto 05.00 PM of 21.08.2024 through Registered Post/ Speed Post only. Date & Time of Opening 22.08.2024 at 11.00 A.M. Details available in DTCN. Website Address http://sambalpur.nic.in.

N.B.: The intending bidders who have defaulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work.

The undersigned reserves the right to reject any or all bids without assigning any reasons thereof.

**Sd./- Block Development Officer, Maneswar**

**झारखण्ड़ सरकार**
**क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका।**

**अल्पकालीन ई–प्रोक्योरमेंट सूचना**
ई–निविदा प्रसंग सं० :–RCD/FSD /AP/ DUM/06/2024-25 दिनांक: 05.08.2024

| | | |
|---|---|---|
| 1. | कार्य का नाम | **Detailed Project Report for construction of (A) Gopichak to Hanwara road in godda (B) NH-333A Khatnai to Danre PWD Road in Godda (C) Bhaguiya bypass in Godda all roads under road Division Dumka.** |
| 2. | अनुमानित लंबाई (मीटर) | 15 कि०मी० |
| 3. | कार्य समाप्ति की अवधि | 60 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 08.08.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 20.08.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 21.08.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं० | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं० | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका।

PR 331979 (Road) 24-25 (D)

**ସାପ କାମୁଡ଼ାରେ ବାଳକଙ୍କ ମୃତ୍ୟୁ**

ଝାରପୋଖରିଆ,(ହରେକୃଷ୍ଣ ଦାସ): ସାରସକଣା ବ୍ଲକ ରାଜାଲୋକା ପଞ୍ଚାୟତ ରାଉତରା ଗ୍ରାମରେ ସାପ କାମୁଡ଼ାରେ ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଳକ ଜଣକ ହେଲେ ସୁକୁରୁ ସିଂଙ୍କ ପୁଅ ସୁରଜ (୧୩)। ସୋମବାର ରାତିରେ ସେ ଘରେ ଶୋଇ ଥିବାବେଳେ ଏକ ଚିତି ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ପିଆର୍‌ଏମ୍ ମେଡିକାଲକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ନର୍ଦ୍ଦମାରେ ପଡ଼ିଥିବା ପାଇପ୍‌ରେ ଜଳ ଯୋଗାଣ

ବାରିପଦା,୬।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହରବାସୀଙ୍କୁ ସ୍ୱଚ୍ଛ ଓ ବିଶୁଦ୍ଧ ଜଳ ଯୋଗାଣ ନିମନ୍ତେ ବିଛାଯାଇଥିବା ପାଇପ ଏବଂ ଡ୍ରେନେଜ ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ନାଳ ନର୍ଦ୍ଦମାରେ ବିଛାଯାଇଥିବା ପାଇପ୍‌ରୁ ଜଳ ଯୋଗାଣ ହେଉଥିବା ବେଳେ ପମ୍ପ ହାଉସ୍‌ଟି ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ପମ୍ପ ହାଉସ୍ ଓ ଡ୍ରେନ ଭିତରେ ପଡିଥିବା ପାଇପରୁ ଘରକୁ ଘର ଜଳ ଯୋଗାଣକୁ ନେଇ ଜନଅସନ୍ତୋଷ ତେଜିବାରେ ଲାଗିଛି । ଫଳରେ ସହରବାସୀ ବିଶୁଦ୍ଧ ପାନୀୟରୁ ବଞ୍ଚିତ ହେଉଥିବା ବେଳେ ଦୂଷିତ ଜଳପିଇ ଅନେକ ରୋଗାକ୍ରାନ୍ତ ହେଉଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ୱାଟର କର୍ପୋରେଶନ ଅଫ୍ ଓଡ଼ିଶା( ୱାଟକୋ) ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ।

ବାରିପଦା ପୌରପରିଷଦ ୱାର୍ଡ ନଂ. ୧୯ରେ ଥିବା ବାଘଡ଼ାରୋଡ୍ ଅଞ୍ଚଳ ବଡ଼େଇସାହି ପମ୍ପ ହାଉସ୍ ଘର ଚାରିପାଖରେ ଅନାବନା ଗଛଲତା ମାଡିଛି। ସେହିପରି ୱାର୍ଡର ବନମାଳି ସ୍କୁଲ ଗଳି ସାହିରେ ଥିବା ଡ୍ରେନ୍ ଭିତରେ ୱାଟକୋ ପକ୍ଷରୁ ପାଇପ୍ ଲାଇନ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି। ଦୀର୍ଘ ବର୍ଷ ଧରି ପାଇପ୍ ଯୋଗେ ଜଳ ଯୋଗାଣ ହେଉଥିବାରୁ ତାହା ନଷ୍ଟ ହୋଇ ଫାଟିବା କିମ୍ବା ଲିକ୍ ହେବା ଦ୍ୱାରା ପ୍ରଦୂଷିତ ଜଳ ଘରକୁ ଯାଉଛି । ଫଳରେ ଲୋକେ ନିରୁପାୟ ହୋଇ ଉକ୍ତ ଜଳକୁ ପିଇବାକୁ ବାଧ ହେଉଥିବାରୁ ଅନେକ ରୋଗାକ୍ରାନ୍ତ ହେଉଛନ୍ତି। ଏ ନେଇ ୱାର୍ଡ କାଉନସିଲର ଦିଗବିଜୟୀ ହାଁସଦା ବାରମ୍ବାର ଅଭିଯୋଗ ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କର୍ଣ୍ଣପାତ କରୁନାହାନ୍ତି । ସହରରେ ପ୍ରତି ଘରକୁ ପାଇପ୍ ଯୋଗେ ଜଳ ଯୋଗାଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ବିଭାଗୀୟ ଅବହେଳା ଓ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପାଇଁ ସହରବାସୀ ବିଶୁଦ୍ଧ ଜଳ ପାଇବା ପରିବର୍ତ୍ତେ ଦୂଷିତ ଜଳକୁ ଗ୍ରହଣ କରିବାକୁ ବାଧ ହେଉଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ


ଡ୍ରେନ୍ ଭିତର ଦେଇ ଯାଇଥିବା ପାଣି ପାଇପ୍।

ପମ୍ପ୍ ହାଉସ୍‌ଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ସେହିପରି ସହରର ଅଳିଆ ଆବର୍ଜନାଗୁଡ଼ିକ ପମ୍ପ୍ ହାଉସ୍ ସମ୍ମୁଖରେ ପଡ଼ିଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏଭଳି ପରିତ୍ୟକ୍ତ ପରିବେଶରେ ବିଷାକ୍ତ ସାପ ଓ ସରୀସୃପ ରହିବା ଦ୍ୱାରା ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଦୀର୍ଘ ମାସ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀ କିମ୍ବା କର୍ମଚାରୀମାନେ ସେଠାକୁ ଆସୁ ନ ଥିବାରୁ ପମ୍ପ ହାଉସ୍ ଅଚଳ ହୋଇପଡିଛି । ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବା ପରିବର୍ତ୍ତେ ଦୂଷିତ ଜଳ ବ୍ୟବହାର କରିବାକୁ ବାଧ ହେଉଛନ୍ତି ବୋଲି ୱାର୍ଡବାସିନ୍ଦା କୁନି ବେହେରା, ମନୁ ବେହେରା, ବାଟୁ ଦାସ, ଜଗତ ଦାସ ପ୍ରମୁଖ କହିଛନ୍ତି । ଏ ସମ୍ପର୍କରେ ୱାଟକୋ ବିଭାଗର ନିର୍ବାହୀ ଯନ୍ତ୍ରୀ ପିସି ମଲ୍ଲିକଙ୍କୁ ପଚାରିବାରୁ ଖୁବଶୀଘ୍ର କର୍ମଚାରୀଙ୍କୁ ପଠାଇ ସଫାସୁତୁରା କରାଯିବ। ତେବେ ପାଇପ୍ ପଡ଼ିଥିବା ସ୍ଥାନରେ ମ୍ୟୁନିସିପାଲିଟି ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଛି। ଡ୍ରେନେଜ ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ନିମନ୍ତେ ମ୍ୟୁନସିପାଲିଟିକୁ ଅବଗତ କରାଯିବ ବୋଲି ସେ କହିଛନ୍ତି। ଡ୍ରେନରେ ପଡ଼ିଥବା ପାଣି ପାଇପକୁ ଉଠାଯାଇ ଅନ୍ୟତ୍ର ପାଇପ ମାଧ୍ୟମରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ କରିବାକୁ ସୁଜିତ ମହାନ୍ତି, ଗୋପବନ୍ଧୁ ବେହେରା ଓ ରାଜୁ ଦାସ ପ୍ରମୁଖ ଦାବି କରିଛନ୍ତି। ୭ଦିନ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ୱାର୍ଡବାସୀ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି କଡ଼ା ଚେତବାନୀ ଦେଇଛନ୍ତି। ତେବେ ୱାଟକୋ ବିଭାଗଟି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧୀନରେ ରହୁଥିବାରୁ ମନ୍ତ୍ରୀଙ୍କ ଦୃଷ୍ଟି ଗୋଚର କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା,୬।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଅତିରିକ୍ତ ଦୌରା ଜଜ୍(୧)ଙ୍କ କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ସତ୍ୟନାରାୟଣ ପାତ୍ର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୫୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ କୁଳିଅଣା ଥାନା ଅଧୀନ ବାଉଁଶଖୁଣ୍ଟିଆ ଗ୍ରାମର ଲକ୍ଷ୍ମଣ ଟୁଡୁ(୨୮) । ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ନଭେମ୍ବର ୧୯ରେ ଅଭିଯୁକ୍ତ ଲକ୍ଷ୍ମଣ ଡାହାଣୀ

**ଡାହାଣୀ ସନ୍ଦେହରେ ଆଈଙ୍କୁ ହତ୍ୟା ମାମଲା**

ସନ୍ଦେହରେ ତାଙ୍କ ଆଈ ସୋମବାରୀ ହେମ୍ବ୍ରମଙ୍କୁ ଏକ କୁରାଢ଼ିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଗାଁ ଲୋକଙ୍କଠାରୁ ଖବର ପାଇ ପୋଲିସ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା। ମୃତ ସୋମବାରୀଙ୍କ ସମ୍ପର୍କୀୟ ରୂପାୟ ସୋରେନଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଏକ ମାମଲା (ନଂ.୧୪୯/୨୧) ରୁଜୁ ହୋଇଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରୁଥିଲେ।

## ପ୍ରଥମେ ଥଇଥାନ, ପରେ ଉଚ୍ଛେଦ ଦାବି କଲେ ଦୋକାନୀ

ବସ୍ତା, ୬।୮(ହରିଶଙ୍କର ପାଢ଼ି)

ବାଲେଶ୍ୱର ଜିଲା ବସ୍ତା ବଜାରରେ ଆସନ୍ତା ୧୦ରୁ ୩ଟି ରାସ୍ତା କିସମର ସରକାରୀ ପ୍ଲଟରେ ଉଚ୍ଛେଦ ହେବ। ଏନେଇ ବ୍ୟବସାୟୀମାନେ ଚିନ୍ତାରେ ପଡିଯାଇଛନ୍ତି। ପ୍ରଥମେ ଥଇଥାନ ପରେ ଉଚ୍ଛେଦ କରାଯାଉ ବୋଲି ସମ୍ପୃକ୍ତ ବ୍ୟବସାୟୀମାନେ ଦାବି କରିଛନ୍ତି। ଏବେ ବର୍ଷା ସମୟରେ ସେମାନଙ୍କୁ ଉଚ୍ଛେଦ କଲେ ଜୀବିକା ହରାଇବାର ଆଶଙ୍କା ରହିଥିବାରୁ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କ ସମସ୍ୟାକୁ ବିଚାରକୁ ନିଆଯାଉ ବୋଲି ଜିଲାପାଳ ବସ୍ତା ବ୍ଲକକୁ ଅଭିଯୋଗ ଶୁଣାଣି ଶିବିରକୁ ଆସିଥିବା ବେଳେ ଏ ସମସ୍ୟା ସମ୍ପର୍କରେ ଅଭିଯୋଗ ଦିଆଯାଇଥିଲା। ଏହି ସମୟରେ ଜିଲାପାଳ ସେମାନଙ୍କ ଅଭିଯୋଗ ନିଶ୍ଚୟ ବିଚାରକୁ ନେବେ ବୋଲି କହିଥିଲେ। ଏଣୁ ବସ୍ତା ତହସିଲଦାର ରାଧାରଞ୍ଜନ ଦାସ ସେମାନଙ୍କ ପ୍ରତି ସୁବିଚାର କରିବେ ବୋଲି ଦୃଢ଼ ଆଶାପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବସ୍ତା ବଜାର ଓ ଆଖପାଖ ଅଞ୍ଚଳରେ ବହୁ ସରକାରୀ ଜାଗା ଜବରଦଖଲରେ ରହିଥିବା ବେଳେ କେବଳ ଦୋକାନୀମାନଙ୍କୁ ହଠାତ୍ ଉଚ୍ଛେଦ କରାଯିବା ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**ସଂକ୍ଷେପରେ**

## ଖବରଦାତାଙ୍କ ପରଲୋକ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବଡ଼ସାହି (ସସ୍ମିତ କୁମାର ରାଉତ) ,୬।୮

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଖବରଦାତା ସରୋଜ କୁମାର ଦାଶ(୪୮)ଙ୍କ ମଙ୍ଗଳବାର ପୂର୍ବାହ୍ନରେ ପରଲୋକ ଘଟିଛି। କିଛି ଦିନ ପୂର୍ବେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖୁବ ଅଳ୍ପ ଦିନ ମଧ୍ୟରେ ସେ ଶ୍ରେଷ୍ଠ ଖବରଦାତା ଭାବେ ସମ୍ମାନିତ ହୋଇ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳବାସୀଙ୍କ ପ୍ରିୟପାତ୍ର ହୋଇପାରିଥିଲେ । ତାଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଛେଳିଆ(କ) ସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରି ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ଠାକୁରମୁଣ୍ଡା,୬।୮(ତାରାକାନ୍ତ ପଟ୍ଟନାୟକ)

ଠାକୁରମୁଣ୍ଡା ରେଞ୍ଜ କେଶଡିହା ପଞ୍ଚାୟତ ଅନ୍ତର୍ଗତ ଚିରୁପଦା ଗ୍ରାମରେ ମଙ୍ଗଳବାର ସକାଳେ ଭାଲୁ ଆକ୍ରମଣରେ ଜଣେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ କଣ୍ଡେରାମ ପୂର୍ତ୍ତି (୨୨)। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, କଣ୍ଡେରାମ ସକାଳେ ତାଙ୍କ ଧାନ ବିଲରେ କାମ କରୁଥିବା ସମୟରେ ବିଲକୁ ଲାଗି ଥିବା ଜଙ୍ଗଲ ଭିତରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା। ଭାଲୁ ଆକ୍ରମଣରେ ତାଙ୍କର ମୁଣ୍ଡ,ଗୋଡ଼ ଓ ହାତରେ ଗଭୀର କ୍ଷତ ହୋଇଛି।

# ଝାରପୋଖରିଆ ଓଭରବ୍ରିଜ ଅଧାପନ୍ତରିଆ


ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ଓଭରବ୍ରିଜ।

ଝାରପଖୋରିଆ,୬।୮(ହରେକୃଷ୍ଣ ଦାସ)

୧୮ ଓ ୪୯ ନଂ. ଜାତୀୟ ରାଜପଥର ସଂଯୋଗସ୍ଥଳ ଝାରପୋଖରିଆଠାରେ ନିର୍ମାଣାଧୀନ ଓଭରବ୍ରିଜ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଚାରି ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ନିର୍ମାଣ କରୁଥିବା ଏଲ୍ ଆଣ୍ଡ ଟି କମ୍ପାନୀ ଏକ କାମ ସମ୍ପୂର୍ଣ୍ଣ ନ କରି ଛାଡ଼ି ଚାଲିଯାଇଛି। ଇତି ମଧ୍ୟରେ ୩ ବର୍ଷ ବିତିଯାଇଥିଲେ ମଧ୍ୟ ଏନ୍‌ଏଚ୍‌ଆଇ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଓଭରବ୍ରିଜ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା ସଂଲଗ୍ନ ସର୍ଭିସରୋଡ୍‌ରେ ସମସ୍ତ ଭାରୀଯାନ ଚାଲୁଛି। ଫଳରେ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଓଭରବ୍ରିଜ ଅସମ୍ପୂର୍ଣ୍ଣ ଥିବା ସମ୍ପର୍କରେ କୌଣସି ସୂଚନା ନ ଥିବାରୁ ରାସ୍ତା ଜାଣି ନ ପାରି ଗତବର୍ଷ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ଏହି

**୩ ବର୍ଷ ହେଲା କାମ ସରୁନି**

ଦୁର୍ଘଟଣା ଘଟିଥିବାରୁ ଏନ୍‌ଏଚ୍‌ଆଇ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯାଇଥିଲା। ଏତେ ସବୁ ପରେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓଭରବ୍ରିଜ ନିର୍ମାଣ ନିମନ୍ତେ କୌଣସି ପ୍ରଦକ୍ଷେପ ଗ୍ରହଣ ନ କରିବା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି କୁହାଯାଉଛି। ସୋମବାର ସକାଳେ ଏହି ଓଭରବ୍ରିଜ ତଳ ରାସ୍ତା ପାର ହେଉଥିବା ବେଳେ ଜଣେ ବାଇକ୍ ଆରୋହୀଙ୍କୁ ଏକ ହାଇୱା ଧକ୍କା ଦେଇଥିଲା। ବାଇକ୍ ଆରୋହୀ ଝାରପୋଖରିଆ ଥାନା ଜାଲଦା ଗ୍ରାମର ସୁମନ ସେଠୀ ଅଳ୍ପକେ ବର୍ତ୍ତିଯାଇଥିଲେ। ମାତ୍ର ହାଇୱା ମାଡ଼ିଯିବାରୁ ତାଙ୍କ ବାଇକ୍ ଚୁର୍‌ମାର୍ ହୋଇଯାଇଥିଲା। ଝାରପୋଖରିଆ ପୋଲିସ ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରି ତଦନ୍ତ କରୁଛି।

ଉଲ୍ଲେଖଯୋଗ୍ୟ, ଗତ ସାଧାରଣ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ଲାଗୁହେବା ପୂର୍ବରୁ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଆସି ଏହି ଅସମ୍ପୂର୍ଣ୍ଣ ବ୍ରିଜ ତଳେ ଭୂମିପୂଜା କରି ବ୍ରିଜ କାମ ଆରମ୍ଭ ହେବାନେଇ ଟେଣ୍ଡର ସରିଥିବା ପ୍ରକାଶ କରିଥିଲେ। ସେତେବେଳେ ଏହି ସଭାରେ ଉପସ୍ଥିତ ଥିବା ଭାଜପାର ସ୍ଥାନୀୟ ନେତୃବୃନ୍ଦ ମନ୍ତ୍ରୀ ଟୁଡୁଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। କିନ୍ତୁ ସେତେବେଳେ ଏହି ସରକାରୀ କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଆଇର କୌଣସି ଅଧିକାରୀ ଯୋଗଦେଇ ନ ଥିଲେ। ଏ ନେଇ କୌଣସି ଟେଣ୍ଡର ଆହ୍ୱାନ ହୋଇ ନ ଥିବା ଜଣାପଡ଼ିଥିଲା। ଅଦ୍ୟାବଧି ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇ ନ ଥିବା ବେଳେ ସର୍ଭିସ ରୋଡ୍‌ର ମଧ୍ୟ ମରାମତି କରାଯାଉନାହିଁ। କେନ୍ଦ୍ର ସରକାରଙ୍କ ଜାତୀୟରାଜପଥ ମନ୍ତ୍ରାଳୟ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସିବିଆଇ ଜାଲରେ ପୋଷ୍ଟାଲ ଇନ୍ସପେକ୍ଟର

ଉଦଳା,୬।୮(ସନ୍ତୋଷ କୁମାର ବାଛିନୀ)

ସାର୍ଟିଫିକେଟ କରାଇ ଦେବାକୁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମୟୂରଭଞ୍ଜ ଜିଲା ଉଦଳା ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର କୁମାର ପୃଷ୍ଟି ମଙ୍ଗଳବାର ସିବିଆଇ ହାତରେ ଧରାପଡ଼ିଛନ୍ତି। ସୂଚନା ଅନୁଯାୟୀ, ଉଦଳା ପୋଷ୍ଟାଲ ସର୍କଲ ଅଧୀନ କୁଶଳଦା ପଥୁରୀକଟା ପୋଷ୍ଟ ଅଫିସରେ ମଳୟ କୁମାର ବେହେରା ପୋଷ୍ଟ ମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ଏବେ ସେ ଶିକ୍ଷକ ଚାକିରି ପାଇଛନ୍ତି। ଶିକ୍ଷକ ଚାକିରି ନିମନ୍ତେ ପୋଷ୍ଟାଲ ବିଭାଗ ପକ୍ଷରୁ ରେଜିଗନେସନ ସହିତ ପୋଷ୍ଟ ୱାର୍କ ଭେରିଫିକେଶନ ସାର୍ଟିଫିକେଟର ଆବଶ୍ୟକତା ରହିଥିଲା। ଏହି ପୋଷ୍ଟ ୱାର୍କ ଭେରିଫିକେଶନ ସାର୍ଟିଫିକେଟ ପାଇବା ପାଇଁ ପୋଷ୍ଟ ମାଷ୍ଟର ବେହେରା ଉଦଳା ପୋଷ୍ଟାଲ ଇନ୍ସପେକ୍ଟରଙ୍କ ନିକଟରେ ପହଞ୍ଚିଥିଲେ। ସାର୍ଟିଫିକେଟ ଦେବା ନିମନ୍ତେ ପୋଷ୍ଟାଲ ଇନ୍ସପେକ୍ଟର ପୃଷ୍ଟି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଉଦଳାସ୍ଥିତ ଭଡ଼ାଘରେ ଇନ୍ସପେକ୍ଟର ପୃଷ୍ଟି ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସିବିଆଇ ଆଣ୍ଟିକରପସନ ଟିମ୍ ତାଙ୍କୁ ମାଡ଼ି ବସିଥିଲା ।

## ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

ଉଦଳା,୬।୮(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଜାମବଣୀ ଗ୍ରାମର ଜଣେ ଯୁବକଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ସେ ହେଲେ ସୁବାସ ଚନ୍ଦ୍ର ସାହୁଙ୍କ ପୁଅ ଶୁଭମ(୨୦)। କପ୍ତିପଦା ବଜାରରେ ଥିବା ମୁଡିମିଲ୍‌ରେ ସେ ତାଙ୍କ ବାପାଙ୍କ ସହ କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। କପ୍ତିପଦା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

## ‘ଗୁରୁ ହିଁ ଜୀବନର ପଥ ପ୍ରଦର୍ଶକ’



ପ୍ରାକ୍ତନ ଛାତ୍ରଙ୍କ ଦ୍ୱାରା ସ୍ମୃତିଚାରଣ ସଭା।

ସିମୁଳିଆ, ୬।୮(ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ରଘୁନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନେ ରବିବାର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ମିଶ୍ରଙ୍କ ନବମ ବାର୍ଷିକ ସ୍ମୃତିଚାରଣ ସଭା ବିଦ୍ୟାଳୟ ପରିସରରେ ଆୟୋଜନ କରିଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ତଥା ଏହି ବିଦ୍ୟାଳୟର ପୁରାତନ ଛାତ୍ର ତଥା ବୟୋଜ୍ୟେଷ୍ଠ ଗୋକୁଳାନନ୍ଦ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଭିନ୍ନ ବୃତ୍ତିରୁ ଅବସର ନେଇଥିବା ଓ ବୃତ୍ତିରେ ଥିବା ଛାତ୍ରମାନେ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

ଭାରତୀୟ ବାୟୁସେନାରୁ ଅବସର ନେଇଥିବା ପୁରାତନ ଛାତ୍ର ରାଜେନ୍ଦ୍ର କୁମାର ମହାପାତ୍ର ଶିକ୍ଷାର୍ଥୀମାନଙ୍କ ପାଇଁ ଗୁରୁ ଜୀବନର ପଥ ପ୍ରଦର୍ଶକ ବୋଲି କହିଥିଲେ। ସେହିପରି ଲୋକପ୍ରତିନିଧି ତଥା ପୁରାତନ ଛାତ୍ର ବନମାଳୀ ବିଶ୍ୱାଳ ବଂଶୀଧର ସାର୍ ନିଜେ ଜଣେ ଅନୁଷ୍ଠାନ ବୋଲି କହିଥିଲେ। ବାଲିଖଣ୍ଡ କଲେଜ ଅଧ୍ୟାପକ ନୃସିଂହ ଚରଣ ମିଶ୍ର ବିଭିନ୍ନ ଅନୁଷ୍ଠାନକୁ ଆଦର୍ଶ କରି ଗଢିତୋଳିବା ପାଇଁ ଭଗବାନ ଆଦର୍ଶ ବ୍ୟକ୍ତିମାନଙ୍କୁ ପ୍ରେରଣ କରନ୍ତି ବୋଲି କହିଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଜେନ୍ଦ୍ର ସେଠୀ ବ୍ୟକ୍ତିତ୍ୱ ଓ ଆଚରଣ ଛାତ୍ରୀଛାତ୍ର ଜୀବନର ଆଦର୍ଶ, ଯାହା ବଂଶୀଧର ସାର୍‌ଙ୍କଠାରୁ ହିଁ ମିଳିପାରିଛି ବୋଲି କହିଥିଲେ। କେବଳ ଭଲ ଲୋକମାନଙ୍କ ପାଇଁ ହିଁ ଲୋକମାନେ ଏକାଠି ହୁଅନ୍ତି ବୋଲି ରଘୁନାରାୟଣ ବିଦ୍ୟାଳୟର ବର୍ତ୍ତମାନର ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ପଣ୍ଡା ସୂଚନା ଦେଇଥିଲେ। ସଭାପତି ଗୋକୁଳାନନ୍ଦ ମିଶ୍ର ପ୍ରାକ୍ତନ ଶିକ୍ଷକ ଛାତ୍ରୀଛାତ୍ରମାନଙ୍କ ସମେତ ଅଭିଭାବକମାନଙ୍କ ସହିତ ସମ୍ପର୍କ ରଖିବା ସହିତ ସ୍ଥାନୀୟ ଅଞ୍ଚଳର ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟ ଯୋଗୁ ପୁରାତନ ଛାତ୍ରମାନେ ତାଙ୍କୁ ମନେ ରଖିବାର କହିଥିଲେ। ମାର୍କୋଣା ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ରମାକାନ୍ତ ପଣ୍ଡା ପ୍ରାକ୍ ସୂଚନା ଓ ମଞ୍ଚ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗବନ୍ଧୁ ପାଢ଼ୀ, ବିଜୟ କୁମାର ମିଶ୍ର ପ୍ରମୁଖ ଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ପ୍ରଧାନ ଶିକ୍ଷକ ବଂଶୀଧର ମିଶ୍ରଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ଅଞ୍ଚଳରେ। ସେ ଗତ ୧।୭।୬୫ ରୁ ୧୯।୮।୯୨ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଥିଲେ।

# ବଜ୍ରପାତରେ ଜଣେ ମୃତ, ୩ ଗୁରୁତର

ମୋରଡ଼ା,୬।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳର ପୃଥକ ପୃଥକ ସ୍ଥାନରେ ବଜ୍ରପାତ ଯୋଗୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ମଙ୍ଗଳବାର ଅପରାହ୍ନ ୩ଟା ସମୟରେ ଏହି ବ୍ଲକ ଅଧୀନ ହଳଦୀପାଳ ପଞ୍ଚାୟତର ଅସ୍ତିଆ ଗ୍ରାମର କାଳିଚରଣ ସୋରେନ(୩୬) ବିଲ କାମ ସାରି ଘରକୁ ଫେରୁଥିବା ସମୟରେ ବଜ୍ରପାତରେ ଟଳି ପଡ଼ିଥିଲେ। ତାଙ୍କୁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସେହିପରି ଉକ୍ତ ବ୍ଲକ ଅଧୀନ ମାଳିହତା ଗ୍ରାମର ଗଣିଆ ସିଂ,ବାବୁଲା ସିଂ ଓ ପାଞ୍ଚଗୁଛିଆ ଗ୍ରାମର ରଞ୍ଜନ ସିଂ ବିଲରେ କାମ କରୁଥିବା ସମୟରେ ବଜ୍ରପାତରେ ଗୁରୁତର ହୋଇଥିବା ସୂଚନା ମିଳିଛି।

# ଚାରାରୋପଣ କାର୍ଯ୍ୟକ୍ରମ



ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

ବୈଶିଙ୍ଗା,୬।୮(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପାଟଳିପୁରାସ୍ଥିତ କୃଷ୍ଣଚନ୍ଦ୍ର ଶିକ୍ଷା ନିକେତନ ସରକାରୀ ଉଚ୍ଚ ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ (ଇକୋ ଫ୍ରେଣ୍ଡସ) ପକ୍ଷରୁ ବିଶ୍ୱ ବନ୍ଧୁତା ଦିବସ ଉପଲକ୍ଷେ ବିଦ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ସାହୁଙ୍କର ମାର୍ଗଦର୍ଶନ ଏବଂ ମୟୂରଭଞ୍ଜ ଜିଲା ଇକୋ କ୍ଲବର ସଂଯୋଜକ ଡ.ରମାକାନ୍ତ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘର ବେତନଟୀ ବ୍ଲକ ସଭାପତି ଶିଶିର କୁମାର ନାଏକ, ଶିକ୍ଷୟିତ୍ରୀ ରାଜଶ୍ରୀ ମହାନ୍ତି, ରୀତାରାଣୀ ଦାଶ, ଶିକ୍ଷକ ଚତୁର୍ଭୁଜ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ‘ପ୍ରକୃତି ହିଁ ମାନବର ପ୍ରକୃତ ବନ୍ଧୁ’ ବିଷୟ ବସ୍ତୁକୁ ନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉଦ୍‌ବୋଧନ ମାଧ୍ୟମରେ ବିଦ୍ୟାର୍ଥୀଙ୍କୁ ସଚେତନ କରିଥିଲେ। ଏହି ଅବସରରେ ‘ପ୍ରକୃତି ମାତା ସବୁରି ମାତା, ମାତା ସେବାକାରୀ ଜଗତ ଜିତା’ ସ୍ଲୋଗାନ ଦେବା ସହ ସାମୁହିକ ଭାବେ ବିଦ୍ୟାଳୟ ପରସରରେ ଚାରାରୋପଣ କରିଥିଲେ।

# ନଦୀଶଯ୍ୟାର ପୁନରୁଦ୍ଧାର ଦାବି

ବାରିପଦା,୬।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ଦେଇ ପ୍ରବାହିତ ନଦୀର ଶଯ୍ୟାଗୁଡ଼ିକର ପୁନରୁଦ୍ଧାର ନିମନ୍ତେ ମଧୁବନସ୍ଥିତ ସିନିୟର ସିଟିଜେନ ଫୋରମ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ସହରବାସୀଙ୍କୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ନଦୀ ଶଯ୍ୟାରୁ ବାଲି ଉତ୍ତୋଳନ କରାଯାଇ ଗଭୀର ଓ ପ୍ରଶସ୍ତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହା ସହିତ ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ନିର୍ମାଣ କରାଯାଇ ସହରବାସୀଙ୍କୁ ବନ୍ୟା ଦାଉରୁ ସୁରକ୍ଷା ଯୋଗାଇବାକୁ ନିବେଦନ କରାଯାଇଛି।

ବାରିପଦା ସହର ଚର୍ତୁପାର୍ଶ୍ୱରେ ବୁଢ଼ାବଳଙ୍ଗ, ଜରାଳୀ, ସରାଳୀ, ସୁକଯୋଡ ଓ ଚିପଟ ଭଳି ଛୋଟବଡ଼ ନଦୀମାନ ପ୍ରବାହିତ ହେଉଛି । ଏହି ନଦୀଶଯ୍ୟା ଗୁଡ଼ିକରେ ବାଲି ପୋତି ହୋଇ ଗଛଲତା ଉଠିବାରୁ ତାହା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ଫଳରେ ବର୍ଷା ଦିନେ ନଦୀର ଜଳପତ୍ତନ ବୃଦ୍ଧି ପାଇବା ଯୋଗୁ ଉଭୟ ପାର୍ଶ୍ୱରେ ବସବାସ କରୁଥିବା ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରୁଛି। ଯାହାକୁ ନେଇ ଅଞ୍ଚଳବାସୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଅନେକ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି । ଏପରିକି ବର୍ଷା ଦିନେ ଜଳ ନିଷ୍କାସନ ହେବାରେ ବିଳମ୍ବ ହେଉଥିବାରୁ ସହରରେ ପୋଖରୀ ଓ ନଦୀର ଭ୍ରମ ସୃଷ୍ଟି କରୁଛି। ଫଳରେ ଗମନାଗମନରେ ବାଧା ଉପୁଜୁଥିବା ବେଳେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଦୀର୍ଘ ଦିନ ଧରି ମୟୂରଭଞ୍ଜ ଜଳସେଚନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇ ଜୀବନ ଯାପନ କରୁଛନ୍ତି। ତେଣୁ ବନ୍ୟା ଦାଉରୁ ସୁରକ୍ଷା ଯୋଗାଇବା ପାଇଁ ବିଭାଗ ପକ୍ଷରୁ ନଦଶଯ୍ୟାଗୁଡ଼ିକ ଖୋଳି ଗଭୀର କରିବା ସହ ପ୍ରଶସ୍ତ କରାଯାଇ ଆଡିବନ୍ଧ ନିର୍ମାଣ କରିବାକୁ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ନିବେଦନ କରିଛନ୍ତି। ଏ ନେଇ ୫୪କୋଟି ଟଙ୍କା ବ୍ୟୟ ଅଟକଳରେ ଖୁବଶୀଘ୍ର ନଦୀରେ ଆଡିବନ୍ଧ ନିର୍ମାଣ କରିବା ସହ ଅନ୍ୟ ନଦୀଗୁଡିକର ପୁନରୁଦ୍ଧାର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଛନ୍ତି। ଫୋରମର ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡା, ଉପ ସଭାପତି ରଘୁନାଥ ପଣ୍ଡା, ସଂଯୋଜକ ବିକ୍ରମ କେଶରୀ ଜେନା, ନନୀ ଗୋପାଳ ମହାନ୍ତି, ଡ.କୁଞ୍ଜବନ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ଅଶ୍ୱିନୀ ପାତ୍ର, ଚନ୍ଦ୍ରଶେଖର ମହାନ୍ତି, ଶ୍ରୀଧର ପରିଡା, ସୁବୋଧ କୁମାର ପଲେଇ, ଜଗନ୍ନାଥ ମହାପାତ୍ର, ସନ୍ତୋଷ ବେହେରା, ଈଶ୍ୱର ଚନ୍ଦ୍ର ଦାସ, ସରୋଜ କୁମାର ଦଣ୍ଡପାଟ, ଉପେନ୍ଦ୍ର କୁମାର ମାଝୀ, ତରୁଣ କୁମାର ବାରିକ, ସୁପ୍ରସନ୍ନ ଭଞ୍ଜଦେଓ, ଡ.କିଶୋର ପାତ୍ର, ଶୈଳେନ୍ଦ୍ର ପାତ୍ର, ଚନ୍ଦ୍ର ମୋହନ ମାଝୀ, ଶିଶିର କୁମାର ଲେଙ୍କା, ଶତ୍ରୁଘ୍ନ ଦଳେଇଙ୍କ ସମେତ ଶତାଧିକ ସଦସ୍ୟ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ସିନିୟର୍ ସିଟିଜେନ୍ ଫୋରମର ସଦସ୍ୟମାନେ।

**ବନ୍ୟା ଦାଉରୁ ସହରବାସୀଙ୍କୁ ସୁରକ୍ଷା ଯୋଗାଇବାକୁ ଜିଲାପାଳଙ୍କ ପ୍ରତିଶ୍ରୁତି**

# ଡଲାର ତୁଳନାରେ ସର୍ବକାଳୀନ ନିମ୍ନ ସ୍ତରରେ ଟଙ୍କା

ଭୁବନେଶ୍ୱର,୬।୮
(ଅନୁରାଧା ମହାରଣା)



ଡଲାର ତୁଳନାରେ ଟଙ୍କା ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିଛି। ମୁଦ୍ରା ବଜାରରେ ଟଙ୍କା ଡଲାର ତୁଳନାରେ ୮୩.୯୬ ତଳକୁ ଖସି ଆସିଛି। ଏହି ପତନ ପରେ ଟଙ୍କା ଏକ ଡଲାର ତୁଳନାରେ ୮୪ ସ୍ତରରେ ପହଞ୍ଚିଥିବା ଜଣାପଡ଼ିଛି। ଶେଷ ଅଧିବେଶନରେ ଟଙ୍କା ୮୩.୮୬ ସ୍ତରରେ ବନ୍ଦ ହୋଇଯାଇଥିଲା। ବିଦେଶୀ ପୋର୍ଟଫୋଲିଓ ନିବେଶକମାନଙ୍କ ଦ୍ୱାରା ଷ୍ଟକ୍ ମାର୍କେଟରେ ବିକ୍ରିହେବା ପରେ ଡଲାରର ଚାହିଦା ବୃଦ୍ଧି ଯୋଗୁ ଟଙ୍କାରେ ଏହି ଦୁର୍ବଳତା ଆସିଛି। ମଙ୍ଗଳବାର ଫରେକ୍ସ ବଜାର ଖୋଲିବା ସମୟରେ ଟଙ୍କା ୧ ଡଲାର ତୁଳନାରେ ୮୩.୮୪ ଟଙ୍କା ଖୋଲିଥିଲା। ମାତ୍ର ବିଦେଶୀ ବ୍ୟାଙ୍କଗୁଡ଼ିକର ଡଲାର ଚାହିଦା ହେତୁ ଟଙ୍କା ୮୩.୯୬ ସ୍ତରକୁ ଖସି ଆସିଥିଲା, ଯାହା ଏକ ଡଲାର ତୁଳନାରେ ସବୁଠାରୁ ବଡ଼ ହ୍ରାସ ହୋଇଛି। ବର୍ତ୍ତମାନ ଟଙ୍କା ୧ଡଲାର ତୁଳନାରେ ୮୩.୯୪ ସ୍ତରରେ କାରବାର କରୁଛି। ଡଲାରର ଚାହିଦା ବୃଦ୍ଧି କାରଣରୁ ୨ ଦିନରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ଭାରତୀୟ ଷ୍ଟକ୍‌ମାର୍କେଟରେ ୧୩,୪୦୦ କୋଟି ଟଙ୍କାର ଷ୍ଟକ୍ ବିକ୍ରି କରିଥିଲେ ; ଯେଉଁଥିରେ ସୋମବାର ୧୦,୦୦୦ କୋଟିରୁ ଅଧିକ ମୂଲ୍ୟର ଷ୍ଟକ୍ ବିକ୍ରି ହୋଇଥିଲା।

ତେବେ ଡଲାର ତୁଳନାରେ ଟଙ୍କାର ଏହି ଦୁର୍ବଳତା ଫଳରେ ଭାରତ ପାଇଁ ଆମଦାନୀ ମହଙ୍ଗା ହୋଇପାରେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟରେ ହ୍ରାସ ଘଟିଛି ଏବଂ ଏହା ବ୍ୟାରେଲ ପିଛା ପ୍ରାୟ ୭୬ ଡଲାରରେ କାରବାର କରୁଛି। ମାତ୍ର ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ଅଶୋଧିତ ତୈଳର ହ୍ରାସର ଲାଭକୁ ଅଗ୍ରାହ୍ୟ କରିପାରେ। ଭାରତ ଏହାର ଇନ୍ଧନ ବ୍ୟବହାରକୁ ପୂରଣକରିବା ପାଇଁ ଆମଦାନୀ ହୋଇଥିବା ଅଶୋଧିତ ତୈଳ ଉପରେ ୮୦ ପ୍ରତିଶତ ନିର୍ଭରଶୀଳ। ଏଭଳି ପରିସ୍ଥିତିରେ ଡଲାର ତୁଳନାରେ ଟଙ୍କାର ଦୁର୍ବଳତା ପରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକୁ ଡଲାର ଦେଇ ଅଶୋଧିତ ତୈଳ ଆମଦାନୀ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ।

ଅନ୍ୟପଟେ ଡାଲିର ମୂଲ୍ୟ ଭାରତରେ ଆକାଶଛୁଆଁ ହେଉଛି। ଦେଶରେ ଡାଲିର ବ୍ୟବହାରକୁ ପୂରଣକରିବା ପାଇଁ ଭାରତକୁ ବହୁ ପରିମାଣରେ ଡାଲି ଆମଦାନୀ କରିବାକୁ ପଡ଼ିବ। ଏପରି ପରିସ୍ଥିତିରେ, ଟଙ୍କା ଦୁର୍ବଳତା ଏବଂ ଡଲାରର ଶକ୍ତି ହେତୁ ଡାଲି ଆମଦାନୀ ମହଙ୍ଗା ହେବ ଯାହା ଘରୋଇ ମୂଲ୍ୟ ଉପରେ ପ୍ରଭାବ ପକାଇପାରେ। ଖାଇବା ତେଲର ବ୍ୟବହାରକୁ ପୂରଣ କରିବା ପାଇଁ ମଧ୍ୟ ଭାରତ ଆମଦାନୀ ଉପରେ ନିର୍ଭରଶୀଳ।

ସେହିପରି ସୁନା ଅଳଙ୍କାର ମହଙ୍ଗା ହେବା ଆଶଙ୍କା ରହିଛି। ଟଙ୍କାର ଦୁର୍ବଳତା ସୁନା ମୂଲ୍ୟ ଉପରେ ମଧ୍ୟ ପ୍ରଭାବ ପକାଇପାରେ। କାରଣ ଭାରତ ଏହାର ବ୍ୟବହାର ପାଇଁ ଆମଦାନୀ ହୋଇଥିବା ସୁନା ଉପରେ ନିର୍ଭରଶୀଳ। ବଜେଟରେ ସୁନା ଉପରେ କଷ୍ଟମ ଡ୍ୟୁଟି ହ୍ରାସ ହେବା ପରେ ସୁନା ମୂଲ୍ୟରେ ହ୍ରାସ ଘଟିଥିଲା ଏବଂ ସୁନା ୧୦ ଗ୍ରାମ ପ୍ରତି ୫୦୦୦ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଥିଲା। ମାତ୍ର ଟଙ୍କାରେ ଦୁର୍ବଳତା ହେତୁ ସୁନା ମୂଲ୍ୟରେ ହ୍ରାସ ପାଇଥିବା ଆଶା ମଉଳିଛି।

ଭାରତ ଇଲେକ୍ଟ୍ରୋନିକ୍‌ଗ୍ୟାଜେଟଠାରୁ ଆରମ୍ଭକରି ଅଟୋମୋବାଇଲ ପୋର୍ଟ ଆଦି ଆମଦାନୀ କରିଥାଏ। ଦେଶରେ ମୌସୁମୀ ହେତୁ ଅଟୋମୋବାଇଲ ବିକ୍ରିରେ ହ୍ରାସ ଘଟିଛି। ଟଙ୍କାର ଦୁର୍ବଳତା ପରେ ଅଟୋ ପାର୍ଟସର ଆମଦାନୀ ମହଙ୍ଗା ହେବ। ଶକ୍ତିଶାଳୀ ଡଲାର ଯୋଗୁ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍‌ଗୁଡ଼ିକର ଆମଦାନୀ ମଧ୍ୟ ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି। ସୂଚନା ଥାଉକି, ବୈଦେଶିକ ମୁଦ୍ରା ଭଣ୍ଡାରରେ ହ୍ରାସ ୬୭୧ ବିଲିୟନ ଡଲାରର ସର୍ବକାଳୀନ ଛୁଇଁବା ପରେ ବିଦେଶୀ ଇସ୍ୟୁ ରିଜର୍ଭ ହ୍ରାସ ପାଇଛି। ବିଦେଶୀ ପୋର୍ଟଫୋଲିଓ ନିବେଶକଙ୍କ ଠାରୁ ଡଲାରର ଚାହିଦା ବୃଦ୍ଧି ହେତୁ ଟଙ୍କା ଦୁର୍ବଳ ହେଉଛି। ଡଲାର ତୁଳନାରେ ଟଙ୍କା ଆହୁରି ହ୍ରାସ ନ ହେବା ପାଇଁ ଆର୍‌ବିଆଇ ଏହାର ଭଣ୍ଡାରରୁ ଡଲାର ବିକ୍ରି କରିପାରିବ। ଏଭଳି ପରିସ୍ଥିତିରେ ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ ଘଟିପାରେ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୬।୮

କ୍ରମାଗତ ୩ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୬୮ (୧୬୮.୩୩) ପଏଣ୍ଟ କମି ୭୮,୫୯୩ (୭୮,୫୯୩.୦୭) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୬୩ (୬୩.୦୫) ପଏଣ୍ଟ ହ୍ରାସ ଘଟି ୨୩,୯୯୩ (୨୩,୯୯୨.୫୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ବେଦାନ୍ତ ଆଲୁମିନିୟମରେ ଯୋଗଦେଲେ ରବି ପାଲିୱାଲ

ନୂଆଦିଲ୍ଲୀ,୬।୮



ରବି ପାଲିୱାଲ

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ରବି ପାଲିୱାଲଙ୍କୁ ଆଶ୍ ମ୍ୟାନେଜମେଣ୍ଟରେ ସିଇଓ ଭାବେ ନିଯୁକ୍ତି ଘୋଷଣା କରିଛି। ରବି ମୁଖ୍ୟତଃ ପାଉଁଶ ପରିଚାଳନା କାର୍ଯ୍ୟର ତଦାରଖ କରିବେ,ଉଚ୍ଚ ଦକ୍ଷତା ବୃଦ୍ଧି ପାଇଁ ଟେକ୍ନୋଲୋଜି ଏବଂ ପ୍ରକ୍ରିୟା ଉପରେ ଧ୍ୟାନଦେବେ ଏବଂ ତାପଜ ବିଦ୍ୟୁତ୍ ଉତ୍ପାଦନର ବହୁମୂଲ୍ୟ ଉପ-ଉତ୍ପାଦକୁ ବ୍ୟବହାରକରିବା ତଥା ବୃତ୍ତାକାର ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଉପାୟ ଅନୁସନ୍ଧାନ କରିବେ। ବେଦାନ୍ତ ଆଲୁମିନିୟମ ବ୍ୟତୀତ ରବି ବେଦାନ୍ତର ଶକ୍ତି ବ୍ୟବସାୟ (ଯେଉଁଥିରେ ତଲୱଣ୍ଡି ସାବୋ ପାୱାର ପ୍ଲାଣ୍ଟ,ମୀନାକ୍ଷୀ ଶକ୍ତି ଏବଂ ଆଥେନା ଅନ୍ତର୍ଭୁକ୍ତ) ଏବଂ ହିନ୍ଦୁସ୍ଥାନ ଜିଙ୍କ୍ ଲିମିଟେଡ୍‌ର ପାଉଁଶ ପରିଚାଳନା କାର୍ଯ୍ୟ ମଧ୍ୟ ତୁଲାଇବେ। ଦୀର୍ଘ ୨୭ବର୍ଷରୁ ଅଧିକ ବିବିଧ ଅଭିଜ୍ଞତା ସହ ରବି ବୃତ୍ତିଗତ ଶିଳ୍ପ ଭାବେ ବେଦାନ୍ତ ଆଲୁମିନିୟମ କାର୍ଯ୍ୟରେ ବ୍ୟାପକ ଜ୍ଞାନକୌଶଳ ବ୍ୟବହାର କରିବେ। ବେଦାନ୍ତରେ ଯୋଗଦେବା ପୂର୍ବରୁ ସେ ବଜାଜ ଏନର୍ଜିରେ ଚୁକ୍ତି, ବାଣିଜ୍ୟ ଏବଂ ସାମଗ୍ରୀର ବରିଷ୍ଠ ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ଜେଏସ୍‌ଡବ୍ଲ୍ୟୁ ଏନର୍ଜି ଏବଂ ନବା ପାୱାର (ଲାର୍ସେନ୍ ଆଣ୍ଡ ଟୁବ୍ରୋ)ରେ ମଧ୍ୟ ବରିଷ୍ଠ ପରିଚାଳକ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏପରିକି କ୍ରୟ କାର୍ଯ୍ୟ, ଯୋଗାଣ ଶୃଙ୍ଖଳା ପରିଚାଳନା, ବିକ୍ରେତା ବିକାଶ ଏବଂ ସେବା ଚୁକ୍ତିରେ ତାଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆମେ ଆମର ଆଶ୍ ମ୍ୟାନେଜମେଣ୍ଟର ନୂତନ ସିଇଓ ଭାବେ ରବି ପାଲିୱାଲଙ୍କୁ ଆମ ପରିବାରକୁ ସ୍ୱାଗତ କରୁଛୁ। ଏପରିକି ତାଙ୍କର ସମୃଦ୍ଧ ଅଭିଜ୍ଞତା ଏବଂ ଅନ୍ତର୍ଦୃଷ୍ଟି ଆମର ଆଶ୍ ମ୍ୟାନେଜମେଣ୍ଟ ପଦକ୍ଷେପଗୁଡ଼ିକରେ ଅଧିକ ଉତ୍କର୍ଷ ଚଳାଇବାରେ ଚାବିକାଠି ହେବ। ସେହିଭଳି ପାଲିୱାଲ କହିଥିଲେ, ସେ ବେଦାନ୍ତ ପରିବାର ସହ ଜଡିତ ହୋଇ ବେଶ୍ ଉତ୍ସାହିତ ଅଛନ୍ତି।

# ୱାୟନାଡ୍ ଭୂସ୍ଖଳନ ପୀଡ଼ିତଙ୍କୁ ରିଲାଏନ୍ସ ଫାଉଣ୍ଡେଶନର ସହାୟତା

ମୁମ୍ବାଇ,୬।୮



ରିଲାଏନ୍ସ ଇଣ୍ଡଷ୍ଟ୍ରିର ସାମାଜିକ ପ୍ରତିଷ୍ଠାନ ରିଲାଏନ୍ସ ଫାଉଣ୍ଡେଶନ ନିକଟରେ କେରଳର ୱାୟନାଡ୍‌ଠାରେ ହୋଇଥିବା ଭୂସ୍ଖଳନ କ୍ଷତିଗ୍ରସ୍ତ ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ଘୋଷଣା କରିଛି। ଏପରିକି ସ୍ଥାନୀୟ ପ୍ରଶାସନର ସହଯୋଗରେ ରିଲାଏନ୍ସ ଫାଉଣ୍ଡେଶନ ଏହି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ଦୀର୍ଘକାଳୀନ ରିଲିଫ ଯୋଗାଇବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ବିଶେଷକରି ଭୂସ୍ଖଳନ କ୍ଷତିଗ୍ରସ୍ତ ପୀଡ଼ିତମାନଙ୍କୁ ତୁରନ୍ତ ସହାୟତା ଭାବେ ଖାଦ୍ୟ ସାମଗ୍ରୀ, ଫଳ, କ୍ଷୀର, ଶୁଖିଲା ରାଶନ ସାମଗ୍ରୀ, ବାସନକୁସନ, ପାନୀୟ ଜଳ, ମୌଳିକ ସ୍ୱଚ୍ଛତା ସାମଗ୍ରୀ, ଟେଣ୍ଟ, ଶଯ୍ୟା, ସୋଲାର ଲଣ୍ଠନ ଏବଂ ଟର୍ଚ୍ଚ ଭଳି ସାମଗ୍ରୀ ଫାଉଣ୍ଡେଶନ ପକ୍ଷରୁ ଯୋଗାଇ ଦିଆଯାଉଛି।

ସେହିଭଳି ପ୍ରଭାବିତ ପରିବାର କିଭଳି ପୁଣି ଥରେ ସେମାନଙ୍କ ଜୀବନ ଜୀବିକାକୁ ଫେରି ପାରିବେ। ସେଥିପାଇଁ ବିହନ, ଚାରା, ଉପକରଣ ତଥା ଯନ୍ତ୍ରପାତି ଏବଂ ବ୍ୟବସାୟିକ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଏପରିକି ପିଲାମାନଙ୍କ ଶିକ୍ଷାର ନିରନ୍ତରତାକୁ ସୁନିଶ୍ଚିତ କରିବା ପାଇଁ ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ପୁସ୍ତକ ଏବଂ କ୍ରୀଡ଼ା ସାମଗ୍ରୀ ସହ ଶିକ୍ଷା ସହାୟତା ମଧ୍ୟ ଉପଲବ୍ଧ କରାଯିବ। ଉଦ୍ଧାରକାରୀ କର୍ମୀ ଏବଂ ବିପର୍ଯ୍ୟୟ ପରିଚାଳନା ଦଳର କାର୍ଯ୍ୟ ସୁଗମ କରିବା ପାଇଁ ରିଲାଏନ୍ସ ଜିଓ ସ୍ୱତନ୍ତ୍ର ଟାୱାର ସ୍ଥାପନ କରିଛି। ଏହାଦ୍ୱାରା ଯୋଗାଯୋଗରେ ଉନ୍ନତି ହୋଇପାରିବ ଏବଂ ବିପର୍ଯ୍ୟୟ ପରିଚାଳନାକୁ ସୁବ୍ୟବସ୍ଥିତ କରାଯାଇପାରିବ। ମନୋବୈଜ୍ଞାନିକ ଓ ସାମାଜିକ ଆଘାତ ଦ୍ୱାରା ପ୍ରଭାବିତ ବ୍ୟକ୍ତିବିଶେଷଙ୍କୁ ଫାଉଣ୍ଡେଶନ ପକ୍ଷରୁ ବିଶେଷଜ୍ଞ ସହାୟତା ମଧ୍ୟ ପ୍ରଦାନ କରାଯାଉଛି।

ଏ ସମ୍ପର୍କରେ ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀ କହିଛନ୍ତି, ୱାୟନାଡ୍‌ରେ ଲୋକଙ୍କ ଦୁଃଖ ଏବଂ ଭୂସ୍ଖଳନ ହେତୁ ହୋଇଥିବା ଅଶେଷ କ୍ଷୟକ୍ଷତିକୁ ନେଇ ଆମେ ଦୁଃଖିତ। ଏହି ଦୁଃଖ ସମୟରେ ସମସ୍ତ ପ୍ରଭାବିତ ବ୍ୟକ୍ତି ଓ ପରିବାର ପ୍ରତି ଆମର ସମବେଦନା ଜଣାଉଛି। ବିଶେଷକରି ଘଟଣାସ୍ଥଳରେ ଉପସ୍ଥିତ ରହିଥିବା ଆମର ରିଲାଏନ୍ସ ଫାଉଣ୍ଡେଶନର ବିଭିନ୍ନ ଦଳ ଦିନରାତି କାର୍ଯ୍ୟ କରୁଛନ୍ତି। ଏପରିକି ଆମେ ଏହି କଠିନ ସମୟରେ କେରଳର ଲୋକମାନଙ୍କ ସହିତ ରହିଛୁ।

ରିଲାଏନ୍ସ ଫାଉଣ୍ଡେଶନର ବିଭିନ୍ନ ଦଳ ରିଲିଫ ସାମଗ୍ରୀ ସହିତ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି ଏବଂ ରାଜ୍ୟର ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ସହ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ଏପରିକି ପ୍ରତ୍ୟେକ କାର୍ଯ୍ୟ ରାଜ୍ୟ ତଥା ଅନ୍ୟାନ୍ୟ ବିପର୍ଯ୍ୟୟ ପରିଚାଳନା ଏଜେନ୍ସି ସହ ସମନ୍ୱୟ ରକ୍ଷାକରି କାର୍ଯ୍ୟକାରୀ କରାଯାଉଛି। ଏହାଦ୍ୱାରା ସହାୟତା ଠିକ୍ ସମୟରେ ପହଞ୍ଚିବ। ରିଲାଏନ୍ସ ଫାଉଣ୍ଡେଶନ ୱାୟନାଡ୍‌ର ଲୋକଙ୍କୁ ଦୀର୍ଘକାଳୀନ ଭାବେ ସମର୍ଥନ ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଛି।

# ୬ ଦିନିଆ ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲର ଶୁଭାରମ୍ଭ

ନୂଆଦିଲ୍ଲୀ,୬।୮

ଦେଶର ଅଗ୍ରଣୀ ଇ-କର୍ମସ ପ୍ଲାଟ୍‌ଫର୍ମ ଆମାଜନ୍ ଡଟ ଇନ୍‌ର ବହୁ ପ୍ରତୀକ୍ଷିତ ୬ ଦିନିଆ କାର୍ଯ୍ୟକ୍ରମ 'ଗ୍ରେଟ୍ ଫ୍ରିଡମ୍ ଫେଷ୍ଟିଭାଲ'ର ଶୁଭାରମ୍ଭ ମଙ୍ଗଳବାର ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏହି କାର୍ଯ୍ୟକ୍ରମ ୨୦୨୪ ଅଗଷ୍ଟ ୬ ରୁ ୧୧ ପର୍ଯ୍ୟନ୍ତ ଜାରି ରହିବ। ଏହି ବହୁ ପ୍ରତିକ୍ଷୀତ ଗ୍ରେଡ୍ ଫ୍ରିଡମ ଫେଷ୍ଟିଭାଲ ସମୟରେ ଆମାଜନର ଆକର୍ଷଣୀୟ ଡିଲ୍‌ଗୁଡ଼ିକୁ ଗ୍ରାହକମାନେ ଉପଭୋଗ କରିପାରିବେ। ଏପରିକି ଚଳିତ ବର୍ଷ ଏହି ଫ୍ରିଡମ୍ ଫେଷ୍ଟିଭାଲ ସେଲ୍ ସମୟରେ ଗ୍ରାହକମାନେ ଲକ୍ଷ ଲକ୍ଷ ଉତ୍ପାଦଗୁଡ଼ିକ ଉପରେ ଆକର୍ଷଣୀୟ ଅଫର୍ ପାଇପାରିବେ।

# ଡ. ସାରଦା ୟୁକୋ ବ୍ୟାଙ୍କ ବୋର୍ଡର ନୂଆ ନିର୍ଦ୍ଦେଶକ

ନୂଆଦିଲ୍ଲୀ,୬।୮



ଡ. ସାରଦା ପ୍ରସନ୍ନ ମହାନ୍ତି

ଭାରତ ସରକାର ୨୦୨୪ ଅଗଷ୍ଟ ୫ ରେ ପ୍ରକାଶିତ ଗାଜେଟ ଅଫ୍ ଇଣ୍ଡିଆ ଅନୁସାରେ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କୁ ୟୁକୋ ବ୍ୟାଙ୍କ ବୋର୍ଡର ନିର୍ଦ୍ଦେଶକ ଭାବେ ନିଯୁକ୍ତି କରିଛନ୍ତି। ବର୍ତ୍ତମାନ ଡ. ସାରଦା ଓଡ଼ିଶା ରାଜ୍ୟ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର କ୍ଷେତ୍ରୀୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହା ସହ ସେ ଅତିରିକ୍ତ ଭାର ସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କର ଏଣ୍ଟରପ୍ରାଇଜେସ୍ କମ୍ପ୍ୟୁଟିଙ୍ଗ୍ ଆଣ୍ଡ ସାଇବର ସିକ୍ୟୁରିଟି ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି। ଅପରପକ୍ଷରେ ଡ. ମହାନ୍ତି ଦୀର୍ଘ ୨୫ବର୍ଷ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କରେ କାର୍ଯ୍ୟ କରି ଆସୁଛନ୍ତି ଏବଂ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ତାଙ୍କର ୨୮ବର୍ଷର ଅଭିଜ୍ଞତା ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କରେ ତାଙ୍କର ବିନିଯୋଗ, ପରୀକ୍ଷଣ, ସୂଚନା ପ୍ରଯୁକ୍ତି, ପେମେଣ୍ଟ ସିଷ୍ଟମ, ମୁଦ୍ରା ପରିଚାଳନା, ଆର୍ଥିକ ସମାବେଶନ ଓ ବିକାଶ, ମାନବ ସମ୍ପଦ ପରିଚାଳନା କ୍ଷେତ୍ରରେ ବେଶ ଅନୁଭବ ରହିଛି। ସେ ଆମେରିକା, ସ୍ୱିଜରଲ୍ୟାଣ୍ଡ, ୟୁକ୍ରେନ୍, ଋଷିଆ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଓ ସିଙ୍ଗାପୁର ଠାରେ ମଧ୍ୟ ବିଭିନ୍ନ ଆନ୍ତର୍ଜାତୀୟ ଫୋରମ୍ ଯଥା: ଫେଡେରାଲ ରିଜର୍ଭ, ବେସେଲ କମିଟି, କ୍ରେଡିଟ୍ ରିପୋର୍ଟିଂ ସମିତି, ବ୍ରିକ୍ସ ସାଇବର ସିକ୍ୟୁରିଟି ସମ୍ମିଳନୀରେ ପ୍ରତିନିଧିତ୍ୱ କରିଛନ୍ତି। ସେହିପରି ଡ.ମହାନ୍ତି ବୈଦେଶିକ ଅର୍ଥ ବ୍ୟବସ୍ଥାରେ ପିଏଚ୍‌ଡି କରିଛନ୍ତି। ସେ ଓୟୁଏଟିରୁ କୃଷି ବିଜ୍ଞାନରେ ସ୍ନାତକ କରିବା ସହ ଟେକ୍ସାସ୍ ଅଷ୍ଟିନ୍ ୟୁନିଭରସିଟିରୁ ଡାଟା ସାଇନ୍ସ ଆଣ୍ଡ ବିଜିନେସ୍ ଆନାଲିଟିକ୍ସରେ ପିଜିପି ଏବଂ ଆଇଆଇଏମ୍ ବେଙ୍ଗାଲୁରୁରୁ ପବ୍ଲିକ ପଲିସି ଆଣ୍ଡ ମ୍ୟାନେଜମେଣ୍ଟ ମଧ୍ୟ କରିଛନ୍ତି।

# ଅବସରକାଳୀନ ଯୋଜନାରେ ଶୀଘ୍ର ନିବେଶ ଲାଭଦାୟକ

ନୂଆଦିଲ୍ଲୀ,୬।୮



ଗୌରବ ପରିଜା

ଅବସରକାଳୀନ ଯୋଜନାକୁ ପ୍ରାୟତଃ ଅଣଦେଖା କରାଯାଇଥାଏ କିନ୍ତୁ ଆର୍ଥିକ ଉନ୍ନତିର ଅନ୍ୟ ଯେକୌଣସି ଦିଗ ପରି ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସେଲ୍‌ସ ଆଣ୍ଡ ମାର୍କେଟିଂ ବିଭାଗ ମୁଖ୍ୟ ଗୌରବ ପରିଜା କହିଛନ୍ତି, ଉନ୍ନତ ଚିକିତ୍ସା ସୁବିଧା କାରଣରୁ ଜୀବନକାଳ ବଢ଼ିବା, ଦୁର୍ବଳ ପେନ୍‌ସନ ବ୍ୟବସ୍ଥା ଓ ବଢୁଥିବା ଲିଭିଙ୍ଗ୍ କଷ୍ଟ ସହିତ ବିନା ଆୟରେ ଏକ ସ୍ଥିର ଅବସର ପରବର୍ତ୍ତୀ ଜୀବନ ସୁରକ୍ଷିତ ରଖିବା ଅଧିକ ଆହ୍ୱାନପୂର୍ଣ୍ଣ ହୋଇପଡ଼ିଛି। ଏକ ଉଚ୍ଚ-ଲାଭ ପ୍ରଦାନକାରୀ ଅବସରକାଳୀନ ଯୋଜନା କେବଳ ଏକ ଲକ୍ସୁରି ହୋଇ ରହି ନାହିଁ ବରଂ ଆବଶ୍ୟକତାରେ ପରିଣତ ହୋଇଛି। ପ୍ରଭାବଶାଳୀ ଅବସରକାଳୀନ ଯୋଜନାରେ ଇକ୍ୱିଟି ଓ ଡେବ୍‌ଟ ମଧ୍ୟରେ ସନ୍ତୁଳନ ସମେତ ନିବେଶ ପରିଦୃଶ୍ୟକୁ ଭଲ ଭାବେ ବୁଝିବା ଆଦି ସାମିଲ ରହିଛି। ଏପରିକି ଇକ୍ୱିଟି ନିବେଶ ଯଦିଓ ଅସ୍ଥିର ହୋଇଥାଏ। କିନ୍ତୁ ଏହା ଦୀର୍ଘାବଧିରେ ଗୁରୁତ୍ୱପୂର୍ଣ୍ଣ ରିଟର୍ନ ଦେଇଥାଏ। ଏହାର ବିପରୀତରେ ଡେବ୍‌ଟ ବା ଋଣରେ ନିବେଶ କମ୍ ବିପଦ ସହିତ ନିର୍ଭରଯୋଗ୍ୟ ନଗଦ ପ୍ରବାହ ପ୍ରଦାନ କରିଥାଏ କିନ୍ତୁ ସେଥିରେ ସୀମିତ ଅଭିବୃଦ୍ଧି କ୍ଷମତା ରହିଥାଏ। ଏକ ସନ୍ତୁଳିତ ରଣନୀତିରେ ସମ୍ପତ୍ତି ଶ୍ରେଣୀଗୁଡ଼ିକର ଏକ ମିଶ୍ରଣ ସହ ପୋର୍ଟଫୋଲିଓର ବିବିଧୀକରଣ ଅନ୍ତର୍ଭୁକ୍ତ ରହିଛି ବୋଲି ପରିଜା ବିସ୍ତୃତ ଭାବେ ଉଲ୍ଲେଖ କରିଛନ୍ତି।

ସେହିଭଳି ଏକ ସୁଗମ ଅବସର ସମୟ ସୁନିଶ୍ଚିତ କରିବା ପାଇଁ ଆପଣ ଯେତେ ଶୀଘ୍ର ନିବେଶ ଆରମ୍ଭ କରିବେ ଆପଣଙ୍କ ଭବିଷ୍ୟତ ସେତେ ଉତ୍ତମ ହୋଇପାରିବ। ଶୀଘ୍ର ଯୋଜନା, କମ୍ପାଉଣ୍ଡିଂ ବା ଯୌଗିକ ବୃଦ୍ଧିର ଶକ୍ତିକୁ ବ୍ୟବହାର କରିଥାଏ, କ୍ଷୁଦ୍ର ନିବେଶଗୁଡ଼ିକୁ ସମୟକ୍ରମେ ବଡ ରିଟର୍ନରେ ପରିଣତ ହୋଇଥାଏ। ଅବସରକାଳୀନ ଯୋଜନାରେ ପ୍ରଥମ ପଦକ୍ଷେପ ହେଉଛି, ନିଜର ଅବସର-ପରବର୍ତ୍ତୀ ଜୀବନର ଲକ୍ଷ୍ୟଗୁଡ଼ିକୁ ପରିଭାଷିତ କରିବା। ଏପରିକି ଆପଣ ଇଚ୍ଛା କରିଥିବା ଜୀବନଶୈଳୀ ଓ ଏହାକୁ ବଜାୟ ରଖିବା ପାଇଁ ଆବଶ୍ୟକ ପାଣ୍ଠିକୁ ନିର୍ଦ୍ଧାରଣ କରନ୍ତୁ। ଅବସର ପାଇଁ ଆପଣ କେତେ ଅର୍ଥ ଆବଣ୍ଟନ କରିପାରିବେ ତାହା ଜାଣିବା ପାଇଁ ଆପଣଙ୍କ ବର୍ତ୍ତମାନର ଆର୍ଥିକ ସ୍ଥିତିରେ ଏକ ଗଭୀର ମୂଲ୍ୟାୟନ କରିବା ଜରୁରୀ। ଯୌଗିକ ସୁଧ ପ୍ରଦାନ କରୁଥିବା ବିଭିନ୍ନ ନିବେଶ ଉପକରଣକୁ ଅନୁସନ୍ଧାନ କରନ୍ତୁ ଏବଂ ତାହାକୁ ନିଜର ଦୀର୍ଘାବଧି ଅବସର ଲକ୍ଷ୍ୟଗୁଡ଼ିକ ସହ ମେଳ ଖୁଆନ୍ତୁ। ମୁଦ୍ରାସ୍ଫୀତି ସମୟକ୍ରମେ ଟଙ୍କାର କ୍ରୟ ଶକ୍ତିକୁ ହ୍ରାସ କରିଥାଏ। ତେଣୁ ମୁଦ୍ରାସ୍ଫୀତି ସହ ସମାନ ବେଗ ବଜାୟ ରଖୁଥିବା ସମ୍ପତ୍ତିଗୁଡ଼ିକରେ ନିବେଶ କରିବା ଗୁରୁତ୍ୱପୂର୍ଣ୍ଣ। ମ୍ୟୁଚୁଆଲ ଫଣ୍ଡଗୁଡ଼ିକରେ ନିବେଶ କରିବା ଦ୍ୱାରା ତାହା ଏକ ସ୍ଥିର ପୋର୍ଟଫୋଲିଓ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-742

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No.
File No.BBSR/ELECT/E-4511/23-24/2167, Dated 03.08.2024
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Supply, installation, testing & commissioning of village Electrification Works with Service Connection to Un-electrified House holds under BGJY (20-21) in different villages of GUNUPUR Block in Rayagada District in total three packages as detailed below.

| Procurement Officer for all packages below: | D.H. (Elect) IDCO, IDCO Tower, Janpath, Bhubaneswar | |
|---|---|---|
| Availability of Tenders on-line for bidding for all packages below: | Availability of Tender online for bidding | |
| | From | To |
| | 17.00 Hours of Dt.14.08.2024 | 17.00 Hours of Dt.27.08.2024 |
| Name of the packages | Bid ID No. | |
| 1 | 2 | |
| Pkg-1 in village Rangai of Bhimpur GP | Bid ID No. BBSR/ELECT/e-113/24-25 | |
| Pkg-2:: in village Tirigada of Bhimpur GP | Bid ID No. BBSR/ELECT/e-114/24-25 | |
| Pkg-3: in villages Dangirigaon Upper Sahi & Gunthili-II of Kulsingh GP | Bid ID No. BBSR/ELECT/e-115/24-25 | |

Further details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.

Sd./- Divisional Head (Elect.)
IDCO, Bhubaneswar
OIPR-14003/11/0034/2425

**GOVERNMENT OF ODISHA** No.L-37:
**OFFICE OF THE EXECUTIVE ENGINEER (AGRIL.) SOIL CONSERVATION, NORTHERN ZONE, AT/PO-BURLA, SAMBALPUR-768017**
e-mail: eenzsc.sambalpur@gmail.com
Notice No.138, Dt.05.08.2024
NATIONAL COMPETITIVE BIDDING THROUGH e-Procurement
Identification No.01/DSC&WD/NZ/2024-25,Dt.05.08.2024

| | | | |
|---|---|---|---|
| 1 | Nature of Work | : | ERM & Construction of Buildings |
| 2 | Nos. of Work | : | 9 Nos. |
| 3 | Tendered Amount in Rs. | : | Rs.10,53,528/- to Rs.26,89,074/- |
| 4 | Period of Completion | : | 120 days to 180 days |
| 5 | Date & time of availability of bid document in the Portal | : | From 10.00 Hrs. of 12.08.2024 to 17.30 Hrs. of 23.08.2024 |
| 6 | Last date/time of receipt of original documents in tender box at the office of the undersigned | : | Before 17.30 Hrs. of 31.08.2024 (Except Holidays) |
| 7 | Date & Time of opening of Bids | : | 11.00 Hrs.of 02.09.2024 onwards. |
| 8 | Name and Address of the Officer Inviting Bid | : | Executive Engineer (Agril.), Soil Conservation, Northern Zone, Sambalpur, At/PO-Burla, Near Planetarium Chowk, Pin-768017 |

Further details can be seen from the website www.tendersodisha.gov.in.

Sd./- Executive Engineer (Agril.)
Soil Conservation, NZ, Sambalpur
OIPR-01481/11/0001/2425

**OFFICE OF THE PANCHAYAT SAMITI, GURUNDIA, SUNDARGARH**

Letter No.1706 Date:03.08.2024

**TENDER CALL NOTICE**

**No.i-59:**Sealed Tenders are invited from the interested bidder for the civil work under BDO, Gurundia of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website www. sundergarh.nic.in. The bidder should be C or B class contractor. They have to submit the bid document to the undersigned in the address of office of the B.D.O., Gurundia, At./P.O. Gurundia Pin-770043, Dist- Sundargarh (Odisha) through Registered Post / Speed Post / Tender Box available at Block Office, Gurundia. The sale of tender paper will be from dated 05.08.2024 to 27.08.2024 in the district website www.sundergarh.nic.in. The sealed Tender Paper must be reach of Office of the undersigned on or before 28.08.2024 (up to 04.00 P.M.). The authority reserves the right to cancel or reject the entire process without assigning any reason thereof. The tender will be opened on dated 29.08.2024 at 10.30 A.M in the office of the undersigned in the presence of the bidders or his/her representatives.

Sd./-Block Development Officer, Gurundia
OIPR-19362/11/0001/2425

**ORISSA STATE AIDS CONTROL SOCIETY (OSACS)** OSACS
(Department of Health & Family Welfare), Government of Odisha
Letter No. IX-OSACS-ART-06/2024-25/2085 Date: 05.08.2024

**CORRIGENDUM NOTICE**

E-179: In inviting a reference to the Advt. No. IX-OSACS-ART-06/2024-25/2055/OSACS, dated 01.08.2024 & IX-OSACS-ART-06/2024-25/2056/OSACS, dated 01.08.2024, it is informed to all concerned that the advertisement made by this office is correct in all respect, however, in the Terms of Reference, Medical Officer for ARTC, DHH, Bhadrak and Counselor for ART Plus Centre, SCB MCH, Cuttack were hosted in the website of OSACS, which may be ignored and the no. of Post remain same as per advertisement made for. Further it is mentioned that the new & corrected terms of reference has already been hosted in the website of OSACS for reference and the last date of receipt of applications will be 29.08.2024 5.00 P.M. The applications relating to the above mentioned post of Medical Officer for ARTC, DHH, Bhadrak and Counselor for ART Plus Centre, SCB MCH, Cuttack shall not be considered for further process.

Sd./- Project Director
OIPR-10009/11/0004/2425 Orissa State AIDS Control Society

**ZILLA SWASTHYA SAMITI, DHENKANAL OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

No. 2372 Date: 03.08.24

**EXPRESSION OF INTEREST**

No. E-180: Expression of Interest are invited from reputed agencies/ individuals for different tenders such as Supply of Vehicles in the district. The details terms & condition of the EOI document may be is uploaded in the district website i.e. **www.dhenkanal.odisha.gov.in**. The last date of the receipt of EOI documents is **20.08.2024 at 05.00 P.M.** The EOIs will be opened on **21.08.2024 at 11.30 A.M.** in the office of the **CDM & PHO, Dhenkanal**. The EOIs should reach the office of the undersigned through **Speed Post/Registered Post/Courier** only. The undersigned is not responsible for any postal delay & reserves all right to cancel any or all the EOI at any stage of selection/finalization of process without assigning any reason thereof. Any typographical error may be exempted.

Sd./- CDM & PHO-cum-DMD, Dhenkanal
OIPR-10059/11/0002/2425

**ପୌର ପରିଷଦ କାର୍ଯ୍ୟାଳୟ, ଭବାନୀପାଟଣା**
**OFFICE OF THE MUNICIPAL COUNCIL: BHAWANIPATNA**
At/Po-Bhawanipatna, Dist-Kalahandi, Pin-766001, Odisha,
Phone No.-(06670) 230424, Mail:eobptm@yahoo.com
No.2774/ BPM Dt.03.08.24

**QUOTATION CALL NOTICE**

**No.C-353:**Sealed quotations are invited from the reputed registered manufacturer/ suppliers having registered license, GST registration for supply of the one new High Dump & Multipurpose bucket fitted Mini excavator for drain cleaning, construction and other sanitation & development works purposes to Bhawanipatna Municipality. The quotation should be sent through Registered Post/ Speed Post as to reach to the undersigned on or before 13.08.2024 by 05.00 PM. And the same will be opened on 14.08.2024 at 11.00 AM in Municipal Office in presence of the dealer or their authorised agent. The intending manufacturing company or supplier can do download the quotation papers from this office website www. bhawanipatnamunicipality.in or www.kalahandi.odisha.gov.in and submit the paper cost in shape of Bank Draft for Rs.6000/- drawn in favour of Executive Officer, Bhawanipatna Municipality from any Nationalised Bank payable at Bhawanipatna. Further the intended manufacturing company deposit Rs.30000/- towards cost of EMD in shape of Bank Draft drawn from any Nationalised Bank in favour of Executive Officer, Bhawanipatna Municipality payable at Bhawanipatna.

The quotations should be accompanied with
1. Duly filled in quotation Paper
2. Paper Cost (in shape of Bank Draft)
3. EMD (in shape of Bank Draft)
4. Authorisation Certificate from the Company
5. Valid GST & PAN
6. Audit report of last 3 years.
7. The Price quoted thereof should be inclusive all taxes, transportation and other charges.

**The bidder shall be mentioned top of the Envelope "Application for Supply of 1 No. of Backhoe Loader Excavator sets to Bhawanipatna Municipality.**

The bidders name & address shall be mentioned in the left-hand bottom corner of the outer envelope.

The authority reserves the right to reject any or all quotation without assigning any reason thereof.

Sd./- Executive Officer
Bhawanipatna Municipality
OIPR-13100/11/0007/2425

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଲରେ ରାତିସାରା ମା’ ମୃତଦେହ ପାଖେ ଦେଢ଼ବର୍ଷର ଶିଶୁକନ୍ୟା

କବିସୂର୍ଯ୍ୟନଗର,୬।୮
(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ମଙ୍ଗଳବାର ସକାଳେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି। କମଳପୁର ଓ ଗୁଡିଆପଲି ଗ୍ରାମର ମଧ୍ୟ ଭାଗରେ ଥିବା ବିଲରେ ଜଣେ ମହିଳାଙ୍କ ମୃତଦେହ ନିକଟରେ ବସି ରହିଥିବା ଦେଢ଼ ବର୍ଷୀୟା ଶିଶୁକନ୍ୟାକୁ ପୋଲିସ ଉଦ୍ଧାର କରିଛି। ପାରିପାର୍ଶ୍ୱିକ ସ୍ଥିତିରୁ ସୋମବାର ରାତିରୁ ମହିଳାଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। କିଭଳି ତାଙ୍କର ମୃତ୍ୟୁ ହେଲା ତାହା ସ୍ପଷ୍ଟ ହୋଇ ନ ଥିବା ବେଳେ ଶିଶୁକନ୍ୟାଟି ରାତିସାରା ଝିପିଝିପି ବର୍ଷାରେ ମୃତଦେହ ନିକଟରେ ବସି ରହିବା ଚର୍ଚ୍ଚାର ବିଷୟ ହୋଇଛି। ମୃତା ମହିଳା ହେଲେ କୋଟିନଡା ଥାନା ଭେଟନଈ ଗ୍ରାମର ଭାଗ୍ୟଶ୍ରୀ ନାୟକ। ପୋଲିସ ମୃତଦେହ ଜବତ କରି ଆସିକା ମେଡିକାଲରେ ବ୍ୟବଚ୍ଛେଦ କରାଇଛି। ଭେଟନଈ ଗ୍ରାମର ଦୀପକ ଦାସଙ୍କୁ କବିସୂର୍ଯ୍ୟନଗର ଥାନା ଅର୍ଜୁନପଲ୍ଲିର ଭାଗ୍ୟଶ୍ରୀ ୬ ବର୍ଷ ପୂର୍ବେ ବିବାହ କରିଥିଲେ। ସେମାନଙ୍କର ୫ ବର୍ଷର ଏକ ପୁଅ ଓ ଦେଢ଼ ବର୍ଷର ଗୋଟିଏ ଝିଅ। ୪ ଦିନ ତଳୁ ଭାଗ୍ୟଶ୍ରୀ ଝିଅକୁ ଧରି ଘରୁ କେଉଁଆଡ଼େ ପଳାଇ ଯାଇଥିଲେ ବୋଲି ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ସକାଳେ କମଳପୁର ଓ ଗୁଡିଆପଲି ଗ୍ରାମର ମଧ୍ୟସ୍ଥ ଏକ ବିଲରେ ଜଣେ ମହିଳାଙ୍କ ମୃତଦେହ ପାଖରେ ଶିଶୁକନ୍ୟା ବସିଥିବା ନିକଟସ୍ଥ ଜମିକୁ ଯାଇଥିବା ଲୋକେ ଦେଖି କବିସୂର୍ଯ୍ୟନଗର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କଠାରୁ ମୃତା ମହିଳାଙ୍କ ପରିଚୟ ଜାଣିବା ପରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ପ୍ରେମଜନିତ କାରଣରୁ ଝିଅକୁ ହତ୍ୟା କରାଯାଇଛି ବୋଲି ଭାଗ୍ୟଶ୍ରୀଙ୍କ ମା’ କବିସୂର୍ଯ୍ୟନଗର ଥାନାରେ ଏତଲା ଦେଇଛନ୍ତି। ପୋଲିସ ନଂ. ୫୦୫/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ହତ୍ୟା ଅଭିଯୋଗ ଆଣିଲେ ପରିବାର

# ବର୍ଷାପାଣିରେ ଭାସିଗଲେ ଛାତ୍ରୀ


ଅନୁଗୋଳ,୬।୮ (ଜ୍ୟୋତି ରଞ୍ଜନ ସାହୁ)



ପ୍ରୀତି ବେହେରା

କମ୍ପ୍ୟୁଟର କ୍ଲାସ ସାରି ମଙ୍ଗଳବାର ଅପରାହ୍ନ ୧ଟାରେ ଘରକୁ ଫେରୁଥିବା ବେଳେ ବର୍ଷା ପାଣିରେ ଭାସିଯାଇ ଛାତ୍ରୀ ପ୍ରୀତି ବେହେରା (୧୯) ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ରୀଙ୍କ ଘର ଅନୁଗୋଳ ଜିଲା ବନ୍ତଲା ଥାନା ବସଲା ପଞ୍ଚାୟତ ସୁନାଭୂଇଁ ଗ୍ରାମରେ। ଖବରପାଇ ଅନୁଗୋଳ ଅଗ୍ନିଶମ କର୍ମଚାରୀମାନେ ଖୋଜାଖୋଜି ଚଳାଇଥିବା ବେଳେ ସନ୍ଧ୍ୟାରେ ଓଡ୍ରାଫ ଟିମ୍ ପହଞ୍ଚି ନିଖୋଜ ଛାତ୍ରୀଙ୍କ ସନ୍ଧାନ ପାଇଁ ଉଦ୍ୟମ ଚଳାଇଛି।

ସୂଚନା ଅନୁଯାୟୀ, ଲଗାଣ ବର୍ଷା ଯୋଗୁ ବନ୍ତଲା ଆଖପାଖ ଅଞ୍ଚଳର ପ୍ରାୟ ସମସ୍ତ ନାଳରେ ପାଣି ବଢ଼ି ଚାଲିଛି। କିଛି ସ୍ଥାନରେ ନାଳ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ମଧ୍ୟାହ୍ନରେ ବର୍ଷା ଲାଗି ରହିଥିବା ବେଳେ ବନ୍ତଲାରୁ କମ୍ପ୍ୟୁଟର କ୍ଲାସ ସାରି ଘରକୁ ସାଇକେଲରେ ଫେରୁଥିବା ପ୍ରୀତି ଘର ପାଖ ନାଳ ପୋଲ ଉପରେ ୩ ଫୁଟ ପାଣିର ସୁଅ ଛୁଟୁଥିବା ଦେଖିବାକୁ ପାଇଥିଲେ। ଘର ଆଉ ମାତ୍ର କେଇ ମିଟର ଥିବାରୁ ସେ ସାହସ କରି ପୋଲ ଉପର ପାଣିରେ ପଶି ଘର ଆଡ଼େ ମୁହାଁଇଥିଲେ। ହେଲେ ପାଣିର ପ୍ରଖର ସ୍ରୋତ ଯୋଗୁ ଗୋଡ଼ ଖସିଯିବାରୁ ସେ ସାଇକେଲ ସହ ଭାସି ନିଖୋଜ ହେଇଯାଇଥିଲେ। ଗାଁ ଲୋକମାନେ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଛାତ୍ରୀଙ୍କ ଖୋଜଖବର ପାଇପାରି ନ ଥିଲେ। ଖବରପାଇ ଅଗ୍ନିଶମ ଓ ଓଡ୍ରାଫ ଟିମ ପହଞ୍ଚି ଛାତ୍ରୀଙ୍କୁ ଖୋଜାଖୋଜି କରୁଥିବା ଜଣାପଡ଼ିଛି।




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନ ଗାଆଁରେ ମାଇଲେ ମେଖ,**
**ପୋଲାଖିଆଙ୍କର ମଲାଟି ଭେକ ।**

ଅମିନ ଜମି ମପମାପି କାମ କରନ୍ତି। ଜମି ମାପ କରି ମାଲିକାନା ସାବ୍ୟସ୍ତ କରନ୍ତି। ଫଳସ୍ୱରୂପ ଲୋକଙ୍କୁ ଭୁଆଁ ବୁଲେଇ ହାତ ଚିକ୍କଣ କରୁଥିବା ଟାଉଟର, ମାମଲତକାର ବ୍ୟକ୍ତିଙ୍କ ଉପୁରିର ବାଟ ବନ୍ଦ ହୋଇଯାଏ। ପରୋକ୍ଷରେ ପେଞ୍ଚ କାଢ଼ିବାକୁ ଅସମର୍ଥ ବ୍ୟକ୍ତି ନିଜ ଦୋଷ ଦୁର୍ବଳତାକୁ ଘୋଡ଼େଇବାକୁ ଯାଇ ତୁଚ୍ଛା ବାହାଦୁରୀ ଦେଖଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଜାଗା ଘା’ ଦେଖି ହୁଏନାହିଁ**
**କି ଦେଖାଇ ହୁଏନାହିଁ ।**

ଲଜ୍ଜାଜନକ କଥାକୁ ସହଜରେ ଅନ୍ୟ ଆଗରେ କହି ହୋଇ ନଥାଏ। କୌଣସି ଅପ୍ରକାଶ୍ୟ ଘଟଣା ଅନ୍ୟ ଆଗରେ କହିବା ନେଇ ମନରେ ଲଜ୍ଜା ବା ସଂକୋଚ ଭାବ ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ସ୍କୁଲରେ ଫିଡ୍‌ସ, ଛାତ୍ରୀଙ୍କ ମୃତ୍ୟୁ

କୋରାପୁଟ/ନାରାୟଣପାଟଣା,୬।୮
(ଅମିତାଭ ବେହେରା/ରାଜକିଶୋର ଜେନା)

କୋରାପୁଟ ଜିଲା ବନ୍ଧୁଗାଁ ବ୍ଲକର ବାଉଁଶପୁଟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ମଙ୍ଗଳବାର ଜଣେ ଛାତ୍ରୀଙ୍କ ଫିଡ୍‌ସରେ ମୃତ୍ୟୁ ହୋଇଛି। ସେ ହେଲେ ବିଦ୍ୟାଳୟର ତୃତୀୟ ଶ୍ରେଣୀରେ ପଢୁଥିବା ମିକି କନ୍ଦପାନ (୯)। ତାଙ୍କ ଘର ବନ୍ଧୁଗାଁ ବ୍ଲକର ସାନମାଥୁର ଗ୍ରାମରେ ବୋଲି ଜଣାପଡିଛି। ମିକି ବିଦ୍ୟାଳୟରେ ପଢୁଥିବା ବେଳେ ତାଙ୍କର ଫିଡ୍‌ସ ବାହାରିଥିଲା ବୋଲି ପ୍ରଧାନ ଶିକ୍ଷକ ସଦାନନ୍ଦ ହାଲୁଆ କହିଛନ୍ତି। ପରେ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ବନ୍ଧୁଗାଁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଏସ୍‌ଆଇ ବିଜୟ ମୁର୍ମୁ କହିଛନ୍ତି। ଏନେଇ ବନ୍ଧୁଗାଁ ଥାନାରେ ୧୪/୨୪ରେ ଏକ ମାମଲା ରୁଜୁ କରାଯାଇ ମୃତ୍ୟୁର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରସନ୍ନ ମିଶ୍ର ପ୍ରକାଶ କରିଛନ୍ତି।

# ରଣ ଶୁଝି ନ ପାରି ମହିଳାଙ୍କ ଆତ୍ମହତ୍ୟା

ବାସୁଦେବପୁର,୬।୮
(ନାରାୟଣ ପ୍ରସାଦ ବାରିକ୍)

ଗ୍ରୁପ୍ ମାଧ୍ୟମରେ ଲୋନ୍ ଆଣିଥିଲେ। ପରେ ରଣ ଶୁଝି ନ ପାରିବାରୁ ଜଣେ ମହିଳା ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ଆପଣେଇଛନ୍ତି। ମଙ୍ଗଳବାର ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତର କାଞ୍ଚିଖିଆ ଗ୍ରାମରେ। ମୃତ ମହିଳା ହେଉଛନ୍ତି ଗ୍ରାମର ମୁକ୍ତିକାନ୍ତ ରାଉତଙ୍କ ସ୍ତ୍ରୀ ଅନୀତା ରାଉତ(୩୫)। ସେ ମଙ୍ଗଳବାର ଭୋର ସମୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନେଇ ମୁକ୍ତିକାନ୍ତ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୁକ୍ତିକାନ୍ତ ଏତଲାରେ ଦର୍ଶାଇଛନ୍ତି ଯେ, ସେ ଧାମରାରେ ରହି କାର୍ଯ୍ୟ କରନ୍ତି। ତାଙ୍କ ଅଜାଣତରେ ଅନୀତା ଏକ ଗ୍ରୁପ୍ ମାଧ୍ୟମରେ ଲୋନ୍ ଆଣିଥିଲେ। ପରେ ସେ ଏହି ରଣ ଶୁଝି ପାରି ନ ଥିଲେ। ଏହାକୁ ନେଇ ସେ ମାନସିକ ଭାରାକ୍ରାନ୍ତ ଥିଲେ। ଘର ଭିତରେ ଅନୀତାଙ୍କ ଝୁଲନ୍ତା ମୃତଦେହ ଦେଖି ପରିବାର ଲୋକ ବାସୁଦେବପୁର ଥାନାକୁ ଖବର ଦେଇଥିଲେ। ରଣ ଶୁଝିବାରେ ଅକ୍ଷମ ହେବାରୁ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା ସେ ଉଲ୍ଲେଖ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଥିଲା। ଏନେଇ ବାସୁଦେବପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।


# Classified Everyday

0674-2580101, 2549949



MATRIMONIAL

GROOM WANTED

**Looking for a BBSR based Bengali Brahmin smart boy for my daughter Devgon Tularashi 30Y, H- 5’.1”. She has done her MBA and currently running her own Company in BBSR. Interested person please contact- 9776466119, 9438183096.** D-945

Karan bride- age 26y/5’3”, B.tec, software engineer in a MNC with 6.5 lpa at Bangalore. Father state Govt. Retired class-1 officer. Looking for suitable groom software engineer (minimum 15 to 20lpa). Only interested parents can contact at in this mobile number-9937328696, 9437188370. D-919

Extremly beautiful Khandayat girl 1997, 5’5”, B.Tech, Serving Software Engineer MNC, Bangalore, “SUNASANSAR”, Bhubaneswar. 9937512659. D-75982



REAL ESTATE
SALE

**2/3BHK Flat Uttara, Patia, KalingaNagar, Hanspal, Patrapada, BJB Nagar. 8270370007.** D-949

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 9040023313, 9938015048.** D-946

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

କଟକ-ଭୁବନେଶ୍ୱର ମଧ୍ୟରେ ନବନିର୍ମିତ Sum Hospital, Grand Bazar (NH-16) ରୁ ଅଳ୍ପ ଦୂରତାରେ ୩୦ ଫୁଟ ରାସ୍ତା ଥାଇ ଘରବାରି plot କିଣନ୍ତୁ। 9658562429. D-75983

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75766

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9778832554, 9437226965.** D-947

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits SPA special Offer @ 799 Bapujinagar. 8018429809. D-76140

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits spa by expert therapist. Contact: 6371861658. D-76139

LOST

I Anima patel has lost my Sale Deed bearing No.- 10861002445 at Railway Station Jharsuguda on dated 24.04.2024, I want to apply House Loan from Jharsuguda Branch (00238) against mortgage as per said land. If any body has got, kindly inform at +918895097086. D-954

AFFIDAVIT

I, Abhijet Chakraborti, resident of 260/1393, Cuttack Road, Bhubaneswar- 751006, Odisha, hereby inform that my minor daughter, previously known as Monisha Chakraborti (Old Name), has changed her name and spelling to Monisa Chakrabortti (New Name) in all her documents, vide affidavit No. 75 dated 21.12.2022, sworn before the Executive Magistrate, for all future purposes. D-955

I, Sagar Kumar Pradhan, S/o- Suresh Chandra Pradhan, Torasingh, Gambharimunda, Banapur, Khordha, 752031 aged 36 years have changed my name and shall hereafter be known as Sagar Pradhan. D-953

By virtue of an affidavit sworn before the Notary Public, Nuapada, I, Sumit Kumar Kesharwani, R/o- Near Hanuman Mandir, Ward No.11, Main Road, At/P.O.- Khariar Road, Dist.- Nuapada, Odisha declare that I have changed my father’s name in my Passport from Naval Kishor Kesharwani to Nawal Kishore Kesharwani. That both the names stands for same and one person. That my father’s actual name shall be known as Nawal Kishore Kesharwani for all purposes. D-952

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

DHARITRI
**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।

Q199723846@ybl | T&C Apply

BHIM | UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

IN THE COURT OF CIVIL JUDGE (S.D.), RAIRAKHOL
Title Suit No. 84/2002 (F.D.)

Jayakumari Panda (dead) through LRs & others ....Plaintiffs

Vrs.

Rabi Panda (dead) through LRs & others .....Defendants

Notice U/O 5 Rule 20 (IA) of C.P.C.

To,

1. Defendant No.4, Ramani Ranjan Panda, S/o- Late Trinath Panda, aged about 35 years, Occupation- Cultivation, R/o- Rathasahi, Rairakhol, P.O./P.S. / Tahasil/munsif- Rairakhol, Dist-Sambalpur.
2. Defendant No. 12, Gitanjali Purohit, D/o- Late Harihar Purohit, aged about 24 years, Occupation- Dependant.
3. Defendant No. 13, Bijaylaxmi Purohit, S/o- Late Harihar Purohit, aged about 20years, Occupation- Dependant

Defendant No.12 & 13 both are R/o- Salesingh, P.O./ P.S./ Tahasil/ munsif- Rairakhol, Dist- Sambalpur.

4. Defendant No.18, Dr. Madan Mohan Mishra, S/o- Late Harihar Mishra, aged about 50 years, Occupation- Service
5. Defendant No.19, Krishna Mohan Mishra, S/o- Late Harihar Mishra, aged about 48 years, Occupation- Service
6. Defendant No.20, Murari Mohan Mishra, S/o- late Harihar Mishra, aged about 45 years, Occupation- Service

Sl. No. 4 to 6 all are R/o C/o Dr. Madan Mohan Mishra, MKCG Medical College, Dept. of Pathology, P.O./P.S.- Berhampur, Dist- Ganjam.

7. Defendant No. 11 (a), Jharana Purohit, D/o- Late Manaranjan Purohit, aged about 18 years, C/o- Madhusudan Panda, Occupation dependant, At- Naikpada, P.O./P.S.- Kiakata, Tahasil/ Munsif/ S.D.- Athamallik, Dist- Angul.

..........Defendants

WHEREAS the plaintiffs have instituted a partition suit claiming their share from the suit properties as given below. You are hereby summoned / noticed through this publication to appear the above court in person or by pleader duly instructed and able to answer all material questions relating to the suit or who shall accompanied by some person able to answer all such question on 11.09.2024 at about 10:30 A.M. to answer the claim and you are directed to produce all document upon which you intended to rely support of your defence.

Take notice that in default of your appearance on the date fixed the suit will be heard and determined in your absence.

SCHEDULE OF LAND

Land situated in Mouza- Rampur, Tahasil- Rairakhol, Dist.- Sambalpur, M.S. ROR No.-882, Total 13 (thirteen) Nos. of plot, area Ac.11.81dec. (eleven acre eighty one decimals)

Given under my hand and seal of this court on this 01st day August, 2024.

Sd./- Sr. Civil Judge, Rairakhol

D-951


## ମନେ ପଡ଼ନ୍ତି

ଦଶମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**ଁରଜନୀ ଦେବୀ**
ପୁରୁଣା ଭୁବନେଶ୍ୱର

ଚାହୁଁ ଚାହୁଁ ତୁମେ ଚାଲିଯିବାର ଦଶ ବର୍ଷ ପୂରିଗଲା। ତୁମର ସ୍ନେହ, ସତ୍ୟନିଷ୍ଠତା, ପରୋପକାରିତା, ନ୍ୟାୟପରାୟଣତା ଓ ଧାର୍ମିକ ଉପଦେଶ ଆମମାନଙ୍କୁ ସର୍ବଦା ମାର୍ଗଦର୍ଶନ କରୁଥାଉ। ତୁମେ ଯେଉଁଠି ଥାଅ ଭଲରେ ଥାଅ, ଏତିକି ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ
ପୁଅବୋହୂ, ନାତିନାତୁଣୀ, ଝିଅଜ୍ୱାଇଁ ବନ୍ଧୁ, ପରିବାରବର୍ଗ ଓ
ଉମା ଫେମିଙ୍ଗ୍ ସେଣ୍ଟର

ଧ-୭୫୫୫୨

# ଜେଲଗଲେ କୋଟିପତି ଅତିରିକ୍ତ ମୁଖ୍ୟଯନ୍ତ୍ରୀ

## ଠାବ ହେଲା ଆଉ ୮, ମୋଟ ୫୦ ପ୍ଲଟ୍ ଜବତ

## ମାମଲାରେ ଯୋଡ଼ି ହେଲେ ସ୍ତ୍ରୀ, ପୁଅ


ପ୍ରଦୀପ କୁମାର ରଥ

ଭୁବନେଶ୍ୱର/କଟକ,୬।୮ (ସତ୍ୟଜିତ୍ ରାଉତ/କାର୍ତ୍ତିକ ସାହୁ)

ଓଡ଼ିଶା ବ୍ରିଜ୍ ଆଣ୍ଡ୍ କନଷ୍ଟ୍ରକ୍ସନ୍ କର୍ପୋରେଶନ (ଓବିସିସି)ର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରଦୀପ କୁମାର ରଥଙ୍କଠୁ ୧୪କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ ହୋଇଛି। ମଙ୍ଗଳବାର ତାଙ୍କ ପାଖରୁ ଆଉ ୮ଟି ପ୍ଲଟ୍ ସମେତ ବହୁ ଟଙ୍କାର ଜମାରାଶି ଆଦି ଜବତ ହୋଇଛି। ତେବେ ଏହି ସମ୍ପତ୍ତି ସଂକ୍ରାନ୍ତରେ ପ୍ରଦୀପ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି। ତେଣୁ କଟକ ଭିଜିଲାନ୍ସ ଥାନାରେ ମଙ୍ଗଳବାର ପ୍ରଦୀପଙ୍କ ନାମରେ ମାମଲା (ନଂ.୨୦/୨୦୨୪) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ତାଙ୍କ ସ୍ତ୍ରୀ ଓ ପୁଅଙ୍କୁ ମଧ୍ୟ ଅଭିଯୁକ୍ତ ଦର୍ଶାଯାଇଛି। ଗିରଫ ପରେ ଅଭିଯୁକ୍ତ ପ୍ରଦୀପଙ୍କୁ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୋମବାର ପ୍ରଦୀପଙ୍କ ୧୨ଟି ସ୍ଥାନରେ ଚଢ଼ାଉ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ଭିଜିଲାନ୍ସ ଅଧିକାରୀମାନେ ଅଧିକ ଖୋଳତାଡ଼ କରିଥିଲେ। ଯାଞ୍ଚ କରିବା ପରେ ପ୍ରଦୀପଙ୍କ ଆଉ ୮ପ୍ଲଟ୍ ଠାବ ହେବା ପରେ ମୋଟ ପ୍ଲଟ୍ ସଂଖ୍ୟା ୫୦ରେ ପହଞ୍ଚିଛି। ସେହିପରି ଆଉ ୭୪ ଲକ୍ଷ ଟଙ୍କାର ଜୀବନବୀମା ଜମା ଠାବ ହୋଇଥିଲା। ଫଳରେ ବ୍ୟାଙ୍କ, ପୋଷ୍ଟାଲ ଓ ଜୀବନବୀମା ପରିମାଣ ୨ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ପ୍ରଦୀପ ବ୍ୟବସାୟରେ ୧ କୋଟି ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଦୀପଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ଅଧିକାରୀମାନଙ୍କୁ ଭିଜିଲାନ୍ସ ସ୍କାନରକୁ ଆଣିଥିବା ସୂଚନା ମିଳିଛି।

### ୨ ହଜାର ଟଙ୍କାରେ ଆରମ୍ଭ କରିଥିଲେ ଚାକିରି

ଅଭିଯୁକ୍ତ ପ୍ରଦୀପ ୧୯୯୧ ଅଗଷ୍ଟ ୧୪ରେ ସରକାରୀ ସେବାରେ ଟ୍ରେନି ଯନ୍ତ୍ରୀ ଭାବେ ଯୋଗ ଦେଇ ବାଲେଶ୍ୱର ବାଲିଆପାଳ ବ୍ଲକରେ କାମ ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ଦରମା ଥିଲା ମାତ୍ର ୨ ହଜାର ଟଙ୍କା। ୧୯୯୯ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲାର ବିଭିନ୍ନ ବ୍ଲକରେ ସେହି ପଦବୀରେ ରହି ସେ କାମ ଜାରି ରଖିଥିଲେ। ୧୯୯୯ ଅକ୍ଟୋବର ୪ରେ ତାଙ୍କର ଚାକିରି ସ୍ଥାୟୀ ହୋଇଥିଲା। ୨୦୦୧ ଯାଏ ଢେଙ୍କାନାଳ ଜିଲା ଗ୍ରାମ୍ୟ ଉନ୍ନୟନ(ଆରଡି) ଡିଭିଜନ୍‌ର ସହକାରୀ ଯନ୍ତ୍ରୀ (ଏଇ) ଭାବେ ପ୍ରଦୀପ କାମ କରିଥିଲେ। ୨୦୦୧ରୁ ପୂର୍ତ୍ତ ବିଭାଗର କଟକ, ଭୁବନେଶ୍ୱର, ଯାଜପୁର, କେନ୍ଦୁଝରର ବିଭିନ୍ନ ଅଫିସ୍‌ରେ ସେ ସହକାରୀ ଯନ୍ତ୍ରୀ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଡେପୁଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଓ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାମ କରିଥିଲେ। ୨୦୨୨ରେ ପ୍ରଦୀପ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ର୍ୟାଙ୍କ୍‌କୁ ପଦନ୍ନୋତି ପାଇ 'ଓବିସିସି'ରେ କାମ କରୁଥିଲେ। ଆଉ ବର୍ଷକ ପରେ ସେ ଚାକିରିରୁ ଅବସର ନେଇଥାନ୍ତେ।

# ଏଟିଏମ୍‌ରୁ ବାହାରିଲା ଜାଲ୍, ଚିରା ନୋଟ୍

## ଟଙ୍କା ଭରୁଥିବା ଏଜେନ୍ସି କର୍ମଚାରୀଙ୍କୁ ପୋଲିସ ଜିମା ଦେଲେ ଲୋକେ




ବାହାନଗା, ୬।୮ (ଅରୁପ କୁମାର ଦାସ)

ଏସ୍‌ବିଆଇ ଏଟିଏମ୍‌ରୁ ଜାଲ୍ ଓ କଟା ଚିରା ନୋଟ୍ ବାହାରିଛି। ଏହା ଜଣାପଡ଼ିବାପରେ ଏଟିଏମ୍‌ରେ ଟଙ୍କା ଭରୁଥିବା ଏଜେନ୍ସି କର୍ମଚାରୀଙ୍କୁ ଲୋକେ ଅଟକ ରଖି ପୋଲିସ ଜିମା ଦେଇଛନ୍ତି। ଏଭଳି ଘଟଣା ଘଟିଛି ବାହାନଗା ବ୍ଲକ ଗୋପାଳପୁର ବଜାରରେ। ବ୍ୟାଙ୍କ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରାଯାଉଥିବା କହିଥିବାବେଳେ ପୋଲିସ ସମ୍ପୃକ୍ତ ଏଜେନ୍ସି କର୍ମଚାରୀମାନଙ୍କୁ ପଚରାଉଚରା ପରେ ଛାଡ଼ି ଦେଇଛି।

ମିଳିଥିବା ସୂଚନା ଅନୁସାରେ, ଗୋପାଳପୁର ନେଟିକାଲ ରୋଡରେ ଥିବା ଏସ୍‌ବିଆଇର ଦୁଇଟି ଏଟିଏମ୍‌ରେ ସୋମବାର ରାତିରେ ସିଏମ୍‌ସି ନାମକ ଏକ ଏଜେନ୍ସି ସଂସ୍ଥାର କର୍ମଚାରୀମାନେ ଟଙ୍କା ଲୋଡ କରିଥିଲେ। ପରେ ସେହି ବଜାରର ଲକ୍ଷ୍ମୀ ମାର୍କେଟରେ ଥିବା ଏଡ଼ିଏଫ୍‌ସି ଏଟିଏମ୍‌ରେ ଟଙ୍କା ଲୋଡ କରିବାକୁ ଯାଇଥିଲେ। ଏହି ସମୟରେ ଏସ୍‌ବିଆଇ ଏଟିଏମ୍‌ରୁ ସ୍ଥାନୀୟ ଶାଳ ଗ୍ରାମର ଶରତ ଚନ୍ଦ୍ର ପତିତ ୧୦ହଜାର ଟଙ୍କା ଉଠାଇଥିଲେ। ତେବେ ମେଶିନରୁ ବାହାରିଥିବା ଟଙ୍କା ମଧ୍ୟରେ ୭ ହଜାର ଟଙ୍କା ଜାଲ୍, ଚିରା ଫଟା ଟଙ୍କା ଓ ଧଳା କାଗଜ ପ୍ୟାଚ୍ ମରାଯାଇଥିବା ଦେଖିବାକୁ ପାଇଥିଲେ। ଏପରି କି ଏହାପରେ ସେହି ମେଶିନରୁ ଫପେଡ଼ୁର ଅଞ୍ଚଳ ଫକୀର ଚରଣ ସାହୁ ୬ହଜାର ଟଙ୍କା ଉଠାଇଥିଲେ। ସେହି ଟଙ୍କାରୁ ମଧ୍ୟ ଦୁଇଟି ୫ଶହ ଟଙ୍କା ଜାଲ୍ ଥିବାବେଳେ ୪ହଜାର ୫ଶହ ଟଙ୍କା ନୋଟ୍ ଚିରା ଫଟା ଓ ଧଳା କାଗଜରେ ପ୍ୟାଚ ମରାଯାଇଥିଲା। ସଙ୍ଗେ ସଙ୍ଗେ ଟଙ୍କା ଲୋଡ୍ କରିଥିବା ଏଜେନ୍ସିର ଲୋକମାନଙ୍କୁ ଖୋଜିଥିଲେ। ବଜାରର ଏଚ୍‌ଡିଏଫ୍‌ସି ଏଟିଏମ୍‌ରେ ଟଙ୍କା ଲୋଡ୍ କରିବା ପାଇଁ ଉଦ୍ୟମ କରୁଥିବା ଜଣାପଡ଼ିବା ପରେ ଲୋକମାନେ ଏଜେନ୍ସି କର୍ମଚାରୀଙ୍କୁ କାବୁ କରିଥିଲେ। ସେହି ସମୟରେ ଅନ୍ୟଜଣେ ପାଇକାପ୍ଡା ଗ୍ରାମର ଦେବେନ୍ଦ୍ର ସାହୁ ୨ହଜାର ଟଙ୍କା ଉଠାଇ ଥିବାବେଳେ ସେଥିରୁ ଗୋଟିଏ ୫ଶହ ଟଙ୍କା ଜାଲ ବାହାରିଛି ସହିତ ଆଉ ୧ ହଜାର ଟଙ୍କା ଫଟା ଚିରା ବାହାରିଥିଲା। ଲୋକମାନେ ଉତ୍ତ୍ୟକ୍ତ ହୋଇ ସେମାନଙ୍କୁ ଅଟକ ରଖିବା ସହିତ ଜାଲ୍ ଓ ଫଟା ଚିରା ଟଙ୍କା ସବୁ କେଉଁଠୁ ଆଣି ଏଟିଏମ୍‌ରେ ଲୋଡ୍ କରୁଛ କହି ସେମାନଙ୍କୁ ଛାଡ଼ି ନ ଥିଲେ। ଖବରପାଇ ଗୋପାଳପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟଙ୍କା ଲୋଡ୍ କରୁଥିବା ଏଜେନ୍ସିର ଡ୍ରାଇଭର ସମେତ ୪ଜଣଙ୍କୁ ଥାନାକୁ ନେଇଯାଇଥିଲେ। ଅଭିଯୋଗ କରିଥିବା ଲୋକମାନଙ୍କଠାରୁ ସବୁ ତଥ୍ୟ ଲେଖି ନେବାପରେ ସେମାନଙ୍କୁ ପଳାଇଯିବାକୁ କହିବା ସହିତ ମଙ୍ଗଳବାର ବ୍ୟାଙ୍କରେ ଅଭିଯୋଗ କରିବା ପାଇଁ କହିଥିଲେ। ପରେ ପୋଲିସ ଅଟକ ରଖିଥିବା ଏଜେନ୍ସିର ୪ଜଣଙ୍କ ଠାରୁ ସେମାନଙ୍କ ଠିକଣା ଆଦି ଲେଖି ରାତିରେ ଛାଡ଼ି ଦେଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏଟିଏମ୍‌ରେ ଭରା ଯାଉଥିବା ଟଙ୍କାକୁ ଏଜେନ୍ସି କର୍ମଚାରୀମାନେ କେଉଁଠୁ ଆଣୁଛନ୍ତି ସେଥିରେ ଜାଲ୍ ଏବଂ ଫଟା ନୋଟ୍ କିପରି ଆସୁଛି। ଏନେଇ ଥାନାରେ ଅଟକ ରହିଥିବା ଏଜେନ୍ସି କର୍ମଚାରୀଙ୍କ କହିବା ହେଲା ସେମାନଙ୍କୁ ବ୍ୟାଙ୍କରୁ ଟଙ୍କା ଆଣି ଦେବା ପରେ ସେମାନେ ବିଭିନ୍ନ ଏଟିଏମ୍‌ରେ ଟଙ୍କା ଭରିଥାନ୍ତି। ସୋମବାର ବାଲେଶ୍ୱର ଟାଉନ ସମେତ ଗୋପାଳପୁର ପର୍ଯ୍ୟନ୍ତ ୧୯ଟି ଏଟିଏମ୍‌ରେ ଟଙ୍କା ଭରିଥିଲେ। ଜାଲ୍ ନୋଟ ସମ୍ପର୍କରେ ସେମାନେ କିଛି ଜାଣି ନାହାନ୍ତି। ଏନେଇ ଗୋପାଳପୁର ଥାନା ଅଧିକାରୀଙ୍କ କହିବା ହେଲା, ଏଟିଏମ୍‌ରେ ଟଙ୍କା ଭରୁଥିବା ଏଜେନ୍ସି କର୍ମଚାରୀଙ୍କୁ ଲୋକମାନେ ପୋଲିସକୁ ହସ୍ତାନ୍ତର କରିଥିଲେ। ଏନେଇ ସେମାନଙ୍କୁ ପଚରାଉଚରା କରିବା ପରେ ଛାଡ଼ିଦେଇଛୁ। ଜାଲ୍ ଏବଂ ଚିରା ନୋଟ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ କହିପାରିବେ। ଅପରପକ୍ଷରେ ଗୋପାଳପୁର ଏସ୍‌ବିଆଇ ବ୍ୟାଙ୍କ ପରିଚାଳିକା ପୂଜା ମୋଦି ଅଗ୍ରୱାଲଙ୍କ କହିବା ହେଲା ଏଟିଏମ୍‌ରୁ ଜାଲ୍ ଏବଂ ଚିରା ନୋଟ ବାହାରିବା ଘଟଣାର ତଦନ୍ତ ଚାଲିଛି। ଏସ୍‌ବିଆଇ ଏଟିଏମ୍‌ଗୁଡ଼ିକରେ ଟଙ୍କା ଭରିବାକୁ ଭେଣ୍ଡରମାନଙ୍କୁ ଦାୟିତ୍ୱ ଦିଆଯାଇଛି। ତେଣୁ ତଦନ୍ତ ପରେ ପ୍ରକୃତ କଥା ଜଣାପଡ଼ିବ ବୋଲି ବ୍ୟାଙ୍କ ପରିଚାଳିକା କହିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି।

## ଫେରାର ସମିତିସଭ୍ୟ ପୁରୀରୁ ଗିରଫ

ଖଇରା, ୬।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ କୁପାରୀ ଗଣ୍ଡଗୋଳ ଘଟଣାରେ ଥାନାରୁ ଫେରାର ହୋଇଯାଇଥିବା ଗୋଳିହା ସମିତିସଭ୍ୟ ରଞ୍ଜନ କୁମାର ରାଉତଙ୍କୁ ଖଇରା ଆଇଆଇସି ଗୟାଧର ବେହେରା ପୁରୀର ଏକ ହୋଟେଲରୁ ଗିରଫ କରିଛନ୍ତି। ଗତ ରବିବାର କୁପାରୀ ଚଣ୍ଡୀମନ୍ଦିର ନିକଟରେ ରଞ୍ଜନ ଅର୍ଜୁନପୁର ଗ୍ରାମର ପୀୟୂଷ କୁମାର ଜେନାଙ୍କୁ ଭୁଜାଲି ଦେଖାଇ ଭୟଭୀତ କରିବା ସହ ମାରପିଟ କରିବା ନେଇ ପୀୟୂଷଙ୍କ ମା' ବିଜୟା ଥାନାରେ ଅଭିଯୋଗ କରିଥିଲେ। ସେପଟେ ରବି ରାଉତ ନାମକ ବ୍ୟକ୍ତି ମାରପିଟ କରିବା ନେଇ ରଞ୍ଜନଙ୍କ ପକ୍ଷରୁ ଥାନାରେ ପାଲଟା ଅଭିଯୋଗ ମଧ୍ୟ କରାଯାଇଥିଲା। ଖଇରା ପୋଲିସ ପଚରାଉଚରା ପାଇଁ ରଞ୍ଜନଙ୍କୁ ଥାନାକୁ ଆଣିଥିବା ବେଳେ ସେ ଖସି ପଳାଇଥିଲେ। ପୋଲିସ ଏକ ମାମଲା(ନଂ. ୧୫୪/୨୪)ରୁଜୁ କରି ରଞ୍ଜନଙ୍କୁ ଖୋଜାଖୋଜି କରିବା ପରେ ପୁରୀରୁ କାବୁ କରିଥିଲା।

# ମହିଳାଙ୍କୁ ବଳାତ୍କାର ଅଭିଯୋଗ, କନଷ୍ଟେବଲ ଅଟକ

ବୋଲଗଡ଼,୬।୮ (ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବାଙ୍କୋଇ ଫାଣ୍ଡି ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ପୋଲିସ ଜଣେ କନଷ୍ଟେବଲଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ସେ ହେଲେ ଅନିଲ ଦାସ(୨୫)। ତେବେ ଅନିଲ ଜଣେ ବିଧାୟକଙ୍କ ପିଏସ୍‌ଓ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୭୭/୨୪) ରୁଜୁକରି ସମ୍ପୃକ୍ତ ମହିଳାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଛି। ଅଭିଯୋଗ ମୁତାବକ, ବାଙ୍କୋଇ ଫାଣ୍ଡି ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ସୋମବାର ସନ୍ଧ୍ୟାରେ ଘରେ ନ ଥିବା ବେଳେ ସେଠାରେ ଅନିଲ ପହଞ୍ଚି ତାଙ୍କ ଘର କବାଟ ବାଡ଼େଇଥିଲେ। ତେବେ ମହିଳା ଜଣଙ୍କ ତାଙ୍କ ସ୍ୱାମୀ ଆସିଥିବା ଭାବି କବାଟ ଖୋଲିଥିଲେ। ଏହି ସମୟରେ ଅନିଲ ହଠାତ୍ ତାଙ୍କ ମୁହଁରେ ଗାମୁଛା ଦେଇ ଘର ଭିତରକୁ ନେଇ ବଳାତ୍କାର କରିଥିଲେ। ପୋଲିସ ଚାକିରି କରିଛି, କାହାକୁ ଏକଥା କହିଲେ ଜୀବନରୁ ମାରିଦେବେ ବୋଲି ଅନିଲ ଧମକ ଦେଇଥିଲେ। ଏହି ସମୟରେ ମହିଳାଙ୍କ ସ୍ୱାମୀ ପହଞ୍ଚି ଅନିଲଙ୍କୁ କାବୁ କରିଥିଲେ। ପରେ ବୋଲଗଡ଼ ପୋଲିସ ପହଞ୍ଚି ଅନିଲଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ଏନେଇ ସମ୍ପୃକ୍ତ ମହିଳାଙ୍କ ଅଭିଯୋଗକ୍ରମେ ପୋଲିସ ଅନିଲଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଖବରପାଇ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ ଦାସ ପହଞ୍ଚି ମଧ୍ୟ ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି।

# ଶିଶୁକନ୍ୟାଙ୍କୁ ଅପହରଣ, ଟ୍ରାକ୍ଟର ଚାଳକ ଗିରଫ

ବାଣପୁର, ୬।୮ (ଦିଲୀପ କୁମାର ସ୍ୱାଇଁ)

ଶିଶୁକନ୍ୟାଙ୍କୁ ଅପହରଣ କରିନେଇଥିବା ଅଭିଯୋଗରେ ବାଣପୁର ଥାନା ପୋଲିସ ଜଣେ ଟ୍ରାକ୍ଟର ଚାଳକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେ ହେଲେ ଘଣ୍ଟଶିଳା ଶଙ୍କ ନିର୍ମାଣରେ ଟ୍ରାକ୍ଟର ଚାଳକଭାବେ କାର୍ଯ୍ୟରତ ଟାଙ୍ଗୀ ଅଞ୍ଚଳର ବସନ୍ତ ଦାସ। ଅଭିଯୋଗ ମୁତାବକ, ବାଣପୁର କେନାଲସାହିର କୁନି ଦାସଙ୍କ ସତ୍‌ସଙ୍ଗ ବିହାର ନିକଟରେ ଏକ ଜଳଖିଆ ଦୋକାନ ରହିଛି। ସୋମବାର ସନ୍ଧ୍ୟାରେ କୁନି କେଉଁ କାମରେ ବାହାରକୁ ଯାଇଥିବା ବେଳେ ତାଙ୍କ ପୁଅ ଓ ୪ବର୍ଷର ଝିଅ ଦୋକାନରେ ଏକାକୀ ଥିଲେ। ଏହି ସମୟରେ କୁନିଙ୍କ ପୁଅ ବ୍ରିଜ୍ ନିକଟକୁ ଯାଇଥିବା ବେଳେ ବସନ୍ତ ସେଠାରେ ପହଞ୍ଚି ତାଙ୍କ ଝିଅକୁ ଟ୍ରାକ୍ଟରରେ ବସାଇ କେଉଁଆଡେ ନେଇ ଯାଇଥିଲେ। କୁନିଙ୍କ ପୁଅଠାରୁ ଖବରପାଇ ପରିବାରଲୋକେ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଘଣ୍ଟଶିଳା ନିକଟରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ସହ ସହ ବସନ୍ତଙ୍କୁ ଅଟକ ରଖି ପୋଲିସ ଜିମା ଦେଇଥିଲେ। ଏନେଇ କୁନିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ବସନ୍ତଙ୍କୁ ଗିରଫ କରିଥିଲା।

## ନାବାଳକଙ୍କୁ ବଳି ଉଦ୍ୟମ ପଣ୍ଡ

### ୬ଦିନପରେ ଥାନାରେ ଅଭିଯୋଗ କଲେ ପରିବାର

ବଣାଇଁ, ୬।୮ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଥାନା ଅନ୍ତର୍ଗତ ବଡ଼େଇକଳା ଗ୍ରାମର ଜଣେ ନାବଳକଙ୍କୁ ବଳିଦେବା ପାଇଁ ଉଦ୍ୟମ ହେଉଥିବାବେଳେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଏନେଇ ନାବଳକଙ୍କ ମା' ମୁଆଦେଇ ଦଣ୍ଡସେନା ଘଟଣାର ୬ଦିନ ପରେ ଅର୍ଥାତ୍ ମଙ୍ଗଳବାର ବଣାଇଁ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ସୁଦ୍ଧା ରାତି ୧୦ଟା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନାଯୋଗ୍ୟ, ଗୁରୁବାର ରାତି ୯ଟାରେ ମୁଆଦେଇଙ୍କ ଘରେ ଜଣେ ଯୁବକ ପହଞ୍ଚି ତାଙ୍କ ନାବାଳକ ପୁଅ ସହ ପୁଅକୁ ଖୋଜିଥିଲେ। କାହିଁକି ପୁଅକୁ ଖୋଜୁଛ ବୋଲି ମୁଆଦେଇ ପଚାରିବାରୁ ସିଦ୍ଧିଆ ଯିବା ପାଇଁ ଏବଂ ଗ୍ରାମର ଦେବୀ ପୂଜକ ତାଙ୍କୁ ଡାକିଥିବା କହିଥିଲେ। ପରେ ଗାଁ ବାଡରେ ପୁଅକୁ ଦେଖି ଉକ୍ତ ଯୁବକ ଜଣକ ଡାକିନେଇଥିଲେ। ପୁଅର ଘରକୁ ଫେରିବା ବିଳମ୍ବ ହେବାରୁ ମୁଆଦେଇ ବଡ଼ପୁଅ ଦୁଃଶାସନ ଦଣ୍ଡସେନାଙ୍କୁ ଜଣାଇଥିଲେ। ବଡ଼ପୁଅ ସିଦ୍ଧିଆ ଯାଇ ମହାମାୟୀ ପୀଠରେ ସାନଭାଇକୁ ଉଦ୍ଧାର କରିଥିଲେ। ସେହିଦିନ ଠାରୁ ପୁଅ ଚୁପ ରହୁଥିବା ଅନୁଭବ କରି ମା' ମୁଆଦେଇ ବାରମ୍ବାର ପଚାରିବା ପରେ ସୋମବାର ସନ୍ଧ୍ୟାରେ ସେ ଘଟଣା ସମ୍ପର୍କରେ କହିଥିଲେ। ପାଟି ଖୋଲିଲେ ପୂଜାରୀ ମାରି ଦେବାକୁ ଧମକ ଦେଇଥିବା କହିଥିଲେ। ମୁଆଦେଇ ଗାଁ ମୁଖିଆଙ୍କୁ ଡାକି ସହଯୋଗ ଲୋଡ଼ିଥିଲେ। ପୁଅଆମାନେ ଡାକି ନେଇଥିବା ଯୁବକଙ୍କୁ ଗାଁକୁ ଡକାଇ ପଚାରି ବୁଝିଥିଲେ। ନାବାଳକଙ୍କୁ କହିବା ଅନୁଯାୟୀ, ଉକ୍ତ ଯୁବକଦ୍ୱୟ ତାଙ୍କୁ ମଦ ପିଆଇଥିଲେ। ଏହାପରେ ଗ୍ରାମ ଶ୍ମଶାନ ନିକଟରେ ଥିବା ଦେବୀ ପୀଠକୁ ନେଇ ଉଲଗ୍ନ ହେବାକୁ କହିଥିଲେ। ପରେ ଧୂପ ଦୀପ ଇତ୍ୟାଦି ଅର୍ପଣ କରିବା ପାଇଁ ଟେକିପାଖରେ ଥିବା ଏକ ଚେର ଉପାଡ଼ିବାକୁ କହିଥିଲେ। ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରିବା ସମୟରେ ବଡ଼ ଭାଇ ଦୁଃଶାସନ ପହଞ୍ଚି ଯିବା ଯୋଗୁ ଯୁବକ ଦ୍ୱୟ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ।

# ଗଛରେ ଝୁଲିପଡ଼ିଲେ ପ୍ରେମୀଯୁଗଳ

ବ୍ରହ୍ମପୁର,୬।୮ (ସୁଭାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ପୁରୁଣା ଯୋଗାପାଲୁରେ ପ୍ରେମୀ ଯୁଗଳ ଆତ୍ମହତ୍ୟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତ ପ୍ରେମିକ ହେଲେ ଯୋଗିଆପାଲୁର ଭିକି ଗୌଡ଼ ଓରଫ କଲ୍ୟାଣ(୨୩) ଓ ପ୍ରେମିକା ଜଣକ ୧୭ ବର୍ଷୀୟା ନାବାଳିକା। ନାବାଳିକାଙ୍କ ହାତପୁଟାରୁ ପୋଲିସ ଏକ ସୁଇସାଇଡ ନୋଟ ଜବତ କରିଛି। ଆମ ଆତ୍ମହତ୍ୟା ପାଇଁ କେହି ଦାୟୀ ନୁହନ୍ତି ବୋଲି ସେଥିରେ ଲେଖାଯାଇଥିବା ପୋଲିସ କହିଛି। ସେହିପରି କଲ୍ୟାଣଙ୍କ ପ୍ୟାଣ୍ଟ ପକେଟରୁ ମୋବାଇଲ ଫୋନ ଜବତ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୨ ମୃତଦେହର ପଞ୍ଚନାମା କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଇ ପୋଲିସ ତଦନ୍ତ ଚଳାଇଛି।

କଲ୍ୟାଣ ଗାଁରେ ଟାଇଲ ମିସ୍ତ୍ରି। ତାଙ୍କର ଯୁକ୍ତ ୨ ପଢ଼ୁଥିବା ଜଣେ ଛାତ୍ରୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟେ ବିବାହ ପାଇଁ ସ୍ଥିର କରିଥିଲେ। ହେଲେ କାହାରି ପରିବାର ଏଥିରେ ରାଜି ହେଉ ନ ଥିଲେ। ସୋମବାର ରାତିରେ ଛାତ୍ରୀ ଜଣକ ଘରୁ କେଉଁଆଡ଼େ ପଳାଇଥିଲେ। ଖୋଜାଖୋଜି ପରେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଘର ଲୋକ ଚିନ୍ତାରେ ଥିଲେ। ମଙ୍ଗଳବାର ଅପରାହ୍ନରେ ଯୋଗିଆପାଲୁ ଗ୍ରାମର ଜଣେ ଟ୍ରାକ୍ଟର ଡ୍ରାଇଭର ଏକ ଜମିକୁ ଖତ ନେଇ ଯାଉଥିବା ବେଳେ ଗଛରେ କଲ୍ୟାଣ ଓ ନାବାଳିକା ରଶି ଲଗାଇ ଝୁଲୁଥିବା ଦେଖି ଗାଁ ଲୋକଙ୍କୁ ଜଣାଇଥିଲେ। ଉଭୟଙ୍କ ପରିବାର ଲୋକ ସେଠାରେ ପହଞ୍ଚିଥିଲେ। ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଛରୁ ୨ ମୃତଦେହକୁ ତଳକୁ ଓହ୍ଲାଇଥିଲା। ପ୍ରେମୀଯୁଗଳ ଏକାଠି ଥିବା ଏକ ଫଟୋକୁ ତଦନ୍ତ ବେଳେ ପୋଲିସ ଜବତ କରିଛି। ଏ ନେଇ ନଂ.୨୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବ୍ୟବସାୟୀ ନବଘନ ହତ୍ୟା ମାମଲାର ପର୍ଦ୍ଦାଫାଶ

# ମୁଖ୍ୟ ଅଭିଯୁକ୍ତ ବର୍ଣ୍ଣି, ଡ୍ରାଇଭର ଗିରଫ

ଭୁବନେଶ୍ୱର,୬।୮ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବ୍ୟବସାୟୀ ନବଘନ ପାଢ଼ଶାଣୀ(୪୫) ଓରଫ ବାଙ୍କା ହତ୍ୟା ମାମଲାରେ ମଙ୍ଗଳବାର କମିଶନରେଟ୍ ପୋଲିସ ପର୍ଦ୍ଦାଫାଶ କରିଛି। ବ୍ୟବସାୟରେ ସହଯୋଗ କରୁଥିବା ବର୍ଣ୍ଣି ଓରଫ ମୁନ୍ନାଫୋ କୁମାର(୨୭) ବାଙ୍କାଙ୍କ ଗଳାକାଟି ହତ୍ୟା କରିଥିଲେ। ପ୍ରତିଶ୍ରୁତି ମୁତାବକ ବାଙ୍କା ମାସିକ ଟଙ୍କା ନ ଦେବା ସହ ସର୍ବସମ୍ମୁଖରେ ଅପମାନିତ କରିବାରୁ ବର୍ଣ୍ଣି ଏଭଳି କାଣ୍ଡ ଘଟାଇଥିଲେ ବୋଲି ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି। ମୁଖ୍ୟ ଅଭିଯୁକ୍ତ ବର୍ଣ୍ଣିଙ୍କ ସମେତ ମୃତଦେହ ସ୍ଥାନାନ୍ତରରେ ସହାୟତା ଅଭିଯୋଗରେ କାର୍ ଡ୍ରାଇଭର ବିଜୟ କୁମାର ନାୟକ(୩୭)ଙ୍କୁ ଭରତପୁର ଥାନା ପୋଲିସ ଗିରଫ କରିଛି। ବିଜୟଙ୍କ ଘର ଦାରିଙ୍ଗବାଡ଼ି ଅଞ୍ଚଳରେ ହୋଇଥିବାବେଳେ ସେ ଗୁମୁଗୁମାରେ ଭଡ଼ାରେ ରହି ଏକ ଇନୋଭା କାର୍ ଚଳାଉଥିଲେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି, ରକ୍ତଭିଜା ପ୍ୟାଣ୍ଟ ଶାର୍ଟ, ମୃତଦେହ ସ୍ଥାନାନ୍ତର ହୋଇଥିବା ଇନୋଭା କାର୍ (ଓଡି୦୨-ସିକେ-୭୦୦୦) ଆଦି ଜବତ କରିଛି। ଅଭିଯୁକ୍ତ ବର୍ଣ୍ଣି ଓ ବିଜୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘର ଯାଞ୍ଚ ସହ ବାଙ୍କାଙ୍କ ନେଣଦେଣ ଆଦି ଜାଣିବାକୁ ବର୍ଣ୍ଣିଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କମିଶନର କହିଛନ୍ତି। ଅନ୍ୟପକ୍ଷରେ ସେଉଁ ଲକ୍‌ରେ ବାଙ୍କାଙ୍କୁ ହତ୍ୟା କରାଯାଇଥିଲା ଅଭିଯୁକ୍ତ ବର୍ଣ୍ଣିଙ୍କୁ ସେଠାକୁ ନେଇ ପୋଲିସ ସିନ୍ ରିକ୍ରିଏସନ କରିଛି।


ନବଘନ ପାଢ଼ଶାଣୀ


ପୋଲିସ ହେପାଜତରେ ଗିରଫ ଦୁଇ ଅଭିଯୁକ୍ତ।

### ମାସିକ ଟଙ୍କା ନ ଦେବାରୁ ୪ ବର୍ଷର ସମ୍ପର୍କରେ ତିକ୍ତତା

ଅଭିଯୁକ୍ତ ବର୍ଣ୍ଣିଙ୍କ ଘର ସୋନପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ହୋଇଥିବାବେଳେ ୧୩ ବର୍ଷ ହେବ ସେ ଭୁବନେଶ୍ୱରରେ ରହୁଛନ୍ତି। ସେ ବିଭିନ୍ନ ହୋଟେଲ, ୱାର୍କ ସାଇଟ୍ ଆଦିରେ କାମ କରୁଥିଲେ। ଗତ ୪ ବର୍ଷ ହେବ ସେ ବାଙ୍କାଙ୍କ ସମ୍ପର୍କରେ ଆସି ଅତି ଘନିଷ୍ଠ ହୋଇଯାଇଥିଲେ। ବାଙ୍କାଙ୍କ ପ୍ଲଟ୍ ବ୍ୟବସାୟ, ଜେସିବି, ଟ୍ରାକ୍ଟର ଆଦି ଅନ୍ୟ ଗାଡ଼ିର ପରିଚାଳନା ବର୍ଣ୍ଣି କରୁଥିଲେ। ବର୍ଣ୍ଣିଙ୍କୁ ଏଥିପାଇଁ ମାସିକ ଟଙ୍କା ଦେବା ପାଇଁ ବାଙ୍କା ପ୍ରତିଶ୍ରୁତି ଦେଇଥିଲେ। ହେଲେ ଟଙ୍କା ନ ଦେବାରୁ ସମ୍ପର୍କ ଫିକା ପଡ଼ିଥିଲା। ଏପରିକି ବାଙ୍କା ଗତ ୭ ମାସ ହେବ ଘାଟିକିଆସ୍ଥିତ ଶ୍ରୀସାଇ ଲକ୍‌ରେ ଭଡ଼ାରେ ବର୍ଣ୍ଣିଙ୍କୁ ନେଇ ରଖିଥିଲେ। ବର୍ଣ୍ଣି ଭୁବନେଶ୍ୱରରେ ଏକ ରେଷ୍ଟୁରାଣ୍ଟ ଖୋଲିବାକୁ ଯୋଜନା କରୁଥିବାରୁ ଏଥିପାଇଁ ତାଙ୍କର ଅଧିକ ଟଙ୍କା ଦରକାର ପଡୁଥିଲା। ଅନ୍ୟପଟେ ଏକ ଗୋଷ୍ଠୀ ପାଖରୁ ବର୍ଣ୍ଣି ପୂର୍ବରୁ ୩.୫ ଲକ୍ଷ ଟଙ୍କା ଆଣିଥିବାବେଳେ ଏହି ଟଙ୍କା ଫେରାଇବାକୁ ଚାପ ପଡୁଥିଲା। ବିଭିନ୍ନ ସମୟରେ ଏଥିପାଇଁ ଟଙ୍କା ଦେବାକୁ ବର୍ଣ୍ଣି କହୁଥିବା ବେଳେ ବାଙ୍କା ଶୁଣୁ ନ ଥିଲେ। ଏପରିକି ୨ ମାସ ତଳେ ଏହିକଥାକୁନେଇ କରି ବଚସା ହେବାରୁ ସର୍ବସମ୍ମୁଖରେ ବର୍ଣ୍ଣିଙ୍କୁ ବାଙ୍କା ଚାପୁଡ଼ା ମାରିଥିଲେ। ଫଳରେ ଏହି ଅପମାନର ପ୍ରତିଶୋଧ ନେବାକୁ ବର୍ଣ୍ଣି ଯୋଜନା କରିଥିଲେ।

### ଜୁଲାଇ ୧୯ରେ ହତ୍ୟାକାଣ୍ଡ

ବାଙ୍କାଙ୍କୁ ହତ୍ୟା କରିବାକୁ ବର୍ଣ୍ଣି ସୁଚିନ୍ତିତ ଯୋଜନା କରିଥିଲେ। ଏଥିପାଇଁ ହତ୍ୟାକାଣ୍ଡ ଦିନ ଅର୍ଥାତ୍ ଜୁଲାଇ ୧୯ରେ ବର୍ଣ୍ଣି ଏକ ରୋଷେଇରେ ବ୍ୟବହୃତ ଛୁରି କିଣି ରଖିଥିଲେ। ବର୍ଣ୍ଣି ଦିନବେଳା ଲକ୍‌ର ରୁମ୍‌କୁ ବାଙ୍କାଙ୍କୁ ଡାକିଥିଲେ। ବାଙ୍କା ତାଙ୍କ ଫର୍ଚୁନର୍ ଧରି ସେଠାରେ ପହଞ୍ଚିଥିଲେ। ଉଭୟ ରୁମ୍‌ରେ ଗପସପ କରି ଖାଇବା ସହ ମଦ୍ୟପାନ ମଧ୍ୟ କରିଥିଲେ। ସେଠାରେ ବର୍ଣ୍ଣି ପୁଣି ଟଙ୍କା ମାଗିବାରୁ ଝଗଡ଼ା ହୋଇଥିଲା। ଏହି ସମୟରେ ବାଙ୍କାଙ୍କ ମୁହଁକୁ ବର୍ଣ୍ଣି ବିଅର୍ ବୋତଲରେ ମାଡ଼ ମାରିଥିଲେ। ଏଥିସହ ଛୁରିରେ ଗଳା କାଟି ହତ୍ୟା କରିଥିଲେ। ପରେ ବାଙ୍କାଙ୍କ କାରରୁ ବର୍ଣ୍ଣି ନେଇ ଟଙ୍କା ଆଣିଥିବା ବର୍ଣ୍ଣି ଭରତପୁର ଥାନାରେ ଯୁବକଙ୍କୁ ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ନିକଟରେ ଜିମା ଦେଇଥିଲେ।

ଟଙ୍କା ଦେବା ପରେ ଉକ୍ତ କାର୍ ନେଇ ଆସିବେ ବୋଲି ବର୍ଣ୍ଣି କହିଥିଲେ।

### କାର୍‌ରେ ମୃତଦେହ ନେଇ କନ୍ଦଳ ନଦୀରେ ଫିଙ୍ଗିଥିଲେ

ବାଙ୍କାଙ୍କ ମୃତଦେହକୁ ରାଜଧାନୀ ବାହାରେ ଫିଙ୍ଗିବାକୁ ବର୍ଣ୍ଣି ଯୋଜନା କରିଥିଲେ। ଏଥିପାଇଁ କାର୍ ଡ୍ରାଇଭର ଅଭିଯୁକ୍ତ ବିଜୟଙ୍କୁ ଡାକିଥିଲେ। ସେମାନେ ଖଣ୍ଡଗିରି ଛକରୁ ଏକ ପଲିଥିନ୍ ସିଟ୍ କିଣିଥିଲେ। ଲକ୍‌କୁ ଯାଇ ଉକ୍ତ ପଲିଥିନ୍‌ରେ ବାଙ୍କାଙ୍କ ମୃତଦେହକୁ ରଖି ବାନ୍ଧି ଦେଇଥିଲେ। ପ୍ରମାଣ ନଷ୍ଟ ପାଇଁ ବର୍ଣ୍ଣି ଉକ୍ତ ରୁମ୍‌ରେ ପଡ଼ିଥିବା ରକ୍ତଛିଟାକୁ ପୁରା ଧୋଇ ଦେଇଥିଲେ। ବେଡ଼ସିଟ୍ ମଧ୍ୟ ଚିରି ଦେଇଥିଲେ। ସନ୍ଧ୍ୟାବେଳେ କାର୍‌ରେ ମୃତଦେହ ନେଇ ସେମାନେ କଟକ ଜିଲା ଅନ୍ତର୍ଗତ ଗୋବିନ୍ଦପୁର ନିକଟ କନ୍ଦଳ ବ୍ରିଜକୁ ଯାଇଥିଲେ। ସେଠାରେ ମୃତଦେହକୁ ନଈକୁ ଫିଙ୍ଗି ଚାଲିଯାଇଥିଲେ। ଏଥିସହ ତାଙ୍କ ରକ୍ତଲଗା ପ୍ୟାଣ୍ଟଶାର୍ଟ ଓ ଛୁରିକୁ ଏକ ବ୍ୟାଗରେ ଭର୍ତ୍ତି କରି ହସପାଲ କେନାଲରେ ଫିଙ୍ଗିଦେଇଥିଲେ।

### କେମିତି ଧରାପଡ଼ିଲେ ଅଭିଯୁକ୍ତ

ଘଟଣାଦିନ ବାଙ୍କାଙ୍କୁ ବର୍ଣ୍ଣି କଲ୍ କରିଥିଲେ ବୋଲି ଭରତପୁର ଥାନାରେ ନିଖୋଜ ଏତଲା ଦେବା ସମୟରେ ବାଙ୍କାଙ୍କ ସ୍ତ୍ରୀ ସୁଲୋଚନା ପୋଲିସକୁ କହିଥିଲେ। ଏହା ପରେ ପୋଲିସ ବର୍ଣ୍ଣିଙ୍କୁ ମୁଖ୍ୟ ସନ୍ଦିଗ୍ଧ ଭାବେ ନେଇ ତଦନ୍ତ କରିଥିଲା। ଅନ୍ୟପଟେ ନିଖୋଜର ୪ଦିନ ପରେ ବାଙ୍କାଙ୍କ କାର୍ ଯାହାଙ୍କ ପାଖରୁ ଜବତ ହୋଇଥିଲା, ସେ ମଧ୍ୟ ବର୍ଣ୍ଣିଙ୍କ ଠାରୁ ଗାଡ଼ି ପାଇଥିବା କହିଥିଲେ। ବର୍ଣ୍ଣି ଛତିଆ ଅଞ୍ଚଳରେ ଲୁଚିଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା। ଏଥିସହ ଉକ୍ତ ଲକ୍‌ର ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ସତ ଜଣାପଡ଼ିଯାଇଥିଲା।

### ପରିଚୟ ନ ପାଇ ମୃତଦେହକୁ ପୋତିଦେଇଥିଲା ଗୋବିନ୍ଦପୁର ପୋଲିସ

ଜୁଲାଇ ୨୦ ଶନିବାର ସକାଳେ କନ୍ଦଳ ନଦୀରେ ମତ୍ସ୍ୟଜୀବୀମାନେ ମାଛ ଧରୁଥିବାବେଳେ ନବଘନଙ୍କ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ମୃତଦେହ ଉଦ୍ଧାର ପରେ ପରିଚୟ ନ ମିଳିବାରୁ ପୋଲିସ ଦ୍ୱନ୍ଦରେ ପଡ଼ିଥିଲା। ଗୋବିନ୍ଦପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ କଟକ ଏସ୍‌ସିବିରେ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ୯୬ ଘଣ୍ଟା ପରେ ମୃତଦେହକୁ ପୋଲିସ ମାଟି ତଳେ ପୋତି ଦେଇଥିଲା। ଠାବ ହୋଇଥିବା ମୃତକଙ୍କ ପରିଚୟ ଜାଣିବା ପାଇଁ ଗୋବିନ୍ଦପୁର ପୋଲିସ ବରମୁଣ୍ଡା ସମେତ ବିଭିନ୍ନ ସ୍ଥାନରେ ପୋଷ୍ଟର ମାରିଥିଲା। ପୋଷ୍ଟରରୁ ଉକ୍ତ ମୃତଦେହ ବାଙ୍କାଙ୍କର ବୋଲି ଜଣାପଡ଼ିବା ପରେ ଜୁଲାଇ ୩୦ରେ ସିମଳଦାଣ୍ଡିସ୍ଥିତ ମଶାଣିରେ ପୋତାଯାଇଥିବା ମୃତଦେହକୁ ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ଫଟୋ- ସତ୍ୟଜିତ୍

## ଅଧିକ ଅମଳକ୍ଷମ କାଜୁ ବିହନ



**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବିପିପି, ଭୁବନେଶ୍ୱର –୧, ଭିଆରଇ–୨, ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫x୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬x୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪x୪ମିଟର ୪୫x୪୫x୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ ସାର ପ୍ରୟୋଗ କରନ୍ତୁ।

## ମଲ୍ଲୀ ଗଛ ଲଗାଇବା ସମୟରେ...



**ମ**ଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡ଼ିକୁ ୬୦ସେ.ମି. ଲମ୍ବ, ୬୦ସେ.ମି. ଓସାର ଏବଂ ୬୦ସେ.ମି. ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା.ରୁ ୧୦କି.ଗ୍ରା. ଶଢ଼ା ଗୋବରଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ। ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି. ପାକଳ ଡାଳ ବ୍ୟବହାର କରାଯାଏ। ପଟାଳିକରି କଲମୀଗୁଡ଼ିକୁ ପୋତିଦେଲେ ୨/୩ ମାସ ମଧ୍ୟରେ ଚେର ହୋଇଯାଏ। ମଲ୍ଲୀ ଗଛରେ ଅଧିକ ତଥା ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପିପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାରକରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍–ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ।

## ଟମାଟୋ ପାଇଁ ପଟାଳି ପ୍ରସ୍ତୁତି

**ଟ**ମାଟୋ ତଳି ଲଗାଉଥିଲେ ୧ ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ ଫୁଟ୍ ଚଉଡ଼ା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ଚାରିଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦–୨୦କି.ଗ୍ରା. ଭଲଭାବେ ଶଢ଼ିଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନକରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫–୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X–୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବରଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।



# ପ୍ରାଣୀଙ୍କ ବର୍ଷାଦିନିଆ ରୋଗର ପ୍ରତିକାର



ଡା. ବୀରକିଶୋର ପରିଡ଼ା

**ପ୍ରା**ଣୀମାନଙ୍କୁ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ରୋଗ ହୋଇଥାଏ। ହେଲେ ବର୍ଷାଦିନେ ଏମାନେ ସମ୍ମୁଖୀନ ହେଉଥିବା ରୋଗଗୁଡ଼ିକ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବା ଦରକାର। ସେଭଳି କେତେକ ରୋଗ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଉଛି।

**ବଜବଜିଆ ରୋଗ :** ଏହା ଚଟୁଆ ଫୁଲା, କଳାଗୋଡ଼, ଗ୍ୟାସ୍ ଗାଙ୍ଗ୍ରିନ୍ ରୋଗ ଭାବରେ ମଧ୍ୟ ପରିଚିତ। କ୍ଲଷ୍ଟ୍ରିଡିୟମ୍ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ଏହି ରୋଗ ସାଧାରଣତଃ ହୋଇଥାଏ । ଅନ୍ୟ ଜୀବାଣୁ ଯଥା – କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନ୍ସ ମଧ୍ୟ ଏହି ରୋଗ ସହ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବା ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁ ଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ।

**କେଉଁମାନଙ୍କୁ ହୁଏ :** ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରୀମାନଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରୀ, ୬ ମାସରୁ ୨ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାନ୍ତି । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବା ଦେଖିବାକୁ ମିଳେ। ମେଣ୍ଢାମାନଙ୍କୁ ମଧ୍ୟ ଏହି ରୋଗ କ୍ୱଚିତ୍ ହେବା ଦେଖାଯାଏ।

**ରୋଗ ବ୍ୟାପିବା କାରଣ :** ବର୍ଷାଋତୁରେ ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷ ଆକ୍ରାନ୍ତ କରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି। ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିକୁ ବା ଗୋଚରରୁ ଯେକୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲା ପରେ ପେଟ ଭିତରକୁ ଯାଏ। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ଥିବା ମାଂସପେଷୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ। ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଉକ୍ତ ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣ କରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ । ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟିକରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି । ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳ ରଙ୍ଗ ପରି) ସୃଷ୍ଟି କରିଥାନ୍ତି, ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧିରେ ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟକରିବାକୁ ସକ୍ଷମ ହୁଅନ୍ତି । ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି । ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗାକରି ଏକ ଶୂନ୍ୟସ୍ଥାନ ସୃଷ୍ଟି କରାନ୍ତି। ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ। ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି।

> ‘ବର୍ଷାଋତୁରେ ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତକରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି ।’



**ଲକ୍ଷଣ :** ଜୀବାଣୁ ପ୍ରବେଶ କରିବାର ୧–୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ ପାଇଥାଏ। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ବାଛୁରୀ ମୃତ୍ୟୁବରଣ କରନ୍ତି। ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ପାଏ । ବାଛୁରୀଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗ ଗୋଡ଼ର ଉପର ବା କାନ୍ଧ ଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବ୍ ଶ୍ରୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଷୀ ସ୍ଥାନରେ ଗ୍ୟାସ୍ ଥବା ଯୋଗୁ ଆଙ୍ଗୁଳିରେ ଚିପିଲେ ‘କଡ଼କଡ଼’ ଶବ୍ଦ ହୁଏ। ପଛଗୋଡ଼ ଛୋଟାଏ। ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରୀ ଛିଡ଼ାହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି। ବାଛୁରୀ ଥରିବା ସହ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନ ଘନ ସଙ୍କୋଚନ ପ୍ରସାରଣ ଘଟିଥାଏ। ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣା ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ। ମାଂସପେଶୀର ମଝି ଅଂଶ ଶୁଷ୍କ ଲାଲ ଓ ମୃତ ଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସ୍‌ର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

**ଚିହ୍ନଟ ପ୍ରଣାଳୀ :** ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତ ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଆଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବ୍‌ଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି । ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ୍‌ରେ ସ୍ମିଅର ନେଇ ଗ୍ରାମ୍‌ଷ୍ଟେନ୍ କଲାପରେ ଅଣୁବୀକ୍ଷଣଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନଟ କରାଯାଏ।

**ଚିକିତ୍ସା ବ୍ୟବସ୍ଥା :** ରୋଗ ଆରମ୍ଭ ହେଲା ମାତ୍ରେ ଚିକିତ୍ସାକଲେ ତାହା ଫଳପ୍ରଦ ହୋଇଥାଏ । ବିଭିନ୍ନ ଆଣ୍ଟିବାୟୋଟିକ୍ସ ଯଥା – ପେନସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍, କ୍ଲାଇଣ୍ଡୋମାଇସିନ୍, କ୍ଲୋରୋଫେନିକଲ୍ ଇଞ୍ଜେକସନ ଆବଶ୍ୟକସ୍ଥଳେ ୨ଗୁଣ ହିସାବରେ ୫ଦିନ ପର୍ଯ୍ୟନ୍ତ ଅତିକମ୍‌ରେ ଦେବାକୁ ପଡ଼େ। ଗାଈ ବା ଛଡ଼ାମାନଙ୍କୁ ପ୍ରଜନନ କ୍ଷମ କରି ଗର୍ଭବତୀ କରାଯାଇପାରିବ। ସେହି ଅବସ୍ଥାରେ ଗାଈ ବା ଛଡ଼ାମାନଙ୍କୁ ପ୍ରଜନନକ୍ଷମ କରି ଗର୍ଭବତୀ କରାଯାଇପାରିବ। ଏହି ଇଞ୍ଜେକସନ ମଧ୍ୟ ଫୁଲା ଅଂଶରେ ଦିଆଯାଇଥାଏ। ଅନ୍ୟାନ୍ୟ ଇଞ୍ଜେକସନ ଯଥା ଆଭିଲ୍, ଷ୍ଟିରଏଡ୍ ଏବଂ ଆବଶ୍ୟକ ସ୍ଥଳେ ଡେକ୍ସଟ୍ରୋଜ୍ ସାଲାଇନ ମଧ୍ୟ ଦିଆଯିବା ଦରକାର । ଫୁଲା ପଡ଼ିଥିବା ମାଂସପେଶୀରେ ଘା’ ସୃଷ୍ଟି ହେଲେ ଏହି ସ୍ଥାନରୁ ସମସ୍ତ ଗ୍ୟାସ୍ ଓ ପାଣି ଅଂଶ ଭଲଭାବେ ବାହାରକରିବା ସହ ସଫାକରି ପ୍ରତିଦିନ ଆଣ୍ଟିବାୟୋଟିକ୍ସ ଔଷଧ ସାହାଯ୍ୟରେ ଡ୍ରେସିଂ କରାଯିବା ଉଚିତ। (କ୍ରମଶଃ..)

ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ
(ପ୍ରାଣୀ ସମ୍ପଦ ବିଭାଗ)
ମହାନଦୀ ବିହାର, କଟକ
ମୋ : ୯୪୩୭୬୦୭୩୧୨

## ବର୍ଷାଦିନିଆ ପନିପରିବା ଚାଷ



**ଉ**ଚ୍ଚା ନିଗିଡ଼ା ଜମିରେ ସଅଳ କିସମ କୋବି ଲଗାନ୍ତୁ । ଲଙ୍କାମରିଚ ଓ ବାଇଗଣ ଫସଲରୁ ଘାସ ବାଛି ହୁଡ଼ା ଦିଅନ୍ତୁ । ଜହ୍ନି, କଖାରୁ, କଲରା, ଛଚିନ୍ଦ୍ରା, କାକୁଡ଼ି, ଭେଣ୍ଡି, ବରଗୁଡ଼ି ଇତ୍ୟାଦି ଫସଲକୁ କୋଡ଼ାଖୁସା କରି ସାର ଦିଅନ୍ତୁ । ପୋକ ଦମନ ପାଇଁ ଜୈବ କୀଟନାଶକ ଏବଂ ନିମ୍ବଜାତୀୟ କୀଟନାଶକ ଅନୁମୋଦିତ ହାରରେ ପ୍ରୟୋଗ କରନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ୧ ଲିଟର ପାଣିରେ) ଓ କାର୍ବେଣ୍ଡାଜିମ୍ (୧ ଗ୍ରାମ୍ ୧ ଲିଟର ପାଣିରେ) ଅଦଳବଦଳ କରି ୨/୩ଥର ସିଞ୍ଚନ କରନ୍ତୁ । ଝାଉଁଳାରୋଗ ପାଇଁ ପ୍ଲାଣ୍ଟୋମାଇସିନ୍ (୧ ମି.ଲି. ଲିଟର ପ୍ରତି) ସହ କପର ଅକ୍ସିକ୍ଲୋରାଇଡ୍ (୨ ଗ୍ରାମ୍/ଲିଟର ପିଛା) ମିଶାଇ ମୂଳମାଟିକୁ ଭିଜାଇ ଦିଅନ୍ତୁ । ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ଫୁଲକୋବି ଲଗାନ୍ତୁ। ପୁଷା ଅର୍ଲି ସିନ୍ଥେଟିକ୍, ପୁଷା ମାଘି, ପୁଷା ଦୀପାଳି ଓ ଅନ୍ୟାନ୍ୟ ସଙ୍କର କିସମ ଆଦି ଅତି ସଅଳ କିସମ ଫୁଲକୋବି ଚାଷ କରନ୍ତୁ। ଆଭ୍ୟନ୍ତରୀଣ ଜିଲାରେ ଅଦିନିଆ ସଙ୍କର କିସମ ଟମାଟୋ ଚାଷ କରନ୍ତୁ।

## ଫଳ ଚାଷ



**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜର ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ମୁଗ ଫସଲରେ ପୋକ ଦମନ



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କୁଇନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନବିଲ ହିଡ଼ରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ। ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ + କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ମାଛ ଯାଆଁଳ ଛାଡ଼ିବା ପୂର୍ବରୁ...

**ମା**ଛ ପୋଖରୀରେ ପଟୁମାଟି ମାଡ଼ିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ। ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡ଼ି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ ।



## ମଧ୍ୟମ କିସମ ଧାନଚାଷ

**ମ**ଧ୍ୟମ କିସମ ଧାନର ୫୦–୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦–୭୦ଦିନିଆ ଧାନ ତଳି ରୁଆଯାଇପାରିବ।

ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ ୧୩୦ ଦିନିଆ କିସମ ଯଥା–ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହକରି କାଦୁଆ ତଳିଘରାରେ ଧାନ ଗଜାକରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଖତ ଓ ଯବକ୍ଷାରଜାନ ସାର ଦିଅନ୍ତୁ।



# ଫାଇନାଲରେ ଭିନେଶ

ପ୍ୟାରିସ୍, ୬।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟର ଫାଇନାଲରେ ପହଞ୍ଚି ଇତିହାସ ରଚିଛନ୍ତି ଭିନେଶ ଫୋଗଟ। ଟୋକିଓ ବିଫଳତାକୁ ପଛରେ ପକାଇ ଭିନେଶ ସୋମବାର ଲଢୁଆ ପ୍ରଦର୍ଶନ କରିଥିଲେ। ପ୍ରଥମ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ ତଥା ବିଶ୍ୱ ଚାମ୍ପିୟନ ଜାପାନର ୟୁଇ ସୁସାକିଙ୍କୁ ହରାଇଥିଲେ ଭିନେଶ। ପରବର୍ତ୍ତୀ ମ୍ୟାଚରେ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ୟୁକ୍ରେନ୍‌ର ଓକସାନା ଲିଭାଚ୍‌ଙ୍କୁ ହରାଇଥିଲେ ଭିନେଶ। ସେମି ଫାଇନାଲରେ କ୍ୟୁବାର ୟୁସନେୟୁସ ଗଜମାନଙ୍କୁ ୫-୦ରେ ଏକପାଖିଆ ଭାବରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଗଜମାନ ପ୍ରଥମ ୩ ମିନିଟରେ ଆକ୍ରମଣାତ୍ମକ ଖେଳିଥିବା ବେଳେ ଭିନେଶ ଡିଫେଣ୍ଡ କରିଥିଲେ। ତେବେ ଦ୍ୱିତୀୟ ସେଟରେ ଭିନେଶ କାଉଣ୍ଟର ଆଟାକ୍ କରିବା ସହ ୪ ପଏଣ୍ଟ ଅର୍ଜନ କରିଥିଲେ । ଫଳରେ ଚଳିତ ଅଲିମ୍ପିକ୍ସରେ ଭାରତ ଆଉ ଏକ ପଦକ ପକ୍କା କରିଛି।

ପ୍ରଥମ ମ୍ୟାଚ୍‌ରେ ଅଲିମ୍ପିକ୍ସର ଡିଫେଣ୍ଡିଂ ଚାମ୍ପିୟନ ତଥା ୪ ଥର ବିଶ୍ୱ ଚାମ୍ପିୟନ ଜାପାନର ୟୁଇ ସୁସାକିଙ୍କୁ ହରାଇଥିଲେ ଭିନେଶ। ୫ ମିନିଟ ୫୫ ସେକେଣ୍ଡ ପର୍ଯ୍ୟନ୍ତ ଭିନେଶ ୦-୨ରେ ପଛୁଆ ରହିଥିଲେ। ମ୍ୟାଚ୍ ଶେଷ ହେବାକୁ ୫ ସେକେଣ୍ଡ ବାକି ଥିବା ବେଳେ ଏକ ଚମତ୍କାର ମୁଭ୍ ଜରିଆରେ ସୁସାକିଙ୍କୁ ଚକ୍‌ମା ଦେଇଥିଲେ ଭିନେଶ। ୩ ପଏଣ୍ଟ ଅର୍ଜନ କରିବା ସହିତ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

ପରବର୍ତ୍ତୀ ମ୍ୟାଚ୍‌ରେ ୟୁରୋ ଚାମ୍ପିୟନ ତଥା ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଓକସାନା ଲିଭାଚ୍‌ଙ୍କୁ ୭-୫ ପଏଣ୍ଟରେ ହରାଇଥିଲେ ଭିନେଶ।



ପ୍ୟାରିସ ଅଲିମ୍ପିକ୍ସର ୫୦ କେଜି ମହିଳା ଫ୍ରିଷ୍ଟାଇଲ କୁସ୍ତି କ୍ୱାର୍ଟର ଫାଇନାଲରେ ଭାରତର ଭିନେଶ ଫୋଗଟ (ଉପର) ଓ ୟୁକ୍ରେନର ଓକ୍ସାନା ଲିଭାଚ୍‌ଙ୍କ ମଧ୍ୟରେ ଲଢ଼େଇ।

## ଟୋକିଓ ପାଇଁ ମିଳିଥିଲା ନିଲମ୍ବନ

ନୂଆଦିଲ୍ଲୀ, ୬।୮ (ପି.ଟି.)

ଭିନେଶ ଫୋଗଟ ପ୍ୟାରିସ୍ ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି। ତେବେ ଟୋକିଓ ଅଲିମ୍ପିକ୍ସରେ ଭାରତର ଅନ୍ୟତମ ପଦକ ଆଶା ରହିଥିବା ଭିନେଶ ଫୋଗଟ କ୍ୱାର୍ଟର ଫାଇନାଲ ବାଧା ପାର କରି ପାରି ନ ଥିଲେ। ଏହା ସହ ଟୋକିଓରୁ ଫେରିବା ପରେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ) ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଟୋକିଓ ଗେମ୍ସ ଭିଲେଜରେ ଭାରତୀୟ ଆଥଲେଟଙ୍କ ସହିତ ଅଭ୍ୟାସ କରିବାକୁ ମନା କରିଥିବା ବେଳେ ଭାରତୀୟ କିଟ୍ ମଧ୍ୟ ବ୍ୟବହାର କରି ନ ଥିଲେ। ଏହାକୁ ନେଇ ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। କ୍ଷମା ପ୍ରାର୍ଥନା ପରେ ଏହି ନିଲମ୍ବନ ହଟାଯାଇଥିଲା। ତେବେ ପ୍ୟାରିସ୍‌ରେ ଇତିହାସ ରଚିବା ସହ ଏହି ବିଫଳତାକୁ ପଛରେ ପକାଇଛନ୍ତି ଭିନେଶ।

# ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସରେ ଦୁଇ ଖେଳାଳି


ବ୍ରାଜିଲର ବ୍ରୁନା ଆଲେଜାଣ୍ଡ୍ରେ ଓ ଅଷ୍ଟ୍ରେଲିଆର ମେଲିସା ଟାପର।

ପ୍ୟାରିସ, ୬।୮ (ଏପି)

ଦୁଇ ଜଣ ମହିଳା ଟେବୁଲ ଟେନିସ ଖେଳାଳି ପ୍ୟାରିସ ଗେମ୍ସରେ ପୂରା ଅଭିଜ୍ଞତା ଲାଭ କରିବେ। ସେମାନେ ହେଲେ ବ୍ରାଜିଲର ବ୍ରୁନା ଆଲେଜାଣ୍ଡ୍ରେ ଓ ଅଷ୍ଟ୍ରେଲିଆର ମେଲିସା ଟାପର। ଦୁହେଁ ଅଲିମ୍ପିକ୍ସରେ ଭାଗ ନେଉଛନ୍ତି। ପରେ ସେମାନେ ପାରାଲିମ୍ପିକ୍ସରେ ଅଂଶଗ୍ରହଣ କରିବେ। ଦୁଇଟି ଗ୍ରୀଷ୍ମ କ୍ରୀଡ଼ାରେ ଭାଗ ନେବାର ସୌଭାଗ୍ୟ ସ୍ୱଳ୍ପ କେତେଜଣଙ୍କ ଭାଗ୍ୟରେ ଜୁଟିଥାଏ। ପୂର୍ବରୁ ସୌଭାଗ୍ୟ ଲାଭ କରିଥିବା ଆଥଲେଟ ମାନଙ୍କ ମଧ୍ୟରେ ରହିଛନ୍ତି ଦକ୍ଷିଣ ଆଫ୍ରିକାର ଡବଲ-ଆମ୍ପୁଟି ସ୍ପ୍ରିଣ୍ଟର ଓସ୍କାର ପିଷ୍ଟୋରିଅସ। ସେ ନିଜ ପ୍ରେମିକାଙ୍କୁ ହତ୍ୟା ଅଭିଯୋଗରେ ୯ବର୍ଷ ଜେଲ ଗଲା ପରେ ଜାନ୍ୱାରୀରେ ଖଲାସ ହୋଇଛନ୍ତି। ୨୦୧୨ରେ ଲଣ୍ଡନରେ ସେ ଉଭୟ ଇଭେଣ୍ଟରେ ଭାଗ ନେଇଥିଲେ। ୨୯ ବର୍ଷୀୟା ଆଲେଜାଣ୍ଡ୍ରେଙ୍କର ଜନ୍ମ ହେବାର କିଛି ମାସ ମଧ୍ୟରେ ରକ୍ତ ଜମାଟ ଘଟିବାରୁ ତାଙ୍କ ଡାହାଣ ହାତ କଟାଯାଇଥିଲା। ସେହିପରି ୩୪ ବର୍ଷୀୟା ଟାପରଙ୍କର ଜନ୍ମ ବେଳେ ପକ୍ଷାଘାତ ପାଇଁ ଡାହାଣ ହାତ ହରାଇବାକୁ ହୋଇଥିଲା। ଏକ ସଙ୍ଗରେ ଡବଲ୍ସ ଅଲିମ୍ପିକ୍ସରେ ଭାଗ ନେବା ଟାପରଙ୍କ ପାଇଁ ନୂଆ ନୁହେଁ। ପୂର୍ବରୁ ସେ ୨୦୧୬ରେ ରିଓ ଡି ଜେନିରୋ ଏବଂ ୩ ବର୍ଷ ପୂର୍ବେ ଟୋକିଓରେ ଅଂଶଗ୍ରହଣ କରିଥିଲେ। ପ୍ୟାରିସରେ ସେ କିନ୍ତୁ ୪ର୍ଥ ସିଡ୍ ତଥା ଦକ୍ଷିଣ କୋରିଆର ଶିନ୍ ୟୁ-ବିନ୍‌ଙ୍କ ବିପକ୍ଷ ତାଙ୍କ ପ୍ରଥମ ରାଉଣ୍ଡ ମ୍ୟାଚ ହାରିଯାଇଛନ୍ତି। ଟାପର ହେଉଛନ୍ତି ବିଶ୍ୱର ୨୪୮ ର୍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି। ପ୍ୟାରିସରେ ସେ ୬୩ତମ ସିଡ୍ ଖେଳାଳି।

# ଗ୍ରୀକ୍ ଆଥ୍‌ଲେଟ ଡୋପ୍ ଟେଷ୍ଟରେ ପଜିଟିଭ

ଏଥେନ୍ସ, ୬।୮ (ଏପି)

ପ୍ୟାରିସ ଗେମ୍ସରେ ଜଣେ ଗ୍ରୀକ୍ ଆଥଲେଟ୍ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ତାଙ୍କୁ ଆଥଲେଟ ଭିଲେଜ ଛାଡ଼ିବାକୁ କୁହାଯାଇଛି। ଗ୍ରୀସ୍ ଅଲିମ୍ପିକ କମିଟି ଏକ ବିବୃତିରେ ପ୍ରକାଶ କରିଛି, ଗ୍ରୀସ୍‌ର ଆଣ୍ଟି-ଡୋପିଙ୍ଗ ଏଜେନ୍ସି ଦ୍ୱାରା ଡୋପ୍ ଟେଷ୍ଟ ହୋଇଥିଲା। ଫଳାଫଳ ପଜିଟିଭ ଆସିବାରୁ ଆଥଲେଟ ଜଣକ ତୁରନ୍ତ ସାମୟିକ ସସ୍‌ପେଣ୍ଡ ହେବା ସ୍ୱାଭାବିକ ବୋଲି ହେଲେନିକ ଅଲିମ୍ପିକ କମିଟି (ଏଚ୍‌ଓସି) କହିଛି। ଏଚ୍‌ଓସି ଆଥଲେଟଙ୍କ ପରିଚୟ କିମ୍ବା ସେ କେଉଁ ଖେଳରେ ଭାଗ ନେବାକୁ ଆସିଥିଲେ ତାହା ମଧ୍ୟ ଏପର୍ଯ୍ୟନ୍ତ ଜାଣିପାରି ନାହିଁ।


ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋ ଅବସରରେ ଓଡ଼ିଶାର କିଶୋର ଜେନା।

## ଭାରତର କାର୍ଯ୍ୟସୂଚୀ (ବୁଧବାର)

**ଆଥଲେଟିକ୍ସ:**
ମାରାଥନ୍ ରେସ୍ ୱାକ୍ ମିକ୍ସଡ ଟିମ୍
ସୁରଜ ପନୱର/ପ୍ରିୟଙ୍କା ଗୋସ୍ୱାମୀ(ସମୟ: ଦିନ ୧୧.୦୦)
ପୁରୁଷ ହାଇଜମ୍ପ
ସର୍ବେଶ ଅନୀଲ କୁଶାରେ (ସମୟ: ଅପରାହ୍ନ ୧.୩୫)
ମହିଳା ୧୦୦ ମିଟର ହର୍ଡଲ୍ସ
ଜ୍ୟୋତି ୟାରାଜୀ(ଅପରାହ୍ନ ୧.୪୫)
ଟ୍ରିପଲ ଜମ୍ପ ପୁରୁଷ
ଅବଦୁଲ୍ଲା ଆବୁବକର, ପ୍ରବୀଣ ଚିତ୍ରଭେଲ (ସମୟ ରାତି ୧୦.୪୫)

**ଗଲ୍ଫ :**ମହିଳା ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ
ଅଦିତି ଅଶୋକ, ଦୀକ୍ଷା ଡାଗର (ଅପରାହ୍ନ ୧୨.୩୦)।

**ଭାରୋତ୍ତୋଳନ :**ମହିଳା ୪୯ କିଗ୍ରା
ମୀରାବାଇ ସାଇଖୋମ ଚାନୁ(ରାତି ୧୧.୦୦)

**ଟେବୁଲ ଟେନିସ:** ମହିଳା ଦଳଗତ କ୍ୱାର୍ଟର ଫାଇନାଲ
ଭାରତ ବନାମ ଜର୍ମାନୀ (ସମୟ ଅପରାହ୍ନ ୧.୩୦)।

# 'ବ୍ୟବସ୍ଥା ଆଗରେ ହାରି ଯାଇଥିଲେ ଭିନେଶ'

ପ୍ୟାରିସ୍, ୬।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ର ୫୦ କିଗ୍ରା ମହିଳା କୁସ୍ତି ଇଭେଣ୍ଟର ସେମି ଫାଇନାଲରେ ପହଞ୍ଚିବା ପରେ ଭିନେଶ ଫୋଗଟଙ୍କୁ ନେଇ ଟୁଇଟ୍ କରିଛନ୍ତି ବଜରଙ୍ଗ ପୁନିଆ। ୨୯ ବର୍ଷୀୟ ଭିନେଶ ବିଶ୍ୱରେ ନିଜ ବିଜୟର ଧ୍ୱଜା ଉଡାଇଛନ୍ତି ସତ ମାତ୍ର ଦେଶର ବ୍ୟବସ୍ଥା ତାଙ୍କୁ ହରାଇ ଦେଇଛି ବୋଲି ବଜରଙ୍ଗ ଏକ୍ସରେ ଲେଖିଛନ୍ତି। କ୍ରମାଗତ ମ୍ୟାଚ୍ ଜିତି ସେମି ଫାଇନାଲରେ ପ୍ରବେଶ କରିବା ପରେ ଭାରତର ଗର୍ବ ଭିନେଶଙ୍କ ଉଦ୍ଦେଶ୍ୟରେ ଟୁଇଟ୍ କରିଥିଲେ ବଜରଙ୍ଗ। ୪ ଥର ବିଶ୍ୱ ଚାମ୍ପିୟନ ତଥା ବର୍ତ୍ତମାନର ଅଲିମ୍ପିକ୍ସ ଚାମ୍ପିୟନ ୟୁଇ ସୁସାକି ଓ ୟୁକ୍ରେନ୍‌ର ଓକସାନା ଲିଭାଚ୍‌ଙ୍କୁ ହରାଇ ସେମିରେ ପ୍ରବେଶ କରିଥିଲେ ଭିନେଶ।


ବଜରଙ୍ଗ ପୁନିଆ

ସିଂହୀ ପରି ଲଢେଇ କରିଥିବା ଭିନେଶ ପ୍ୟାରିସ୍ ବକ୍ଷରେ ବିଜୟର କାହାଣୀ ଲେଖିଛନ୍ତି। ମାତ୍ର ଏହି ଝିଅକୁ କିଛି ମାସ ତଳେ ନିଜ ଦେଶରେ ମାଡ ମରାଯାଇ ଅପମାନିତ କରାଯାଇଥିଲା। ରାଜରାସ୍ତାରେ ଘୋଷାଡି ଘୋଷାଡି ନିଆଯାଇଥିଲା। ସମଗ୍ର ବିଶ୍ୱ ବିପକ୍ଷରେ ବିଜୟ ହାସଲ କରୁଥିବା ଏହି ଝିଅଟି ନିଜ ଦେଶର ବ୍ୟବସ୍ଥା ଆଗରେ ହାରି ଯାଇଛି। ଉଲ୍ଲେଖଯୋଗ୍ୟ ଯେ ଭାରତୀୟ ରେସ୍‌ଲିଂ ମହାସଂଘ(ଡବ୍ଲ୍ୟୁଏଫ୍‌ଆଇ)ର ପୂର୍ବତନ ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିପକ୍ଷରେ ଯୌନଶୋଷଣ ଅଭିଯୋଗ ଆଣି ଭିନେଶ ଫୋଗଟ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ।

# ନୀରଜଙ୍କ ପାଇଁ ବଡ଼ ସୁଯୋଗ

ପ୍ୟାରିସ, ୬।୮

ପ୍ୟାରିସ ଅଲିମ୍ପିକ୍ସର ମଙ୍ଗଳବାର ଅନୁଷ୍ଠିତ ପୁରୁଷ ଜାଭେଲିନ୍ ଥ୍ରୋରେ ଏକାଥରକେ ୮୯.୩୪ ମିଟର କ୍ଲିୟର କରି ଭାରତର ନୀରଜ ଚୋପ୍ରା ଟାଇଟଲ ବଜାୟ ରଖିବା ସମ୍ଭାବନା ସୃଷ୍ଟି କରିଛନ୍ତି। ଟୋକିଓ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨ଟି ଗ୍ରୁପ୍‌ରେ ମୋଟ ୩୨ ଆଥଲେଟ୍ ଜାଭେଲିନ୍ ଥ୍ରୋ କରିଥିଲେ ହେଁ କେହି ନୀରଜଙ୍କ ସମକକ୍ଷ ପ୍ରଦର୍ଶନ କରିପାରି ନ ଥିଲେ। ୨ ଥର ବିଶ୍ୱ ଚାମ୍ପିୟନ ଗ୍ରେନେଡାର ପିଟର୍ସ ଆଣ୍ଡରସନ ୮୮.୬୩ ମିଟର ଥ୍ରୋ କରି ଓଭରଅଲ୍ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଲିମ୍ପିକ୍ସ ଇତିହାସରେ କେବଳ ୪ ଜଣ ଥ୍ରୋୟର ଟାଇଟଲ ବଜାୟ ରଖିବାରେ ସକ୍ଷମ ହୋଇଛନ୍ତି। ସେମାନେ ହେଲେ ସ୍ୱିଡେନର ଏରିକ ଲେମିଙ୍ଗ୍ (୧୯୦୮ ଓ ୧୦୧୨), ଫିନ୍‌ଲାଣ୍ଡର ଜୋନି ମାୟରା (୧୯୨୦ ଓ ୧୯୨୪), ନୀରଜଙ୍କ ଆଦର୍ଶ ଚେକ୍ ରିପବ୍ଲିକର ଜାନ୍ ଜେଲେଜ୍ନି (୧୯୯୨, ୧୯୯୬ ଓ ୨୦୦୦) ଏବଂ ନରୱେର ଆନ୍ଦ୍ରିଆସ ଟୋର୍କିଲ୍ଡସେନ (୨୦୦୪ ଓ ୨୦୦୮)।


ନୀରଜ ଚୋପ୍ରା

ନୀରଜ ଯଦି ସ୍ୱର୍ଣ୍ଣ କିମ୍ବା ଯେ କୌଣସି ପଦକ ଜିତନ୍ତି ତେବେ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ଏକାଧିକ ପଦକ ଜିତିବାରେ ଭାରତର ସବୁଠାରୁ ସଫଳ ଆଥଲେଟ୍ ବିବେଚିତ ହେବେ। ଭାରତ ସ୍ୱାଧୀନ ହେବାପରେ କେବଳ ପି.ଭି. ସିନ୍ଧୁ (ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ), ରେସଲର ସୁଶୀଲ କୁମାର (ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ) ଓ ଶୁଟର ମନୁ ଭାକର (୨ଟି ବ୍ରୋଞ୍ଜ) ଅଲିମ୍ପିକ୍ସରେ ୨ଟି ଲେଖାଏ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ପ୍ୟାରିସରେ ଜାଭେଲିନ୍ ଥ୍ରୋ କରିବାକୁ ଆସିବାର ଅଳ୍ପ କିଛି ମିନିଟ ମଧ୍ୟରେ ସେ ସବୁକିଛି ଜୟ କରିଗଲେ। ଟୋକିଓରେ ମଧ୍ୟ ସେ ଏହି କରାମତି ଦେଖାଇଥିଲେ। ୨୦୨୧ ଅଗଷ୍ଟ ୪ରେ ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରେ ସେ ଏକାଥରକେ ୮୬.୬୫ ମିଟର ଥ୍ରୋ କରି ଫାଇନାଲରେ ପ୍ରବେଶ କରିଥିଲେ। ୩ ବର୍ଷ ଓ ୨ ଦିନ ପରେ ହରିୟାଣାର ପାନିପଥ ନିକଟସ୍ଥ ଖଣ୍ଡ୍ରା ଗ୍ରାମର ଏହି ଆଥଲେଟ୍ ସମାନ ପ୍ରଦର୍ଶନ କରି ବୃହତ୍ ଥ୍ରୋ ମାଧ୍ୟମରେ ଏଥର ଫାଇନାଲରେ ପହଞ୍ଚିଗଲେ। ଯୋଗ୍ୟତା ପର୍ଯ୍ୟାୟରେ ସେ ୮୯.୩୪ ମିଟର ଥ୍ରୋ କରିଥିବାରୁ ଫାଇନାଲରେ ୯୦ ମିଟର ମାର୍କ ସ୍ପର୍ଶ କରିପାରିବେ ବୋଲି କୋଟିକୋଟି ଭାରତୀୟ ପ୍ରଶଂସକଙ୍କ ମନରେ ଆଶା ଜାତ ହୋଇଛି।

## ସେନ୍ ନଦୀରେ ଅଲିମ୍ପିକ ମାରାଥନ ସୁଇମ୍ ଟେଷ୍ଟ ବାତିଲ

ପ୍ୟାରିସ, ୬।୮ (ଏପି)

ପାଣିର କ୍ୱାଲିଟି ଭଲ ନ ଥିବାରୁ ମଙ୍ଗଳବାର ସେନ୍ ନଦୀରେ ହେବାକୁଥିବା ଅଲିମ୍ପିକ ମାରାଥନ ସୁଇମ୍ ଟେଷ୍ଟକୁ ବାତିଲ କରିଦିଆଯାଇଛି। ଫ୍ରେଞ୍ଚ ରାଜଧାନୀ ମଧ୍ୟଭାଗ ଦେଇ ପ୍ରବାହିତ ହୋଇଥିବା ସେନ୍ ନଦୀରେ ମିକ୍ସଡ ରିଲେ ଇଭେଣ୍ଟ ହେବାର ଦିନକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ମାରାଥନ କୋର୍ସ ତୁଳନାରେ ଟ୍ରାଇଥଲନ କୋର୍ସ ଯଥେଷ୍ଟ ଛୋଟ। ମାରାଥନ ସୁଇମ ଗୁରୁବାର ଓ ଶୁକ୍ରବାର ହେବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଏଥିରେ ଭାଗ ନେଉଥିବା ସନ୍ତରଣକାରୀମାନେ ଯେପରି ମାରାଥନ କୋର୍ସ ସହିତ ଅଭ୍ୟସ୍ତ ହୋଇପାରିବେ ସେଥିଲାଗି ସୁଇମ ଟେଷ୍ଟର ଆୟୋଜନ କରାଯାଇଥିଲା। ୱାର୍ଲ୍ଡ ଟ୍ରାଇଥଲନ ତରଫରୁ ମଙ୍ଗଳବାର ରିଲିଜ କରାଯାଇଥିବା ଡାଟାରେ ନଦୀର ବ୍ୟାକ୍ଟିଆ ସ୍ତର 'ଇ' ଦର୍ଶାଯାଇଥିଲା।


# ବିଦାୟ ନେଲା ପୁରୁଷ ଟି.ଟି. ଦଳ

ପ୍ୟାରିସ୍, ୬।୮ (ପି.ଟି.)

ଚାଇନା ନିକଟରୁ ୦-୩ରେ ହାରିବା ସହିତ ଭାରତୀୟ ପୁରୁଷ ଟେବୁଲ ଟେନିସ୍ ଦଳ ଅଲିମ୍ପିକ୍ସରୁ ବିଦାୟ ନେଇଛି। ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭେଟେରାନ ଶରଥ କମଲ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଶକ୍ତିଶାଳୀ ଚାଇନାର ମୁକାବିଲା କରି ପାରି ନ ଥିଲା ଭାରତ। ଭାରତୀୟ ଡବଲ୍ସ ଯୋଡି ହରମିତ୍ ଦେଶାଇ ଓ ମାନବ ଠକ୍କରଙ୍କ ଯୋଡି ୨-୧୧, ୩-୧୧ ଓ ୭-୧୧ରେ ଚାଇନାର ମା ଲଙ୍ଗ ଓ ଚୁକିନ୍ ୱାଙ୍ଗଙ୍କ ନିକଟରୁ ପରାଜିତ ହୋଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ଭେଟେରାନ୍ ଶରଥ କମଲ ଖେଳିବାକୁ ଓହ୍ଲାଇଥିଲେ। ପ୍ରଥମ ସେଟ୍ ୧୧-୯ରେ ଜିତିଥିଲେ ମଧ୍ୟ ଫାନ୍ ଝେନଡଙ୍ଗ ପରବର୍ତ୍ତୀ ୩ ସେଟକୁ ୧୧-୭, ୧୧-୭ ଓ ୧୧-୫ରେ ଜିତିନେଇଥିଲେ। ଭାରତ ୦-୨ରେ ପଛୁଆ ଥିବା ବେଳେ ୨୪ ବର୍ଷୀୟ ମାନବ ଠକ୍କର ଦ୍ୱିତୀୟ ସିଙ୍ଗଲ୍ସ ଖେଳିଥିଲେ। ଚୁକିନ୍ ୱାଙ୍ଗଙ୍କ ବିପକ୍ଷ ମ୍ୟାଚ୍‌କୁ ସେ ୯-୧୧, ୬-୧୧ ଓ ୯-୧୧ରେ ହାରିବା ସହିତ ଭାରତୀୟ ପୁରୁଷ ଦଳ ବିଦାୟ ନେଇଥିଲା। ଅନ୍ୟପକ୍ଷରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ମହିଳା ଟି.ଟି. ଦଳ ବୁଧବାର ଜର୍ମାନୀକୁ ଭେଟିବ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years





କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଥିବା ଜାତୀୟ ଜୁନିୟର ସନ୍ତରଣର ଏକ ଇଭେଣ୍ଟ ଅବସରରେ ପ୍ରତିଯୋଗୀମାନେ।

# ଜାତୀୟ ଜୁନିୟର ସନ୍ତରଣ ଉଦ୍‌ଘାଟିତ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମସ୍ଥିତ ଇନଡୋର୍ ଜଳକ୍ରୀଡା କେନ୍ଦ୍ରରେ ୪୦ତମ ସବ-ଜୁନିୟର ଏବଂ ୫୦ତମ ଜୁନିୟର ସନ୍ତରଣ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଭାରତୀୟ ସନ୍ତରଣ ମହାସଂଘ, ଓଡ଼ିଶା ରାଜ୍ୟ ସନ୍ତରଣ ସଂଘ ଏବଂ ରାଜ୍ୟ କ୍ରୀଡା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ପ୍ରତିଯୋଗିତାରେ ୧୦୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି। ଓଡିଶାରୁ ବାଳିକା ବର୍ଗରେ ୧୮ ଓ ବାଳକ ବର୍ଗରେ ୨୧ ଜଣ ଏହିପରି ମୋଟ ୩୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ସେ ସମସ୍ତ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବା ସହିତ କ୍ରୀଡାକ୍ଷେତ୍ରର ବିକାଶ ଏବଂ କ୍ରୀଡ଼ାବିତ୍‌ମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ଯୋଗାଇ ଦେବାକୁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାରେ ଜାତୀୟ ସନ୍ତରଣ ପ୍ରତିଯୋଗିତା ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିବା ସହ ପ୍ରତିଯୋଗିତାରେ ଭାଗ ନେଇଥିବା ସମସ୍ତ ପ୍ରତିଭାଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଭାରତୀୟ ସନ୍ତରଣ ମହାସଂଘର ମହାସଚିବ ମୋନାଲ ଚୋକ୍ସି ପ୍ରତିଯୋଗୀଙ୍କୁ ସ୍ୱାଗତ ଜଣାଇବା ସହ କହିଥିଲେ ଯେ, "ଯୁବ ପ୍ରତିଭାଗୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ତଥା ସେମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜାତୀୟ ସନ୍ତରଣ ପ୍ରତିଯୋଗିତାର ଆୟୋଜନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅତ୍ୟାଧୁନିକ ଭିତ୍ତିଭୂମିରେ ନିର୍ମିତ କଳିଙ୍ଗ ଷ୍ଟାଡିୟମ୍‌ର ଜଳକ୍ରୀଡା କେନ୍ଦ୍ର ପ୍ରତିଯୋଗୀମାନଙ୍କୁ ନିଜର ସର୍ବୋତ୍ତମ ପ୍ରଦର୍ଶନ କରିବା ପାଇଁ ଏକ ଉତ୍ତମ ପରିବେଶ ଯୋଗାଇ ଦେଉଛି। ଭାରତୀୟ ସନ୍ତରଣ ମହାସଂଘକୁ ନିରନ୍ତର ସମର୍ଥନ ଏବଂ ସନ୍ତରଣକୁ ଏକ ପ୍ରମୁଖ କ୍ରୀଡା ରୂପେ ପ୍ରୋତ୍ସାହିତ କରୁଥିବାରୁ ମୁଁ ଓଡ଼ିଶା ସରକାରଙ୍କୁ ଧନ୍ୟବାଦ ଜଣାଉଛି"। କ୍ରୀଡା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଓଡ଼ିଶା ରାଜ୍ୟ ସନ୍ତରଣ ସଂଘର ସଭାପତି ପ୍ରଦୀପ ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଅତିଥି ଏବଂ ପ୍ରତିଯୋଗୀମାନଙ୍କୁ ସାଧୁବାଦ ଜଣାଇବା ସହ ଜାତୀୟ ସନ୍ତରଣ ପ୍ରତିଯୋଗିତା ସୁଚାରୁ ରୂପେ ସମ୍ପାଦନ ହେବ ବୋଲି ମତପ୍ରକାଶ କରିଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ପ୍ରତିଯୋଗୀମାନେ ନିଜ ନିଜ ରାଜ୍ୟର ପ୍ଲାକାର୍ଡ ଧରି ଫ୍ଲାଗମାର୍ଚ୍ଚ କରିଥିଲେ। ଏଥର ତୃତୀୟ ଥର ପାଇଁ ଓଡ଼ିଶାରେ ଜାତୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ପ୍ରତିଯୋଗିତାରେ ଫ୍ରି ଷ୍ଟାଇଲ୍, ବ୍ୟାକ୍ ଷ୍ଟ୍ରୋକ୍, ବଟରଫ୍ଲାଏ ଆଦି ୭ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ।




ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# ସ୍ପିନରଙ୍କ ପ୍ରଭାବ ରହିବ

କଲମ୍ବୋ, ୬।୮ (ପି.ଟି.)

ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଏଠାରେ ବୁଧବାର ଖେଳାଯିବ। ଏହି ମ୍ୟାଚରେ ହାରିଲେ ଭାରତ ୨୭ ବର୍ଷ ପରେ ଶ୍ରୀଲଙ୍କାରେ ପ୍ରଥମ ଥର ଏକ ସିରିଜରେ ପରାଜିତ ହେବ। ଏହାକୁ ଏଡାଇବାକୁ ହେଲେ ଭାରତୀୟ ବ୍ୟାଟରମାନଙ୍କୁ ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ। ବିଶେଷ କରି ସ୍ପିନ ଚାଲେଞ୍ଜକୁ ମୁକାବିଲା କରିବା ଲାଗି ବିରାଟ କୋହଲିଙ୍କୁ କିଛି କମାଲ ଦେଖାଇବାକୁ ହେବ। ଭାରତୀୟ ଦଳର ମୁଖ୍ୟକୋଚ୍ ଭାବେ ଗୌତମ ଗମ୍ଭୀରଙ୍କ ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ଦିନିକିଆ ସିରିଜ। ସେ ବିଜୟ ସହ ତାଙ୍କ ନୂଆ ଇନିଂସ ଆରମ୍ଭ କରିବା ଲକ୍ଷ୍ୟରେ ଥିବେ। ଭାରତ ଶେଷ ଥର ୧୯୯୭ରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିପାକ୍ଷିକ ଅନ୍ତର୍ଜାତୀୟ ଦିନିକିଆ ସିରିଜ ହାରିଯାଇଥିଲା। ସେତେବେଳେ ଅର୍ଜୁନ ରଣତୁଙ୍ଗା ନେତୃତ୍ୱାଧୀନ ଶ୍ରୀଲଙ୍କାଠାରୁ ଭାରତ ୦-୩ରେ ସିରିଜ ହାରିଥିଲା। ଏହାପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ୧୧ଟି ହୋମ୍ ଓ ଆୱେ ଦ୍ୱିପାକ୍ଷିକ ସିରିଜରେ 'ମେନ୍ ଇନ୍ ବ୍ଲୁ' ବିଜୟ ଲାଭ କରିପାରିଛି। ଚଳିତ ସିରିଜରେ ପ୍ରଥମ ମ୍ୟାଚ ଟାଇ ଭାବେ ଶେଷ ହୋଇଥିବା ବେଳେ ଦ୍ୱିତୀୟଟିରେ ଶ୍ରୀଲଙ୍କା ୩୨ରନରେ ବିଜୟ ଲାଭ କରି ସିରିଜରେ ୧-୦ରେ ଆଗୁଆ ରହିଛି। ଆର.ପ୍ରେମଦାସା ଷ୍ଟାଡିୟମର ପିଚ୍‌ରେ ବଲ୍ ଭଲରୂପେ ଟର୍ନ କରେ। ସ୍ପିନରମାନେ ଏଥିରୁ ଫାଇଦା ଉଠାଇବେ ବୋଲି ଆଶା କରାଯାଉଛି। କୋହଲି ଦୁଇଟି ମ୍ୟାଚରେ ମାତ୍ର ୩୮ ରନ କରିପାରିଛନ୍ତି। ମାତ୍ର ତାଙ୍କ ଭଳି ବ୍ୟାଟର ଯେପରି ଭାବେ ଆଉଟ ହେଲେ ତାହା ଚିନ୍ତାଜନକ ବିଷୟ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୨ଟା ୩୦। ପ୍ରସାରଣ: ସୋନି ସ୍ପୋର୍ଟ୍ସ ଟେନ୍ ନେଟୱର୍କ**

# ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୨ | ୧୯ | ୧୪ | ୫୫ |
| ଆମେରିକା | ୨୧ | ୩୦ | ୨୮ | ୭୯ |
| ଅଷ୍ଟ୍ରେଲିଆ | ୧୪ | ୧୨ | ୮ | ୩୪ |
| ଫ୍ରାନ୍ସ | ୧୩ | ୧୬ | ୧୯ | ୪୮ |
| ବ୍ରିଟେନ | ୧୨ | ୧୩ | ୧୮ | ୪୩ |
| ଦ.କୋରିଆ | ୧୧ | ୮ | ୭ | ୨୬ |
| ଜାପାନ | ୧୦ | ୬ | ୧୧ | ୨୭ |
| ଇଟାଲୀ | ୯ | ୧୦ | ୬ | ୨୫ |
| ଜର୍ମାନୀ | ୮ | ୫ | ୪ | ୧୭ |
| ନେଦରଲାଣ୍ଡ୍ସ | ୭ | ୫ | ୬ | ୧୮ |
| କାନାଡା | ୫ | ୪ | ୮ | ୧୭ |
| ନ୍ୟୁଜିଲାଣ୍ଡ | ୩ | ୫ | ୧ | ୯ |
| ହଙ୍ଗେରି | ୩ | ୩ | ୨ | ୮ |
| ସ୍ୱିଡେନ | ୩ | ୩ | ୨ | ୮ |
| ରୋମାନିଆ | ୩ | ୩ | ୧ | ୭ |
| ଆୟର୍ଲାଣ୍ଡ | ୩ | ୦ | ୩ | ୬ |
| ବ୍ରାଜିଲ | ୨ | ୫ | ୬ | ୧୩ |
| ୟୁକ୍ରେନ | ୨ | ୨ | ୩ | ୭ |
| କ୍ରୋଏସିଆ | ୨ | ୧ | ୨ | ୫ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)

# ୬୨ ବର୍ଷରେ କିଲିମାଞ୍ଜାରୋ ଆରୋହଣ କଲେ ପର୍ଶୁରାମ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

ବୟସ ଏକ ସଂଖ୍ୟା ମାତ୍ର। ଏହାକୁ ପ୍ରମାଣିତ କରିଛନ୍ତି ଜଣେ ବରିଷ୍ଠ ନାଗରିକ ପର୍ଶୁରାମ ପଣ୍ଡା। ସେ ୬୨ ବର୍ଷରେ ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ ଆରୋହଣ କରି କୀର୍ତ୍ତି ସ୍ଥାପନ କରିଛନ୍ତି। ପର୍ଶୁରାମ ଦୀର୍ଘ ୩୫ ବର୍ଷ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବା ପରେ ବ୍ୟାଙ୍କ ଅଫ ଇଣ୍ଡିଆରେ ମହାପ୍ରବନ୍ଧକ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ମୁଖ୍ୟ ସତର୍କତା ଅଧିକାରୀ (ସିଭିଓ) ପଦବୀରୁ ୨୦୨୨ରେ ଅବସର ନେବା ପରେ ପର୍ବତାରୋହଣ, ସାଇକ୍ଲିଂ ଏବଂ ମାରାଥନ ଭଳି ଆଡଭେଞ୍ଚର୍ସ ସ୍ପୋର୍ଟ୍ସକୁ ହବି ହିସାବରେ ଆଦରି ନେଇ ଯୁବ ବର୍ଗଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ଗତ ଜୁଲାଇ ୧୧ରୁ ୯ ଜଣ ବିଶିଷ୍ଟ ଭାରତୀୟ ଦଳ ଆରୋହଣ ଅଭିଯାନ ଆରମ୍ଭ କରିଥିଲା। ଏଥିରେ ଏକ ମାତ୍ର ଓଡ଼ିଆ ଭାବରେ ପର୍ଶୁରାମ ସାମିଲ ଥିଲେ। ୧୬ ତାରିଖରେ ସେ କିଲିମାଞ୍ଜାରୋ ଶିଖରରେ ପହଞ୍ଚି ଧ୍ୱଜା ଉଡ଼ାଇଥିଲେ। ଉକ୍ତ ଦଳରେ ଅନ୍ୟ ୮ ଜଣ ଯୁବ ପର୍ବତାରୋହୀ ୨୬ରୁ ୩୮ ବର୍ଷର ଥିବାବେଳେ ପର୍ଶୁରାମ ଏକ ମାତ୍ର ବରିଷ୍ଠ ନାଗରିକ ଥିଲେ। ଏହାକୁ ତାଞ୍ଜାନିଆ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସଂସ୍ଥା 'ଜାଫ୍' ପରିଚାଳନା କରିଥିଲା। ଏହାପୂର୍ବରୁ ପର୍ଶୁରାମ ଗତବର୍ଷ ଏପ୍ରିଲରେ ଟିଏସଏଏଫ୍ ଦ୍ୱାରା ପ୍ରାୟୋଜିତ ଏଭରେଷ୍ଟ ବେଶ୍ କ୍ୟାମ୍ପ ଆରୋହଣରେ ସଫଳ ହୋଇଥିଲେ।




କିଲିମାଞ୍ଜାରୋ ଆରୋହଣ ପରେ ପର୍ଶୁରାମ ପଣ୍ଡା।



ଇକ୍ୱେଷ୍ଟ୍ରିଆନ ଜମ୍ପିଂ ଯୋଗ୍ୟତା ପର୍ଯ୍ୟାୟ ଅବସରରେ ନିଜ ଘୋଡ଼ା ଲେକ୍ସ ସହ ଆମେରିକାର ମ୍ୟାକଲେନ ୱାର୍ଡ।

# ଦ୍ୱିତୀୟ ଥର ପୋଡିୟମ ଲକ୍ଷ୍ୟରେ ଚାନୁ

ପ୍ୟାରିସ୍,୬।୮(ପି.ଟି.)

ଭାରତୀୟ ଭାରୋତ୍ତୋଳିକ ମୀରାବାଇ ସାଇଖୋମ ଚାନୁ ବୁଧବାର ଆକ୍ସନରେ ନଜର ଆସିବେ। ଟୋକିଓରେ ଭାରତର ପଦକ ଖାତା ଖୋଲିଥିବା ଚାନୁଙ୍କ ନିକଟରୁ ଆଉ ଏକ ପଦକ ଆଶା ରହିଛି। ବୁଧବାର ପଦକ ହାସଲ କଲେ ଚାନୁ ଦୁଇଟି ପଦକ ହାସଲ କରିଥିବା ଏଲିଟ୍ ଆଥଲେଟଙ୍କ ମଧ୍ୟରେ ସାମିଲ ହେବେ। ପୂର୍ବରୁ ସୁଶୀଲ କୁମାର, ପି.ଭି ସିନ୍ଧୁ ଓ ମନୁ ଭାକର ଏହି ସଫଳତା ହାସଲ କରି ସାରିଛନ୍ତି। ତେବେ ଟୋକିଓ ୨୦୨୦ ପରେ ଚାନୁ ନିୟମିତ ଭାବରେ ଆହତ ସମସ୍ୟାରେ ଜର୍ଜରିତ ଅଛନ୍ତି। ନିକଟରେ ଅକ୍ଟୋବର ମାସରେ ଚାନୁ ଆହତ ହୋଇଥିବା ବେଳେ ୫ ମାସ ଧରି ଖେଳରୁ ଦୂରରେ ରହିଥିଲେ। ଏସିଆନ୍ ଗେମ୍ସରେ ଚାନୁଙ୍କ ଟେଣ୍ଡନ ଛିଡି ଯାଇଥିଲା। ଟୋକିଓରେ ଚାନୁ ମୋଟ ୨୦୨ କେଜି ଭାରୋତ୍ତୋଳନ କରିଥିଲେ। ସ୍ନାଚ୍‌ରେ ସେ ୮୭ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୧୫ କେଜି ଭାରୋତ୍ତୋଳନ କରିଥିଲେ। ଆହତ ସମସ୍ୟା ଥିବା କାରଣରୁ ଚାନୁ ଓଜନ ଉଠାଇ ପାରିବେ କି ନାହିଁ ତାହାକୁ ନେଇ ଆଶଙ୍କା ରହିଛି। ତେବେ ଟୋକିଓରେ ୨୦୨ କେଜି ଭାରୋତ୍ତୋଳନ କରିଥିବା ଚାନୁ ଆଉ ୪ କେଜି ଓଜନ ବଢାଇବାକୁ ପ୍ରୟାସ କରିବେ ବୋଲି କୋଚ୍ ବିଜୟ ଶର୍ମା କହିଛନ୍ତି।

# ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଆରମ୍ଭ

ଭୁବନେଶ୍ୱର, ୬।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ମଙ୍ଗଳବାର ଆରମ୍ଭ ହୋଇଛି। ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ପ୍ରଥମ ଦିବସରେ ୨ଟି କ୍ୱାଲିଫାଇଂ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ଜାଭିୟର ହାଇସ୍କୁଲ ୩-୨ ଗୋଲରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି। ବିଜୟୀ ଦଳର ଜିତେଶ ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥି ଜିତେଶ ମହାପାତ୍ରଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଡିଏଭି କଳିଙ୍ଗ ନଗର ୪-୨ରେ ୟୁନିଟ-୬ ହାଇସ୍କୁଲକୁ ହରାଇ ଦେଇଛି। ଡିଏଭିର ସର୍ଦ୍ଦାର ସରାଫତ ଅଲୀ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅବସରପ୍ରାପ୍ତ ସିନିୟର ଫୁଟବଲ କୋଚ୍ ଆର.କେ. ମଣ୍ଡଳ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟ ଡ୍ର'ରେ କିସ୍ ହାଇସ୍କୁଲ ଓ କଣ୍ଟାବାଡ଼ ହାଇସ୍କୁଲ ମଧ୍ୟରେ ମ୍ୟାଚ ଆରମ୍ଭ ହେବା ପୂର୍ବରୁ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ ରାଉତରାୟ ଓ ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ତପନ ମହାନ୍ତି, ସମ୍ପାଦକ ଦିଲୀପ ଦାସ ଓ ଅନ୍ୟ ସଦସ୍ୟମାନେ ସ୍ୱର୍ଗତ ଜୟନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ମ୍ୟାଚର ପ୍ରଥମାର୍ଦ୍ଧରେ ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ପୁଷ୍ପା ରାଉତ, ଆସିଆ ବେଗମ୍ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଅଶୋକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଡ୍ର'ର ପ୍ରଥମ ମ୍ୟାଚରେ କିସ୍ ୩-୦ ଗୋଲରେ କଣ୍ଟାବାଡ଼ ହାଇସ୍କୁଲକୁ ହରାଇଛି।



ମ୍ୟାଚ ପୂର୍ବରୁ ଅତିଥିଙ୍କ ସହ ଦୁଇ ଦଳର ଖେଳାଳି ଓ ମ୍ୟାଚ ଅଫିସିଆଲ।

# ପ୍ରୋ-କବାଡ଼ି ଲିଗ୍ ଖେଳାଳି ନିଲାମି ୧୫ରୁ


ମୁମ୍ବାଇ, ୬।୮ (ପି.ଟି.)

ପ୍ରୋ-କବାଡ଼ି ଲିଗ୍ (ପିକେଏଲ୍)ର ଏକାଦଶ ସଂସ୍କରଣ ପାଇଁ ଖେଳାଳି ନିଲାମି ଆସନ୍ତା ୧୫ ଓ ୧୬ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହେବ। ୮୮ ଖେଳାଳି ରିଟେନ ହୋଇଥିବା ବେଳେ ନିଲାମିରେ ଅବତୀର୍ଣ୍ଣ ହେବାକୁଥିବା ଖେଳାଳିମାନଙ୍କ ମଧ୍ୟରେ ପୱନ ଶେରାୱତ ଓ ପ୍ରଦୀପ ନରୱାଲ ରହିଛନ୍ତି। ଆଶୁ ମଲିକ ଓ ନବୀନ କୁମାରଙ୍କୁ ଦିଲ୍ଲୀ କେ.ସି. ରିଟେନ କରିଛି। ସେହିପରି ପୁନେରୀ ପଲ୍‌ଟନ ୧୦ମ ସିଜନର ସବୁଠାରୁ ମୂଲ୍ୟବାନ ଖେଳାଳି ଅସ୍‌ଲାମଙ୍କୁ ଏବଂ ଜୟପୁର ପିଙ୍କ ପାନ୍ଥର୍ସ ଷ୍ଟାର ରେଡର ଅର୍ଜୁନ ଦେଶୱାଲଙ୍କୁ ଦଳରେ ରଖିଛି।

# ନବମ ଥର ରେକର୍ଡ ଭାଙ୍ଗିଲେ 'ମୋଣ୍ଡୋ'

ପ୍ୟାରିସ୍,୬।୮(ପି.ଟି.)

ସୁଇଡେନ୍ ପାଇଁ ଆଉ ଏକ ଅଲିମ୍ପିକ୍ସ ପଦକ ଜିତିଛନ୍ତି ଅରମାଣ୍ଡ ଡୁପ୍ଲାଣ୍ଟିସ୍। ମୋଣ୍ଡୋ ନାମରେ ପରିଚିତ ଡୁପ୍ଲାଣ୍ଟିସ୍ ନବମ ଥର ପାଇଁ ନିଜ ରେକର୍ଡ ଭାଙ୍ଗିବା ସହ ପୋଲଭଲ୍ଟରେ ସ୍ୱର୍ଣ୍ଣ କରାୟତ କରିଛନ୍ତି। ୨୪ ବର୍ଷୀୟ ଏହି ଖେଳାଳି ଜଣକ ସୋମବାର ୬.୨୫ ମିଟର(୨୦ ଫୁଟ ୬ ଇଞ୍ଚ) ଦୂରତାକୁ ଅତିକ୍ରମ କରିଥିଲେ। ଲୁଇସିଆନାରେ ଜନ୍ମ ହୋଇଥଲେ ମଧ ମା'ଙ୍କ ପାଇଁ ସୁଇଡେନ୍ ପକ୍ଷରୁ ଖେଳିଥାଆନ୍ତି ଡୁପ୍ଲାଣ୍ଟିସ୍। ଆମେରିକାର ସାମ୍ କେଣ୍ଡ୍ରିକ୍ସ ୫.୯୫ ମିଟର ଉଚ୍ଚକୁ ଡେଇଁ ରୌପ୍ୟ ଓ ଗ୍ରୀସ୍‌ର ଏମାନୁଇଲ କାରାଲିସ୍ ୫.୯୦ ମିଟର ଉଚ୍ଚ ଡେଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ